

ଦିନିକିଆ ଶତକରେ ମନ୍ଧାନାଙ୍କ ରେକର୍ଡ

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 181 | ଭାଗ ୩୩ | ସଂଖ୍ୟା ୧୮୧ | Sunday 21 September 2025 | Page 8 Rs. 5.00 | ● ଭୁବନେଶ୍ୱର ରବିବାର ୨୧ ସେପ୍ଟେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


# ମୋହନଲାଲ୍ ପାଇବେ ଦାଦା ସାହେବ୍ ଫାଲ୍‌କେ ପୁରସ୍କାର



**୨୦୨୩ ବର୍ଷ ପାଇଁ ମନୋନୀତ**

**ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଦେଲା ସୂଚନା**

**ବଧେଇ ଜଣାଇଲେ ପ୍ରଧାନମନ୍ତ୍ରୀ**

**ନୂଆଦିଲ୍ଲୀ,୨୦।୯:** ମାଲୟାଲମ୍ ସିନେମା ଜଗତର ସୁପର୍ ଷ୍ଟାର୍ ମୋହନଲାଲ୍ ୨୦୨୩ ପାଇଁ ସମ୍ମାନଜନକ ଦାଦା ସାହେବ ଫାଲ୍‌କେ ପୁରସ୍କାର ପାଇବା ସକାଶେ ମନୋନୀତ ହୋଇଛନ୍ତି। ଏହି ବର୍ଷିୟାନ୍ ଅଭିନେତା, ପ୍ରଯୋଜକ ଓ ନିର୍ଦ୍ଦେଶକ ଜଣଙ୍କ ୨୦୨୩ ମସିହା ପାଇଁ ଏହି ପୁରସ୍କାର ପାଇବେ। ଆସନ୍ତା ୨୩ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ୭୧ତମ ରାଷ୍ଟ୍ରୀୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବରେ ତାଙ୍କୁ ଏହି ହିନ୍ଦୀ ସିନେମା ଜଗତର ସର୍ବଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯିବ। ଏନେଇ ଆଜି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ବର୍ଷ ୬୫ ବର୍ଷରେ ପଦାର୍ପଣ କରିଥିବା ମୋହନଲାଲ୍ ପାଖାପାଖି ୪ ଦଶନ୍ଧି ଧରି ଚଳଚ୍ଚିତ୍ର ଜଗତରେ ସକ୍ରିୟ ରହିଥିବା ବେଳେ ଇତିମଧ୍ୟରେ ୪୦୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ଅଭିନୟ କରିସାରିଛନ୍ତି। ଏହି ସମୟ ମଧ୍ୟରେ ସେ ୫ ଥର ରାଷ୍ଟ୍ରୀୟ ପୁରସ୍କାର ପାଇଛନ୍ତି। କେନ୍ଦ୍ର ସୂଚନା ଏବଂ ପ୍ରସାରଣ, ରେଳ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଭାରତୀୟ ସିନେମାରେ ମୋହନଲାଲଙ୍କ ଉଲ୍ଲେଖନୀୟ ଅବଦାନକୁ ସମ୍ମାନ ଜଣାଇ ଏହି ପୁରସ୍କାର ଘୋଷଣା କରି ଖୁସି ବ୍ୟକ୍ତ କରିଛନ୍ତି।

ସେ କହିଛନ୍ତି ଯେ ମୋହନଲାଲଙ୍କ ଉଲ୍ଲେଖନୀୟ ସିନେମା ଯାତ୍ରା ପିଢ଼ି ପରେ ପିଢ଼ି ପ୍ରେରଣା ଜାରି ରଖିଛି। ତାଙ୍କର ଅତୁଳନୀୟ ପ୍ରତିଭା, ବହୁମୁଖୀ ➪ପୃଷ୍ଠା-୬

## ମହଙ୍ଗା ହେଲା ଏଚ୍-୧ବି ଭିସା

# ଭାରତୀୟ ପେସାଦାରଙ୍କ ସ୍ୱପ୍ନରେ ଟ୍ରମ୍ପ୍ ଚୋଟ

**ବାର୍ଷିକ ୧ ଲକ୍ଷ ଆମେରିକୀୟ ଡଲାର୍‌ରେ ପହଞ୍ଚିଲା ଫି'**

**ଭାରତୀୟ ଟେକ୍ କମ୍ପାନୀ ବିଶେଷ ପ୍ରଭାବିତ ହେବା ଆଶଙ୍କା**



**ୱାଶିଂଟନ,୨୦।୯:** ଟ୍ରମ୍ପ ପ୍ରଶାସନ ଦ୍ୱାର ଏଚ୍-୧ବି ଭିସା ଉପରେ ଲଗାଯାଇଥିବା ୧ ଲକ୍ଷ ଡଲାରର ଅତିରିକ୍ତ ଫି' ଯୋଗୁଁ ଉଭୟ ଆମେରିକୀୟ ଓ ଭାରତୀୟ ଟେକନଲୋଜି କମ୍ପାନିମାନେ ବିଶେଷଭାବେ ପ୍ରଭାବିତ ହେବେ। ଏହା ଭାରତୀୟ ଆଇଟି ପେସାଦାରଙ୍କ ଆମେରିକା ସ୍ୱପ୍ନକୁ ଚୁରମାର କରିପାରେ। କାରଣ ଭାରତୀୟ ପେସାଦାରମାନେ ସର୍ବାଧିକ ଏଚ୍୧ ବି ଭିସାର ସୁଯୋଗ ଉଠାଇଥାନ୍ତି। ଟ୍ରମ୍ପ ପ୍ରଶାସନର ଏହି ନିଷ୍ପତ୍ତି ଦ୍ୱାରା ଆମେରିକାରେ କାମ କରୁଥିବା କମ୍ପାନିମାନଙ୍କ ବିଦେଶୀ କର୍ମଚାରୀ ରଖିବା ଖର୍ଚ୍ଚ ବଢ଼ିବ। ଏହା ଫଳରେ ସେମାନେ ଭାରତ ଓ ଅନ୍ୟ ଦେଶମାନଙ୍କ ଅପେକ୍ଷା ଆମେରିକୀୟ କର୍ମଚାରୀ ରଖିବାକୁ ପସନ୍ଦ କରିବେ। କିନ୍ତୁ ଏହା ମଧ ବ୍ୟୟବହୁଳ ହେବ।

ଏହାର ଏକ ସକାରାତ୍ମକ ଦିଗ ବି ରହିଛି। ଏଚ୍-୧ ବି ଭିସାରେ କମ୍ପାନୀମାନେ ଭାରତୀୟ ପ୍ରଯୁକ୍ତି ପେସାଦାରଙ୍କୁ ସିଧାସଳଖ ଆମେରିକାକୁ କାମ ପାଇଁ ପଠାଇଥାନ୍ତି। କିନ୍ତୁ ଏଚ୍-୧ ବି ଭିସା ବ୍ୟୟବହୁଳ ହେବା ପରେ କମ୍ପାନିମାନେ ବିଦେଶୀ ପେସାଦାରଙ୍କୁ ଆମେରିକା ଡକାଇବା ଅପେକ୍ଷା ଆଉଟସୋର୍ସିଂ ଉପରେ ଅଧିକ ଗୁରୁତ୍ୱ ଦେବେ। ତେବେ ଏହାର ଏକ ସକାରାତ୍ମକ ଦିଗ ବି ରହିଛି। ଏଚ-୧ ବି ଭିସାରେ କମ୍ପାନୀମାନେ ଭାରତୀୟ ପ୍ରଯୁକ୍ତି ପେସାଦାରଙ୍କୁ ସିଧାସଳଖ ଆମେରିକାକୁ କାମ ପାଇଁ ପଠାଇଥାନ୍ତି। କିନ୍ତୁ ଏଚ-୧ବି ଭିସା ବ୍ୟୟବହୁଳ ହେବା ପରେ କମ୍ପାନିମାନେ ବିଦେଶୀ ପେସାଦାରଙ୍କୁ ଆମେରିକା ଡକାଇବା ➪ପୃଷ୍ଠା-୬

● ଏସିଆ କପ୍ ସୁପର୍-୪ ରାଉଣ୍ଡ୍

## ଆଜି ପୁଣି ଭାରତ-ପାକିସ୍ତାନ ଲଢ଼େଇ



**ଦୁବାଇ,୨୦।୯:** ଚଳିତ ଏସିଆ କପ୍‌ରେ ଆସନ୍ତାକାଲି ପୁଣିଥରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ। ଇତିମଧ୍ୟରେ ପ୍ରାରମ୍ଭିକ ପର୍ଯ୍ୟାୟ ଶେଷ ହୋଇସାରିଥିବା ବେଳେ ଆଜିଠାରୁ ସୁପର୍-୪ ରାଉଣ୍ଡ୍ ଆରମ୍ଭ ହୋଇଛି। ଏହି ପର୍ଯ୍ୟାୟର ଦ୍ୱିତୀୟ ମ୍ୟାଚ୍‌ଟି ଆସନ୍ତାକାଲି ଏଠାରେ ଖେଳାଯିବାକୁ ଥିବା ବେଳେ ଏଥିରେ ପ୍ରତିଯୋଗିତାରେ ଦ୍ୱିତୀୟ ଥର ପାଇଁ ଭାରତ ଓ ପାକିସ୍ତାନ ମୁହାଁମୁହିଁ ହେବେ। ପ୍ରଥମ ଥର ପାଇଁ ଦୁଇ ଦଳ ମଧ୍ୟରେ ଗତ ରବିବାର ମୁକାବିଲା ହୋଇଥିବା ବେଳେ ଏଥିରେ ଭାରତ ➪ପୃଷ୍ଠା-୬

# କାହା ସ୍ୱାର୍ଥରେ ଚାଲୁଛି ବିଧାନସଭା ?




★ ଦୈନିକ ଲକ୍ଷ ଲକ୍ଷ ଟଙ୍କା ବରବାଦ ହେଉଛି

★ ରାଜ୍ୟବାସୀଙ୍କ ବିଶ୍ୱାସରେ ବିଷ ଦେଉଛି ବିଜେଡି

★ ବିଜେଡି ରାଜନୀତିର ଫାଇଦା ନେଉଛି ବିଜେପି

**ଭୁବନେଶ୍ୱର,୨୦।୯(ସଂଚାର ବ୍ୟୁରୋ):** ଗତ ୧୮ ତାରିଖରୁ ଆରମ୍ଭ ହୋଇଛି ଓଡିଶା ବିଧାନସଭାର ମୌସୁମୀ ଅଧିବେଶନ। ଏ ଭିତରେ ତିନି ଦିନ ବିତିଲାଣି। ତିନି ଦିନରେ ବିଧାନସଭା ଚାଲିଛି ମାତ୍ର ୧୨ରୁ ୧୫ ମିନିଟ। ସାଧାରଣ ଲୋକଙ୍କ ଟିକସ ପଇସାରେ ବିଧାନସଭା ଅଧିବେଶନ ଚାଲୁଛି। ହେଲେ, ରାଜନୈତିକ ସମୀକ୍ଷକଙ୍କ ଯୁକ୍ତି ହେଉଛି ନା ସରକାରୀ ଦଳ ନା ବିରୋଧୀ ଦଳ କେହିବି ରାଜ୍ୟବାସୀଙ୍କ ସ୍ୱାର୍ଥ କଥା ଚିନ୍ତା କରୁଥିବା ପରି ଲାଗୁନି। ଅନ୍ୟଥା ସ୍ୱଳ୍ପ କାଳୀନ ଏହି ଅଧିବେଶନର ତିନି ଦିନରେ ଗୋଟିଏ ହେଲେ ସରକାରୀ କାର୍ଯ୍ୟ ହେଉନି।

ଖୋଦ ବିଧାନସଭାର ଏକ ହିସାବ କହୁଛି ଅଧିବେଶନର ଗୋଟିଏ କାର୍ଯ୍ୟ ଦିବସରେ ୩୫ରୁ ୪୦ଲକ୍ଷ ଖର୍ଚ୍ଚ ହେଉଛି। ବିଧାୟକଙ୍କ ଦୈନିକ ଭତ୍ତା ଠାରୁ ଆରମ୍ଭ କରି ଗସ୍ତ ଖର୍ଚ୍ଚ, ବିଦ୍ୟୁତ ବିଲ, ସୁରକ୍ଷା ବାବଦ ଖର୍ଚ୍ଚ, କର୍ମଚାରୀଙ୍କ ଶ୍ରମ, ଯାନବାହନ ବାବଦ ଖର୍ଚ୍ଚ ପର୍ଯ୍ୟନ୍ତ ସବୁ ହିସାବକୁ ମିଶାଇଲେ ପ୍ରତିଟି କାର୍ଯ୍ୟ ଦିବସ ପାଇଁ ୩୫ରୁ ୪୦ ଲକ୍ଷ ପର୍ଯ୍ୟନ୍ତ ବରବାଦ ହେଉଛି। ଏସବୁ ବାଦେ ପୁରା ପ୍ରଶାସନ ଓ ସବୁ ବିଭାଗୀୟ ଅଧିକାରୀମାନେ ବି ଅଧିବେଶନ ସମୟରେ ୨୪ଘଣ୍ଟା ବ୍ୟସ୍ତ ରହୁଛନ୍ତି। ଖର୍ଚ୍ଚ ସହ ଅଫିସରଙ୍କ ପରିଶ୍ରମ ସବୁ ପାଣିରେ ପଡୁଛି। ଏମିତି ଦେଖିବାକୁ ଗଲେ, ସାତ ଦିନିଆ ଅଧିବେଶନ ପାଇଁ ଅଢେଇରୁ ତିନି କୋଟି ଖର୍ଚ୍ଚ ହେଉଛି। ଲୋକଙ୍କ ଟିକସ ଅର୍ଥ ବରବାଦ ହଉଛି, ହେଲେ ଲୋକଙ୍କ କାଣିଚାଏ ସ୍ୱାର୍ଥ ପୁରଣ ହଉନି। ବିଜେଡି ଗତ ➪ପୃଷ୍ଠା-୬

## ୧୨ରୁ ଊର୍ଦ୍ଧ୍ୱ କୋଟିର ଜମି ଜାଲିଆତି ମାମଲା

# ବିଜେଡି ନେତା ଦିଲ୍ଲୀପ ନାୟକ ଗିରଫ



**ନିମାପଡ଼ାରୁ ଲଢ଼ିଥିଲେ ବିଧାନସଭା ନିର୍ବାଚନ**

**କଟକ,୨୦।୯(ସଂଚାର ବ୍ୟୁରୋ):** ୧୨.୪୨ କୋଟି ଟଙ୍କାର ଜମି ଜାଲିଆତି ମାମଲାରେ ଆଜି ଅଭିଯୁକ୍ତ ଦିଲ୍ଲୀପ କୁମାର ନାୟକଙ୍କୁ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରିଛି। ଗତକାଲି ଇଓଡବ୍ଲ୍ୟୁର ଏକ ୫ଜଣିଆ ଟିମ୍ ତାଙ୍କ ବାଦାମବାଡ଼ି ଥାନା ଅନ୍ତର୍ଗତ ଝାଞ୍ଜିରି ମଙ୍ଗଳାସ୍ଥିତ ବାସଭବନରେ ଚଢ଼ାଉ କରିବା ସହ ଖୋଳତାଡ଼ କରିବା ପରେ ତାଙ୍କୁ ଉଠାଇ ନେଇଥିଲା। ତାଙ୍କୁ ଆଜି ଗିରଫ କରାଯାଇଥିବା ନେଇ ସୂଚନା ଦିଆଯାଇଛି। ଶ୍ରୀ ନାୟକ ଗତ ୨୦୨୪ ସାଧାରଣ ନିର୍ବାଚନରେ ନିମାପଡ଼ାରୁ ବିଜେଡି ପକ୍ଷରୁ ବିଧାୟକ ପ୍ରାର୍ଥୀ ହୋଇଥିଲେ।

ମିଳିଥିବା ସୂଚନାନୁଯାୟୀ, କଟକର ରାଣୀହାଟ ମାଳିସାହିର ବିଜୟ ରାଉତଙ୍କଠାରୁ ଶ୍ରୀ ନାୟକ ୭ କୋଟି ୪୨ ଲକ୍ଷ ଟଙ୍କା ନେଇଥିଲେ। ଏହି ଟଙ୍କା ନେଇ ଶ୍ରୀ ନାୟକ ବିଜୟଙ୍କୁ ତାଙ୍କ ରିଅଲ୍ ଇଷ୍ଟେଟ୍ ବ୍ୟବସାୟରେ ପାର୍ଟନର୍ କରିବା ସକାଶେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପରେ ସେ ତାଙ୍କ ପ୍ରତିଶ୍ରୁତିରୁ ଓହରିଯାଇଥିଲେ। ପରେ ଟଙ୍କା ଫେରସ୍ତ ପାଇଁ ଏକ ଚୁକ୍ତି କରିଥିଲେ ବି ତାହାକୁ ପାଳନ କରିନଥିଲେ। ➪ପୃଷ୍ଠା-୬

## ନିର୍ମାଣ ହେବ ନୂଆ ଲୋକସେବା ଭବନ

**ଟ୍ରାଫିକ୍ ସମସ୍ୟା ହ୍ରାସ ପାଇଁ ତ୍ରିଶୂଳିଆରେ ହେବ ଦ୍ୱିତୀୟ ବ୍ରିଜ୍**

**ଭୁବନେଶ୍ୱର,୨୦।୯(ସଂଚାର ବ୍ୟୁରୋ):** ଖୁବ୍‌ଶୀଘ୍ର ରାଜ୍ୟରେ ନିର୍ମାଣ ହେବ ନୂଆ ଲୋକସେବା ଭବନ। ଏହି ଭବନ ନିର୍ମାଣ ସକାଶେ ମାଷ୍ଟର ପ୍ଲାନ ପ୍ରସ୍ତୁତି ପାଇଁ ସେତୁ ଓ ନିର୍ମାଣ ନିଗମକୁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶା ସେତୁ ଓ ନିର୍ମାଣ ଦ୍ୱାରା ଏହାର ପରିବର୍ଦ୍ଧିତ ଯୋଜନାର ମାଷ୍ଟର ପ୍ଲାନ ତିଆରି କରାଯାଉଛି। ମାଷ୍ଟର ପ୍ଲାନ ଅନୁମୋଦନ ପରେ ଏନେଇ ବ୍ୟୟ ଅଟକଳ କରାଯିବ। ପରେ ଏହାକୁ ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ ବୋଲି କହିଛନ୍ତି ରାଜ୍ୟ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଆଜି ବିଧାନସଭାରେ ପ୍ରଶ୍ନୋତ୍ତର କାଳରେ ବିଜେଡି ବିଧାୟିକା ସୁବାସିନୀ ଜେନାଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀ ହରିଚନ୍ଦନ ଲିଖିତ ଉତ୍ତରରେ ଉପରୋକ୍ତ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନ ରାଜଧାନୀରେ ରହିଥିବା ଲୋକସେବା ଭବନ ଦୀର୍ଘ ୬୮ ବର୍ଷ ତଳେ ନିର୍ମାଣ କରାଯାଇଥିଲା। କିନ୍ତୁ ଦିନକୁ ଦିନ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଏଠାରେ ପାର୍କିଂ କ୍ଷେତ୍ରରେ ➪ପୃଷ୍ଠା-୬

ଥମୁନି ଲାଞ୍ଚ ଲୋଭ

# ଦିନକରେ ବନ୍ଧାହେଲେ ୩ ଦୁର୍ନୀତିଖୋର

**ଭୁବନେଶ୍ୱର,୨୦।୯(ସଂଚାର ବ୍ୟୁରୋ):** ଦିନକୁ ଦିନ ରାଜ୍ୟରେ ଲାଞ୍ଚ କାରବାର ବଢୁଥିବା ବେଳେ କ୍ରମାଗତ ଭାବେ ଭିଜିଲାନ୍ସ ଚଢ଼ାଉରେ ସରକାରୀ କର୍ମଚାରୀ ଓ ଅଧିକାରୀମାନେ ଗିରଫ ହେଉଛନ୍ତି। କିନ୍ତୁ ଏହା ସତ୍ତ୍ୱେ ବି କର୍ମଚାରୀ ଓ ଅଧିକାରୀଙ୍କ ଲାଞ୍ଚ ଲୋଭ ଥମିବାର ନାଁ ଧରୁନାହିଁ। ଆଜି ଏହି ଧାରାରେ ଆଉ ୩ ଜଣ ସରକାରୀ କର୍ମଚାରୀ ଓ ଅଧିକାରୀ ସାମିଲ୍ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଗତକାଲି ଚଢ଼ାଉ ହୋଇଥିବା ଫରେଷ୍ଟ୍ ରେଞ୍ଜ୍ ଅଫିସର୍ ଅନ୍ତର୍ଯ୍ୟାମୀ ସାହୁ ରହିଥିବା ବେଳେ ଆଜି ଜଣେ ଏଏସ୍‌ଆଇ ଓ ଡାଟା ଏଣ୍ଟ୍ରି ଅପରେଟର୍ (ଡିଇଓ) ଭିଜିଲାନ୍ସ ହାବୁଡ଼ରେ ପଡ଼ିଛନ୍ତି। ସେମାନେ ହେଲେ ବାଲେଶ୍ୱର ଜିଲ୍ଲା ସୋର ଥାନା ଅଧୀନ ଅନନ୍ତପୁର ଫାଣ୍ଡି ଅଧିକାରୀ (ଏଏସ୍‌ଆଇ) ହୃଷୀକେଶ ବିଶ୍ୱାଳ ଓ ସୁନ୍ଦରଗଡ଼ ଜିଲ୍ଲା ବଣାଇ ରୁକୁରା ଜଳସେଚନ ପ୍ରକଳ୍ପର ଜମି ଅଧିଗ୍ରହଣ ଓ ପୁନର୍ବାସ କାର୍ଯ୍ୟାଳୟର ଡିଇଓ ପୃଥ୍ୱୀରାଜ କାମିଲା।

ଗତକାଲି ରେଞ୍ଜରଙ୍କ ବାସଭବନ ସହ କାଶୀପୁର ସ୍ଥିତ କାର୍ଯ୍ୟାଳୟ ଏବଂ ୯ଟି ସ୍ଥାନରେ ଏକକାଳୀନ ଭାବରେ ସକାଳୁ ସକାଳୁ ଭିଜିଲାନ୍ସର ସ୍ୱତନ୍ତ୍ର ଟିମ୍ ଚଢ଼ଉ କରିଥିଲା। ଭିଜିଲାନ୍ସ ଟିମର ଏହି ଯାଞ୍ଚ ବେଳେ ବାଲିଗୁଡ଼ା ଠାରେ ୨୨୫୦ ବର୍ଗଫୁଟ ଏବଂ ୧୦୦୦ ବର୍ଗଫୁଟର କୋଠା, ଶ୍ରାନିକେତରେ ୧୬୦୦ ବର୍ଗଫୁଟର କୋଠା, ବ୍ରହ୍ମପୁର ଟେକ୍ନୋ ପାର୍କ ଠାରେ ଏକ ୧୬୫୦ ବର୍ଗଫୁଟର ଏକ କୋଠା ସମେତ ଦାରିଙ୍ଗବାଡ଼ିରେ ଏକ କୋଠାର ସୂଚନା ମିଳିଛି। ସେହିଭଳି ୯ଟି ପ୍ଲଟ ମଧ୍ୟରୁ ବାଲିଗୁଡ଼ାରେ ୬ଟି, ଯୋଗିଆପାଲି ଠାରେ ୧ଟି ଏବଂ ଗଞ୍ଜାମ ଜିଲା କୋଡ଼ାସିଂ ଗ୍ରାମରେ ୨ଟି ଠାବ ହୋଇଛି। ଏତଦବ୍ୟତୀତ ୨୬୩.୨୨ ଗ୍ରାମ ସୁନା, ୨୭ଲକ୍ଷ ୯୯ ହଜାର ୬୫୯ ନଗଦ ଟଙ୍କା, ଏକ ମୋଟର ସାଇକେଲ ସମେତ ପ୍ରାୟ ୯ଲକ୍ଷ ୪୩ ହଜାର ଟଙ୍କାର ଘରକରଣା ଜିନିଷ ଜବତ ହୋଇଛି। ତେବେ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି। ଜୟପୁରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଗତକାଲି ଭିଜିଲାନ୍ସର ଅତିରିକ୍ତ ଏସପି ଅନନ୍ତ ପ୍ରସାଦ ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ ଭୋର ସକାଳ ୪ଟାରେ କାଶୀପୁରରେ ପହଞ୍ଚି ରେଞ୍ଜରଙ୍କ ବାସଭବନ ଓ କାର୍ଯ୍ୟାଳୟରେ ଚଢ଼ାଉ କରିଥିଲା। ➪ପୃଷ୍ଠା-୬



ଲାଞ୍ଚ ନେବାବେଳେ ଧରାପଡ଼ିଲେ ଏଏସ୍‌ଆଇ ଓ ଡିଇଓ

ଛତିଶା ନିଯୋଗ ବୈଠକ

# ଶ୍ରୀମନ୍ଦିର ଅଧୀନକୁ ଆସିବ ରୁପାଇଟା




**ପୁରୀ,୨୦।୯(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଛତିଶା ନିଯୋଗ ଓ ନୀତି ସବ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଏମାର ମଠରୁ ମିଳିଥିବା ସମସ୍ତ ରୁପା ଇଟାକୁ ଶ୍ରୀମନ୍ଦିର ପ୍ରଶାସନ ଅଧୀନକୁ ଆଣିବା ସକାଶେ ପ୍ରକ୍ରିୟା ଆରମ୍ଭ ହୋଇଥିବା ନେଇ ସୂଚନା ଦିଆଯାଇଛି। ସେହିପରି ଆଗାମୀ କାର୍ତ୍ତିକ ମାସ ପରେ ପରୀକ୍ଷାମୂଳକ ଧାଡ଼ି ଦର୍ଶନ ବ୍ୟବସ୍ଥା ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ଶୃଙ୍ଖଳିତ ଧାଡ଼ି ଦର୍ଶନ ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଉଥିବା ନେଇ ବୈଠକରେ ସୂଚନା ଦିଆଯାଇଛି। ଆହୁରି ଦିବ୍ୟାଙ୍ଗ ଭକ୍ତମାନେ କିପରି ସୁରୁଖୁରୁରେ ମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ, ସେଥିନେଇ ଖୁବ୍‌ଶୀଘ୍ର ଏସ୍‌ଓପି ଆସିବ ବୋଲି ମଧ୍ୟ ନିଷ୍ପତ୍ତି ହୋଇଚି।

ଏହାଛଡ଼ା ଶ୍ରୀମନ୍ଦିର ଭିତରେ ମୋବାଇଲ ଫୋନ୍ ବ୍ୟବହାର ଉପରେ କଟକଣାକୁ କଡ଼ାକଡ଼ି ଭାବେ ଲାଗୁ କରିବା ସକାଶେ ନିଷ୍ପତ୍ତି ନିଆଯାଇଛି। ସେହିପରି ଏଣିକି ପ୍ରତ୍ୟେକ ବୁଧବାର ନୀତିଶୃଙ୍ଖଳା ପାଇଁ ସମନ୍ୱୟ ବୈଠକ ହେବାକୁ ଧାର୍ଯ୍ୟ କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନ ଅଧୀନକୁ ଏମାର ମଠରୁ ମିଳିଥିବା ରୁପା ଇଟା ପ୍ରଦାନ ନେଇ ବୈଠକ ରେ ପ୍ରସ୍ତାବ ଆସିଥିବା ବେଳେ ଏ ନେଇ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇ ପଦକ୍ଷେପ ନିଆଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢ଼ୀଙ୍କ ସୂଚନା ଦେଇଥିଲେ। ବୈଠକରେ ➪ପୃଷ୍ଠା-୬



## କାନ ଡେରିଥା

ଶିକ୍ଷା ବିଭାଗର ବିକଳ ଚିତ୍ର
ସ୍କୁଲ ଦେଖିଲେ ଲାଗୁଛି
ପ୍ରଭୁ ଭରସାରେ ପିଲାଙ୍କ
ଭବିଷ୍ୟ
ଶିକ୍ଷକଟି ଏଠି ଭୋଗୁଛି
କହିଲେ କହିବ କହୁଛି...
ପୋଖରୀ ହୁଡାରେ ପାଚେରୀ
ବିହୀନ
ବିଦ୍ୟାଳୟ ଛିଡା ହୋଇଛି ।

■ ଦେବାଶିଷ

# ଏପଟେ ଅନାସ୍ଥା, ସେପଟେ ସେଟିଂ

**ଚର୍ଚ୍ଚାରେ କଂଗ୍ରେସର ୩ ବିଧାୟକ**

**ଭକ୍ତ ହେଲେଣି ଜଳକା**

**ଭୁବନେଶ୍ୱର,୨୦।୯(ସଂଚାର ବ୍ୟୁରୋ):** ବିଧାନସଭାରେ ଅନାସ୍ଥା ପ୍ରସ୍ତାବ ଆଣି ସରକାରଙ୍କୁ କାଠଗଡାରେ ଛିଡା କରିବାକୁ ଗୋଟି ଚଳାଉଥିବା କଂଗ୍ରେସ ଏବେ ନିଜ ଦଳର ତିନି ବିଧାୟକଙ୍କୁ ନେଇ ଅକଳରେ। ଏମାନେ ଶାସକଦଳ ସହିତ ସେଟିଂ ହୋଇଯାଇଥିବା ନେଇ ଚର୍ଚ୍ଚା ଜୋର ଧରିଛି। ଏପରିକି କଂଗ୍ରେସର ଶକ୍ତି ପ୍ରଦର୍ଶନ ସମୟରେ ବିଭିନ୍ନ ବାହାନା କରି ଏମାନେ ଗୃହକୁ ଆସୁନଥିବା ଜଣାପଡିବା ପରେ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଏକପ୍ରକାର ଜଳକା ହୋଇଯାଇଛନ୍ତି।

ରାଜ୍ୟ ସରକାରଙ୍କ ବିରୁଦ୍ଧରେ ଅନାସ୍ଥା ଆଣିବାପରେ ବିଧାନସଭାରେ ଦୁଇ ଦିନ ଧରି କଂଗ୍ରେସ ଏହାକୁ ଉଠାଇବାପାଇଁ ଜୋରଦାର ଉଦ୍ୟମ କରୁଛି। ପ୍ରଶ୍ନକାଳ ଆରମ୍ଭରୁ ଦଳର ସଦସ୍ୟମାନେ ଛିଡାହୋଇ ରହୁଛନ୍ତି। ହେଲେ ବିଜେଡିର ସାର ପ୍ରସଙ୍ଗ ଆଗରେ ଏମାନଙ୍କ ସ୍ୱର ଫିକା ପଡିଯାଉଛି। ଯେତେ ଉଦ୍ୟମ କଲେ ବି କଂଗ୍ରେସ ସଦସ୍ୟମାନେ ସଫଳ ହୋଇପାରୁ ନାହାନ୍ତି। ବାଚସ୍ପତି ମଧ୍ୟ ସଫା ସଫା ଶୁଣାଇ ଦେଇଛନ୍ତି ଯେ ଗୃହ ସ୍ୱାଭାବିକ ନଥିବାରୁ ଅନାସ୍ଥା ଉପରେ କିଛି ନିଷ୍ପତ୍ତି ନିଆଯାଇ ପାରିବ ନାହିଁ।

ବିଜେଡିକୁ ଅନୁରୋଧ କରି ଫେଲ ମାରିବା ପରେ କଂଗ୍ରେସ ତା'ର ନିଜସ୍ୱ ୧୪ ଜଣ ସଦସ୍ୟ ଓ ସିପିଆଇଏମ୍ ସଦସ୍ୟ ଲକ୍ଷ୍ମଣ ମୁଣ୍ଡାଙ୍କୁ ନେଇ ଅନାସ୍ଥା ଯୁଦ୍ଧକୁ ଓହ୍ଲାଇଛି। ହେଲେ ହେଉଥିବା ଆଲୋଚନା ଅନୁଯାୟୀ ଦଳର ୩ ଜଣ ବିଧାୟକ ଇତିମଧ୍ୟରେ ଶାସକ ବିଜେପି ସହିତ ସେଟିଂ ହୋଇଛନ୍ତି। ଏମାନେ ପ୍ରଥମାର୍ଦ୍ଧରେ ଉପସ୍ଥିତ ରହିବେ ନାହିଁ ବୋଲି କଥା ଦେଇଛନ୍ତି। ତେଣୁ ଆଗପଛ ହୋଇ ଗୃହରେ ଅନୁପସ୍ଥିତ ରହୁଛନ୍ତି। ଅନ୍ୟମାନେ ➪ପୃଷ୍ଠା-୬



# ପୁଣି ଖୋଲିବ ୭୦ ବନ୍ଦ ମଦ ଦୋକାନ

**ପ୍ରଶ୍ନ ଉଠାଇଲେ ବିରୋଧୀ**



**ଭୁବନେଶ୍ୱର,୨୦।୯(ସଂଚାର ବ୍ୟୁରୋ):** ରାଜ୍ୟରେ ବନ୍ଦ ଥିବା ମଦ ଦୋକାନଗୁଡିକ ଖୁବଶୀଘ୍ର ଖୋଲିବ। ଏପରି ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ମୋଟ ୭୦ଟି ବନ୍ଦ ମଦ ଦୋକାନ ଖୋଲିବା ସକାଶେ ନିଷ୍ପତ୍ତି ହୋଇଥିବା ବେଳେ ୪ଟି ନୂଆ ଠିପିଖୋଲା ମଦ ଦୋକାନ ଓ ୩ଟି ମଦ କାରଖାନା ଖୋଲିବା ପାଇଁ ମଧ୍ୟ ଅବକାରୀ ବିଭାଗ ପକ୍ଷରୁ ଅନୁମତି ଦିଆଯାଇଥିବା ଜଣାପଡ଼ିଛି। ଏନେଇ ଆଜି ବିଧାନସଭାରେ ବିଧାୟକ ଅଖିଳ ଚନ୍ଦ୍ର ନାୟକଙ୍କ ପ୍ରଶ୍ନର ଉତ୍ତର ରଖିବା ସମୟରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି।

ତାଙ୍କ ସୂଚନାନୁସାରେ, ବାଲେଶ୍ୱରରେ ସର୍ବାଧିକ ୧୭ଟି ବନ୍ଦ ଥିବା ମଦ ଦୋକାନ ଖୋଲାଯିବାକୁ ଥିବା ବେଳେ ଗଞ୍ଜାମରେ ୧୦ଟି, ନୟାଗଡରେ ୯ଟି, ମୟୂରଭଞ୍ଜରେ ୮ଟି, କଟକରେ ୭ଟି, ରାଉରକେଲାରେ ୫ଟି, କେଉଁଝରରେ ୩ଟି, ବ୍ରହ୍ମପୁରରେ ୪ଟି, ବଲାଙ୍ଗୀରରେ ୨ଟି, କନ୍ଧମାଳରେ ୩ଟି ଏବଂ ମାଲକାନଗିରି ଓ ସମ୍ବଲପୁରରେ ଗୋଟିଏ ଲେଖାଏଁ ବନ୍ଦ ଥିବା ମଦ ଦୋକାନ ଖୋଲାଯିବ। ଏହାଛଡ଼ା ପୁରୀରେ ୩ଟି ଓ ଭୁବନେଶ୍ୱରରେ ➪ପୃଷ୍ଠା-୬

# ନାବାଳିକାକୁ ଅସଦାଚରଣ, ଯୁବକ ଗିରଫ



ରାଜକନିକା,୨୦।୯ (ସଂଚାର ବ୍ୟୁରୋ): ନାବାଳିକାକୁ ଅସଦାଚରଣ ଅଭିଯୋଗରେ ରାଜକନିକା ଥାନା କେଶ୍ ନଂ-୪୭୯/୨୫ର ଦଫା-୧୩୭(୨)/୧୩୮/୬୪(୨)(ଏମ୍)/୩୫୧(୨) ବିଏନସି, ସେକ୍ସନ ୬ ପୋସ୍କୋ ଆକ୍ଟ ୨୦୧୨ ଅନୁଯାୟୀ ଜଣେ ଯୁବକ ଗିରଫ ଓ ପରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସଞ୍ଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଗତ ୧୮ ତାରିଖରେ ନାବାଳିକା ପିଡିତାଙ୍କ ରାଜକନିକା ଥାନାରେ ଲିଖିତ ଅଭିଯୋଗ ଅନୁଯାୟୀ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ଦାମୋଦର ଗାଁର କୁନା ଜେନାଙ୍କ ପୁଅ ଚିଣ୍ଟୁ ଜେନା(୨୧)ଙ୍କ ସହିତ ୨ମାସ ପୂର୍ବରୁ ସାମାଜିକ ଗଣମାଧମରୁ ପ୍ରେମ ଆରମ୍ଭ ହୋଇଥିଲା । ହେଲେ ଗତ ୧୦ ତାରିଖ ଦିନ ଚିଣ୍ଟୁ ଫୋନରେ କଥାହୋଇ ଓଡ଼ିଶା ବାହାରକୁ ପଳେଇ ଯିବାକୁ କହିଥିଲା । ପ୍ରେମିକକୁ ବିଶ୍ୱାସ କରି ରାତ୍ରିରେ ଘରୁ ବାହାରି ଆସିଥିଲା । ଯେହେତୁ ଚିଣ୍ଟୁର ମା ରାଜକନିକାର ଏକ ନର୍ସିଂହୋମରେ ସୁଇପର ଭାବେ କାର୍ଯ୍ୟ କରନ୍ତି, ସେଥିପାଇଁ ସେ ମୋତେ ରାଜକନିକା ଆଣିଥିଲା । ସେ ମୋତେ ରାଜକନିକା କାଜୁ ବଗିଚାରେ ଥିବା ଦୋକାନ ପଛପଟକୁ ନେଇ ମୋ ଅନିଚ୍ଛା ସତ୍ତ୍ୱେ ଅନୈତିକ ସମ୍ପର୍କ ରଖିଥିଲା ଏବଂ ବିଳମ୍ବିତ ରାତ୍ରିରେ ଆମ ଘରକୁ ଯିବାର ଅଧା ବାଟରେ ଛାଡି ଦେଇଥିଲା । ମୋ ବାପା କୌଣସି ସୂତ୍ରରୁ ଖବର ପାଇ ମୋତେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ମୁଁ ସୁସ୍ଥ ହେବାପରେ ଗୁରୁବାର ଲିଖିତ ଅଭିଯୋଗ କରିଥିବା ଉଲ୍ଲେଖ କରିଛନ୍ତି ।

# କୁମ୍ଭୀର ଟାଣି ନେଇଥିବା ମହିଳାଙ୍କ ମୃତଦେହ ଉଦ୍ଧାର

● ୬ ଲକ୍ଷ କ୍ଷତିପୂରଣ ଦାବି କଲେ ମାନବାଧିକାର କର୍ମୀ



ମହାକାଳପଡ଼ା,୨୦।୯(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ସୁନିତି ପଞ୍ଚାୟତ ବେଣାକନ୍ଦା ଗ୍ରାମର ବାବୁଲା ଦଳାଇଙ୍କ ପତ୍ନୀ ଲକ୍ଷ୍ମୀ ଦଳାଇ(୩୮) ଶୁକ୍ରବାର ଅପରାହ୍ନରେ ଗୋବରୀ ନଦୀ କୂଳକୁ ଛେଳି ଆଣିବାକୁ ଯାଇଥିବା ସମୟରେ କୁମ୍ଭୀର ତାଙ୍କୁ ଟାଣି ନଦୀ ଭିତରକୁ ଟାଣି ନେଇଥିଲା। ବନବିଭାଗ ଓ ଲୋକଙ୍କ ସାହାଯ୍ୟରେ ଖୋଜାଖୋଜି ଆରମ୍ଭ କରାଯାଇଥିଲା ହେଲେ ସନ୍ଧ୍ୟା ସୁଦ୍ଧା ତାଙ୍କର କିଛି ପତ୍ତା ମିଳିନଥିଲା। ଶନିବାର ସକାଳୁ ବନବିଭାଗ ଲକ୍ଷ୍ମୀଙ୍କ ମୃତଦେହ ଉଦ୍ଧାର କରିଛି। ଶବ ଉଦ୍ଧାର ପରେ ପରିବାରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପରିବାରକୁ ତୁରନ୍ତ ପ୍ରଶାସନ ତରଫରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ଅନ୍ୟପଟେ ଘଟଣାକୁ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲାର ମାନବାଧିକାର କର୍ମୀ ସାଗର ଜେନା। ମୃତ ମହିଳାଙ୍କ ପରିବାରକୁ ବିଭାଗ ତରଫରୁ ଛଅ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ସହିତ ୪ ସପ୍ତାହ ମଧରେ କେନ୍ଦ୍ରାପଡା ଜିଲ୍ଲାପାଳ ଆକ୍ସନ ଟେକେନ ରିପୋର୍ଟ ଦାଖଲ କରିବା ସହିତ ଆର୍ଥିକ ସହାୟତା ପ୍ରଦାନର କପି ପ୍ରଦାନ କରିବାକୁ ସାଗର ଉଲ୍ଲେଖ କରିଛନ୍ତି।

# ଡ୍ରାଇଭରଙ୍କୁ ମାଡ଼ ପ୍ରତିବାଦରେ ବସ ଚଳାଚଳ ବନ୍ଦ

● ବୁଝାସୁଝା ପରେ ସ୍ୱାଭାବିକ ହେଲା ବସ୍ ଚଳାଚଳ



ମହାକାଳପଡ଼ା,୨୦।୯(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକରେ ମୁଖ୍ୟମନ୍ତ୍ରୀ ବସ ସେବା ଡ୍ରାଇଭରଙ୍କୁ ମାଡ ମାରିବା ପ୍ରତିବାଦରେ ଡ୍ରାଇଭର, କଣ୍ଡକ୍ଟର ଓ କର୍ମଚାରୀମାନେ ଆଜି ଧାରଣାରେ ବସିବା ସହିତ ବସ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିଲେ। ଫଳରେ ଯାତ୍ରୀମାନେ ପରିବହନ ସେବା ପାଇବାରେ ସମସ୍ୟା ସୃଷ୍ଟି ହୋଇଥିଲା। ସୂଚନା ମୁତାବକ ମହାକାଳପଡା ବ୍ଲକ ମୁଖ୍ୟାଳୟରୁ ଜମ୍ବୁ ଯାଉଥିବା ମୁଖ୍ୟମନ୍ତ୍ରୀ ବସ୍‌ଟି ମିର୍ଜା ଗ୍ରାମ ଦେଇ ଯାଉଥିବା ସମୟରେ ଏକ ଦୁର୍ଘଟଣା ଘଟିଥିଲା। ଏହାକୁ ନେଇ କିଛି ଲୋକ ଏକତ୍ରିତ ହୋଇ ବସ ଡ୍ରାଇଭରଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମାଡ ମାରିଥିବା ଡ୍ରାଇଭର ଅଭିଯୋଗ କରିଥିଲେ। ଏମିତି ଏକ ସମାନ ଘଟଣା ଚଳିତ ମାସ ୧୨ ତାରିଖ ଦିନ ଖରିନାସି ଗ୍ରାମ ଦେଇ ବସ ଯାଉଥିବା ବେଳ କୌଣସି କାରଣକୁ ନେଇ ମୁଖ୍ୟମନ୍ତ୍ରୀ ବସ ଡ୍ରାଇଭରଙ୍କୁ କିଛି ଲୋକ ମାଡ ମାରିଥିଲେ ବୋଲି ସମାନ ଅଭିଯୋଗ ଆଣିଛନ୍ତି ଡ୍ରାଇଭର। ଦିନକୁ ଦିନ ମୁଖ୍ୟମନ୍ତ୍ରୀ ବସ ଡ୍ରାଇଭରଙ୍କୁ ମାଡ ମରାଯାଉଥିବା ବେଳେ ମାଡ ମାରୁଥିବା ଲୋକମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଆନ୍ଦୋଳନକୁ ଓହ୍ଲାଇଥିବା ମୁଖ୍ୟମନ୍ତ୍ରୀ ବସ ସେବା ଡ୍ରାଇଭର, କଣ୍ଡକ୍ଟର ଓ ଅନ୍ୟାନ୍ୟ କର୍ମଚାରୀମାନେ। ଖବରପାଇ ବିଭାଗୀୟ ଅଧିକାରୀମାନେ ବସଷ୍ଟାଣ୍ଡରେ ପହଞ୍ଚି ଆନ୍ଦୋଳନରତ କର୍ମଚାରୀଙ୍କ ସହିତ ଆଲୋଚନା କରିବାପରେ ବସ ଚଳାଚଳ ସ୍ୱାଭାବିକ ହୋଇଥିଲା।

# ଚୋରା ମଦ ଜବତ, ୪ କୋର୍ଟ ଚାଲାଣ



କେନ୍ଦ୍ରାପଡ଼ା,୨୦।୯(ସଂଚାର ବ୍ୟୁରୋ): ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ନିକିରେଇ, ପଟ୍ଟାମୁଣ୍ଡାଇ ଟାଉନ, ମାର୍ଶାଘାଇ ଓ କୁଦାନଗରୀ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଢୋଲ ଗ୍ରାମର ଭଗବାନ ମଲ୍ଲିକଙ୍କ ଠୁ ୩୩ ଲିଟର ବିଦେଶୀ ମଦ, ଚନ୍ଦନପୁର ଗ୍ରାମର ଲକ୍ଷ୍ମୀପ୍ରିୟା କର ଙ୍କ ଠୁ ୨୭ ଲିଟର ବିଦେଶୀ ମଦ, ଧନିଆପଡ଼ା ଗ୍ରାମର ସରୋଜ ମହାନ୍ତି ଙ୍କ ଠାରୁ ୨୫ ଲିଟର ବିଦେଶୀ ମଦ ଏବଂ ବେହୁଳ ଗ୍ରାମର ରମେଶ ଚନ୍ଦ୍ର ମୋହାଳିକ ଙ୍କ ଠାରୁ ୨୪ ଲିଟର ବିଦେଶୀ ମଦ ଜବତ କରାଯାଇ ୪ ଜଣଙ୍କୁ କୋର୍ଟ ଚାଲାଣ କରାଯିବା ସହ ସମୁଦାୟ ୧୦୯ ଲିଟର ବିଦେଶୀ ମଦ ଜବତ କରାଯାଇ ଅଛି । ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧିକ୍ଷକ ଶ୍ରୀ ବିପ୍ର ଚରଣ ମଣ୍ଡଳ କହିଛନ୍ତି । ଏହି ଚଢ଼ାଉରେ ଅବକାରୀ ନିରୀକ୍ଷକ ଶ୍ରୀ ହିତାଂଶୁ ଶେଖର ମଳିକ, ଶ୍ରୀ ପଦ୍ମଲୋଚନ ନାୟକ, ଅବକାରୀ ଉପ ନିରିକ୍ଷକ ଶ୍ରୀ ଧର୍ମପଦ ଦାସ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

# ଜାଗା ଉଚ୍ଛେଦକୁ ତିନି ମାସ ବିତିଲା ଅଧୁରା ରହିଗଲା ରାସ୍ତା କାମ



ଡେରାବିଶ,୨୦।୯ (ସଂଚାର ବ୍ୟୁରୋ): ଡେରାବିଶ ତହସିଲ ଅଧିନରେ ଥିବା ଛୋଟି ପଞ୍ଚାୟତ ଅନ୍ତର୍ଗତ ସରକାରୀ ଜାଗା ଅବରୋଧ କରିଥିବା ୩ ମାସ ପୂର୍ବରୁ ଛୋଟି ବଜାରକୁ ଜେସିବି ମେସିନ ଦ୍ୱାରା ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଥିଲା। କିନ୍ତୁ ଏହି ରାସ୍ତା କଡ଼ରେ ଥିବା ଗଛଗୁଡାକ କଟା ଯାଇଥିଲେ ମଧ ଗଛର ଗର ଓ ଗଣ୍ଡି ରାସ୍ତାରେ ପଡ଼ିଥିବା ବେଳେ ବଡ଼ ବଡ଼ ଖାଲଥିବା ଦେଖିବାକୁ ମିଳୁଛି। ରାସ୍ତାରେ ମାଟି ରହିଥିବାରୁ ରାସ୍ତା ଅବରୋଧ ହୋଇଛି ଯାଦ୍ୱାରା ଲୋକେ ଯିବା ଆସିବା କରିବା ପାଇଁ ହଇରାଣ ହରକତ ହେଉଥିବା ବେଳେ ଗାଡ଼ି ମଟର ଚଳାଚଳ ବାଧାପ୍ରାପ୍ତ ହେଉଛି। ରାତିରେ ଯିବା ଆସିବା କରୁଥିବା ଲୋକମାନେ ଅନ୍ଧାରରେ ପଡ଼ି ଖଣ୍ଡିଆ ଖାବରା ହୋଇଥିବା ଅଭିଯୋଗ ହେଉଛି।

ସୂଚନା ଥାଉକି ଏହି ରାସ୍ତା ଅଣ ଓସାରିଆ ଥିବାରୁ ଯାତାୟାତ କରିବାପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଥିଲା ଏବଂ କେନ୍ଦ୍ରାପଡ଼ା ଜିଲ୍ଲାରୁ ଯାଜପୁର ଜିଲ୍ଲାକୁ ସଂଯୋଗ କରିବା ପାଇଁ ବିରୂପା ନଦୀରେ ଏକ ବ୍ରିଜ ନିର୍ମାଣ ହୋଇଛି। ଏହି ରାସ୍ତାଟି ଓସାର ହେବା ପରେ ଏହି ବ୍ରିଜର ଉଦଘାଟନ ହେବ ବୋଲି ଜଣେ ପ୍ରଶାସନିକ ଅଧିକାରୀ କହିଛନ୍ତି। ପୂର୍ବରୁ ସରକାରୀ ଜାଗାକୁ ଚିହ୍ନଟ କରି ମାପ କାର୍ଯ୍ୟ ସରିଥିଲା। ଡେରାବିଶ ତହସିଲ ପକ୍ଷରୁ ପ୍ରାୟ ତିନି ମାସ ତଳେ ପ୍ରାୟ ୨୯ଟି ବିଭିନ୍ନ ପ୍ରକାରର ଦୋକାନ ଘର ଭଙ୍ଗା ଯାଇଥିଲା। ଏଥିରେ କେତେକ ଦୋକାନ ଗୃହ ନଷ୍ଟ ହୋଇଥିବା ବେଳେ କେତେକ ଦୋକାନର ସାମାନ୍ୟ ପିଣ୍ଡା ଭଙ୍ଗା ଯାଇଥିବା ଦେଖିବାକୁ ମିଳିଥିଲା। ତିନି ମାସ ହେଲା କିନ୍ତୁ ରାସ୍ତା କାମ ବିଳମ୍ବ ହେବା ସହ ପ୍ରଶାସନ ଅଧିକାରୀ ମାନଙ୍କ ଅବହେଳାକୁ ଅଞ୍ଚଳବାସୀ ନିନ୍ଦା କରିଛନ୍ତି। ଏହାର ତଦନ୍ତ କରାଯାଇ ରାସ୍ତାରେ ପଡ଼ିଥିବା ଗଛ ଗଣ୍ଡି ଉଠାଇବା ସହିତ ଖାଲକୁ ପୋତିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବିଧାନସଭାରେ ଉଠିଲା ନିର୍ମାଣାଧୀନ ପଟ୍ଟାମୁଣ୍ଡାଇ ବସ୍‌ଷ୍ଟାଣ୍ଡ ସ୍ଥିତି

ପଟ୍ଟାମୁଣ୍ଡାଇ,୨୦।୯ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବପୁରାତନ ସରକାରୀ ବସଷ୍ଟାଣ୍ଡ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ଏହାକୁ ଭାଙ୍ଗି ଦେଇ ଏକ ନୂତନ ମଡେଲ ବସ ଷ୍ଟାଣ୍ଡ ନିର୍ମାଣ ପାଇଁ ଗତ ସରକାର ସମୟରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ପ୍ରାୟ ୧୧ କୋଟି ଟଙ୍କା ବ୍ୟୟରେ ଏହି ନୂତନ ମଡେଲ ବସଷ୍ଟାଣ୍ଡର ଶୁଭ ଦେଇଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସମ୍ପ୍ରତି ଏହି ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଚାଲିଛି । ମାତ୍ର ଏହା ନିର୍ଧାରିତ ସମୟରେ ସଂପୂର୍ଣ୍ଣ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି । ଏ ସମ୍ପର୍କରେ ଅବଗତ ହେବା ପରେ ରାଜନଗର ବିଧାୟକ ଧ୍ରୁବ ସାହୁ ନିର୍ମାଣାଧୀନ ପଟ୍ଟାମୁଣ୍ଡାଇ ବସଷ୍ଟାଣ୍ଡର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ରାଜ୍ୟ ବିଧାନସଭାରେ ପ୍ରଶ୍ନ ଉତ୍ଥାପନ କରିଛନ୍ତି । ବିଧାୟକ ଶ୍ରୀସାହୁଙ୍କ ପ୍ରଶ୍ନର ଉତ୍ତରରେ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା କହିଛନ୍ତି ଯେ ଏହି ବସଷ୍ଟାଣ୍ଡର ବ୍ୟୟ ଅଟକଳ ବୃଦ୍ଧି ପାଇଁ ୧୯, ୯୬ଲକ୍ଷ,୩୪ହାଜର ୧୪୩ଟଙ୍କା ମଂଜୁର କରାଯାଇଛି । ଅଟଳ ବସଷ୍ଟାଣ୍ଡ ଯୋଜନାରେ ନିର୍ମାଣାଧୀନ ଏହି ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ସଂପୂର୍ଣ୍ଣ କରିବା ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ପ୍ରକାଶ କରିଥିଲେ ।

● ବିକାଶ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା

# ସାଲେପୁରର ବିକାଶ ପାଇଁ ମୁଁ ସଂକଳ୍ପବଦ୍ଧ- ଅରିନ୍ଦମ



ସାଲେପୁର,୨୦।୯ (ସଂଚାର ବ୍ୟୁରୋ): ସାଲେପୁର ସହରକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରିବା ପାଇଁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷମାନେ ବର୍ଷ ବର୍ଷ ଧରି ଦାବି ଉପସ୍ଥାପନ କରିଆସୁଥିଲେ ମଧ ପ୍ରଶାସନିକ ଇଚ୍ଛାଶକ୍ତି ଅଭାବ ଓ ଚାପ ଯୋଗୁଁ ସମସ୍ତ ଭିତ୍ତିଭୂମି ଥାଇ ମଧ ସାଲେପୁର ଏନ୍‌ଏସି ମାନ୍ୟତା ପ୍ରଦାନ କରାଯାଇନଥିବାବେଳେ ବିଜେପି ନେତା ଅରିନ୍ଦମ ରାୟଙ୍କ ଉଦ୍ୟମରେ ଓ ବରିଷ୍ଠ ନେତୃତ୍ୱ ପାଇଁ ଅଳ୍ପଦିନ ତଳେ ବିଜେପି ସରକାର ସାଲେପୁରକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରିଥିବାରୁ ଏହା ବିଜେପି ନେତା ଅରିନ୍ଦମ ରାୟଙ୍କ ପାଇଁ ସମ୍ଭବ ହୋଇପାରିଛି ବୋଲି ମଧୁମଣ୍ଡପଠାରେ ସାଲେପୁର ସହର ବିକାଶମଞ୍ଚ ପକ୍ଷରୁ ଆୟୋଜିତ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ବହୁ ବିଶିଷ୍ଟ ବ୍ୟକ୍ତିମାନେ ପ୍ରକାଶ କରିଛନ୍ତି। ଏହି ଅବସରରେ ସାଲେପୁର ଅଞ୍ଚଳର ବିଭିନ୍ନ ବଜାର କମିଟି, ସ୍ୱେଚ୍ଛାସେବୀ ସଂଗଠନ, ଅବସରପ୍ରାପ୍ତ ସୈନିକ ସଂଘ, ସାମ୍ବାଦିକ ସଂଘ, ପତଞ୍ଜଳି ଯୋଗ ପରିବାର, ବାର ଆସୋସିଏସନ୍, ୩୦ରୁ ଊର୍ଦ୍ଧ୍ୱ ଯୁବକ ସଂଘ, ଡ୍ରାଇଭର ଆସୋସିଏସନ୍, କାର ମାଲିକ ସଂଘ, ଜାଗୁଲାଇ କ୍ଲବ୍, ଜାଗୁଲାଇ ଚାରିଟେବୁଲ ଟ୍ରଷ୍ଟ, ଅଭିରାମ ଫାଉଣ୍ଡେସନ୍ ଅଟଳ ସେନା ସାଲେପୁର ସମେତ ପ୍ରାୟ ୧ଶହରୁ ଊର୍ଦ୍ଧ୍ୱ ଅନୁଷ୍ଠାନ ପକ୍ଷରୁ ବିଜେପି ନେତା ଅରିନ୍ଦମ ରାୟଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସାଧୁବାଦ ଜଣାଯାଇଥିଲା। ଶ୍ରୀ ରାୟ କହିଲେ ମୁଁ ସବୁବେଳେ ସବୁ ସମୟରେ ସାଲେପୁର ଅଞ୍ଚଳର ବିକାଶ ପାଇଁ କାର୍ଯ୍ୟକରୁଛି। ସାଲେପୁରକୁ ବିକାଶ କ୍ଷେତ୍ରରେ ଓଡ଼ିଶାରେ ୧ନମ୍ବର ନିର୍ବାଚନ ମଣ୍ଡଳୀ ଭାବେ ଗଢ଼ିତୋଳିବା ପାଇଁ ଲକ୍ଷ୍ୟ ରଖିଛି ବୋଲି ସେ ପ୍ରକାଶ କରିଥିଲେ।

# ଜମି ଫେରିପାଇଲେ ପ୍ରକୃତ ଜମି ମାଲିକ

## ଜମି ମାଲିକଙ୍କ ଅଜାଣତରେ ଦୁଇ ଦୁଇ ଥର ହୋଇଥିଲା କିଣାବିକା

ମହାକାଳପଡ଼ା,୨୦।୯ (ସଂଚାର ବ୍ୟୁରୋ): ଚଞ୍ଚକତା କରି ଜମି ମାଲିକଙ୍କ ଅଜାଣତରେ ଦୁଇ ଦୁଇ ଥର ଖର୍ଦ୍ଦି ବିକ୍ରି ହେଇଗଲା ଜମି। ଆଉ ଜମି କିଣିଥିବା ବ୍ୟକ୍ତିଦ୍ୱୟଙ୍କୁ ପଟ୍ଟା ମଧ ମିଳିଗଲା। ଏନେଇ ପ୍ରଥମ ଜମି କିଣିଥିବା ବ୍ୟକ୍ତି ଚଞ୍ଚକତା କରାଯାଇଥିବା ଘଟଣା ତହସିଲଦାରଙ୍କୁ ଜଣାଇବା ପରେ ଜମି ଫେରି ପାଇଥିବା ଜଣାପଡିଛି।

ଏପରି ଏକ ଗୁରୁତର ଅଭିଯୋଗ ଆସିଛି କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ଜମ୍ବୁ ଗ୍ରାମର ଅଭିଜିତ୍ ମଜୁମଦାରଙ୍କ ଜମ୍ବୁ ଫେରି ଘାଟ ନିକଟରେ ୧ ଏକର ଜମି ଥିଲା। ଏହି ଜମିକୁ ସେ ଜଣେ ବ୍ୟକ୍ତିଙ୍କ ନିକଟରୁ ୧୯୯୫ ମସିହାରେ କିଣିଥିଲେ ଆଉ ତାଙ୍କୁ ପଟ୍ଟା ବି ମିଳିଥିଲା। ଅଭିଜିତ୍ ଏହି ଜମିକୁ ଚାଷ କରୁଥିଲେ। ପ୍ରତିବର୍ଷ ଖଜଣା ମଧ ଦଉଥିଲେ।



ହେଲେ ୨୦୨୨ ମସିହାରେ ସେ ଜମିର ପାଉତି କାଟିବାକୁ ଯାଇଥିବା ବେଳେ ଆରଆଇ ତାଙ୍କୁ କହିଥିଲେ କି ତମ ନାମରେ ସେ ଜମି ଆଉ ନାହିଁ। ତମେ ଅନ୍ୟ ଜଣଙ୍କୁ ବିକ୍ରି କରିଦେଇଛ ଆଉ ପାଉତି କଟାଯାଇ ପାରିବନାହିଁ। ଏକଥା ଶୁଣି ଅଭିଜିତ ଚିନ୍ତାରେ ପଡିଯାଇଥିଲେ। ଜମି ସେ ବିକ୍ରି କରିନଥିବା ବେଳେ କିପରି ଅନ୍ୟଜଣେ ବ୍ୟକ୍ତି କିଣିଲେ ତାହାକୁ ନେଇ ଆଶ୍ଚର୍ଯ୍ୟ ହେବା ସହିତ ଘଟଣା ବିଷୟରେ ତତ୍କାଳୀନ ମହାକାଳପଡା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ।

ଦୀର୍ଘ ଦିନର ଆଇନଗତ ଲଢେଇ ପରେ ଏବେ ଜମିଟି ପ୍ରକୃତ ମାଲିକ ଅଭିଜିତଙ୍କ ନିକଟକୁ ଫେରିଆସିଛି ତାଙ୍କୁ ପଟ୍ଟା ମିଳିଛି। ଘଟଣା ବିଷୟରେ ମହାକାଳପଡା ତହସିଲଦାରଙ୍କ ମତାମତ ନେବାରୁ ସେ କହିଥିଲେ ଚଞ୍ଚକତା କରି ବିନା ଖର୍ଦ୍ଦି ବିକ୍ରିରେ ପଟ୍ଟା ହାତେଇଥିବା ବ୍ୟକ୍ତି ମାନଙ୍କର ପଟ୍ଟାକୁ କ୍ୟାନସେଲ୍ କରି ଜମିର ପ୍ରକୃତ ମାଲିକ ଅଭିଜିତଙ୍କୁ ପଟ୍ଟା ପ୍ରଦାନ କରାଯାଇଛି। ଘଟଣାରେ ସମ୍ପୃକ୍ତ ଥିବା ବିଭାଗୀୟ ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି ଜମି ମାଲିକ ଅଭିଜିତ।

# କଲେଜ ଓ କୋଚିଂ ସେଣ୍ଟରର ୧୨ ଛାତ୍ରୀ ଅସୁସ୍ଥ

ସାଲେପୁର,୨୦।୯ (ସଂଚାର ବ୍ୟୁରୋ): ସାଲେପୁର ବ୍ଲକ ଅଞ୍ଚଳରେ ଥିବା ୩ଟି ବେସରକାରୀ କଲେଜ ଓ ଗୋଟିଏ କୋଚିଂ ସେଣ୍ଟରର ପ୍ରାୟ ୧୨ଜଣ ଛାତ୍ରୀ ଅସୁସ୍ଥ ହୋଇ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ସେମାନଙ୍କ ମଧରୁ ଅନେକଙ୍କ ଦେହ ଦୁର୍ବଳ, ବାନ୍ତି ଓ ଦେହ ଥରିବା ଲକ୍ଷଣ ଦେଖି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି



କରାଯାଇଥିଲା। ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡିଦିଆଯାଇଥିବା ଜଣାଯାଇଛି। ପ୍ରକାଶ ଯେ ଆଜି ଏହି କଲେଜ ଓ କୋଚିଂ ସେଣ୍ଟର ଛାତ୍ରୀମାନେ ସକାଳୁ ହଠାତ୍ ଅସୁସ୍ଥ ହୋଇପଡ଼ିବା ସହ ବାନ୍ତି କରି ଦୁର୍ବଳ ଅନୁଭବ କରିଥିଲେ। କଲେଜ କର୍ତ୍ତୃପକ୍ଷ ଓ କୋଚିଂ ସେଣ୍ଟରର କର୍ତ୍ତୃପକ୍ଷ ଏହି ଛାତ୍ରୀମାନଙ୍କୁ ଚିକିତ୍ସା ପାଇଁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଦୁର୍ବଳତା କାରଣରୁ ସେମାନେ ଅସୁସ୍ଥ ହୋଇପଡ଼ିଥିବା ଡାକ୍ତର ପ୍ରକାଶ କରିଛନ୍ତି। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଛାଡିଦିଆଯାଇଥିବା ଜଣାଯାଇଛି।

## ୨ ଦଳିତ ମହିଳାଙ୍କୁ ନ୍ୟାୟ ନମିଳିବା ଘଟଣା

# ଆତ୍ମାହୁତି ଦେବାକୁ ଚେତାବନୀ

କେନ୍ଦ୍ରାପଡ଼ା,୨୦।୯ (ସଂଚାର ବ୍ୟୁରୋ): ନ୍ୟାୟ ନ ମିଳିଲେ କେନ୍ଦ୍ରାପଡ଼ା ଏସ୍‌ପି ଅଫିସ ସମ୍ମୁଖରେ ଆତ୍ମାହୁତି ଦେବେ ଦୁଇ ଦଳିତ ମହିଳା। ନ୍ୟାୟ ପାଇଁ ଥାନା, ଜିଲ୍ଲାପାଳ, ଏସ୍‌ପି, ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଗୁହାରି କରିଛନ୍ତି। ହେଲେ ମହିଳା ଦ୍ୱୟଙ୍କୁ ଅଦ୍ୟାବଧି ନ୍ୟାୟ ମିଳିନାହିଁ । ତେଣୁ ସେମାନେ କେନ୍ଦ୍ରାପଡ଼ା ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସି ରହିଛନ୍ତି। ତଥାପି ଉଭୟ ମହିଳାଙ୍କୁ ନ୍ୟାୟ ମିଳୁନାହିଁ। ତେଣୁ ଉଭୟ କେନ୍ଦ୍ରାପଡ଼ା ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଦେବେ ବୋଲି ଶୁକ୍ରବାର ଗଣମାଧମକୁ କହିଛନ୍ତି।




ଝରଣା ମଲ୍ଲିକ ଓ ମଲ୍ଲୀ ମଲ୍ଲିକ କହିଛନ୍ତି ଯେ କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ଥାନା ପୁଲିସ ସେମାନଙ୍କୁ ନିର୍ଯ୍ୟାତନା ଦେଉଛି। ସେମାନଙ୍କୁ ଆକ୍ରମଣ କରିଥିବା ଏହି ଥାନା ଅଧିନ ପେଗରପଡା ଗ୍ରାମର ଦୁଇ ଅଭିଯୁକ୍ତ ସୁମନ୍ତ ମଲ୍ଲିକ ଓ ନିରଞ୍ଜନ ମଲ୍ଲିକଙ୍କୁ ପୋଲିସ ଗିରଫ କରୁନାହିଁ । ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡାଉଛି । ଫଳରେ ଅଭିଯୁକ୍ତମାନେ ମାମଲା ଉଠାଇ ନେବା ପାଇଁ ଅଭିଯୋଗକାରୀଙ୍କୁ ଧମକ ଦେଉଛନ୍ତି। ଥାନାରୁ ମାମଲା ନ ଉଠାଇଲେ ଜୀବନରେ ମାରିଦେବାକୁ ଧମକ ଦେଉଛନ୍ତି। ଏହା ପ୍ରତିବାଦରେ ସେମାନେ ଗୁରୁବାର ସକାଳୁ ଅହୋରାତ୍ର ଆମରଣ ଅନଶନରେ ବସିଛନ୍ତି । କିନ୍ତୁ ସେମାନଙ୍କୁ ନ୍ୟାୟ ମିଳୁନାହିଁ। ଅଭିଯୁକ୍ତମାନଙ୍କୁ ରାଜକନିକା ଥାନା ପୋଲିସ ଗିରଫ କରୁନାହିଁ। ଯଦି ସେମାନଙ୍କୁ ରାଜକନିକା ଥାନା ପୋଲିସ ଗିରଫ ନ କରେ କି ଏସ୍‌ପି ଅଭିଯୁକ୍ତମାନଙ୍କୁ ଘଣ୍ଟ ଘୋଡାଉ ଥିବା ରାଜକନିକା ଥାନାଧିକାରୀ ସଞ୍ଜୟ ମଲ୍ଲିକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ତେବେ ମହିଳାଦ୍ୱୟ ଏସ୍‌ପି ଅଫିସ ସମ୍ମୁଖରେ ଆତ୍ମଦାହ କରିବେ ବୋଲି ଗଣମାଧମକୁ କହିଛନ୍ତି ।

# ଜମି ଅଧିଗ୍ରହଣ ପାଇଁ ତହସିଲଦାରଙ୍କ ନୋଟିସ

ଡେରାବିଶ,୨୦।୯(ସଂଚାର ବ୍ୟୁରୋ): ଡେରାବିଶ ତହସିଲ ଚାଟରାଚକଡ଼ା ପଞ୍ଚାୟତ ଚାଟରା, ଗୋଲରାହାଟ ପଞ୍ଚାୟତର ତିଳକପୁର ଗ୍ରାମର ଚାଷ ଜମିକୁ ଅଧିଗ୍ରହଣ ପାଇଁ ଡେରାବିଶ ତହସିଲଦାରଙ୍କ ପକ୍ଷରୁ ସମ୍ପୃକ୍ତ ୨ ପଞ୍ଚାୟତ ସର୍ବସାଧାରଣ ସ୍ଥାନରେ ନୋଟିସ କରାଯାଇଥିବା ଦେଖି ସମ୍ପୃକ୍ତ ଚାଟରା ଓ ତିଳକପୁର୍ ଅଞ୍ଚଳବାସୀ ଭିତରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ଏ ନେଇ ତିଳକପୁର ଗ୍ରାମର ଚାଷୀ ସତ୍ୟଜିତ ସ୍ୱାଇଁ ପ୍ରତିକ୍ରିୟାରେ କହିଛନ୍ତି, ଆମ ଗ୍ରାମରେ ଚାଷଜମି ପୈତୃକ ସଂପତ୍ତି ଓ ସ୍ଥିତିବାନ ସତ୍ତ୍ୱେ ତହସିଲଦାର କାହିଁକି ଓ କେଉଁ କାରଣରୁ ଆମ ସମ୍ପତ୍ତିକୁ ଅଧିଗ୍ରହଣ ପାଇଁ ନୋଟିସ ଜାରି କରିଛନ୍ତି। ପଞ୍ଚାୟତର ବହୁ ଗୋଚର ଜମି ଥିଲା ବେଳେ ଆମ ସମ୍ପତ୍ତି ଉପରେ ସରକାରଙ୍କ କାହିଁକି ଲୋଲୁପ ଦୃଷ୍ଟି ପଡ଼ିଛି ବୋଲି ସ୍ୱାଇଁ କହଛନ୍ତି। ସେହିପରି ଚାଟରା ଗ୍ରାମର ଚାଷୀ ଖଗେଶ୍ୱର ମଲ୍ଲିକ କହିଛନ୍ତି, କେନ୍ଦ୍ରାପଡା ଜିଲ୍ଲାରେ ବହୁ ସରକାରୀ ଜମି ଥିଲାବେଳେ ଦୀର୍ଘବର୍ଷ ହେଲା ଅଞ୍ଚଳର ଯୁବକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ କଳକାରଖାନା ପ୍ରତିଷ୍ଠା ହୋଇପାରିଲା ନାହିଁ। ଏପରିକି ପ୍ରଶାସନିକ ଅଧିକାରୀଙ୍କ ସହାୟତାରେ ସହ ସହ ଜମିକୁ ବହୁ ପ୍ରଭାଶାଳୀ ବ୍ୟକ୍ତି ନିଜ ଅକ୍ତିଆରରେ ରଖିଛନ୍ତି। ଅନ୍ୟପଟେ ଜମି ଅଧିଗ୍ରହଣରୁ ନିବୃକ୍ତ ରହିବା ପାଇଁ ତହସିଲଦାରଙ୍କୁ ସମ୍ପୃକ୍ତ ଦୁଇ ଗ୍ରାମବାସୀ ଅନୁରୋଧ କରିଛନ୍ତି। ନିଜ ଜମିକୁ ସୁରକ୍ଷା ଦେବା ପାଇଁ ଦୁଇ ଗ୍ରାମବାସୀ ଆନ୍ଦୋଳନ ପାଇଁ ରାଜ ରାସ୍ତାକୁ ଓହ୍ଲାଇବାକୁ ତିଳକପୁର ଗ୍ରାମର କୈଳାସ ପ୍ରଧାନ ଚେତାବନୀ ଦେଇଛନ୍ତି।

ଏ ବିଷୟରେ ତହସିଲଦାର ସରୋଜକାନ୍ତ ନାୟକଙ୍କୁ ପଚାରିବାରୁ ଇଡକୋ ପକ୍ଷରୁ ସମ୍ପୃକ୍ତ ଗ୍ରାମରେ ୧୧୫ ଏକର ଜମି ଅଧିଗ୍ରହଣ ପାଇଁ ଜିଲ୍ଲାପାଳଙ୍କ ଚିଠି ଆସିଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜମି ଅଧିଗ୍ରହଣ ପାଇଁ ଏହି ଦୁଇ ଗ୍ରାମବାସୀଙ୍କୁ ନୋଟିସ୍ ଦିଆଯାଇଛି । ଅନ୍ୟ ଏକ ପ୍ରଶ୍ନ ଉତ୍ତରରେ ଏକ ଜନଶୁଣାଣୀ ଅନୁଷ୍ଠିତ ହେବା ସହିତ ଅଧିକୃତ ଜମି ଇଡକୋକୁ ହସ୍ତାନ୍ତର କରାଯିବ ବୋଲି ତହସିଲଦାର ନାୟକ କହିଛନ୍ତି।




# ସେବାପର୍ବ ଉପଲକ୍ଷେ ଜିଲ୍ଲାସ୍ତରୀୟ ଏକଦିବସୀୟ କର୍ମଶାଳା

କେନ୍ଦ୍ରାପଡ଼ା,୨୦।୯(ସଂଚାର ବ୍ୟୁରୋ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲ୍ଲା ସଂସ୍କୃତି ବିଭାଗର ମିଳିତ ଆନୁକୁଲ୍ୟରେ "ସେବାପର୍ବ- ୨୦୨୫" ଉପଲକ୍ଷେ ଏକ ଜିଲ୍ଲାସ୍ତରୀୟ ଏକଦିବସୀୟ କର୍ମଶାଳା ତଥା ଚିତ୍ରାଙ୍କନ ପ୍ରତିଯୋଗିତା କେନ୍ଦ୍ରାପଡ଼ା ସଦର ମହକୁମାସ୍ଥିତ କେନ୍ଦ୍ରାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅୟୋଜିତ ହୋଇଯାଇଛି । "ବିକଶିତ ଭାରତ-୨୦୪୭' ଶୀର୍ଷକରେ ଅୟୋଜିତ ହୋଇଥିବା ଉକ୍ତ ପ୍ରତିଯୋଗିତାରେ ଚିତ୍ରକରମାନେ ରଙ୍ଗ ତୁଳୀ ମାଧମରେ ନିଜ ସୃଜନଶୀଳତା ଏବଂ ପ୍ରତିଭା ପ୍ରଦର୍ଶନ କରାଇଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାର ଚିତ୍ରକର ସୌମ୍ୟରଞ୍ଜନ ପଟ୍ଟନାୟକ ଏବଂ ରଘୁନାଥ ବେହେରା ବିଚାରକ ହିସାବରେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ଚୟନ କରିବା ସହିତ ଭବିଷ୍ୟତରେ କିପରି ନିଜର ସୃଜନଶୀଳତାକୁ ଆହୁରି ଦୃଢ଼ କରିପାରିବେ ସେ ଉପରେ ବକ୍ତବ୍ୟ ରଖିଥିଲେ । ବୃିଗତ ଚିତ୍ରକର ବର୍ଗରେ ଶତାବ୍ଦୀ ରାଉତରାୟ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ପ୍ରଭଞ୍ଜନ ପଣ୍ଡା ଏବଂ ମହେଶ୍ୱର ଦାସ ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସୂଚନାଯୋଗ୍ୟ ଯେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଚିତ୍ରକରମାନଙ୍କର ଚିତ୍ର ଆସନ୍ତା ୨୮ ସେପ୍ଟେମ୍ବରରେ ଅୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ କର୍ମଶାଳାରେ ପ୍ରଦର୍ଶିତ ହେବ । ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ପ୍ରତିଯୋଗିତା ଆୟୋଜନ କରାଯାଇଥିବା ବେଳେ ଜିଲ୍ଲା କାର୍ଯ୍ୟାଳୟର କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ ।

# ସ୍ୱାସ୍ଥ୍ୟସହକାରୀ ଧରଣୀଧର ନାଥଶର୍ମାଙ୍କ ପରଲୋକ



ପଟ୍ଟାମୁଣ୍ଡାଇ,୨୦।୯(ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ତରଡ଼ିପାଳ ପଂଚାୟତର ବିଶିଷ୍ଟ ସମାଜସେବୀ ତଥା ପ୍ରାକ୍ତନ ସ୍ୱାସ୍ଥ୍ୟ ସହକାରୀ ଧରଣୀଧର ନାଥଶର୍ମାଙ୍କର ହୃଦଘାତରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୮୧ବର୍ଷ ବୟସ ହୋଇଥିଲା । ମୃତ୍ୟୁ ଶଯ୍ୟା ନିକଟରେ ପୁଅ ବୋହୂ ଝିଅ ଜ୍ୱାଇଁ ବନ୍ଧୁ ଓ ପରିବାରବର୍ଗ ଉପସ୍ଥିତ ଥିଲେ । ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ୭ଟି ପଂଚାୟତରେ ରୋଗୀ ସେବା କରି ବେଶ ଲୋକପ୍ରିୟ ଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ଧୋୟାଞ୍ଚଳ ବିକାଶ ପରିଷଦ ସଭାପତି ରାଜକୁମାର ବିଶ୍ୱାଳ ସମ୍ପାଦକ ନିମାଇଁ ଚରଣ ମଲ୍ଲିକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ତାଙ୍କ ମର ଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା । ଗ୍ରାମ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି । ଏକମାତ୍ର ପୁତ୍ର ସୁଧୀର ନାଥ ଶର୍ମା ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ସମଗ୍ର ଧୋୟାଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ବିଶ୍ୱ ବେଳାଭୂମି ସଫେଇ ଦିବସରେ ପେଣ୍ଠ ବେଳାଭୂମି ସଫେଇ



ରାଜନଗର,୨୦।୯(ସଂଚାର ବ୍ୟୁରୋ): ବିଶ୍ୱ ବେଳାଭୂମୀ ସଫେଇ ଦିବସ ଅବସରରେ ରାଜନଗର ବ୍ଲକ ପେଣ୍ଠ ବେଳାଭୂମୀ ସଫେଇ କରାଯାଇଛି। ବିଭିନ୍ନ ଅନିଷ୍ଠାନର ଛାତ୍ରଛାତ୍ରୀ, ଅଧାପକ ଅଧାପିକା, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀ, ବନକର୍ମଚାରୀ, ସାମ୍ବାଦିକ ସମସ୍ତେ ମିଳିତ ଭାବେ ଏହି ସଫେଇ କରିଥିଲେ। ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଫେଇ କାର୍ଯ୍ୟକ୍ରମରେ ପଚାଂୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ବିଡିଓ ଅନିରୁଦ୍ଧ ବେହେରା, ତହସିଲଦାର ଯୀଶୁକ୍ରିଷ୍ଟ ଦାସ, ରାଜନଗର ରେଂଜ ଅଫିସର ଚିତରଂଜନ ବେଉରା ଯୋଗଦେଇ ବିଶ୍ୱ ବେଳାଭୂମୀ ସଫେଇ ଅବସରରେ ପେଣ୍ଠ ବେଳାଭୂମିକୁ ସଫା ରଖିବାକୁ ଶପଥପାଠ କରାଇଥିଲେ । ଏହି ସଫେଇ କାର୍ଯ୍ୟକ୍ରମରେ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ରାଜନଗର, ଯୁକେ ମହାବୀର ମହାବିଦ୍ୟାଳୟ ମଦନପୁର, ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟ ଚନ୍ଦ୍ରଶିଖର, ଲକ୍ଷ୍ମୀବରାହ ହାଇସ୍କୁଲ ହାତିନା, ସାବିତ୍ରୀଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ଜରିମୂଳର ଛାତ୍ରଛାତ୍ରୀ, ଅଧାପକ, ଅଧାପିକା, ଶିକ୍ଷକ, ଶିକ୍ଷୟିତ୍ରୀମାନେ ସଫେଇ କାର୍ଯ୍ୟ କରିଥିଲେ।

ସେହିପରି ତାଳଚୁଆ ସାମୁଦ୍ରିକ ଥାନା ପକ୍ଷରୁ ଆଜି ସଫେଇ କରାଯାଇଛି। ସ୍ୱଚ୍ଛତା ହିଁ ସେବା, ସେବା ପକ୍ଷ ୨୦୨୫ ଅବସରରେ ଆଜି ତାଳଚୁଆ ମାଛ ଧରା ଜେଠି, ଫେରି ଘାଟ ଓ ବଜାର ସଫେଇ କରାଯାଇଛି। ସ୍ଥାନୀୟ ଲୋକେ ମଧ ପୁଲିସ ସହ ସାମିଲ ହୋଇ ସଫେଇ କରିଥିଲେ।

# ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ପରଲୋକ



**ସୁନ୍ଦରଗଡ଼,୨୦।୯(ସଂଚାର ବ୍ୟୁରୋ):** ଜଣାଶୁଣା ଆଦିବାସୀ ଓ ଶ୍ରମିକ ନେତା ତଥା ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କର ଶୁକ୍ରବାର ବିଳମ୍ବିତ ରାତ୍ରିରେ ପରଲୋକ ଘଟିଛି। ସେ ଗତ ୩ ମାସ ହେଲା ଅସୁସ୍ଥ ଥିବା ବେଳେ ଗତକାଲି ମଧ୍ୟରାତ୍ରରେ

- **୩ ମାସ ହେଲା ଅସୁସ୍ଥ ଥିଲେ**
- **ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତାଙ୍କ ଶୋକ**

ଭୁବନେଶ୍ୱରସ୍ଥିତ ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା। ସେ ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ୪ ଥର ବିଧାୟକ ଭାବେ ରାଜ୍ୟ ବିଧାନସଭାରେ ପ୍ରତିନିଧିତ୍ୱ କରିଥିଲେ। ସେ ସର୍ବପ୍ରଥମେ ୧୯୯୫ରେ ଏହି ଆସନରୁ ବିଜୟୀ ହୋଇଥିବା ବେଳେ ପରେ ୨୦୦୦, ୨୦୦୯ ଓ ଶେଷ ଥର ପାଇଁ ଗତ ୨୦୧୪ରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସୁନ୍ଦରଗଡ଼ ଜିଲ୍ଲାର ଆଦିବାସୀମାନଙ୍କ ଜଳ, ଜମି, ଜଙ୍ଗଲ ଅଧିକାର ପାଇଁ ସେ ନିୟମିତ ଭାବେ ଲଢ଼େଇ କରିଆସୁଥିଲେ। ସେ ଗତ ୩ ମାସ ହେଲା ଅସୁସ୍ଥ ଥିବା ବେଳେ ଶୁକ୍ରବାର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଶ୍ରୀ ତିର୍କୀଙ୍କୁ ପ୍ରଥମେ ରାଉରକେଲା ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ତାଙ୍କର ଶେଷକୃତ୍ୟ ବୀରମିତ୍ରପୁର ଝୁନୁମୁରସ୍ଥିତ ତାଙ୍କ ପୈତୃକ ଗ୍ରାମରେ ସମ୍ପନ୍ନ ହେବ। ଶ୍ରୀ ତିର୍କୀଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ସୋସିଆଲ୍ ମିଡିଆ 'ଏକ୍ସ'ରେ ତାଙ୍କ ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦର୍ଶାଇଛନ୍ତି ଯେ ଶ୍ରୀ ତିର୍କୀଙ୍କ ବିୟୋଗ ଖବର ଶୁଣି ମୁଁ ମର୍ମାହତ। ଆଦିବାସୀଙ୍କ ଅଧିକାର ପାଇଁ ସେ ସବୁବେଳେ ଲଢ଼େଇ କରିଆସୁଥିବା ବେଳେ ତାଙ୍କ ନିଧନ ଖବର ନିଶ୍ଚିତ ଭାବେ ଆଦିବାସୀ ସମ୍ପ୍ରଦାୟ ପାଇଁ ସବୁଠାରୁ ବଡ଼ କ୍ଷତି। ସେ ଜଣେ ଜନପ୍ରିୟ ନେତା ସହ ସବୁବେଳେ ବଞ୍ଚିତ ବର୍ଗର ସ୍ୱାର୍ଥ ପାଇଁ ଲଢ଼େଇ କରିଆସୁଥିଲେ। ଏପରି ଏକ କଠିନ ସମୟରେ ତାଙ୍କ ପରିବାରକୁ ମହାପ୍ରଭୁ ଜଗନ୍ନାଥ ଅସୀମ ଧୈର୍ଯ୍ୟ ପ୍ରଦାନ କରନ୍ତୁ ଓ ଶ୍ରୀ ତିର୍କୀଙ୍କ ଅମର ଆତ୍ମା ସଦ୍‌ଗତି ଲାଭ କରୁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କାମନା କରିଛନ୍ତି। ସେହିପରି ଶ୍ରୀ ପଟ୍ଟନାୟକ ମଧ୍ୟ ତାଙ୍କ ଶୋକବାର୍ତ୍ତାରେ ଉଲ୍ଲେଖ କରିଛନ୍ତି ଯେ ଜନଜାତିଙ୍କ ବିକାଶ ପାଇଁ ଶ୍ରୀ ତିର୍କୀ ଜୀବନସାରା ଲଢ଼େଇ କରିଆସିଥିଲେ। ଏହା ନିଶ୍ଚିତ ଭାବେ ସବୁଦିନ ପାଇଁ ମନେ ରହିବ। ତେଣୁ ତାଙ୍କ ପରଲୋକ ନିଶ୍ଚିତ ଭାବେ ରାଜ୍ୟ ରାଜନୀତି କ୍ଷେତ୍ରରେ ଏକ ଗଭୀର ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ଶ୍ରୀ ପଟ୍ଟନାୟକ କହିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ମନମୋହନଙ୍କ ଶୋକ

**ଭୁବନେଶ୍ୱର,୨୦।୯(ସଂଚାର ବ୍ୟୁରୋ):** ଜଣାଶୁଣା ଆଦିବାସୀ ନେତା ତଥା ବୀରମିତ୍ରପୁରର ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କର ଗତକାଲି ବିଳମ୍ବିତ ରାତିରେ ପରଲୋକ ହୋଇଥିବା ବେଳେ ଏନେଇ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଶୋକ ବ୍ୟକ୍ତ କରିଛନ୍ତି। ସେ ଏକ ଶୋକବାର୍ତ୍ତାରେ ଶ୍ରୀ ସାମଲ କହିଛନ୍ତି ଯେ ସ୍ୱର୍ଗତ ତିର୍କୀ କେବଳ ଜଣେ ଦକ୍ଷ ରାଜନୀତିଜ୍ଞ ନ ଥିଲେ, ବରଂ ଜନଜାତି ସମୁଦାୟର ଅଧିକାର ଓ ସ୍ୱାର୍ଥ ସଂରକ୍ଷଣରେ ଜଣେ ଅଗ୍ରଣୀ ଯୋଦ୍ଧା ଥିଲେ। ସ୍ୱର୍ଗତ ତିର୍କୀଙ୍କ ବିୟୋଗରେ ଓଡ଼ିଶାର ଆଦିବାସୀ ସମୁଦାୟ ଏକ ମହାନ ନେତାଙ୍କୁ ହରାଇଲେ ଏବଂ ରାଜନୀତି କ୍ଷେତ୍ରରେ ଏକ ଅପୂରଣୀୟ ଶୂନ୍ୟତା ସୃଷ୍ଟି ହେଲା ବୋଲି ଶ୍ରୀ ସାମଲ କହିବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗ, ଆତ୍ମୀୟସ୍ୱଜନଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି।

● 'ନିର୍ଭୟ' ବାର୍ଷିକ ଉତ୍ସବରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

# ତଥ୍ୟଭିତ୍ତିକ ସମାଲୋଚନା ସବୁବେଳେ ସ୍ୱାଗତଯୋଗ୍ୟ



**ଭୁବନେଶ୍ୱର,୨୦।୯(ସଂଚାର ବ୍ୟୁରୋ):** ଦୈନିକ ସମ୍ବାଦପତ୍ର 'ନିର୍ଭୟ'ର ଦ୍ୱାଦଶ ବାର୍ଷିକ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ଖବରକାଗଜ ଏକ ଜଡ଼ ବସ୍ତୁ ନୁହେଁ, ଏକ ଜୀବନ୍ତ ସତ୍ତା। ଗୋଟିଏ ବ୍ୟକ୍ତି ପାଇଁ ତା'ର ଜନ୍ମଦିନ ଯେତିକି ମହତ୍ତ୍ୱପୂର୍ଣ୍ଣ, ଖବରକାଗଜ ପାଇଁ ମଧ୍ୟ ବାର୍ଷିକ ଉତ୍ସବ ସେତିକି ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ତାଙ୍କ ମତରେ, ୧୨ ବର୍ଷ ମଧ୍ୟରେ 'ନିର୍ଭୟ' ଅନେକ ଘାତପ୍ରତିଘାତ ସହ ପ୍ରତିଷ୍ଠା ହାସଲ କରିଛି। ସବୁ ପରିସ୍ଥିତିରେ ଏହା ତା'ର ନିର୍ଭୀକତାର ପରିଚୟ ଦେଇଛି। ସମ୍ବାଦ ସୁଦ୍ଧ ହୋଇ ସମାଜକୁ ଆଲୋକିତ କରିଛି। ବିଗତ ଦିନରେ ଚିଟ୍‌ ଫଣ୍ଡ ସ୍କାମ, ମଠ ମନ୍ଦିର ଭଙ୍ଗା, କୋଭିଡ୍ ପରିଚାଳନାରେ ତ୍ରୁଟିବିଚ୍ୟୁତି, ବ୍ରହ୍ମ ବିଭ୍ରାଟ- ସବୁ କ୍ଷେତ୍ରରେ ଏହି ଖବରକାଗଜ ନିରପେକ୍ଷ ସମ୍ବାଦ ପରିବେଷଣ କରିଛି। କଳାର ସାମ୍ରାଜ୍ୟ ଉପରେ ମିଛ ଭାବମୂର୍ତ୍ତିର ପରଦାକୁ ଛିଣ୍ଡାଇବାରେ ଏହା ସଫଳ ହୋଇଛି। ଏକ ନିର୍ଦ୍ଦିଷ୍ଟ ଖବରକାଗଜ ପାର୍ଟି ବଦଳରେ ମାଟିକୁ ବାଛିବାରୁ ଏହାକୁ ଡାଳିଭାଙ୍ଗ କରିବା ସକାଶେ ଷଡ଼ଯନ୍ତ୍ର ହେଲା। ତେଣୁ ତଥ୍ୟଭିତ୍ତିକ ସମାଲୋଚନା ସବୁବେଳେ ସ୍ୱାଗତଯୋଗ୍ୟ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ବଡ଼ ସଫଳତା ହେଉଛି ଯୁବ ବର୍ଗଙ୍କ ଉପରେ ଗଭୀର ବିଶ୍ୱାସ। ଦେଶର ଯୁବକମାନେ ନିଜ ଜ୍ଞାନ ବଳରେ ଉଦ୍ୟୋଗ ସୃଷ୍ଟି କରିବା ସହ ରୋଜଗାର କରିପାରୁଛନ୍ତି ଏବଂ ଅନ୍ୟମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି ମଧ୍ୟ କରିପାରୁଛନ୍ତି। ଏବେ ନିକଟରେ ରାଉରକେଲା ଏନଆଇଟିରେ ପଢ଼ୁଥିବା ଦୁଇ ଜଣ ଓଡ଼ିଆଙ୍କ ଏକ ଷ୍ଟାର୍ଟ ଅପ୍ ଭାରତୀୟ ନୌବାହିନୀରୁ ୬୭ କୋଟି ଟଙ୍କାର ଅର୍ଡର ପାଇଛନ୍ତି। ସେମାନେ ରିମୋଟରେ ସମୁଦ୍ରରେ ଚାଲିପାରୁଥିବା ଏକ ଯାନ ବିକଶିତ କରିଛନ୍ତି। ଏହା ଆମ ଯୁବଶକ୍ତିର ଅସଲ ଦକ୍ଷତା ବୋଲି ଶ୍ରୀ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ରାଜ୍ୟରେ ବିଜେପି ସରକାରର ବିକାଶ ସମ୍ପର୍କରେ ସମସ୍ତେ ଜାଣନ୍ତି। ମାତ୍ର ୧୫ ମାସ ମଧ୍ୟରେ ଓଡ଼ିଶାରେ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ୮୪ଟି ଶିଳ୍ପ ପାଇଁ ଭିତ୍ତି ସ୍ଥାପିତ ହୋଇଛି। ଏହାଦ୍ୱାରା ୧ ଲକ୍ଷ ୬୪ ହଜାର ନିଯୁକ୍ତି ସୃଷ୍ଟି ହେବା ସୁନିଶ୍ଚିତ ହୋଇପାରିଛି। ସମୃଦ୍ଧ ଓଡ଼ିଶା ଗଠନ ପଥରେ ଆମ ସରକାର ପ୍ରଥମରୁ ହିଁ କାମ ଆରମ୍ଭ କରିଦେଇଛି। ଆମର ସବୁ ସଫଳତା ପଛରେ ରହିଛି ଓଡ଼ିଶାର ବିକାଶ ଉପରେ ପ୍ରଧାନମନ୍ତ୍ରୀଙ୍କ ଫୋକସ୍। ତାଙ୍କର ୭୫ତମ ଜନ୍ମ ଦିବସରେ ଆମେ ୭୫ ଲକ୍ଷ ଗଛ ଲଗାଇବା ପାଇଁ ପ୍ରସ୍ତୁତି କରିଥିଲୁ। କିନ୍ତୁ ଓଡ଼ିଶାର ଲୋକମାନେ ତା'ର ଦୁଇ ଗୁଣ ଗଛ ଲଗାଇ ପ୍ରମାଣିତ କଲେ ଯେ ସେମାନେ ମୋଦିଙ୍କୁ କେତେ ଭଲ ପାଆନ୍ତି। ଆଗାମୀ ୨୭ ତାରିଖରେ ମୋଦି ପୁଣି ଓଡ଼ିଶା ଆସୁଛନ୍ତି। ଏହା ହେବ ୧୫ ମାସରେ ତାଙ୍କର ସପ୍ତମ ଓଡ଼ିଶା ଗସ୍ତ। ସାରା ଦେଶ ପାଇଁ ଓ ଓଡ଼ିଶା ପାଇଁ ଅନେକ ପ୍ରକଳ୍ପ ଆରମ୍ଭ କରିବେ। ମୋଦୀଙ୍କ ସମୟ ହେଉଛି ସମ୍ଭାବିତ ସମୟ। ଆତ୍ମ ନିର୍ଭରତାର ସମୟ। ଏ ସମୟରେ ଗଣମାଧ୍ୟମ ଏହି ବିକାଶ ଯାତ୍ରାକୁ ସମର୍ଥନ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି।

# ବିଦ୍ୟୁତ ଆଘାତରେ ଦୁଇ ସମ୍ପର୍କୀୟ ଭାଇ ମୃତ




**ଜଳେଶ୍ୱର,୨୦।୯(ସଂଚାର ବ୍ୟୁରୋ):** ବିଲରେ କାମ କରୁଥିବା ସମୟରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଦୁଇ ସମ୍ପର୍କୀୟ ଭାଇ ମୃତ୍ୟୁବରଣ କରିଛନ୍ତି। ଏପରି ଏକ ଦୁଃଖଦ ଘଟଣା ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅନ୍ତର୍ଗତ କପାସୁଦା ଗ୍ରାମରେ ଘଟିଛି। ମୃତକଦ୍ୱୟ ହେଲେ ଗ୍ରାମର ରବୀନ୍ଦ୍ର ଜେନା ଓ ଜଗନ୍ନାଥ ଜେନା। ମିଳିଥିବା ସୂଚନାନୁସାରେ, ସେମାନେ ଆଜି ବିଲରେ କାମ କରୁଥିବା ସମୟରେ ହଠାତ ବିଦ୍ୟୁତ ତାର ଛିଣ୍ଡି ବିଲରେ ପଡ଼ିଥିଲା। ପ୍ରଥମେ ଜଣେ ଭାଇ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଆଉ ଜଣେ ଭାଇ ତାକୁ ବଞ୍ଚାଇବାକୁ ଯାଇ ବିଦ୍ୟୁତ ଆଘାତରେ ଗୁରୁତର ଭାବେ ଆହତ ହୋଇଥିଲେ। ଘଟଣାସ୍ଥଳରେ ଉଭୟଙ୍କର ମୃତ୍ୟୁ ହୋଇଥିଲା। ଏପରି ଏକ ଅଭାବନୀୟ ଘଟଣା ନେଇ ଗାଁରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଖବର ପାଇ ଜଳେଶ୍ୱର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# ଖୋର୍ଦ୍ଧା ଜିଲ୍ଲା ଯକ୍ଷ୍ମାରୋଗୀଙ୍କୁ ରାଜ୍ୟପାଳ ଦେଲେ ଖାଦ୍ୟ ବାସ୍କେଟ




**ଭୁବନେଶ୍ୱର,୨୦।୯(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲାର ଯକ୍ଷ୍ମା ରୋଗୀଙ୍କ ପାଇଁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଖାଦ୍ୟ ବାସ୍କେଟ ପ୍ରଦାନ କରିଛନ୍ତି। ଯକ୍ଷ୍ମା ବିରୁଦ୍ଧରେ ଓଡ଼ିଶାର ଲଢେଇକୁ ସୁଦୃଢ଼ କରିବା ଏବଂ ରୋଗୀମାନଙ୍କୁ ଚିକିତ୍ସା ସମୟରେ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ଆଜି ରାଜଭବନର ମିନି କନଫରେନ୍ସ ହଲଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ଖୋର୍ଦ୍ଧା ଜିଲ୍ଲାର ୧୦୦ ଜଣ ଯକ୍ଷ୍ମା ରୋଗୀଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ବାସ୍କେଟ୍ ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜଙ୍କୁ ପ୍ରଦାନ କରିଛନ୍ତି। ଏହି ପଦକ୍ଷେପ ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନର ଏକ ଅଂଶବିଶେଷ ଯାହା ଅଧୀନରେ ଚିକିତ୍ସା ସମୟରେ ସ୍ଥାୟୀ ପୁଷ୍ଟିକର ସହାୟତା ପ୍ରଦାନ ପାଇଁ ରାଜ୍ୟପାଳ ଖୋର୍ଦ୍ଧା ଜିଲ୍ଲାର ଯକ୍ଷ୍ମା ରୋଗୀମାନଙ୍କୁ ନିକ୍ଷୟ ମିତ୍ର ଭାବେ ପୋଷ୍ୟ ଭାବରେ ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକଙ୍କ ଦ୍ୱାରା ପାୱାର ପଏଣ୍ଟ୍ ପ୍ରେଜେଣ୍ଟେସନ ମାଧ୍ୟମରେ ରାଜ୍ୟରେ ଯକ୍ଷ୍ମା ରୋଗର ସାମ୍ପ୍ରତିକ ସ୍ଥିତି ଓ ରୋଗ ନିରାକରଣ ପାଇଁ ସରକାରଙ୍କ ବହୁମୁଖୀ ପ୍ରୟାସ ସମ୍ପର୍କରେ ତଥ୍ୟ ଓ ବିବରଣୀ ଉପସ୍ଥାପନ କରାଯାଇଥିଲା। ଏହି ଅବସରରେ ରାଜ୍ୟପାଳ ଯକ୍ଷ୍ମା ନିରାକରଣ ପ୍ରୟାସକୁ ତ୍ୱରାନ୍ୱିତ କରିବା ପାଇଁ ତାଙ୍କର ପ୍ରତିବଦ୍ଧତା ଘୋଷଣା କରି ସମାଜର ଦୁର୍ବଳ ବର୍ଗର ଆଉ ୫୦ ଜଣ ଔଷଧ-ପ୍ରତିରୋଧି ଯକ୍ଷ୍ମା ରୋଗୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିବେ। ବିଶ୍ୱବିଦ୍ୟାଳୟ, କର୍ପୋରେଟ ସେକ୍ଟରର କର୍ତ୍ତୃପକ୍ଷ ଓ ଜନ ହିତୈଷୀମାନେ ନିକ୍ଷୟ ମିତ୍ର ଭାବେ ଆଗେଇ ଆସି ଯକ୍ଷ୍ମା ମୁକ୍ତ ଓଡ଼ିଶା ପାଇଁ ସାମୂହିକ ଯୋଗଦାନ ନିମନ୍ତେ ନିବେଦନ କରାଯିବ ବୋଲି କହିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତି ଏସ. ସ୍ୱାଗତ ଭାଷଣ ଦେବା ସହ ରାଜ୍ୟପାଳଙ୍କ ମହନୀୟ ନେତୃତ୍ୱ ତଥା ରାଜ୍ୟକୁ ଯକ୍ଷ୍ମା ମୁକ୍ତ କରିବା ଦିଗରେ ପ୍ରତିବଦ୍ଧତା ପାଇଁ କୃତଜ୍ଞତା ଜଣାଇଥିଲେ। ରାଜ୍ୟପାଳଙ୍କ ଏତାଦୃଶ ପଦକ୍ଷେପ କେବଳ ରୋଗୀଙ୍କ ସ୍ୱାସ୍ଥ୍ୟକୁ ସୁଦୃଢ଼ କରିବ ନାହିଁ, ବରଂ ନୂତନ ସଂକଳ୍ପ ସହ ଯକ୍ଷ୍ମା ମୁକାବିଲା କରିବା ପାଇଁ ସମାଜରେ ସାମୂହିକ ଦାୟିତ୍ୱକୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ। ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୁପା ରୋଶନ ସାହୁ, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ ଡ. ବୃନ୍ଦା ଡି.ଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ପାର୍ବଣ ଋତୁ ପାଇଁ ଦୁଇ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ଘୋଷଣା

**ଭୁବନେଶ୍ୱର,୨୦।୯(ସଂଚାର ବ୍ୟୁରୋ):** ଆରାମଦାୟକ ଯାତ୍ରା ଅଭିଜ୍ଞତା ସୁନିଶ୍ଚିତ କରିବା ଏବଂ ପାର୍ବଣ ଋତୁରେ ଯାତ୍ରୀଙ୍କ ଅତିରିକ୍ତ ଭିଡ଼ ପରିଚାଳନା କରିବା ପାଇଁ ଭାରତୀୟ ରେଳବାଇ ପକ୍ଷରୁ ଦୁଇଟି ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ ଚଳାଚଳ ନେଇ ଘୋଷଣା କରାଯାଇଛି। ଏହି ଦୁଇଟି ଟ୍ରେନ୍ ହେଉଛି ଝାନ୍ସୀ-ପୁରୀ-ଝାନ୍ସୀ (୦୧୯୨୯/୦୧୯୩୦) ଓ ନାରଙ୍ଗୀ-ଏସଏମଭି ବେଙ୍ଗାଲୁରୁ-ନାରଙ୍ଗୀ (୦୬୫୬୦/୦୬୫୫୯)। ଘୋଷଣା ଅନୁସାରେ, ଟ୍ରେନ ନମ୍ବର ୦୧୯୨୯ ଝାନ୍ସୀ-ପୁରୀ ସାପ୍ତାହିକ ସ୍ୱତନ୍ତ୍ର ଏକ୍ସପ୍ରେସ ଆସନ୍ତା ନଭେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର ପୂର୍ବାହ୍ନ ୧୧ଟା ୫୫ ମିନିଟ୍‌ରେ ଝାନ୍ସୀରୁ ଛାଡିବ। ସେହିପରି ଟ୍ରେନ ନମ୍ବର ୦୧୯୩୦ ପୁରୀ-ଝାନ୍ସୀ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ ଆସନ୍ତା ନଭେମ୍ବର ୨୯ ତାରିଖ ପର୍ଯ୍ୟନ୍ତ ପ୍ରତି ଶନିବାର ରାତି ୧୧ଟା୪୫ ମିନିଟ୍‌ରେ ପୁରୀରୁ ଛାଡିବ। ଏହି ଟ୍ରେନ୍ ପୂର୍ବତଟ ରେଳପଥ ପରିସୀମାରେ ଭଦ୍ରକ, ଯାଜପୁର ରୋଡ୍, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍ ଓ ପୁରୀ ଷ୍ଟେସନ୍‌ରେ ରହଣି କରିବ। ଆହୁରି ଏହି ଟ୍ରେନ୍‌ରେ ଯାତ୍ରୀଙ୍କ ସକାଶେ ଗୋଟିଏ ଦ୍ୱିତୀୟ ଏସି, ୨ଟି ତୃତୀୟ ଏସି, ୮ଟି ସ୍ଲିପର୍, ୮ଟି ସାଧାରଣ କୋଚ୍ ଏବଂ ୨ଟି ଦ୍ୱିତୀୟ ଶ୍ରେଣୀ ଲଗେଜ୍ କମ ଡିଭିଆଙ୍ଗଜାନ୍ କୋଚ୍ ଉପଲବ୍ଧ ରହିଛି। ସେହିପରି ଟ୍ରେନ ନମ୍ବର ୦୬୫୬୦



ନାରଙ୍ଗୀ-ଏସଏମଭି ବେଙ୍ଗାଲୁରୁ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ ଆସନ୍ତା ନଭେମ୍ବର ୨୯ ତାରିଖ ପର୍ଯ୍ୟନ୍ତ ପ୍ରତି ଶନିବାର ପ୍ରାତଃ ସାଢ଼େ ୫ଟା ବେଳେ ନାରଙ୍ଗୀରୁ ଛାଡିବ। ଏହାଛଡ଼ା ଟ୍ରେନ ନମ୍ବର ୦୬୫୫୯ ଏସଏମଭି ବେଙ୍ଗାଲୁରୁ-ନାରଙ୍ଗୀ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ ଆସନ୍ତା ନଭେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ପ୍ରତି ମଙ୍ଗଳବାର ରାତି ୧୧ଟା ୪୦ ମିନିଟ୍‌ରେ ଏସଏମଭି ବେଙ୍ଗାଲୁରୁରୁ ଛାଡିବ। ଏହି ଟ୍ରେନ୍ ପୂର୍ବତଟ ରେଳପଥ ପରିସୀମାରେ ଭଦ୍ରକ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, ବ୍ରହ୍ମପୁର, ପଲାସା, ଶ୍ରୀକାକୁଲମ୍ ରୋଡ୍, ବିଜୟନଗରମ୍, କୋଟ୍ଟାଭାଲାସା ଓ ଦୁଭୱାଡାରେ ରହଣି କରିବ। ଏଥିରେ ଗୋଟିଏ ଦ୍ୱିତୀୟ ଏସି, ୪ଟି ତୃତୀୟ ଏସି, ୮ଟି ସ୍ଲିପର୍, ସାଧାରଣ ଦ୍ୱିତୀୟ ଶ୍ରେଣୀ-୬, ଦ୍ୱିତୀୟ ଶ୍ରେଣୀ ସହ ଲଗେଜ୍ (ଦିବ୍ୟାଙ୍ଗଜନ) କୋଚ୍-୦୨ ରହିବ। ପର୍ବପର୍ବାଣୀର ଚାହିଦା ଓ ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ସ୍ୱତନ୍ତ୍ର ଟ୍ରେନ୍ ସେବାଗୁଡ଼ିକ ବ୍ୟବସ୍ଥା କରାଯାଇଛି, ଯାହା ପୂର୍ବତଟ ରେଳବାଇ ଜୋନର ଗୁରୁତ୍ୱପୂର୍ଣ୍ଣ ଷ୍ଟେସନଗୁଡ଼ିକରେ ରହଣି କରିବ ବୋଲି ସୂଚନା ଦିଆଯାଇଛି।

# ସରୋଜ ବେହେରା ବିଏସ୍‌ଇ ସମ୍ପାଦକ

**କଟକ,୨୦।୯(ସଂଚାର ବ୍ୟୁରୋ):** ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ) ସମ୍ପାଦକ ବଦଳିଛନ୍ତି। ସରୋଜ ବେହେରା ବିଏସ୍‌ଇର ନୂଆ ସମ୍ପାଦକ ହୋଇଛନ୍ତି। ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଯୁଗ୍ମ ସଚିବ ଥିବା ଶ୍ରୀ ମହାନ୍ତିଙ୍କୁ ବୋର୍ଡ ସମ୍ପାଦକ ଦାୟିତ୍ୱ ଦିଆଯାଇଛି। ସେହିପରି ସମ୍ପାଦିକା ଥିବା ସିଓନା ମିଶ୍ରଙ୍କୁ ଅବକାରୀ ଅତିରିକ୍ତ କମିଶନର ଭାବେ ବଦଳି କରାଯାଇଛି ବୋଲି ଆଜି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରୁ ଜଣାପଡ଼ିଛି।

ଜନପ୍ରତିନିଧିଙ୍କ କ୍ଷମତା ହ୍ରାସ ପ୍ରସଙ୍ଗ

# ୨୩ରେ ବିଧାନସଭା ଘେରିବ ବିଜେଡି




**ଭୁବନେଶ୍ୱର,୨୦।୯ (ସଂଚାର ବ୍ୟୁରୋ):** ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ସୁଦୃଢ଼ୀକରଣ ସହ ଗ୍ରାମାଞ୍ଚଳର ବିକାଶ ଜନସାଧାରଣଙ୍କ ହାତରେ ଦେବା ପାଇଁ ସମ୍ବିଧାନରେ ଉଲ୍ଲେଖ ଥିଲାବେଳେ ରାଜ୍ୟରେ ବିଜେପି ସରକାର ଏହାକୁ ଉଲ୍ଲଂଘନ କରୁଥିବା ବିରୋଧୀ ବିଜେଡି ପକ୍ଷରୁ କୁହାଯାଇଛି। ଆଜି ଶଙ୍ଖ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ନିର୍ବାଚନ ପୂର୍ବରୁ ବିଭିନ୍ନ ପ୍ରତିଶ୍ରୁତି ଦେଇଥିବା ବିଜେପି କ୍ଷମତାକୁ ଆସିବା ପରେ ପ୍ରତି ବିଭାଗରେ ବଜେଟ କାଟ୍ କରୁଛି। ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ସ୍ତରରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ପଙ୍ଗୁ କରିବା ପାଇଁ ବିଜେପି ବାରମ୍ବାର ଅପଚେଷ୍ଟା କରୁଛି। ନରେଗା ଯୋଜନାରେ ନିୟୋଜିତ ଶ୍ରମିକଙ୍କୁ ସେମାନଙ୍କ ପ୍ରାପ୍ୟ ମିଳୁନାହିଁ। ସରକାରଙ୍କ ଏପରି ପଦକ୍ଷେପକୁ ବିରୋଧ କରିବା ସହ ଜନସାଧାରଣଙ୍କ ଅସନ୍ତୋଷ ପ୍ରତିଫଳିତ କରିବା ସକାଶେ ଆସନ୍ତା ୨୩ରେ ବିଜେଡି ପକ୍ଷରୁ ଲୋୟର ପିଏମଜିଠାରେ ବିଧାନସଭା ଘେରାଉ କରାଯିବ ବୋଲି ଶ୍ରୀ ମିଶ୍ର ଘୋଷଣା କରିଛନ୍ତି। ଦଳର ଉପସଭାପତି ତଥା ବିଧାୟକ ଡ. ଅରୁଣ ସାହୁ କହିଛନ୍ତି ଯେ ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ଜିଲ୍ଲାପରିଷଦ ସଭ୍ୟ ତଥା ଅଧ୍ୟକ୍ଷଙ୍କୁ ସମ୍ବିଧାନ ପ୍ରଦତ୍ତ କ୍ଷମତା ଓ ଅଧିକାରକୁ ବିଜେପି ସରକାର ସଙ୍କୁଚିତ କରିବା ପାଇଁ ଅପଚେଷ୍ଟା କରୁଛି। ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତା ହ୍ରାସ କରାଯିବା ସହ ଦଳୀୟ ସାଂସଦ, ବିଧାୟକ ଓ କର୍ମୀଙ୍କ ଜରିଆରେ କ୍ଷମତା ହଡ଼ପ ପାଇଁ ଦଳ ଚାହୁଁଛି। ଗତ ସରକାର ତୁଳନାରେ ବିଜେପି ସରକାର 'ବିକଶିତ ଗାଁ ବିକଶିତ ଓଡିଶା' ଯୋଜନାରେ ଅନୁଦାନ ସୀମାକୁ ଏକ-ଚତୁର୍ଥାଂଶ ପର୍ଯ୍ୟନ୍ତ ହ୍ରାସ କରିଥିବା ଡ. ସାହୁ ଅଭିଯୋଗ କରିଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ ବିଜେପି ସରକାର ଅମଳରେ ପ୍ରତ୍ୟେକ ସ୍ତରରେ ରାଜନୈତିକ ହସ୍ତକ୍ଷେପ ହେଉଛି। ଆସନ୍ତା ୨୩ରେ ପ୍ରତି ପଞ୍ଚାୟତର ୱାର୍ଡ ମେମ୍ବର, ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ଜିଲ୍ଲା ପରିଷଦ ସଭ୍ୟ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷ ବିଧାନସଭା ଘେରାଉ କାର୍ଯ୍ୟକ୍ରମରେ ସାମିଲ ହେବେ।

## ଆଦର୍ଶ ଯୁବ ଗ୍ରାମସଭା ପରିଚାଳନା ପାଇଁ ପ୍ରଶିକ୍ଷଣ ଶିବିର

**ଭୁବନେଶ୍ୱର,୨୦।୯(ସଂଚାର ବ୍ୟୁରୋ):** ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଓ ଜବାହାର ନବୋଦୟ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ନେଇ ଏକ ଦିନିକିଆ ପ୍ରଶିକ୍ଷଣ ଆୟୋଜିତ ହୋଇଛି। କଟକ, ସମ୍ବଲପୁର ଓ ଖୋର୍ଦ୍ଧାରେ ଥିବା ଜବାହାର ନବୋଦୟ ବିଦ୍ୟାଳୟରେ ମନୋନୀତ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପଞ୍ଚାୟତିରାଜ ବିଭାଗର ମାଷ୍ଟର ଟ୍ରେନର ଏହି ଶିବିରର ପରିଚାଳନା କରିଥିଲେ। ରାଜ୍ୟର ବିଭିନ୍ନ ବ୍ଲକରୁ ଶିକ୍ଷକଶିକ୍ଷୟିତ୍ରୀମାନେ ଏଥିରେ ଭାଗ ନେଇ ଆଦର୍ଶ ଯୁବ ଗ୍ରାମସଭା କାର୍ଯ୍ୟକଳାପ ପରିଚାଳନା ସମ୍ବନ୍ଧରେ ଅଭିଜ୍ଞତା ହାସଲ କରିଥିଲେ। ଗ୍ରାମସଭାର ପ୍ରକ୍ରିୟା ଓ ଗୁରୁତ୍ୱକୁ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚାଇବା ହେଉଛି ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଶିକ୍ଷକମାନେ ଏହି ପ୍ରଶିକ୍ଷଣ ନେଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ନେତୃତ୍ୱ ଗୁଣାବଳୀକୁ ବିକଶିତ କରିପାରିବେ। ଏହି ପଦକ୍ଷେପର ଲକ୍ଷ୍ୟ ସଚେତନତା ବୃଦ୍ଧି ସହ ସ୍ୱାୟତ୍ତ ଶାସନ ଅଂଶଗ୍ରହଣକୁ ଉତ୍ସାହିତ କରିବା। ଏହାଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ଏକ ଦାୟିତ୍ୱବାନ ନାଗରିକ ଭାବେ ଗଢ଼ି ତୋଳାଯାଇପାରିବ ବୋଲି ଆଶା ରହିଛି।

## ଗଳ୍ପ ସଂକଳନ 'ସମ୍ପର୍କ ମଧୁପର୍କ' ଉନ୍ମୋଚିତ

**ବାଲେଶ୍ୱର,୧୯।୯(ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ବରିଷ୍ଠ ଗାଳ୍ପିକ ପ୍ରଦୀପ ଚାଟାର୍ଜୀ (ଶ୍ରୀପ୍ରଦୀପ)ଙ୍କ ଗଳ୍ପ ସଂକଳନ 'ସମ୍ପର୍କ ମଧୁପର୍କ' ଉନ୍ମୋଚିତ ହୋଇଛି। ଅନୁଷ୍ଠାନର ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ପୌରୋହିତ୍ୟରେ ଯୁବ ଗାଳ୍ପିକ ସଞ୍ଜୟ କୁମାର ପଣ୍ଡା, ଅଧ୍ୟାପିକା ଡ. ଦୀପିକା ସେନାପତି ଓ ଫକୀରମୋହନ ବିଶ୍ୱବିଦ୍ୟାଳୟର ଗବେଷକ ବାବୁଲ ପ୍ରଧାନ ସମୀକ୍ଷକ ଭାବେ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରାକ୍‌ବକ୍ତବ୍ୟ ରଖିଥିଲେ। ଯୁଗ୍ମ ସମ୍ପାଦକ ଶାନ୍ତିଲତା ପଣ୍ଡା ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ଅନ୍ୟତମ ଯୁଗ୍ମ ସମ୍ପାଦକ ଜୁମରନାଥ ପାତ୍ର ଧନ୍ୟବାଦ ଦେଇଥିଲେ। ନିରଞ୍ଜନ ରାଉତ, ନିବାରଣ ଜେନା, ତପନ ରାୟ, ଦୀପକ ବୋଷ, ଡ. ଶିରୀଶଚନ୍ଦ୍ର ଜେନା, ଡ. ରାଧାରଞ୍ଜନ




ପଟ୍ଟନାୟକ, ଡ. ରମାକାନ୍ତ ନାୟକ, ହେମେନ୍ଦ୍ର ମହାପାତ୍ର, ଶରତ କୁମାର ମହାପାତ୍ର, ବିଜୟ କୁମାର ମହାନ୍ତି, ରଞ୍ଜନ ବାଗ, କରୁଣାକର ସ, ଉର୍ମିଳା ନାୟକ, ଜ୍ୟୋସ୍ନା ରାୟ, କବିତା ଜେନା, କଲ୍ୟାଣୀ ନନ୍ଦ, ପ୍ରଫୁଲ୍ଲ କୁମାର ଦାସ, ରାଜେନ୍ଦ୍ରନାଥ ରାଉତ, ଡ. ଲକ୍ଷ୍ମଣ ବିଶ୍ୱାଳ, ଡ. ସୁକାନ୍ତ ଗିରି, ରାଜେଶ ଗିରି, ବିଦ୍ୟାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# 'ସେବା ପକ୍ଷ'ରେ ଭୋକାଲ୍ ଫର୍ ଲୋକାଲ୍ ନିମନ୍ତେ ପ୍ରଚେଷ୍ଟା ସମ୍ପର୍କିତ ଆଲୋଚନାଚକ୍ର

**ଭୁବନେଶ୍ୱର,୨୦।୯(ସଂଚାର ବ୍ୟୁରୋ):** ସ୍ଥାନୀୟ ଉଦ୍ୟୋଗର ପ୍ରତିଷ୍ଠା ତଥା ବିକାଶ ମାଧ୍ୟମରେ ଆତ୍ମବିଶ୍ୱାସର ଜାଗରଣ ଉଦ୍ଦେଶ୍ୟରେ ଭାରତର ଅଗ୍ରଗତିକୁ ନେଇ 'ସେବା ପକ୍ଷ'ର ଅଂଶବିଶେଷ ସ୍ୱରୂପ ଓଡ଼ିଶା ବିଜେପି ଉଦ୍ୟୋଗ ସେଲ୍ ପକ୍ଷରୁ ଆଜି ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ ସଭାପତି ମନମୋହନ ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆୟୋଜକଙ୍କ ଉତ୍ସାହ ଓ ଉଦ୍ଦୀପନାକୁ ପ୍ରଶଂସା କରିଛନ୍ତି। ବିଜେପି ଉଦ୍ୟୋଗ ସେଲର ରାଜ୍ୟ ଆବାହକ ଚୌଧୁରୀ ପ୍ରଭାତ




କେଶରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସହ ଆବାହକ ତପନ କୁମାର ଚାନ୍ଦ, କାର୍ଯ୍ୟକାରୀ କମିଟି ସଦସ୍ୟ ଶଙ୍କରଜୀ ମହାପାତ୍ର ଓ କୁଳମଣି ବିଶ୍ୱାଳ ପ୍ରଭୃତି କାର୍ଯ୍ୟକର୍ତ୍ତାବୃନ୍ଦ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ୩୩ କୋଟି ସ୍ଥାନୀୟ ଉଦ୍ୟୋଗର ବିକାଶ ନିମନ୍ତେ ସ୍ୱରକୁ ଶାଣିତ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ବିଜେପି ଉଦ୍ୟୋଗ ସେଲ୍ ରାଜ୍ୟ ସଂଯୋଜକ ଇଞ୍ଜିନିୟର୍ ଦୀପକ୍ ମହାନ୍ତିଙ୍କ ଦ୍ୱାରା ଲିଖିତ 'Utkarsh Odisha -Your Start-up Journey Starts Here' ପୁସ୍ତକଟି ଲୋକାର୍ପିତ ହୋଇଥିଲା। ଆତ୍ମନିର୍ଭର ଭାରତ, ଭୋକାଲ୍ ଫର୍ ଲୋକାଲ୍ ଇତ୍ୟାଦି ଭଳି ଜାତୀୟ ସ୍ଲୋଗାନମାନ ଆମ ରାଜ୍ୟରେ ପ୍ରତିଧ୍ୱନିତ ହେବା ସହ ସ୍ଥାନୀୟ ଅଞ୍ଚଳରେ ଔଦ୍ୟୋଗିକ ବିକାଶ ଦ୍ୱାରା କିପରି ଆଞ୍ଚଳିକ ଯୁବଶକ୍ତିକୁ ଅର୍ଥନୈତିକ ଦୃଷ୍ଟିରୁ ସଶକ୍ତ କରାଯାଇପାରିବ, ସେ ସଂପର୍କରେ ବିଭିନ୍ନ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ରାଜ୍ୟରେ ଯୁବ ଶିଳ୍ପୋଦ୍ୟୋଗୀ ବିଶେଷତଃ ଷ୍ଟାର୍ଟ-ଅପ୍ ସମୂହକୁ ପ୍ରୋତ୍ସାହିତ କରିବା ଉପରେ ମତୈକ୍ୟ ପ୍ରକାଶ ପାଇଥିଲା। ଶେଷରେ ଧନ୍ୟବାଦ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମକୁ ଉଦଯାପିତ କରାଯାଇଥିଲା।



## ବିଧାନସଭା ଖବର

### ୫୩ ହଜାର ଟପିଛି ବିଦେଶୀ ପର୍ଯ୍ୟଟକ ସଂଖ୍ୟା

ଓଡ଼ିଶାକୁ ଆସୁଥିବା ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ଗତବର୍ଷ ୫୩ ହଜାରକୁ ଅତିକ୍ରମ କରିଯାଇଛି। ସେହିଭଳି ଅନ୍ୟ ରାଜ୍ୟରୁ ବି ଓଡ଼ିଶାକୁ ପ୍ରାୟ ୪୪ଲକ୍ଷ ପର୍ଯ୍ୟଟକ ଆସିଛନ୍ତି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ୨୦୨୨ରୁ ରାଜ୍ୟକୁ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ କ୍ରମଶଃ ବଢିଚାଲିଛି। ୨୦୨୨ରେ ରାଜ୍ୟକୁ ୨୨,୧୨୧ ଜଣ ବିଦେଶୀ ପର୍ଯ୍ୟଟକ ଆସିଥିବା ବେଳେ ୨୦୨୩ରେ ଏହି ସଂଖ୍ୟା ୪୫ ହଜାରକୁ ଟପିଥିଲା। ସେହିପରି ୨୦୨୪ରେ ଆସିଥିବା ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ୫୩,୩୦୨ ରହିଥିଲା। ଏହାଛଡ଼ା ଅନ୍ୟ ରାଜ୍ୟରୁ ଓଡ଼ିଶାକୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା ବି ଏହି ତିନି ବର୍ଷରେ ବୃଦ୍ଧି ପାଇଛି। ୨୦୨୨ରେ ଅନ୍ୟ ରାଜ୍ୟରୁ ଓଡ଼ିଶାକୁ ୩୧ଲକ୍ଷ ୪୭ ହଜାର ପର୍ଯ୍ୟଟକ ଆସିଥିବାବେଳେ ୨୦୨୪ରେ ଏହି ସଂଖ୍ୟା ପ୍ରାୟ ୪୪ ଲକ୍ଷ ଥିଲା। ରାଜ୍ୟ ଭିତରର ପର୍ଯ୍ୟଟକମାନେ ମଧ୍ୟ ଏହି ସମୟରେ ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ବହୁ ସଂଖ୍ୟାରେ ଯାଇଥିଲେ। ୨୦୨୨ରେ ଏହି ଧରଣର ପର୍ଯ୍ୟଟକଙ୍କ ସଂଖ୍ୟା ୪୭ଲକ୍ଷ ୨୦ହଜାର ଥିବାବେଳେ ୨୦୨୪ରେ ଏହା ୬୫ଲକ୍ଷ ୯୮ହଜାରକୁ ଅତିକ୍ରମ କରିଥିଲା। ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ୩୭୮ଟି ପର୍ଯ୍ୟଟନସ୍ଥଳୀକୁ ରାଜ୍ୟ ସରକାର ଚିହ୍ନଟ କରିଛନ୍ତି ଏବଂ ଏହିସବୁ ପର୍ଯ୍ୟଟନସ୍ଥଳୀ ଏବଂ ଅନ୍ୟାନ୍ୟ ସ୍ଥାନରେ ପର୍ଯ୍ୟଟକମାନଙ୍କ ରହିବାଲାଗି ବ୍ୟବସ୍ଥା ରହିଛି। ସେହିଭଳି ପର୍ଯ୍ୟଟକମାନଙ୍କ ସୁରକ୍ଷା ଲାଗି ୮ଟି ପ୍ରମୁଖ ପର୍ଯ୍ୟଟନସ୍ଥଳୀରେ ସ୍ୱତନ୍ତ୍ର ପର୍ଯ୍ୟଟକ ପୁଲିସ୍ ପ୍ରକୋଷ୍ଠ ପ୍ରତିଷ୍ଠା କରାଯାଇ ୭୨ ଜଣ ଟୁରିଷ୍ଟ ପୁଲିସ୍ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି।

● ଅବକାରୀ ମାମଲା

### ୫ ବର୍ଷରେ ୨୧୨ ଦୋଷୀ ସାବ୍ୟସ୍ତ

ଅବକାରୀ ମାମଲାରେ ଗତ ୫ବର୍ଷ ମଧ୍ୟରେ ୨୧୨ ଜଣ ଦୋଷୀ ସାବ୍ୟସ୍ତ ହୋଇଥିବାବେଳେ ୨୦ ହଜାରରୁ ଅଧିକ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଅବକାରୀ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ। ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ଗତ ୫ବର୍ଷ ମଧ୍ୟରେ ବିଭିନ୍ନ ଜିଲ୍ଲାରେ ରୁଜୁ ହୋଇଥିବା ଅବକାରୀ ମାମଲାରେ ୨୧୨ ଜଣ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଦେବଗଡ ଜିଲ୍ଲାରେ ସର୍ବାଧିକ ୧୨୪ ଜଣ ଥିବାବେଳେ ବଲାଙ୍ଗିର ଜିଲ୍ଲାରେ ୪୪ ଜଣ, ଅନୁଗୁଳରେ ୩୧ ଜଣ, ଗଜପତିରେ ୧୦ ଜଣ ଓ ବୌଦ୍ଧରେ ୩ ଜଣ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଅନ୍ୟ ଜିଲ୍ଲାଗୁଡିକରେ ଜଣେ ବି ଅବକାରୀ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇନାହାନ୍ତି। ତେବେ ଏହି ସମୟ ମଧ୍ୟରେ ୨୦,୧୬୫ ଜଣ ଅବକାରୀ ମାମଲାରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ସର୍ବାଧିକ ୩୨୯୨ ଜଣ ବାଲେଶ୍ୱର ଜିଲ୍ଲାର ଥିବା ବେଳେ ୨୨୩୨ ଜଣ ଢେଙ୍କାନାଳର, ୨୧୯୮ ଜଣ ଦେବଗଡ଼ର, ୧୯୬୭ ଜଣ ବ୍ରହ୍ମପୁରର ଓ ୧୬୬୦ ଜଣ ଭଦ୍ରକର ରହିଛନ୍ତି। ସବୁଠାରୁ କମ୍ ୧୨୯ ଜଣ ଅନୁଗୁଳ ଜିଲ୍ଲାରେ ଖଲାସ ହୋଇଛନ୍ତି। ତେବେ ମନ୍ତ୍ରୀ ତାଙ୍କ ଉତ୍ତରରେ କହିଛନ୍ତି ଯେ ନିଶାର ପ୍ରସାର ଯୋଗୁଁ ରାଜ୍ୟରେ ଅପରାଧ ଘଟୁଥିବା ଖବର ଅବକାରୀ ବିଭାଗ ନଜରକୁ ଆସିନାହିଁ।

### ଦେଢ଼ ବର୍ଷରେ ବଢ଼ିଛି ୭୦ ଅଙ୍ଗନବାଡ଼ି କେନ୍ଦ୍ର

ରାଜ୍ୟରେ ଗତ ଦେଢ ବର୍ଷ ମଧ୍ୟରେ ୭୦ଟି ଅଙ୍ଗନବାଡି କେନ୍ଦ୍ର ବଢ଼ିଛି। ବର୍ତ୍ତମାନ ରାଜ୍ୟରେ ୭୪,୧୫୪ଟି ଅଙ୍ଗନବାଡି ଥିବାବେଳେ ଏଥିରେ ୪,୮୬,୬୮୫ ଜଣ ମହିଳା ଓ ୨୯,୧୪,୭୬୬ ଜଣ ଶିଶୁ ଉପକୃତ ହେଉଛନ୍ତି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା। ଶ୍ରୀମତୀ ପରିଡା ଦର୍ଶାଇଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ରାଜ୍ୟର ୨୧,୦୩୦ ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଗୃହ ନଥିବାବେଳେ ୩୧,୮୬୬ଟି କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ ନାହିଁ। ସେହିଭଳି ୩୬,୯୯୨ କେନ୍ଦ୍ରର ପାଇଖାନା, ୨୧,୬୩୪ କେନ୍ଦ୍ରର ରୋଷଘର ନଥିବାବେଳେ ସମସ୍ତ ଅଙ୍ଗନବାଡି କେନ୍ଦ୍ରରେ କିନ୍ତୁ ପାନୀୟଜଳର ବ୍ୟବସ୍ଥା ରହିଥିବା ଉପମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି। ସମସ୍ତ ଅଙ୍ଗନବାଡି କେନ୍ଦ୍ରରେ ନିଜସ୍ୱ ଗୃହ, ବିଦ୍ୟୁତ୍ ସଂଯୋଗ, ପାଇଖାନା ପାନୀୟଜଳ ଓ ରୋଷଘରର ସୁବିଧା ଯୋଗାଇଦେବାପାଇଁ ପର୍ଯ୍ୟାୟକ୍ରମେ ଅର୍ଥ ମଞ୍ଜୁର କରାଯାଇ ବିଭାଗ ପକ୍ଷରୁ ସକ୍ରିୟ ପଦକ୍ଷେପ ଗ୍ରହଣ କରାଯାଉଛି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।



sanchar.live

ସମ୍ପାଦକୀୟ

SANCHAR ସଂଚାର

୪ ରବିବାର ୨୧ ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର

Sunday 21 September 2025, Bhubaneswar


# ପ୍ରଭାବିତ ହେବେ ଲକ୍ଷାଧିକ ଭାରତୀୟ




ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିକଟରେ ଘୋଷଣା କରାଯାଇଥିବା ଏଚ୍-୧ବି ଭିସା ଉପରେ ବାର୍ଷିକ ୧୦୦, ୦୦୦ ଡଲାର୍ ଫି'ର ବୃଦ୍ଧି ଭାରତୀୟ ପ୍ରଫେସନାଲ୍‌ଙ୍କ ପାଇଁ ଏକ ଶକ୍ତ ଆଘାତ ସାବ୍ୟସ୍ତ ହେବ। ଏହି ଭିସା, ଯାହା ଉଚ୍ଚ ଦକ୍ଷତା ସମ୍ପନ୍ନ କର୍ମଚାରୀମାନଙ୍କୁ ଆମେରିକାରେ କାର୍ଯ୍ୟ କରିବାକୁ ଅନୁମତି ଦିଏ, ଭାରତରୁ ହଜାର ହଜାର ଆଇଟି ପ୍ରଫେସନାଲ୍‌ଙ୍କ ସ୍ୱପ୍ନର ଦ୍ୱାର ଖୋଲିଥାଏ। କିନ୍ତୁ ଏହି ନୂତନ ଫି' ବୃଦ୍ଧି ସେମାନଙ୍କର ସୁଯୋଗକୁ ସଂକୁଚିତ କରିଦେବ ଏବଂ ଭାରତୀୟ ଅର୍ଥନୀତି ପ୍ରତ୍ୟକ୍ଷ ପ୍ରଭାବ ପକାଇବ। ଭାରତ ଏଚ୍-୧ବି ଭିସାର ସବୁଠାରୁ ବଡ଼ ଲାଭାର୍ଥୀ ଦେଶ। ପ୍ରତିବର୍ଷ ହଜାର ହଜାର ଭାରତୀୟ ଆଇଟି ଇଞ୍ଜିନିୟର୍, ସଫ୍ଟୱେୟାର୍ ଡେଭଲପର୍ ଏବଂ ଅନ୍ୟାନ୍ୟ ଦକ୍ଷ ପ୍ରଫେସନାଲ୍ ଏହି ଭିସା ମାଧମରେ ଆମେରିକା ଯାଇ କାର୍ଯ୍ୟ କରନ୍ତି। ଏହି ଭିସା ହୋଲ୍ଡର୍ମାନଙ୍କ ଅଧିକାଂଶଙ୍କର ବାର୍ଷିକ ବେତନ ଏହି ଫି'ରୁ କମ୍ ହୋଇଥାଏ, ଯାହା କମ୍ପାନୀମାନଙ୍କୁ ଏହି ଖର୍ଚ୍ଚ ବହନ କରିବାକୁ ବାଧ କରିବ। ଫଳରେ, ଟିସିଏସ୍, ଇନ୍‌ଫୋସିସ୍ ଏବଂ ଉଇପ୍ରୋ ଭଳି ଭାରତୀୟ ଆଇଟି କମ୍ପାନୀମାନେ ଉଚ୍ଚ ଖର୍ଚ୍ଚର ସମ୍ମୁଖୀନ ହେବେ ଏବଂ ସେମାନଙ୍କର ଅନ୍ସୋର୍ ପ୍ରୋଜେକ୍ଟଗୁଡ଼ିକରେ ବ୍ୟାଘାତ ଘଟିବ। ନାସ୍କମ୍ ଏହି ନିଷ୍ପତ୍ତିକୁ ଅନିଶ୍ଚିତତାର କାରଣ ବୋଲି ଚିହ୍ନଟ କରିଛି।

ଏହି ବୃଦ୍ଧିର ପ୍ରଭାବ କେବଳ ବ୍ୟକ୍ତିଗତ ସ୍ତରରେ ନୁହେଁ, ବରଂ ରାଷ୍ଟ୍ରୀୟ ଅର୍ଥନୀତି ଉପରେ ମଧ ପଡ଼ିବ। ଏଚ୍-୧ବି ଭିସା ହୋଲ୍ଡର୍ମାନେ ଭାରତକୁ ପ୍ରତିବର୍ଷ ବିଲିୟନ୍ ଡଲାର୍ର ରେମିଟାନ୍ସ ପଠାନ୍ତି, ଯାହା ଅର୍ଥନୀତିକୁ ସମୃଦ୍ଧ କରେ। ଏହି ଫି' ବୃଦ୍ଧି ଯୋଗୁଁ କମ୍ ଭାରତୀୟ ଆମେରିକା ଯିବେ, ଫଳରେ ରେମିଟାନ୍ସ ହ୍ରାସ ପାଇବ ଏବଂ ପରିବାରଗୁଡ଼ିକର ଆର୍ଥିକ ସ୍ଥିତି ଦୁର୍ବଳ ହେବ। ଅନ୍ୟପକ୍ଷରେ, ଏହା ବ୍ରେନ୍ ଡ୍ରେନକୁ ବିରୋଧ କରି ଭାରତରେ ଦକ୍ଷ ପ୍ରଫେସନାଲ୍‌ଙ୍କୁ ରଖିବାକୁ ସାହାଯ୍ୟ କରିପାରେ। ବିଶେଷଜ୍ଞମାନେ କହୁଛନ୍ତି ଯେ ଏହା ଆମେରିକାର ନିଜସ୍ୱ କ୍ଷତି ହେବ, କାରଣ ଗୁଗଲ୍, ମାଇକ୍ରୋସଫ୍ଟ ଭଳି ଟେକ୍ ଜାଏଣ୍ଟମାନେ ଭାରତୀୟ ଟ୍ୟାଲେଣ୍ଟ ଉପରେ ନିର୍ଭର କରନ୍ତି। ଏହା ଭାରତକୁ ନିଜର ଟ୍ୟାଲେଣ୍ଟ ପୁଲ୍ ବିକାଶ କରିବାକୁ ପ୍ରେରଣା ଦେଇପାରେ।

କିନ୍ତୁ ଏହି ନିଷ୍ପତ୍ତିର ନକାରାତ୍ମକ ପାର୍ଶ୍ୱ ଅଧିକ। ଅନେକ ଯୁବକ ଏଚ୍-୧ବି ଭିସାକୁ ସ୍ୱପ୍ନ ଭାବରେ ଦେଖନ୍ତି, ଯାହା ଉଚ୍ଚ ବେତନ ଏବଂ ଭଲ ଜୀବନଶୈଳୀ ପ୍ରଦାନ କରେ। ଏହି ଫି' ବୃଦ୍ଧି ସେମାନଙ୍କର ଆକାଂକ୍ଷାକୁ ଧ୍ୱଂସ କରିବ ଏବଂ ବେରୋଜଗାରୀ ବଢ଼ାଇବ। ଭାରତୀୟ କମ୍ପାନୀମାନେ ଅନ୍ୟ ଦେଶମାନଙ୍କୁ ଯିବାକୁ ବାଧ ହୋଇପାରନ୍ତି, ଯେପରିକି କାନାଡା ବା ଇଉରୋପ୍, ଯାହା ଆମେରିକା-ଭାରତ ସମ୍ପର୍କକୁ ପ୍ରଭାବିତ କରିବ। ଟ୍ରମ୍ପଙ୍କ ଏହି ପଦକ୍ଷେପ ଇମିଗ୍ରେସନ୍ ନୀତିର ଅଂଶ, କିନ୍ତୁ ଏହା ଗ୍ଲୋବାଲ୍ ଟ୍ୟାଲେଣ୍ଟ ମୋବିଲିଟିକୁ ବାଧା ଦେବ।

ଭାରତ ସରକାରକୁ ଏହି ବିଷୟରେ ଆମେରିକା ସହ କୂଟନୈତିକ ଆଲୋଚନା କରିବାକୁ ଆବଶ୍ୟକ। ଏହା ସହ ଭାରତରେ ନିଯୁକ୍ତି ସୁଯୋଗ ବଢ଼ାଇବା, ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ବିକାଶ କରିବା ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ମଜବୁତ୍ କରିବା ଆବଶ୍ୟକ। ଏହି ସଙ୍କଟ ଏକ ସୁଯୋଗ ହୋଇପାରେ ଯଦି ଆମେ ଏହାକୁ ସଠିକ୍ ଭାବରେ ପରିଚାଳନା କରିବା। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ, ଏହା ଭାରତୀୟମାନଙ୍କ ପାଇଁ ଏକ ଚିନ୍ତାର ବିଷୟ।

# ଦଶ ପଇସାର ରାଜା-ଦାଶିଆ ଅଜା



## ଡ଼ଃ. ଅରୁନ୍ଧତୀ ଦେବୀ

ଦାଶରଥି ପଟ୍ଟନାୟକଙ୍କ କଥା ମନେପଡ଼ିଲେ ସହସା ଆଖିସାମନାକୁ ଆସେ ସେଇ ହସ ହସ ଉଜ୍ଜ୍ୱଳ ମୁହଁ, ଅଣ୍ଟାରେ ଧୋତି, ମୁଣ୍ଡରେ ଖୋର୍ଦ୍ଧା ଗାମୁଛାର ଠେକା, କାଖରେ ବହି, କାନ୍ଧରେ ଗୋଟିଏ ଖଦଡ଼ ବ୍ୟାଗ, ଡାହାଣ ହାତରେ ବାଡ଼ି ତଥା ବାମ ହାତରେ କଲମ ଓ ଜବକାଚ। ଏ ସାଧାରଣ ପରିପାଟୀ ତଳେ ଲୁଚି ରହୁଥିଲେ ଜଣେ ଅସାଧାରଣ ବ୍ୟକ୍ତିତ୍ୱ। ଏ ହେଉଛି ଓଡ଼ିଆ ପାଠାଗାର ଆନ୍ଦୋଳନର ପିତାମହ ଦାଶିଆ ଅଜାଙ୍କ ପରିଚିତ ପରିପାଟୀ। ଏଇ ପରିପାଟୀରେ ରାଜ୍ୟସାରା ପରିକ୍ରମା କରୁଥିଲେ ଦାଶିଆ ଅଜା। ପରିଣତ ବୟସରେ ନିଜର ଅକ୍ଳାନ୍ତ ପରିଶ୍ରମ ବଳରେ ସେ ସଂସ୍କୃତିର ଯେଉଁ ମହାଦ୍ରୁମ ତିଆରି କରିଥିଲେ ତାହା ଏବେ ପତ୍ରଝଡ଼ା ଦେଲାଣି। ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ଉଦୟପୁରରେ ତାଙ୍କ ପ୍ରତିଷ୍ଠିତ ବାଞ୍ଛାନିଧି ପାଠାଗାର, ଅରବିନ୍ଦ ସଂଗ୍ରାହାଳୟ ଓ ଯଦୁମଣି ସାହିତ୍ୟ ସଂସଦ ତାଙ୍କ ଅନ୍ତେ ଦିନକୁ ଦିନ ନିଜର ଔଜଲ୍ୟ ହରାଉଛି। ପରିଦର୍ଶକ ଓ ଆଗ୍ରହୀ ବ୍ୟକ୍ତିଙ୍କ ଠାରୁ ମାତ୍ର ୧୦ ପଇସା ଲେଖାଏଁ ଅନୁଦାନ ଗ୍ରହଣ କରି ନିପଟ ମଫସଲ ଗାଁ ରେ ସେ ଯେଉଁ ସାଂସ୍କୃତିକ ଆନ୍ଦୋଳନ ଠିକା କରାଇଥିଲେ ତାହାର ସ୍ମୃତିଚାରଣ ପାଇଁ କାହା ପାଖରେ ସମୟ ନାହିଁ। ସବୁଠୁ ଦୁଃଖର କଥା ହେଉଛି, ଜିଲ୍ଲା ବାହାର କଥା ଦୂରେ ଥାଉ ନୟାଗଡ଼ରେ ବି ନୂଆ ପିଢ଼ି ଦାଶିଆ ଅଜାଙ୍କ ତ୍ୟାଗ ଓ ଅବଦାନ ବିଷୟରେ ଅଜ୍ଞ।

୫୭ ନମ୍ବର ଜାତୀୟ ରାଜପଥରେ ନୟାଗଡ଼ ଦଶପଲ୍ଲା ରାସ୍ତାରେ ନୂଆଗାଁ ଠାରୁ ୪ କିଲୋମିଟର ଭିତରକୁ ପଡ଼େ ଉଦୟପୁର। ଏହିଠାରେ ୧୯୦୭ ମସିହା ଜୁଲାଇ ୧୨ ତାରିଖରେ ଜନ୍ମ ନେଇଥିଲେ ଦାଶରଥି ପଟ୍ଟନାୟକ। ତେବେ ସାରା ରାଜ୍ୟର ସାହିତ୍ୟ, ସଂସ୍କୃତି ଓ ବୁଦ୍ଧିଜୀବୀ ମହଲରେ ସେ ଦାଶିଆ ଅଜା ନାମରେ ହିଁ ଅଧିକ ପରିଚିତ ଥିଲେ। ଜୀବନଜଞ୍ଜାଳକୁ ଜଳାଞ୍ଜଳି ଦେଇ ପରିଣତ ବୟସରେ ସେ ଆରମ୍ଭ କଲେ ଜଣେ ସଂଗ୍ରାହକର ଜୀବନ। ବୁଲି ବୁଲି ସଂଗ୍ରହ କଲେ ରାଶି ରାଶି ବହି ଆଉ ବିରଳ ପଦାର୍ଥ। ଓଡ଼ିଆ ସାଂସ୍କୃତିକ ଇତିହାସରେ ଯୋଡ଼ିଲେ ନୂଆ ଏକ ଫର୍ଦ। ତାଙ୍କର ଅକ୍ଳାନ୍ତ ପ୍ରଚେଷ୍ଟା ବଳରେ ବିଭିନ୍ନ ଭାଷାର ୫୦ ହଜାରରୁ ଅଧିକ ପୁସ୍ତକ ସମୂହକୁ ନେଇ ପ୍ରତିଷ୍ଠା ପାଇଲା ବାଞ୍ଛାନିଧି ପାଠାଗାର। ଏଠାରେ ରହିଛି ୩୦ରୁ ଅଧିକ ଭାଷାର ବିରଳ ଭାଷାକୋଷ। ସେହିପରି ସେ ସଂଗ୍ରହ କରିଛନ୍ତି ପ୍ରାୟ ୭୫ ହଜାରରୁ ଅଧିକ ପତ୍ରପତ୍ରିକା। ତେବେ ଶହ ଶହ ବର୍ଷର ପୁରୁଣା ତାଳପତ୍ର ପୋଥୀ ତାଙ୍କର ସଂଗ୍ରହର ଅନ୍ୟତମ ଫଳଶ୍ରୁତି। ପାଠାଗାରଟିର ଉତ୍ତମ ପ୍ରଚାର ପ୍ରସାର ହୋଇପାରିଲେ ଏହା ଗବେଷକ ଓ ଆଗ୍ରହୀ ବ୍ୟକ୍ତିଙ୍କ ପାଇଁ ବେଶ କାମରେ ଲାଗନ୍ତା। ୪୨ଟି ଭିନ୍ନ ଭିନ୍ନ ବିଭାଗରେ ଦାଶିଆ ଅଜା ପ୍ରତିଷ୍ଠା କରିଥିଲେ ଶ୍ରୀ ଅରବିନ୍ଦ ସଂଗ୍ରହାଳୟ। ପୁରୁଣା ନଥି, ସ୍ୱନାମଧନ୍ୟ ବ୍ୟକ୍ତିତ୍ୱଙ୍କ ବ୍ୟବହୃତ ସାମଗ୍ରୀ ଏବଂ ବିରଳ ଚିଠି ସମେତ ବହୁ ବିଚିତ୍ର ଓ ଆଗ୍ରହର ସାମଗ୍ରୀରେ ପରିପୂର୍ଣ୍ଣ ତାଙ୍କର ସଂଗ୍ରହାଳୟ। ସଂଗ୍ରହାଳୟର ବିରଳ ମୃତ୍ତିକା ବିଭାଗରେ ରହିଛି ୨ୟ ବିଶ୍ୱଯୁଦ୍ଧ ପରେ ବିଧ୍ୱଂସ ହିରୋସୀମାର ପୋଡ଼ା ମାଟି, ବର୍ଲିନ ପ୍ରାଚୀରର ଅଂଶବିଶେଷ, ଚନ୍ଦ୍ରପୃଷ୍ଠର ମୃତ୍ତିକା, ଡାଇନୋସରର ଫସିଲ ଇତ୍ୟାଦି। ସେହିପରି କଳା ଗ୍ୟାଲେରୀରରେ ବହୁ ପୁରାତନ ପଟ୍ଟଚିତ୍ର, ଆଧୁନିକ ଚିତ୍ରକଳା ଏବଂ ବିରଳ ସ୍ଥାପତ୍ୟ ମାନ ସ୍ଥାନ ପାଇଛି। ଯୁଦ୍ଧ ସଂରଜାମ ବିଭାଗରେ ତୋପ, ବନ୍ଧୁକ, ଖଣ୍ଡା ଆଦି ବହୁ ପୁରାତନ ସାମଗ୍ରୀ ରହିଛି।

୧୯୯୭ ମସିହା ସେପ୍ଟେମ୍ବର ୧୨ ତାରିଖରେ ଦାଶିଆ ଅଜାଙ୍କ ଦେହାନ୍ତ ପରେ ବିଧିବଦ୍ଧ ଭାବେ ଏକ ଟ୍ରଷ୍ଟ ତାଙ୍କ ସ୍ମୃତି ନିମିତ୍ତ କାର୍ଯ୍ୟ କରୁଛି। ଅନେକ ହୁଏତ ଜାଣିନଥିବେ ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ପାଇଁ ସେ ଯଦୁମଣି ସାହିତ୍ୟ ସଂସଦ ମଧ ପ୍ରତିଷ୍ଠା କରିଥିଲେ। ରାଜ୍ୟ ସରକାର ୨୦୦୬ ମସିହାରେ ଉଦୟପୁରର ଏହି ମହାର୍ଘ ପୀଠକୁ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ଦେଇଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଦାଶିଆ ଅଜାଙ୍କ ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ଅନେକ ପଦକ୍ଷେପ ନିଆଯିବା ସହ ଦାଶିଆ ଅଜାଙ୍କ ଜନ୍ମଦିନ ପାଳନ ପାଇଁ ରାଜ୍ୟ ସଂସ୍କୃତି ବିଭାଗ ଏକ କାର୍ଯ୍ୟକ୍ରମ ହାତକୁ ନେଉଛି। ନିଷ୍ପତ୍ତି ଅନୁସାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ଏ ଅବସରରେ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଜଣେ ଅତି ମାମୁଲି ମଣିଷଟିଏ ହୋଇ ରାଜ୍ୟ ତମାମ ବୁଲି ବୁଲି ମାଗିଯାଚି ଏପରି ବିରଳ ସଂଗ୍ରାହାଳୟ କରିବା ସମଗ୍ର ଭାରତରେ ନିଶ୍ଚିନ୍ତ ଭାବରେ ବିରଳ। ଦାଶିଆ ବାବୁ ଅନେକଥର ଏହି ଲେଖିକାଙ୍କ ସଂସ୍ପର୍ଶରେ ଆସିଛନ୍ତି ଏବଂ ପୂଜ୍ୟଶ୍ରୀ କୁମାର ଭାଇଙ୍କ ହାତଗଢ଼ା ମଣିଷ ତିଆରି ଗଢ଼ା ଅନୁଷ୍ଠାନ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ଅନେକ କାର୍ଯ୍ୟକ୍ରମର ନିଜକୁ ସାମିଲ କରିବା ସହ କାର୍ଯ୍ୟକ୍ରମ ପ୍ରତି ତାଙ୍କ ଅକୁଣ୍ଠ ସମର୍ଥନ ଜ୍ଞାପନ କରୁଥିଲେ। ଆମ ମାନଙ୍କ ହାତପାହାନ୍ତାରେ ମୂଲ୍ୟହୀନ ଲାଗୁଥିବା ସଂଗ୍ରହଣୀୟ ପୁସ୍ତକ, ପୋଥିପରି ବିରଳ ଜ୍ଞାନଭିତ୍ତିକ ଯେଉଁ ମଣିର ସନ୍ଧାନ କରି ଯୁଗ ଯୁଗ ପାଇଁ ପ୍ରତିଟି ଓଡ଼ିଆଙ୍କ ହୃଦୟରେ ଯଶସ୍ୱୀ ହୋଇପାରିଛନ୍ତି ସେହି ତ୍ୟାଗପୂତ ନିରଳସ କର୍ମଯୋଦ୍ଧାଙ୍କ ପ୍ରତି ଆଜି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି।


**ନିର୍ଦ୍ଦେଶିକା-ସମ୍ପାଦିକ, ଆନ୍ତର୍ଜାତିକ ଅଶୋଭନୀୟ ନିରୋଧ ଆନ୍ଦୋଳନ, କଟକ, ମୋବାଇଲ୍: ୯୯୩୭୧୭୨୮୧୦**


# ବିଶ୍ୱଶାନ୍ତି ଓ ବିଶ୍ୱଯୁଦ୍ଧ



## ମୌଲାନା ଫଜଲ ହକ ଖାନ୍

ଆଜି ଦୁନିଆ ଏକ ଅଶାନ୍ତ ଝଡ଼ର ତାଣ୍ଡବରେ ଦୋଦୁଲ୍ୟମାନ ଅବସ୍ଥା ଦେଇ ଗତି କରୁଛି। ବିଶ୍ୱ ଆର୍ଥିକ ସଙ୍କଟ ଯୋଗୁଁ ପ୍ରାୟ ପ୍ରତି ସପ୍ତାହରେ ଆଗ ଠାରୁ ବଳି ବିପଦ ଘନେଇ ଆସୁଛି। ଦ୍ୱିତୀୟ ବିଶ୍ୱଯୁଦ୍ଧର ପୂର୍ବାବସ୍ଥା ସହିତ ସାମଞ୍ଜସ୍ୟ ଦେଖା ଦେଇଥିବାରୁ ବର୍ତ୍ତମାନର ସମୟକୁ ତା ସଙ୍ଗେ ତୁଳନା କରାଯାଉଛି। ମହାଶକ୍ତି ଗୁଡ଼ିକର ଆକ୍ରୋଶ, ଶାନ୍ତି ପ୍ରତିଷ୍ଠା କରିବା ବାହାନାରେ ଅନ୍ୟ ରାଷ୍ଟ୍ରର ଆଭ୍ୟନ୍ତରୀଣ କନ୍ଦଳ ଓ ଗୃହଯୁଦ୍ଧ ଗୁଡ଼ିକରେ ସେମାନଙ୍କର ଅବାଧ ପ୍ରବେଶ, ଆଇ.ଏସ୍.ପରି ତଥାକଥିତ ଜେହାଦୀ ସଂଗଠନ ନରହନ୍ତା ରାକ୍ଷସ ସାଜି ମାନବିକତା ବିରୁଦ୍ଧରେ କରୁଥିବା କୂଟଚକ୍ରାନ୍ତ ଇତ୍ୟାଦି କାର୍ଯ୍ୟକଳାପ ସ୍ପଷ୍ଟ ରୂପେ ଦର୍ଶାଉଛି ଯେ ଆଜି କାଲିର ଘଟଣା ବହୁଳ ସଂକଟଜନକ ପରିସ୍ଥିତି ବିଶ୍ୱ ଜଗତକୁ ପ୍ରଚଣ୍ଡ ଗତିରେ ମୁହାଁଉଥିବା ଭୟାବହ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଠେଲି ଦେଇଛି।

ଆଜି ବିଶ୍ୱରେ ରାଜନୈତିକ ଓ ଅର୍ଥନୈତିକ ସମସ୍ୟା ହିଁ ଯୁଦ୍ଧ ପାଇଁ ବାଧ କରିଦେଇଛି। ଏହା ଆମ ସମସ୍ତଙ୍କୁ ଜଣାଅଛି ଯେ ରାଷ୍ଟ୍ରସଂଘ ଗଠନର ବିଫଳତା ଏବଂ ୧୯୩୨ ମସିହାରେ ଉପୁଜିଥିବା ଉତ୍କଟ ଆର୍ଥିକ ସଂକଟ ଯୋଗୁଁ ହିଁ ମୁଖ୍ୟତଃ ଦ୍ୱିତୀୟ ବିଶ୍ୱଯୁଦ୍ଧର ସୂତ୍ରପାତ ହୋଇଥିଲା। ବର୍ତ୍ତମାନ ସମୟର ପ୍ରବୀଣ ଅର୍ଥନୀତିଜ୍ଞମାନେ କୁହନ୍ତି ଯେ ଚଳିତ ସମୟରେ ଦେଖା ଦେଇଥିବା ଆର୍ଥିକ ସଂକଟ ଏବଂ ୧୯୩୨ ମସିହାର ଆର୍ଥିକ ସଂକଟ ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି। ରାଜନେହତିକ ସମସ୍ୟା ତଥା ଅର୍ଥନୈତିକ ବିଶୃଙ୍ଖଳା ଇତ୍ୟାଦି ଛୋଟ ଛୋଟ ଦେଶ ମଧ୍ୟରେ ପୁଣି ଥରେ ଯୁଦ୍ଧର କାରଣ ସାଜିଛି। ପୁଣି ଏସବୁ ଦେଶମାନଙ୍କରେ ଆଭ୍ୟନ୍ତରୀଣ ଗୋଷ୍ଠୀ କନ୍ଦଳ ଓ ଜନ ଅସନ୍ତୋଷ ବୃଦ୍ଧି ପାଇବାର ଫଳ ସ୍ୱରୂପ ଏକ ମହା ଯୁଦ୍ଧ ରୂପେ ଉଭା ହେବ। ଯଦି ଛୋଟ ଦେଶଗୁଡ଼ିକ ମଧ୍ୟରେ ରହିଥିବା ବାଦ ବିବାଦ ଓ ସଂଘର୍ଷକୁ ରାଜନୀତି ବା କୂଟନୀତି ପ୍ରୟୋଗ କରି ଏହାର ଉପଯୁକ୍ତ ସମାଧାନ ନକରାଯାଏ, ତା ହେଲେ ନିଶ୍ଚିତ୍ ଭାବରେ ଏହି ଦେଶଗୁଡ଼ିକ ବିଭାଜିତ ହୋଇ ପୃଥିବୀରେ କେତେକ ନୂଆ ନୂଆ ଗୋଷ୍ଠୀ ବା ମହାମେଣ୍ଟ ଗଠନ କରିବେ। ଏହା ହିଁ ହେବ ତୃତୀୟ ବିଶ୍ୱଯୁଦ୍ଧ ସଂଘଟିତ ହେବାର ମୂଳ କାରଣ। ଆମେ ବର୍ତ୍ତମାନ ପରିପ୍ରେକ୍ଷୀରେ ବିଶ୍ୱର ପ୍ରଗତି ଦିଗରେ ବିଶେଷ ଧାନ ନଦେଇ ପୃଥିବୀକୁ କିପରି ଧ୍ୱଂସର କରାଳରୁ ରକ୍ଷା କରାଯାଇପାରିବ, ସେଥି ପାଇଁ ଯଥାଶୀଘ୍ର ଉଦ୍ୟମ ଚଳାଇବା ଉଚିତ୍। କାରଣ ବିଶ୍ୱ ମାନବ ଏକ ମାତ୍ର ତ୍ରାଣକର୍ତ୍ତା ଈଶ୍ୱରଙ୍କୁ ଚିହ୍ନିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ଯେ କି ମାନବିକତାକୁ ବଞ୍ଚାଇବାର ଏକମାତ୍ର ଆଧାର ଓ ଆମ ସମାଜକୁ ଜୀବିତ ରଖିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଯଦି ଏହା ନହୁଏ, ତା ହେଲେ ଆମ ବିଶ୍ୱ ଧୀରେ ଧୀରେ ବିନାଶ ଆଡ଼କୁ ଏହିପରି ଧାବମାନ ହେଉଥିବ।

ବର୍ତ୍ତମାନର ସମୟରେ ଅହମଦୀୟା ମୁସଲିମ ସମ୍ପ୍ରଦାୟର ପଞ୍ଚମ ଖଲିଫା ହଜରତ ମିର୍ଜା ମସରୁର ଅହମଦ ସାହେବ ନିରନ୍ତର ଏହା ପ୍ରୟାସ କରିଚାଲିଛନ୍ତି କି କିପରି ଏ ତୃତୀୟ ମହା ବିଶ୍ୱଯୁଦ୍ଧ ନହେଉ। ସେଥି ପାଇଁ ସେ ସମସ୍ତ ରାଷ୍ଟ୍ରମୁଖ୍ୟଙ୍କୁ ପତ୍ର ଲେଖି ସୂଚିତ କରାଉଛନ୍ତି। ଇସଲାମ ଗଣତନ୍ତ୍ର ରାଷ୍ଟ୍ର ଇରାନର ରାଷ୍ଟ୍ରପତିଙ୍କୁ ପିତ୍ର ଲେଖି କହିଲେ, ବର୍ତ୍ତମାନ ସବୁ ଆଡ଼େ ପ୍ରବଳ ଉତେଜନା ଓ ଅଶାନ୍ତି ଦେଖା ଦେଇଛି। କେତେକ ଅଞ୍ଚଳରେ ଛୋଟ ଧରଣର ସଂଘର୍ଷର ସୂତ୍ରପାତ ହୋଇଛି ତ ଅନ୍ୟ କେତେକ ଅଞ୍ଚଳରେ ବଡ଼ ଧରଣର। ଶକ୍ତଶାଳୀ ରାଷ୍ଟ୍ରଗୁଡ଼ିକ ଶାନ୍ତି ରକ୍ଷା ପାଇଁ ଚେଷ୍ଟା ଚଳାଇ ଥିବାର ବାହାନା କରି ନିଜ ଶକ୍ତି ପୟୋଗ କରୁଛନ୍ତି ଓ ସେମାନଙ୍କର ଆଭ୍ୟନ୍ତରୀଣ କନ୍ଦଳରେ ଅଯଥା ହସ୍ତକ୍ଷେପ କରୁଛନ୍ତି। ଆଜି ଦୁନିଆର ପ୍ରତ୍ୟେକ ଦେଶ କୌଣସି ଅନ୍ୟ ଦେଶ ପ୍ରତି ଶତ୍ରୁତା ଆଚରଣ କରିବା ପାଇଁ ଅଣ୍ଟାଭିଡ଼ି ବାହାରିଛି ତ ଅନ୍ୟ କୌଣସି ଦେଶକୁ ସମର୍ଥନ କରୁଛି। କିନ୍ତୁ ନ୍ୟାୟ ପ୍ରଦାନ କରିବାର ମୌଳିକ ଆବଶ୍ୟକତା ପ୍ରତି କୌଣସି ଗୁରୁତ୍ୱ ଦେଉନାହାଁ। ପୃଥିବୀର ସାମ୍ପ୍ରତିକ ପରିସ୍ଥିତିକୁ ଅନୁଧାନ କରି ମୋତେ ଅତି ଦୁଃଖର ସହିତ କହିବାକୁ ପଡୁଛି ଯେ ଅନ୍ୟ ଏକ ବିଶ୍ୱଯୁଦ୍ଧର ମୂଳଦୂଆ କେବେ ଠାରୁ ପଡ଼ିସାରିଲାଣି।




ବିଗତ ଦୁଇଟି ବିଶ୍ୱଯୁଦ୍ଧର ଭୟାବହ ଧ୍ୱଂସଲୀଳା ସମ୍ବନ୍ଧରେ ଆମେ ମାନେ ଭଲ ଭାବରେ ସଚେତନ ଅଛନ୍ତି। ଅଥଚ ପରିତାପର ବିଷୟ ହେଉଛି ଯେ କେତେକ ଦେଶର ଜଟିଳ ଶାସନ ନୀତି ଓ ଗର୍ହିତ ଆଚରଣ ପୃଥିବୀର ଦିଗବଳୟରେ ଅନ୍ୟ ଏକ ବିଶ୍ୱଯୁଦ୍ଧର ଆଭାସ ଦେଉଛି। ଏହି ବିଶ୍ୱଯୁଦ୍ଧ ଏକ ଆଣବିକ ତଥା ପାରମାଣବିକ ଯୁଦ୍ଧରେ ହିଁ ପରିଣତ ହେବ। ପୃଥିବୀ ଯେଉଁ ଆଡ଼କୁ ଗତି କରୁଛି, ତହିଁରେ ନିଶ୍ଚିତ ଭାବରେ ଏପରି ଏକ ମହା ଯୁଦ୍ଧ ଲାଗି ଯିବାର ବିପଦ ଦେଖାଦେଇଛି। ଏହାର ଭୟାବହ ପରିଣତିରୁ ରକ୍ଷା ପାଉବା ପାଇଁ ଆମେ ନ୍ୟାୟ, ସାଧୁତା ଓ ସ୍ୱଚ୍ଛତାର ପଥ ଅବଲମ୍ବନ କରିବା ଉଚିତ୍। ଆମେ ସମସ୍ତେ ଏକଜୁଟ ହୋଇ ହିଂସା ଓ ଘୃଣାକୁ ପ୍ରସାର କରୁଥିବା ସେହିସବୁ ଗୋଷ୍ଠୀ ବା ସଂଗଠନ ବିରୁଦ୍ଧରେ ସ୍ୱର ଉତୋଳନ କରିବା ଏବଂ ଯେଉଁମାନେ ପୃଥିବୀରେ ଶାନ୍ତି ନଷ୍ଟ କରିବାକୁ ଚାହୁଛନ୍ତି, ସେମାନଙ୍କୁ ଦୃଢ ହସ୍ତରେ ଦମନ କରିବା ଏକାନ୍ତ ଅପରିହାର୍ଯ୍ୟ।

ଆମେ ନିଜର ଆଗାମୀ ବଂଶଧରଙ୍କୁ ବିକଳାଙ୍ଗର ଉପହାର ଦେବାର କାରଣ ହେବା ନାହିଁ। ବିଦ୍ରୋହ ଓ ସରକାର ବିରୋଧୀ କାର୍ଯ୍ୟକଳାପ ଦେଶର ସଂହତି ଓ ଶାନ୍ତି ପ୍ରତି ବିପଦ ସୃଷ୍ଟି କରିଥାଏ। ହଜରତ ମିର୍ଜା ମସରୁର ଅହମଦ ସାହେବ ତାଙ୍କ ଏକ ଅଭିଭାଷଣରେ କହିଲେ, ଇସଲାମର ଶିକ୍ଷା ଅନୁଯାୟୀ କୌଣସି ଦେଶ ବା ସରକାରଙ୍କ ବିରୁଦ୍ଧରେ ବିଦ୍ରୋହ କରିବା, ବିଶ୍ୱାସଘାତକତା ଓ ପ୍ରତାରଣା ମୂଳକ କାର୍ଯ୍ୟକରିବା ପାଇଁ ଈଶ୍ୱର ବାରଣ କରିଛନ୍ତି। ତାହା ନିଜ ଦେଶ ସହିତ ହୋଇଥାଉ ଅବା ନିଜ ସରକାରଙ୍କ ସହିତ। କାରଣ ଏପରି କାର୍ଯ୍ୟ ଯୋଗୁଁ ଦେଶ ଓ ଜାତିର ନିରାପତ୍ତା ବିପନ୍ନ ହୁଏ ଓ ଶାନ୍ତି ବ୍ୟାହତ ହୁଏ। ପୁନଶ୍ଚ ଏଗୁଡ଼ିକ ଏକ ଦେଶ ବିରୋଧୀ ଆତ୍ମଘାତୀ କାର୍ଯ୍ୟକଳାପ। ଅଧିକନ୍ତୁ ଏହା ବାହ୍ୟଶକ୍ତିର ଆକ୍ରମଣକୁ ପ୍ରୋତ୍ସାହିତ କରେ। ଆଭ୍ୟନ୍ତରୀଣ ବିଶୃଙ୍ଖଳା ଯୋଗୁଁ ବାହ୍ୟଶତ୍ରୁ ଏଥିରୁ ଫାଇଦା ହାସଲ କରିବା ପାଇଁ ଉତ୍ସାହିତ ହୋଇଥାନ୍ତି। ତେଣୁ ନିଜ ଦେଶ ପ୍ରତି ଅନୁରକ୍ତ ନହେବାର କୁପରିମଣାମ ଅତି ଭୟାବହ ହୋଇଥାଏ ଓ ତାହା ଦେଶକୁ ଏକ ବିପଦଜନକ ପରିସ୍ଥିତିରେ ପହଞ୍ଚାଇ ଦେଇପାରେ। ଏହି ଦୃଷ୍ଟିରୁ ବିଚାର କଲେ, ଜଣେ ବ୍ୟକ୍ତି ନିଜ ଦେଶକୁ ପ୍ରତି ବିଶ୍ୱାସ ଭାଜନ ହେବା ସକାଶେ ଧୈର୍ଯ୍ୟ ଓ ସହନଶୀଳତା ଏକାନ୍ତ ଆବଶ୍ୟକ। ଏହା ତାର ନୈତିକ ଗାରିମାକୁ ଉଭାସିତ କରାଏ ଓ ମାତୃଭୂମିର ସମସ୍ତ ଆଇନକୁ ପାଳନ କରିବା ପାଇଁ ଅନୁପ୍ରାଣିତ କରାଏ। ସତ୍ୟ ଓ ନ୍ୟାୟର ଆତ୍ମା ସାମାଜିକ ସୌହାର୍ଦ୍ଧ୍ୟର ଉଚ୍ଚତମ ଶିଖରକୁ ସ୍ପର୍ଶ କରିବା ଉଚିତ୍।

ଆଜି ପୃଥିବୀ ଏକ ଗୋଲାକାର ଗ୍ରାମରେ ପରିଣତ ହୋଇଛି। ପୃଥିବୀବାସୀ ଅତି ଘନିଷ୍ଠ ଭାବରେ ପରସ୍ପର ମଧ୍ୟରେ ସଂଯୁକ୍ତ ହୋଇ ଯାଇଛନ୍ତି। ସବୁ ଜାତି, ଧର୍ମ ଓ ସଂସ୍କୃତିର ଲୋକ ସବୁ ଦେଶରେ ଦେଖା ଯାଆନ୍ତି। ତେଣୁ ପ୍ରତ୍ୟେକ ଦେଶର ନେତା ଓ ନାଗରିକଗଣ ସାଧାରଣ ଅଧିବାସୀଙ୍କ ମାନସିକ ଆବେଗ ଓ ହୃଦୟର ଭାବନା ପ୍ରତି ସମ୍ମାନ ଜଣାଇବା ଆବଶ୍ୟକ। ସେଠାକାର ନେତା ଓ ପ୍ରଶାସନ ଏପରି ଆଇନ ପ୍ରଣୟନ କରିବା ପାଇଁ ଚେଷ୍ଟିତ ହେବା ଉଚିତ୍, ଯାହା ସତ୍ୟ ଓ ନ୍ୟାୟର ଏକ ସୁସ୍ଥ ଓ ସଚେତନ ପରିବେଶ ସୃଷ୍ଟି କରିବା ଦିଗରେ ଯତ୍ନଶୀଳ ହୋଇ ରହିଥିବ ଏବଂ ସେହି ନିୟମ ଜନ ଅସନ୍ତୋଷ ଓ ମାନସିକ ଅଶାନ୍ତିର କାରଣ ହେବ ନାହିଁ। ଏକ ପକ୍ଷେ ଅନ୍ୟାୟ ଓ କ୍ରୁରତା ଲୋପ ପାଇବ ତ ଅନ୍ୟ ପକ୍ଷେ ଆମେ ପ୍ରକୃତ ନ୍ୟାୟ ପାଇବା ପାଇଁ ସଦା ତତ୍ପର ହେବା। ଏଥିପାଇଁ ସବୁ ଠାରୁ ଉତମ ଉପାୟ ହେଉଛି, ମନୁଷ୍ୟ ତାର ସ୍ରଷ୍ଟାଙ୍କୁ ଚିହ୍ନିବା ତଥା ଅନ୍ତରରେ ସେହି ପରମ ସତାକୁ ସ୍ୱୀକାର କରିବା ଉଚିତ୍। ପ୍ରତ୍ୟେକ ପ୍ରକାରର ଆନୁଗତ୍ୟ କେବଳ ଈଶ୍ୱରଙ୍କ ସକାଶେ ଉଦ୍ଦିଷ୍ଟ, ଯାହା ଗଭୀର ଶ୍ରଦ୍ଧା ଓ ଭକ୍ତି ଦ୍ୱାରା ସମ୍ଭବ ହୋଇଥାଏ। ଯଦି ଏହା କାର୍ଯ୍ୟକାରୀ ହୁଏ, ତା ହେଲେ ସମୟ ଆସିବ ଯେତେବେଳେ ଆମେ ସ୍ୱଚକ୍ଷୁରେ ଦେଖିବା ଯେ ସବୁ ଦେଶର ଜନସାଧାରଣଙ୍କ ଦ୍ୱାରା ଏକ ଉଚ୍ଚମାନର ବିଶ୍ୱସନୀୟତା ପ୍ରତିଷ୍ଠା ହେବ, ଯାହା ସମଗ୍ର ବିଶ୍ୱରେ ଶାନ୍ତି ଓ ନିରାପତାର ନୂତନ ମାର୍ଗ ଖୋଲିଦେବ।

ଯଦି ବିଶ୍ୱବାସୀ ଏହି ଅମୂଲ୍ୟ ବାର୍ତ୍ତାକୁ ବୁଝି ତଦନୁଯାୟୀ କାର୍ଯ୍ୟ ନିର୍ବାହ କରନ୍ତେ ତାହେଲେ ବିଶ୍ୱରେ ଶାନ୍ତି ବିରାଜି ପାରନ୍ତା ଏବଂ ମନୁଷ୍ୟ ଜାତି ଆଉ ଅଧିକ ଦିନ ତିଷ୍ଠି ରହି ପାରନ୍ତା। ପରମତପ ଅଲ୍ଲାଃଙ୍କ ନିକଟରେ ଏତିକି ପ୍ରାର୍ଥନା ଯେ ସେ ସମସ୍ତ ମାନବ ସମାଜକୁ ଏଥିପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ। ବିଶ୍ୱବାସୀ ନିଜର ବ୍ୟକ୍ତିଗତ ସ୍ୱାର୍ଥ ଓ ବସ୍ତୁବାଦର ଲାଳସାକୁ ଜଳାଞ୍ଜଳୀ ଦେଇ ନିଜର ଦାୟୀତ୍ୱ ପ୍ରତି ସଚେତନ ରହିବା ସଂଗେ ସଂଗେ ନିଜ କର୍ତବ୍ୟକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ପ୍ରୟାସ କରିବେ। ପରମବ୍ରହ୍ମ ଅଲ୍ଲାଃ ଆମ ସମସ୍ତଙ୍କୁ ବିଶ୍ୱଯୁଦ୍ଧ ଜନିତ ଧ୍ୱଂସର ବିଭୀଷିକାର କୁପ୍ରଭାବରୁ ସୁରକ୍ଷିତ ରଖନ୍ତୁ। ଏହା ହିଁ ଆମର କାମନା।


**ମଙ୍ଗଳାବାଗ, କଟକ**

**ମୋବାଇଲ୍: ୯୭୯୨୨୫୦୫୭**


# ଶିବଲିଙ୍ଗର ତତ୍ତ୍ୱ ଓ ତାହାର ତାତ୍ତ୍ୱିକ ବିଶ୍ଳେଷଣ



## ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ମହା ଶିବଲିଙ୍ଗର ଅର୍ଥ ହେଉଛି ଭଗବାନ ଶିବ ତଥା ମହାଦେବଙ୍କ ଆଦି-ଅନାଦୀ ସ୍ୱରୂପ। ଶୂନ୍ୟ , ଆକାଶ , ଅନନ୍ତ ବ୍ରହ୍ମାଣ୍ଡ ଏବଂ ନିରାକାର ପରମ ପୁରୁଷଙ୍କ ପ୍ରତୀକ ହୋଇଥିବାରୁ ଏହାକୁ ଲିଙ୍ଗ କୁହାଗଲା। ସ୍କନ୍ଦ ପୁରାଣରେ କୁହାଯାଇଛି , ଆକାଶ ସ୍ୱୟଂ ଲିଙ୍ଗ ଅଟେ। ଧରତୀ ତାହାର ପୀଠ କିମ୍ବା ଆଧାର ଅଟେ ଏବଂ ସମସ୍ତ ଅନନ୍ତ ଶୂନ୍ୟରୁ ଜନ୍ମ ହୋଇଛନ୍ତି , ସେଥିରେ ଲୟ ହେବା କାରଣରୁ ତାହାଙ୍କୁ ଲିଙ୍ଗ କୁହାଗଲା। ବାତାବରଣ ସହିତ ଘୁରୁଥିବା ପୃଥିବୀ କିମ୍ବା ଅନନ୍ତ ବ୍ରହ୍ମାଣ୍ଡର ଅକ୍ଷ ଯାହାକୁ ଇଂରାଜୀରେ AXIS କୁହଯାଏ ତାହା ଲିଙ୍ଗ ଅଟେ। ପୁରାଣରେ ଶିବଲିଙ୍ଗକୁ ବହୁ ଅନ୍ୟ ନାମରେ ମଧ ସମ୍ବୋଧିତ କରାଯାଇଛି ଯେପରି : ପ୍ରକାଶ ସ୍ତମ୍ଭ/ଲିଙ୍ଗ , ଅଗ୍ନି ସ୍ତମ୍ଭ/ଲିଙ୍ଗ , ଉର୍ଜା ସ୍ତମ୍ଭ/ଲିଙ୍ଗ , ବ୍ରହ୍ମାଣ୍ଡୀୟ ସ୍ତମ୍ଭ/ଲିଙ୍ଗ। ପୁରାଣରେ ଭଗବାନ ମହେଶ୍ୱରଙ୍କ ମହଣ ମହିମାର ବଖାଣ କରୁଥିବା ଲିଙ୍ଗ ପୁରାଣକୁ ବିଶିଷ୍ଟ ପୁରାଣ କୁହାଯାଏ। ଭଗବାନ ଶିବଙ୍କର ଜ୍ୟୋତିର୍ଲିଙ୍ଗର କଥା , ଈଶାନ-କଳ୍ପର ବୃତ୍ତାନ୍ତ ସର୍ବବିସର୍ଗ ଆଦି ଦଶ ଲକ୍ଷଣ ସହିତ ବର୍ଣ୍ଣିତ ହୋଇଛି। ଭଗବାନ ଶିବଙ୍କ ମହିମା ଲିଙ୍ଗ ପୁରାଣରେ ୧୧,୦୦୦ ଶ୍ଳୋକରେ ବର୍ଣ୍ଣିତ ହୋଇଛି। ଏହା ସମସ୍ତ ପୁରାଣରେ ଶ୍ରେଷ୍ଠ ଅଟେ। ବେଦବ୍ୟାସ କୃତ ଏହି ପୁରାଣରେ ପ୍ରଥମେ ଯୋଗ ପରେ କଳ୍ପ ବିଷୟରେ ବର୍ଣ୍ଣନା କରାଯାଇଛି। ଲିଙ୍ଗ ଶବ୍ଦ ପ୍ରତି ଆଧୁନିକ ସମାଜରେ ବଡ଼ ଧରଣର ଭ୍ରାନ୍ତି ପାଇଛନ୍ତି। ଲିଙ୍ଗ ଶବ୍ଦର ଶାବ୍ଦିକ ଅର୍ଥ ଚିହ୍ନ ଅଥବା ପ୍ରତୀକ ଅଟେ। ଭଗବାନ ମହେଶ୍ୱର ଆଦି ପୁରୁଷ ଅଟନ୍ତି। ଏହି ଶିବଲିଙ୍ଗ ଭଗବାନ ଶଙ୍କରଙ୍କ ଜ୍ୟୋତିରୂପା ଚିନ୍ମୟ ଶକ୍ତିର ଚିହ୍ନ ଅଟେ। ତାହାର ଉଦ୍ଭବ ବିଷୟରେ ସୃଷ୍ଟିର କଲ୍ୟାଣ ପାଇଁ ଜ୍ୟୋତିର୍ଲିଙ୍ଗଦ୍ୱାରା ପ୍ରକଟ ହୋଇ ବ୍ରହ୍ମା ତଥା ବିଷ୍ଣୁଙ୍କ ପରି ଅନାଦି ଶକ୍ତିଙ୍କୁ ମଧ ଆଶ୍ଚର୍ଯ୍ୟରେ ପକାଉଥିବା ଘଟଣାର ବର୍ଣ୍ଣନା ଏହି ପୁରାଣର ବର୍ଣ୍ଣିତ ବିଷୟର ଏକ ପ୍ରଧାନ ଅଙ୍ଗ ଅଟେ। ଆଜିର ଏ ସମାଜ ରେ କିଛି ଅଜ୍ଞାନ ପ୍ରଜାତୀର ପ୍ରାଣୀ ପବିତ୍ର 'ଶିବଲିଙ୍ଗ' କୁ ଯୌନାଙ୍ଗ କହି କିଛି କପୋଳକଳ୍ପିତ ଜ୍ଞାନ ବାଣ୍ଟିଚାଲିଛନ୍ତି। ଭଗବାନ ଶିବଙ୍କୁ ଅନେକ ପ୍ରକାର ମିଛ ଗଳ୍ପ ରେ ବର୍ଣ୍ଣନା କରି ଚାଲିଛନ୍ତି ଓ ଆମେ ବିଶ୍ୱାସ ମଧ କରି ଚାଲିଛୁ। ତେବେ ପ୍ରକୃତ ରେ 'ଶିବଲିଙ୍ଗ' କଣ ? 'ଶିବଲିଙ୍ଗ' ର ଅର୍ଥ କଣ ? 'ଶିବଲିଙ୍ଗ' କାହାର ପ୍ରତିନିଧିତ୍ୱ କରିଥାଏ ?



ପବିତ୍ର 'ଶିବଲିଙ୍ଗ', ସମ୍ପୂର୍ଣ୍ଣ ବାୟୁ ମଣ୍ଡଳ, ଘୂର୍ଣ୍ଣାୟମାନ ପୃଥିବୀ ଓ ପରିବର୍ତ୍ତନଶୀଳ ବ୍ରହ୍ମାଣ୍ଡ ର ଅକ୍ଷକୁ ସୂଚାଇଥାଏ। ଭୁଲ ବୁଝାମଣା, ଅଜ୍ଞାନତା,ବିଦେଶୀ ବିଧର୍ମୀ ମାନଙ୍କ ଦ୍ୱାରା ଆମ ଧର୍ମ ଶାସ୍ତ୍ର ମାନଙ୍କୁ ନଷ୍ଟ କରାଯିବା ହେତୁ ବହୁତ ଲୋକ 'ଶିବଲିଙ୍ଗ' ବିଷୟରେ ଭୁଲ ଧାରଣା ପାଇଛନ୍ତି।

ଏକଥା ପ୍ରାୟ ସମସ୍ତଙ୍କୁ ଜଣା ଥିବ କି ସଂସ୍କୃତ ଭାଷା ହେଉଛି ଆଦିଭାଷା ବା ସବୁ ଭାଷାର ଜନକ ଏହାକୁ ଦେବନାଗରୀ ଲିପି ମଧ କୁହାଯାଏ। ଆମେ ଜାଣୁ କି କୌଣସି ଶବ୍ଦର ଅର୍ଥ ଭିନ୍ନ ଭାଷାରେ ଭିନ୍ନ ଭିନ୍ନ ହୋଇଥାଏ। ସେପରି ଏହି ସଂସ୍କୃତ ଭାଷାରେ କିଛି ଏପରି ଶବ୍ଦ ରହିଛି ଯାହାର କି ଭିନ୍ନ ଭିନ୍ନ ଅର୍ଥ ରହିଛି। ଉଦାହରଣ ସ୍ୱରୂପ,'ସୂତ୍ର' ଓ 'ଅର୍ଥ' - 'ସୂତ୍ର' କହିଲେ ସୂତା ଓ 'ସୂତ୍ର' କହିଲେ ଗଣିତର ସୂତ୍ର, ବିଜ୍ଞାନର ସୂତ୍ରକୁ ମଧ ବୁଝାଏ। ସେହିପରି 'ଅର୍ଥ' କହିଲେ ଟଙ୍କା,ଧନ,ସମ୍ପତ୍ତିକୁ ବୁଝାଏ ଓ 'ଅର୍ଥ' କହିଲେ କୌଣସି ଶବ୍ଦର ଭାବାର୍ଥକୁ ମଧ ବୁଝାଏ। 'ଲିଙ୍ଗ' ଏକ ସଂସ୍କୃତ ଶବ୍ଦ ଯାହାର ଅର୍ଥ ହେଉଛି ପ୍ରତୀକ ଯେମିତିକି ପୁଲିଙ୍ଗର ଅର୍ଥ ପୁରୁଷର ପ୍ରତୀକ ବା ଚିହ୍ନ ଓ ସ୍ତ୍ରୀଲିଙ୍ଗର ଅର୍ଥ ହେଉଛି ସ୍ତ୍ରୀର ପ୍ରତୀକ ବା ଚିହ୍ନ। ସେହିପରି 'ଶିବଲିଙ୍ଗ' ର ଅର୍ଥ ହେଉଛି ଶିବଙ୍କର ପ୍ରତୀକ ବା ଚିହ୍ନ। ଏହା ଶିବଙ୍କର ଯୌନାଙ୍ଗ ବୋଲି ଭାବିବା ଆମର ମସ୍ତବଡ଼ ଭୁଲ। ଯେପରି ଗୋଲାକାର ବାୟୁ ମଣ୍ଡଳ,ଗୋଲାକାର ପୃଥିବୀ ଓ ଗୋଲାକାର ବ୍ରହ୍ମାଣ୍ଡ ରହିଛି ସେପରି ଶିବଲିଙ୍ଗର ଚାରିପାଖର ଗୋଲାକାର ଅଂଶ ରହିଛି। ଅର୍ଥାତ 'ଶିବଲିଙ୍ଗ' ର ଗୋଲାକାର ଅଂଶ ବ୍ରହ୍ମାଣ୍ଡକୁ ବୁଝାଏ ଓ 'ଶିବଲିଙ୍ଗ' ବ୍ରହ୍ମାଣ୍ଡର ଅକ୍ଷ ଅଟେ। ବିଜ୍ଞାନ ମଧ ପ୍ରମାଣ କରି ସାରିଛି କି 'ଶିବଲିଙ୍ଗ' ବ୍ରହ୍ମାଣ୍ଡର ଏକ ପ୍ରତୀକ। ଭାରତର ବହୁତ ନାରୀ ଶିବଲିଙ୍ଗକୁ ସ୍ପର୍ଶ କରନ୍ତି ନାହିଁ ସେମାନେ ଭାବନ୍ତିକି ଶିବଲିଙ୍ଗ ହେଉଛି ଶିବଙ୍କର ଯୌନାଙ୍ଗ। ଆମ ମନରେ ଏଭଳି ଅନ୍ଧବିଶ୍ୱାସ ଭରି ଦିଆଯାଇଛି କେବଳ ବିଦେଶୀ ମାନଙ୍କ ଦ୍ୱାରା। ସନାତନ ଧର୍ମ ଏକ ଏପରି ଧର୍ମ ଯାହା କି ବିଜ୍ଞାନ ସହ ଯୋଡି ହୋଇ ରହିଛି। ବିଜ୍ଞାନ ମଧ ଭଗବାନଙ୍କ ଅସ୍ତିତ୍ୱର ପ୍ରମାଣ କରି ସାରିଛି। ଏପରି ମହାନ ଆମ ସନାତନ ଧର୍ମ। ଏବେ ପ୍ରଶ୍ନ ଆସୁଛି 'ଶିବଲିଙ୍ଗ' ର ସୃଷ୍ଟି କିପରି ହେଲା ଆଉ କାହିଁକି ହେଲା ? ସ୍କନ୍ଧ ପୁରାଣରେ ବର୍ଣ୍ଣିତ ଅଛି କି ପୁରାତନ କାଳରେ ମୁନି ଋଷି ମାନେ ଦୀପ ଜ୍ୟୋତିକୁ ଚାହିଁ ପରମାତ୍ମାଙ୍କୁ ଧାନ କରୁଥିଲେ। ବାୟୁ ସଞ୍ଚାଳନ ହେତୁ ଦୀପ ଜ୍ୟୋତି ସ୍ଥିର ରହୁ ନଥିଲା ଓ ମୁନି ରୁଷି ମାନଙ୍କର ଧାନ ଭଗ୍ନ ହେଉଥିଲା। ତେଣୁ ସେମାନେ ଦୀପ ଜ୍ୟୋତିର ଏକ ବିକଳ୍ପ ଚିନ୍ତା କଲେ। ଅନନ୍ତ ବ୍ରହ୍ମାଣ୍ଡ ଓ ପୃଥିବୀ ର ଅକ୍ଷକୁ ଚିନ୍ତା କରି ସେମାନେ ପଥରରେ ଏକ ଦୀପ ଜ୍ୟୋତିର ମୂର୍ତ୍ତି ତିଆରି କଲେ ଯାହା କି ଏହି 'ଶିବଲିଙ୍ଗ'। ସେମାନେ ଏହି 'ଶିବଲିଙ୍ଗ' କୁ ଚାହିଁ ଧାନ କରିବା ଆରମ୍ଭ କଲେ ତେଣୁ ଏହା ପରଠାରୁ 'ଶିବଲିଙ୍ଗ' ର ପ୍ରଚଳନ ଆରମ୍ଭ ହେଲା।

ତେବେ ପଦ୍ମପୁରାଣ ଅନୁସାରେ ଏକଦା ମହର୍ଷି ଭୃଗୁ ସୃଷ୍ଟି ତତ୍ତ୍ୱ ଓ ପରମପିତା ଶିବଙ୍କର ମାହାତ୍ମ ଜାଣିବା ପାଇଁ କୈଳାସରେ ପହଞ୍ଚିଲେ। ଠିକ୍ ସେହି ସମୟରେ ଭଗବାନ ଶିବ ମାତା ପାର୍ବତୀଙ୍କ ସହିତ ଏକ ନିବୃତ ସ୍ଥାନରେ ରତିକ୍ରୀଡ଼ା ଅର୍ଥାତ୍ ସୃଷ୍ଟି ସର୍ଜନାରେ ମଗ୍ନ ଥିଲେ। ବହୁଦିନ ଧରି ଅପେକ୍ଷା କରିଥିଲେ ମଧ ମହର୍ଷି ଭୃଗୁ ପରମପିତାଙ୍କର ଦର୍ଶନ କରିପାରିଲେ ନାହିଁ ଏଥିପାଇଁ ତାଙ୍କର ଧୈର୍ଯ୍ୟଚ୍ୟୁତି ହେବାରୁ ସେ ପରମପିତାଙ୍କୁ ପ୍ରାର୍ଥନା ତଥା ଅଭିଶାପ ଦେଇ କହିଲେ-" ହେ ପରମ ପିତା ! ଆପଣ ଯେଉଁ ଅବସ୍ଥାରେ ନାରୀ ଶକ୍ତି ସହିତ ସଂଯୁକ୍ତ ହୋଇଛନ୍ତି, ସେହି ଅବସ୍ଥାରେ ଏ ଭବମୟ ସାରା ସଂସାରରେ ପୂଜା ପାଇବେ।" ତାହା ହିଁ ହେଲା। ଭୃଗୁ ଋଷିଙ୍କର କଥା ସତ୍ୟ ହେଲା। ସେହିଦିନରୁ ଭଗବାନ ଶିବ ଲିଙ୍ଗରୂପରେ ପୂଜା ପାଇଆସୁଛନ୍ତି। ସେହିପରି କୋଟିରୁଦ୍ର ସଂହିତା ଅନୁସାରେ ଦେବଦାରୁ ବନରେ ଥିବା ଏକ ଆଶ୍ରମରେ କେତେକ ଋଷି ସପତ୍ନୀକ ଭଗବାନ ଶିବଙ୍କର ପୂଜାର୍ଚ୍ଚନା କରୁଥିଲେ। ଏକଦା ଏହି ସପତ୍ନୀକ ଋଷିମାନଙ୍କୁ ପରୀକ୍ଷା କରିବା ପାଇଁ ଭଗବାନ ଶିବ ସେହି ଆଶ୍ରମରେ ପହଞ୍ଚିଲେ। ଠିକ୍ ସେହି ସମୟରେ ଋଷିମାନେ ସମିଧ ସଂଗ୍ରହ ନିମନ୍ତେ ବନକୁ ଯାଇଥିଲେ। ଭଗବାନ ଶିବ ଋଷି ପତ୍ନୀମାନଙ୍କ ସମ୍ମୁଖରେ ନଟରାଜ ରୂପରେ ନୃତ୍ୟ କରିବାକୁ ଲାଗିଲେ। ନୃତ୍ୟ ସମୟରେ ଦେହରୁ ସମ୍ପୂର୍ଣ୍ଣ ବସ୍ତ୍ର ଖସି ଯାଇଥିଲା, ତାଙ୍କର ସେଥିପ୍ରତି ଧାନ ନଥିଲା। ଠିକ୍ ସମୟରେ ଋଷିମାନେ ବନରୁ ଫେରି ଭଗବାନ ଶିବଙ୍କର ଏପରି ଉଲଗ୍ନ ଅବସ୍ଥା ଦେଖି କ୍ରୋଧାନ୍ୱିତ ହୋଇ ଅଭିଶାପ ଦେଲେ, ଏହାଫଳରେ ଶିବଙ୍କ ଲିଙ୍ଗ ତାଙ୍କ ଦେହରୁ ଛିନ୍ନ ହୋଇ ଭୂମିରେ ପଡ଼ିଲା। ଛିନ୍ନ ଲିଙ୍ଗ ଅସ୍ଥିର ହୋଇ ସମଗ୍ର ସଂସାରରେ ବହୁ ଉତ୍ପାତ କଲେ। ଦେବତାମାନେ ବ୍ୟସ୍ତ ହୋଇ ବେଦପତି ବ୍ରହ୍ମା ମାତା ପାର୍ବତୀଙ୍କୁ ଧାନ କଲେ। ବ୍ରହ୍ମାଙ୍କ ଧାନରେ ସନ୍ତୁଷ୍ଟ ହୋଇ ମାତା ପାର୍ବତୀ ସମସ୍ତ ଜାଣିପାରି ମର୍ତ୍ତ୍ୟକୁ ଆଗମନ କଲେ। ମାତା ଭଗବତୀ ଦେବୀ ପାର୍ବତୀ ଶିବଙ୍କର ସେହି ଛିନ୍ନ ଲିଙ୍ଗକୁ ନିଜ ଶକ୍ତିଚକ୍ର (ଯୋନି) ମଧରେ ଧାରଣ କରି ଶାନ୍ତ କରାଇଲେ। ସେହିଦିନ ଏକାନ୍ତ ଭକ୍ତି ଓ ନିଷ୍ଠାର ସହିତ ସପତ୍ନୀକ ଋଷିମାନେ ଶକ୍ତିଚକ୍ର ସହିତ ଲିଙ୍ଗପୂଜା କଲେ। ଫଳରେ ସେହିଦିନରୁ ଭଗବାନ ଶିବଲିଙ୍ଗ ରୂପରେ ପୂଜା ପାଇଆସୁଛନ୍ତି। ଆଉ ଶିବ ପୁରାଣ ଅନୁସାରେ ଦକ୍ଷପ୍ରଜାପତିଙ୍କ ଯଜ୍ଞରେ ମଙ୍ଗଳମୟ ଦେବାଧିଦେବ ମହାଦେବଙ୍କ ଅପମାନ ସହ୍ୟ କରିନପାରି ମାତା ସତୀ ଯଜ୍ଞକୁଣ୍ଡରେ ଆତ୍ମହୁତି ଦେଲେ। ଫଳରେ ସତୀଙ୍କୁ ନପାଇ ଭଗବାନ ଶିବ ହତଜ୍ଞାନ ହୋଇ ଦକ୍ଷଯଜ୍ଞ ଭଙ୍ଗ କରିବା ସଙ୍ଗେ ସଙ୍ଗେ ସଂସାରରେ ତାଣ୍ଡବଲୀଳା କରି ସମଗ୍ର ସୃଷ୍ଟିକୁ ପ୍ରଳୟ କରିବାକୁ ଲାଗିଲେ। ସେହି ସମୟରେ ତାଙ୍କ କଟିରୁ ବ୍ୟାଘ୍ରଚର୍ମ ଖସିପଡ଼ିବାଦ୍ୱାରା ସେ ସମ୍ପୂର୍ଣ୍ଣ ଉଲଗ୍ନ ହୋଇଗଲେ। ଶିବଙ୍କ କ୍ରୋଧ ଶାନ୍ତ କରିବା ପାଇଁ ଦକ୍ଷ ପ୍ରଜାପତିଙ୍କ ରାଣୀ ନୈବେଦ୍ୟ ଧରି ଶିବଙ୍କ ସମ୍ମୁଖରେ ଉଭା ହେଲେ। ଭଗବାନ ଶିବଙ୍କର ଏପରି ଉଲଗ୍ନ ରୂପ ଦେଖି ରାଗିଯାଇ ବଡ଼ପାଟିରେ କହିଲେ, " ମୁଁ ତୁମର ମାତୃତୁଲ୍ୟ, ତୁମେ ମୋ ସମ୍ମୁଖରେ ଉଲଗ୍ନ ହୋଇ ଲିଙ୍ଗ ପ୍ରଦର୍ଶନ କଲ। ତେଣୁ ତୁମେ ଯୁଗେ ଯୁଗେ ଏହି ଲିଙ୍ଗ ରୂପରେ ପୂଜା ପାଅ। ତାହା ହିଁ ହେଲା। ସେହିଦିନରୁ ଭଗବାନ ଶିବଶଙ୍କର ସମଗ୍ର ସଂସାରରେ ଲିଙ୍ଗରୂପରେ ପୂଜା ପାଇ ଆସୁଛନ୍ତି। ତେବେ ତତ୍ତ୍ୱ ଜନିତ ଓ ବୈଜ୍ଞାନିକ ପ୍ରାମାଣିକ ଅନୁସାରେ ଶୂନ୍ୟ , ଆକାଶ , ଅନନ୍ତ ବ୍ରହ୍ମାଣ୍ଡ ଏବଂ ନିରାକାର ପରମ ପୁରୁଷଙ୍କ ପ୍ରତୀକ ହୋଇଥିବାରୁ ଏହାକୁ ଲିଙ୍ଗ କୁହାଗଲା ଯାହା ଶିବଲିଙ୍ଗ ନାମରେ ନାମିତ ଆଉ ଏହା ହିଁ ପ୍ରକୃତ ସତ୍ୟ।


**ଅରଙ୍ଗାବାଦ, ବରୀ, ଯାଜପୁର**

**ମୋବାଇଲ: ୮୨୪୯୫୦୨୭୭୬**

# ଏନକାଉଣ୍ଟରରେ ଯବାନ ସହିଦ
## ଲୁଚିଛନ୍ତି ୪ ଜୈଶ ଆତଙ୍କବାଦୀ






ଶ୍ରୀନଗର, ୨୦।୯: ଜମ୍ମୁ-କଶ୍ମୀରର ଉଦ୍ଧମପୁରରେ ହୋଇଛି ବଡ଼ ଏନକାଉଣ୍ଟର। ଶୁକ୍ରବାର ରାତିରୁ ଆରମ୍ଭ ହୋଇଥିବା ଗୁଳି ବିନିମୟରେ ଜଣେ ଯବାନ ସହିଦ ହୋଇଛନ୍ତି। ସେହିପରି ୩ରୁ ୪ ଜଣ ଜୈଶ-ଇ-ମହମ୍ମଦର ଆତଙ୍କବାଦୀ ସ୍ଥାନୀୟ ଅଞ୍ଚଳରେ ଲୁଚି ରହିଥିବା ଜଣାପଡ଼ିଛି।

ସେନା ପକ୍ଷରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଜାରି ବିବୃତିରେ କୁହାଯାଇଥିଲା ଯେ, କିଷ୍ଟୱାରର ସାଧାରଣ ଅଞ୍ଚଳରେ ଗୋଟିଏ ଏନକାଉଣ୍ଟର ଆରମ୍ଭ ହୋଇଛି। ହେଲେ ପରବର୍ତ୍ତୀ ସମୟରେ ଗୋଟିଏ ଅପଡେଟ ବିବୃତିରେ ସେନା ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଡୋଡା-ଉଦ୍ଧମପୁର ସୀମାନ୍ତ ଅଞ୍ଚଳରେ ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି। ଡୋଡା-ଉଦ୍ଧମପୁର ସୀମାନ୍ତ ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ପ୍ରଥମେ ଖବର ମିଳିଥିଲା। ଏହି ତଥ୍ୟ ପରେ ସ୍ଥଳ ସେନା, ଏସ୍‌ଓଜି ଓ ପୁଲିସ୍ ପକ୍ଷରୁ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। ଆତଙ୍କବାଦୀମାନେ ଲୁଚି ରହିଥିବା ଅଞ୍ଚଳକୁ କର୍ଡନ କରାଯିବା ବେଳେ ଆରମ୍ଭ ହୋଇଥିଲା ଗୁଳି ବିନିମୟ। ଏହି ଏନକାଉଣ୍ଟରରେ ଜଣେ ଯବାନ ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ସେନା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ସ୍ଥାନୀୟ ଅଞ୍ଚଳରେ ୩ରୁ ୪ ଜଣ ଆତଙ୍କବାଦୀ ଲୁଚି ରହିଥିବା ବେଳେ ସେମାନଙ୍କୁ ଖତମ କରିବା ପାଇଁ ଏବେ ବି ଗୁଳି ବିନିମୟ ଓ ସର୍ଚ୍ଚ ଅପରେସନ ଜାରି ରହିଥିବା ସେନା ପକ୍ଷରୁ କୁହାଯାଇଛି।

## ଗୁଜରାଟ ଗସ୍ତରେ ମୋଦି, ସାଢ଼େ ୩୩ ହଜାର କୋଟିର ପ୍ରକଳ୍ପ ଭେଟି
# ଶହେ ସମସ୍ୟାର ସମାଧାନ 'ଆତ୍ମନିର୍ଭର ଭାରତ'

ଭାବନଗର,୨୦।୯: ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟ ଗସ୍ତ କରିଥିଲେ। ଭାବନଗରରେ ଅନୁଷ୍ଠିତ 'ସମୁଦ୍ରରୁ ସମୃଦ୍ଧି' କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ଗୁଜରାଟବାସୀଙ୍କୁ ସାଢ଼େ ୩୩ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଭେଟି ଦେଇଛନ୍ତି। ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ।

### ଦେଶର ପ୍ରତିଟି କ୍ଷମତାକୁ ଅଣଦେଖା କରିଛି କଂଗ୍ରେସ

ଏହି ଅବସରରେ ସେ ତାଙ୍କ ଅଭିଭାଷଣରେ 'ଆତ୍ମନିର୍ଭର ଭାରତ' ଉପରେ ଗୁରୁତ୍ୱ ଦେବା ସହ ଏହା ଶହେ ସମସ୍ୟାର ଏକମାତ୍ର ସମାଧାନ ବୋଲି ମତ ଦେଇଥିଲେ। ସେ କହିଥିଲେ ଯେ ଭାରତର ସମଗ୍ର ଦୁନିଆରେ ସେତେ ବଡ଼ ଶତ୍ରୁ କେହି ନାହାନ୍ତି। କିନ୍ତୁ ଅନ୍ୟ ଦେଶ ଉପରେ ଆମର ରହିଥିବା ନିର୍ଭରଶୀଳତାକୁ ଆମେ ଆମର ବଡ଼ ଶତ୍ରୁ ବୋଲି ଭାବିପାରିବା। ଆଜି ଆମେ 'ବିଶ୍ୱବନ୍ଧୁ' ଭାବନାରେ ଆଗକୁ ବଢ଼ୁଥିବାରୁ ଏକଜୁଟ ହୋଇ ଦେଶର ଏହି 'ନିର୍ଭରତା ଶତ୍ରୁ'କୁ ହରାଇବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧନ କରିବା ଅବସରରେ ଆହ୍ୱାନ ଦେଇଛନ୍ତି।

ସେ କହିଛନ୍ତି ଯେ ଅନ୍ୟ ଦେଶ ଉପରେ ଯେତେ ନିର୍ଭରତା ବଢ଼ିବ, ଆମର ବିଫଳତା ମଧ୍ୟ ସମାନ ଭାବେ ବଢ଼ିବାକିବ। ତେଣୁ ବିଶ୍ୱରେ ଶାନ୍ତି, ସ୍ଥିରତା ଓ ସମୃଦ୍ଧି ପାଇଁ ଦୁନିଆର ବଡ଼ ଜନସଂଖ୍ୟାବିଶିଷ୍ଟ ଦେଶକୁ ଆତ୍ମନିର୍ଭର ହେବାକୁ ପଡ଼ିବ। ଆମେ ଅନ୍ୟ ଉପରେ ନିର୍ଭର କଲେ ଏହା ଆମର ଆତ୍ମ ସମ୍ମାନର କ୍ଷତି ସାଧନ କରିବ। ଦେଶର ବିକାଶ ସଂକଳ୍ପକୁ ଅନ୍ୟର ନିର୍ଭରତା ଉପରେ ଛାଡ଼ିପାରିବା ନାହିଁ। ଶହେ ଦୁଃଖର ବିନାଶ ପାଇଁ ଏକମାତ୍ର ଔଷଧ ରହିଛି ଆଉ ତାହା ହେଉଛି 'ଆତ୍ମନିର୍ଭର ଭାରତ'। ଆମକୁ ବିଭିନ୍ନ ଆହ୍ୱାନର ସଫଳ ମୁକାବିଲା କରିବାକୁ ପଡ଼ିବ। ଅନ୍ୟ ଦେଶ ଉପରେ ଆମର ନିର୍ଭରତାକୁ ଲଗାତାର ହ୍ରାସ କରିବାକୁ ହେବ। ଭାରତକୁ ଆତ୍ମନିର୍ଭର ହୋଇ ମଜବୁତ ଭାବେ ଛିଡା ହେବାକୁ ପଡ଼ିବ। ଚିପ୍ ହେଉ ବା ସିପ୍, ସବୁ କିଛି ଭାରତକୁ ନିଜ ଦେଶରେ ତିଆରି କରିବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ପ୍ରଧାନମନ୍ତ୍ରୀ ବିରୋଧୀ କଂଗ୍ରେସକୁ ଟାର୍ଗେଟ୍ କରିବାକୁ ଭୁଲିନାହାନ୍ତି। ସେ କହିଛନ୍ତି ଯେ ଭାରତରେ ସାମର୍ଥ୍ୟର କୌଣସି ଅଭାବ ନାହିଁ। ହେଲେ ସ୍ୱାଧୀନତା ପରେ କଂଗ୍ରେସ ଭାରତର ପ୍ରତିଟି ସାମର୍ଥ୍ୟକୁ ଅଣଦେଖା କରାଯାଇଛି। ସ୍ୱାଧୀନତାର ୬ରୁ ୭ ଦଶନ୍ଧି ପରେ ବି ଭାରତ ତା'ର କ୍ଷମତା ମୁତାବକ ସଫଳତା ହାସଲ କରିପାରିନାହିଁ। ଏହାର ଦୁଇଟି କାରଣ ରହିଛି। ଗୋଟିଏ କାରଣ ହେଲା ଦୀର୍ଘ ବର୍ଷ ଧରି କ୍ଷମତାରେ ରହିବା ସମୟରେ ଦେଶକୁ ବିଶ୍ୱ ବଜାରଠାରୁ ଦୂରେଇ ରଖିଥିଲା। ପରେ ଜଗତୀକରଣ ସମୟ ଉପନୀତ ହେବା ପରେ ଏହି ଦଳ ଦେଶ ପାଇଁ କେବଳ ଆମଦାନୀର ରାସ୍ତା ଆପଣାଇଥିଲା। କୋଟ କୋଟି ଟଙ୍କାର ଦୁର୍ନୀତିରେ ଦଳୀୟ ନେତାମାନେ ବୁଡ଼ିରହିଥିଲେ। କଂଗ୍ରେସ ସରକାରର ବିଭିନ୍ନ ନୀତି ଦେଶର ଯୁବପିଢ଼ିଙ୍କ କ୍ଷତି କରିଛି। ଏହି ନୀତି ମଧ ଭାରତର ଅସଲ ଶକ୍ତିକୁ ସାମ୍ନାକୁ ଆସିବାରେ ପ୍ରତିବନ୍ଧକ ସୃଷ୍ଟି କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।



## ଶହେ କୋଟି ଜିଏସ୍‌ଟି ଠକେଇର ପର୍ଦ୍ଦାଫାସ
● ଠକେଇରେ ସାମିଲ ଅଛନ୍ତି ୧୭୦ ଠକ ସଂସ୍ଥା

**ରାୟପୁର, ୨୦।୯:** ଶହେ କୋଟି ଟଙ୍କାର ଜିଏସଟି ଠକେଇ ହୋଇଛି। ଛତିଶଗଡ଼ରୁ ଏପରି ଠକେଇ ସାମ୍ନାକୁ ଆସିଛି। ଛତିଶଗଡ଼ର ଜିଏସଟି ବିଭାଗ ଏପରି ଠକେଇର ପର୍ଦ୍ଦାଫାସ କରିଛି। ଏହି ଠକେଇରେ ପ୍ରାୟ ୧୭୦ଟି ଠକ ସଂସ୍ଥା ସାମିଲ ଅଛନ୍ତି। ଆଉ ଏହାର ମାଷ୍ଟର ମାଇଣ୍ଡ ହେଉଛି ମହମ୍ମଦ ଫରହାନ ସୁରାତିଆ, ଯିଏ କି ପେଶାରେ ଜଣେ ଜିଏସଟି ଟାକ୍ସ ପରାମର୍ଶଦାତା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ୨୬ଟି ନକଲି ଫାର୍ମ ୮୨୨ କୋଟି ଟଙ୍କା ଅନଲାଇନ୍ ବିଲ୍ ଇସ୍ୟୁ କରିଥିଲେ। ହେଲେ କେବଳ ୧୦୬ କୋଟିର କାରବାର ବୋଲି ଦର୍ଶାଇଥିଲେ। ଏହାପରେ ଜିଏସଟି ବିଭାଗ ଖୋଳତାଡ଼ ଆରମ୍ଭ କରିଥିଲା । ସେପ୍ଟେମ୍ବର ୧୨ରେ ମାଷ୍ଟରମାଇଣ୍ଡ ମହମ୍ମଦ ଫରହାନ ସୁରାତିଆଙ୍କ ଘରେ ଚଢ଼ଉ କରାଯାଇଥିଲା। ଏହି ଠକେଇର ଚେର ପଞ୍ଜାବ, ମଣିପୁର, ଆସାମ ଓ ଓଡ଼ିଶାକୁ ମଧ୍ୟ ଲମ୍ବିଥିବା କୁହାଯାଉଛି। ଏହା ସହ ପ୍ରକୃତ ଠକେଇର ପରିମାଣ ଶହେ କୋଟିରୁ ଆହୁରି ଅଧିକ ହୋଇଥାଇପାରେ ବୋଲି ବିଭାଗ ସନ୍ଦେହ କରୁଛି। ଏହି ମାମଲାରେ ଅଧିକ ତଦନ୍ତ ଜାରି ରହିଛି।

## ମୁଖ୍ୟମନ୍ତ୍ରୀ ଘୋଷଣା ନହେଲେ ନିର୍ବାଚନ ଲଢ଼ିବୁନି: ଆରଜେଡି

ପାଟନା,୨୦।୯: ଚଳିତ ବର୍ଷ ବିହାରରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ନିର୍ବାଚନ ପାଇଁ ଏନଡିଏ ପୁଣିଥରେ ନୀତିଶ କୁମାରଙ୍କୁ ମୁଖ୍ୟମନ୍ତ୍ରୀ ଭାବରେ ପ୍ରାର୍ଥୀ କରିବାକୁ ଘୋଷଣା କରିଛି। ହେଲେ ସବୁଠାରୁ ବଡ଼ ବିରୋଧୀ ମେଣ୍ଟ ଏପର୍ଯ୍ୟନ୍ତ ତାଙ୍କର ମୁଖ୍ୟମନ୍ତ୍ରୀ ଚେହେରା କିଏ ହେବ ତାହା ଘୋଷଣା କରିନାହିଁ। ମହାଗଠବନ୍ଧନର ସବୁଠାରୁ ବଡ଼ ଦଳ ଆରଜେଡି ତେଜସ୍ୱୀ ଯାଦବଙ୍କୁ ମୁଖ୍ୟମନ୍ତ୍ରୀ ଚେହେରା କରିବ ବୋଲି ଇସାରା ଦେଉଥିବା ବେଳେ କଂଗ୍ରେସ, ନିର୍ବାଚନ ପରେ ମୁଖ୍ୟମନ୍ତ୍ରୀ ଚେହେରା ନେଇ ନିଷ୍ପତ୍ତି ନେବା ବିଷୟରେ ସାର୍ବଜନୀନ ଭାବରେ କହୁଛି। ଅନ୍ୟ ପକ୍ଷରେ ମୁଖ୍ୟମନ୍ତ୍ରୀ ଚେହେରା ଘୋଷଣା ନକରି ଆମେ ନିର୍ବାଚନ ଲଢ଼ିବୁନି ବୋଲି କହିଛନ୍ତି ତେଜସ୍ୱୀ। ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ତେଜସ୍ୱୀ ଯାଦବ



ଦାବି କରିଛନ୍ତି ଯେ, ସେମାନେ ମୁଖ୍ୟମନ୍ତ୍ରୀ ଚେହେରା ଘୋଷଣା ନକରି ନିର୍ବାଚନ ଲଢ଼ିବେ ନାହିଁ। ବିହାରରେ ଆୟୋଜିତ ହୋଇଥିବା ଅଧିକାର ଯାତ୍ରାକୁ ନେଇ ତେଜସ୍ୱୀ ଯାଦବ କହିଛନ୍ତି ଯେ, "ଏହି ଅଧିକାର ଯାତ୍ରା ଯୁବପିଢ଼ିଙ୍କ ପାଇଁ। ରାଜ୍ୟରେ ନିବେଶକୁ ଆକର୍ଷିତ କରିବା, କାରଖାନା ସ୍ଥାପନ କରିବା, ଦାରିଦ୍ର୍ୟ ଦୂର କରିବା ଏବଂ ପ୍ରବାସକୁ ବନ୍ଦ କରିବା ପାଇଁ ଏକ ଯାତ୍ରା। ଜନତା ହେଉଛନ୍ତି ମାଲିକ।"

ମୁଖ୍ୟମନ୍ତ୍ରୀ ଚେହେରା ଏବଂ ଆସନ ବଣ୍ଟନର ପ୍ରଶ୍ନରେ ତେଜସ୍ୱୀ କହିଛନ୍ତି, "ମୁଖ୍ୟମନ୍ତ୍ରୀ ଚେହେରା ପାଇଁ ଟିକିଏ ଅପେକ୍ଷା କରନ୍ତୁ। ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କୁ ବାଛିବାକୁ ଯାଉଛନ୍ତି। ଆସନ ବଣ୍ଟନ ୫-୧୦ ଦିନ ମଧ୍ୟରେ ହେବ। ଏହା ପରେ ମୁଖ୍ୟମନ୍ତ୍ରୀ ଚେହେରା ଘୋଷଣା କରାଯିବ। ଜନସାଧାରଣ ହେଉଛନ୍ତି ମାଲିକ। ଆମେ ମୁଖ୍ୟମନ୍ତ୍ରୀ ଚେହେରା ବିନା ନିର୍ବାଚନ ଲଢ଼ିବୁ ନାହିଁ।" ତେବେ ତେଜସ୍ୱୀ ଯାଦବଙ୍କ ବୟାନ ପରେ, ବିଜେପି ଏବେ କଟାକ୍ଷ କରିଛି।



## ହସ୍ପିଟାଲରେ ରାମନାଥ ଠାକୁର

**ବିହାର,୨୦।୯ :** ବିହାର ବିଧାନସଭା ନିର୍ବାଚନ ୨୦୨୫କୁ ନେଇ ରାଜନୀତି ସରଗରମ ରହିଛି। ବିଜେପି ଏନଡିଏ ଗଠବନ୍ଧନ ଏବଂ ତେଜସ୍ୱୀଙ୍କ ନେତୃତ୍ୱରେ ମହାଗଠବନ୍ଧନ ସିଟ୍ ଭାଗ ବଣ୍ଟାକୁ ନେଇ ଲଗାତାର ବୈଠକ ହେଉଛି। ଏହାରି ଭିତରେ ବିହାରର କେନ୍ଦ୍ରମନ୍ତ୍ରୀ ଏବଂ ଜେଡିୟୁର ରାଜ୍ୟସଭା ସାଂସଦ ରାମନାଥ ଠାକୁରଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡିବା ଯୋଗୁଁ ହସପିଟାଲରେ ଆଡମିଟ୍ ହୋଇଛନ୍ତି।

ଭାଗଲପୁରରେ ଏନଡିଏର ସମ୍ମେଳନ ପୂର୍ବରୁ ରାମନଥଙ୍କ ସ୍ୱାସ୍ଥ୍ୟ ବିଗିଡିଯାଇଛି। ଏଥିପାଇଁ ତାଙ୍କୁ ହସପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କୁ ଭାଇରଲ ଫିଭର ହେବା ସହିତ ଟାଏଫାଏଡ ହୋଇଛି। ତାଙ୍କୁ ଏୟାର ଆମ୍ବୁଲାନ୍ସ ଯୋଗେ ପାଟନାରେ ଏକ ଘରୋଇ ହସପିଟାଲକୁ ସିଫ୍ଟ କରାଯାଇଛି। ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ତାଙ୍କୁ ଆଜି ଦିଲ୍ଲୀ ସିଫ୍ଟ କରାଯିବାର ବ୍ୟବସ୍ଥା କରାଯାଇଛି। କେନ୍ଦ୍ରମନ୍ତ୍ରୀ ରାମନାଥ ଠାକୁର ରକ୍ତଚାପ ଏବଂ ସୁଗାର ଭଳି ରୋଗ ରହିଛି। ତେଣୁ ଟାଏଫାଏଡ ଯୋଗୁଁ ଭାଗଲପୁରରୁ ପାଟନାକୁ ରେଫର କରାଯାଇଛି। କେନ୍ଦ୍ରମନ୍ତ୍ରୀ ରାମନାଥ ଠାକୁର ଭାରତ ରତ୍ନ ସମ୍ମାନିତ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୁରୀ ଠାକୁରଙ୍କ ପୁଅ। ନରେନ୍ଦ୍ର ମୋଦିଙ୍କ ୩ୟ କାର୍ଯ୍ୟକାଳରେ ତାଙ୍କୁ କିଷାନ କଲ୍ୟାଣ ରାଜ୍ୟ ମନ୍ତ୍ରୀ କରାଯାଇଥିଲା।

## ପୂଜା ଖେଡକରଙ୍କ ବଡିଗାର୍ଡ ଗିରଫ
### ଫେରାର ହୋଇଗଲେ ବାପା-ମାଆ



**ନୂଆଦିଲ୍ଲୀ, ୨୦।୯:** ନଭି ମୁମ୍ବାଇରେ ସେପ୍ଟେମ୍ବର ୧୩ ତାରିଖରେ ଘଟିଥିବା ରୋଡ୍ ରେଜ୍ ଘଟଣାରେ ପୋଲିସ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପୂର୍ବତନ ତାଲିମପ୍ରାପ୍ତ ଆଇଏଏସ୍ ଅଧିକାରୀ ପୂଜା ଖେଡକରଙ୍କ ଡ୍ରାଇଭର ତଥା ବଡିଗାର୍ଡଙ୍କୁ ଏହି ଘଟଣାରେ ସମ୍ପୃକ୍ତ ବୋଲି ଚିହ୍ନଟ କରାଯାଇଛି। ଅଭିଯୁକ୍ତକୁ ଗିରଫ କରାଯାଇଛି ଏବଂ ଏହାର ତଦନ୍ତ ଆରମ୍ଭ କରାଯାଇଛି। ପୋଲିସ ଅନୁଯାୟୀ, ଟ୍ରକ୍ ଡ୍ରାଇଭର ପ୍ରହ୍ଲାଦ କୁମାରଙ୍କୁ ପୂଜା ଖେଡକରଙ୍କ ଘରେ ଛାଡି ଦିଆଯାଇଥିଲା। ପୋଲିସ ଅନୁଯାୟୀ, ଘଟଣାଟି ମୁଲୁଣ୍ଡ-ଏରୋଲି ରୋଡ୍ ଉପରେ ଘଟିଥିଲା। ୨୨ ବର୍ଷୀୟ ପ୍ରହ୍ଲାଦ କୁମାର ତାଙ୍କ କଂକ୍ରିଟ୍ ମିକ୍ସର ଟ୍ରକ୍ ଚଳାଉଥିଲେ। ଏହା ଏକ ଏସ୍‌ୟୁଭି ସହିତ ଧକ୍କା ହୋଇଥିଲା। ଧକ୍କା ପରେ ଟ୍ରକ୍ ଡ୍ରାଇଭର ଏବଂ ଏସ୍‌ୟୁଭିରେ ଥିବା ଦୁଇ ଜଣଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏସ୍‌ୟୁଭିରେ ଥିବା ଲୋକମାନେ ନିଜକୁ ପୋଲିସ ଅଧିକାରୀ ବୋଲି ଦାବି କରି ପ୍ରହ୍ଲାଦ କୁମାରଙ୍କୁ ପୋଲିସ ଷ୍ଟେସନକୁ ନେବାର ଅଭିନୟ କରିଥିଲେ ଏବଂ ତାଙ୍କୁ ଜୋରଜବରଦସ୍ତି ନିଜ ଗାଡ଼ିରେ ବସାଇଥିଲେ। ପୋଲିସ ନିଲମ୍ବିତ ଆଇଏଏସ୍ ଅଧିକାରୀ ପୂଜା ଖେଡକରଙ୍କ ସହ ଜଡିତ ଅପହରଣ ମାମଲାରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ନଭି ମୁମ୍ବାଇ। ଏରୋଲିରୁ ଏକ ଟ୍ରାଞ୍ଜିଟ୍ ମିକ୍ସର୍ ଟ୍ରକ୍ ହେଲପରଙ୍କୁ ଅପହରଣ ଘଟଣାରେ ପଳାତକ ଅଭିଯୁକ୍ତ ପ୍ରଫୁଲ୍ଲ ଜ୍ଞାନେଶ୍ୱର ସାଲୁଙ୍ଖେଙ୍କୁ ଧୂଳେ ଜିଲ୍ଲାର ସିନ୍ଦଖେଡାରୁ ଗିରଫ କରାଯାଇଥିଲା। ପୋଲିସ ଅଭିଯୁକ୍ତକୁ ହେପାଜତକୁ ନେଇ କୋର୍ଟରେ ହାଜର କରିଥିଲା, ଯେଉଁଠାରେ ତାଙ୍କୁ ସେପ୍ଟେମ୍ବର ୨୭ ପର୍ଯ୍ୟନ୍ତ ପୋଲିସ ହେପାଜତକୁ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପୋଲିସ ତଦନ୍ତରୁ ଜଣାପଡିଛି ଯେ ମୁଖ୍ୟ ଅଭିଯୁକ୍ତ ଦିଲୀପ ଖେଡକର ଏବଂ ତାଙ୍କ ପତ୍ନୀ ମନୋରମା ଖେଡକର ମଧ୍ୟ ଏହି ଅପରାଧରେ ସାମିଲ ଅଛନ୍ତି। ମନୋରମା ପ୍ରମାଣ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଡିଭିଆର୍ ବାହାର କରିଥିବା ବ୍ୟକ୍ତିଙ୍କୁ ମଧ୍ୟ ଚିହ୍ନଟ କରାଯାଇଛି। ବର୍ତ୍ତମାନ, ପୋଲିସ ପ୍ରଫୁଲ ସାଲୁଙ୍ଖେଙ୍କୁ ଗିରଫ କରି ହେପାଜତକୁ ନେଇଛି, ଯେତେବେଳେ ଦିଲୀପ ଖେଡକର, ତାଙ୍କ ପତ୍ନୀ ମନୋରମା ଏବଂ ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି।

## ବାଣିଜ୍ୟ ଡିଲ୍ ପାଇଁ ପିୟୁଷଙ୍କ ଟିମ ଯିବ ଆମେରିକା

**ନୂଆଦିଲ୍ଲୀ,୨୦।୯:** ବାଣିଜ୍ୟ ଡିଲ୍ କରିବା ପାଇଁ ଆମେରିକା ଗସ୍ତ କରିବ ଭାରତୀୟ ପ୍ରତିନିଧି ଦଳ। ଏହି ପ୍ରତିନିଧି ଦଳର ନେତୃତ୍ୱ ନେବେ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ। ଏହି ଦଳ ସେପ୍ଟେମ୍ବର ୨୨ ତାରିଖରେ ଆମେରିକା ଗସ୍ତ କରିବ ବୋଲି ଭାରତ ସରକାରଙ୍କ ପକ୍ଷରୁ ବିବୃତ୍ତି ଜାରି କରାଯାଇଛି। ଦ୍ୱିପାକ୍ଷିକ ଅର୍ଥନୈତିକ ସମ୍ପର୍କକୁ ସୁଦୃଢ଼ କରିବା ଏବଂ ଦୁଇ ରାଷ୍ଟ୍ର ମଧ୍ୟରେ ଟ୍ରମ୍ପଙ୍କ ସଦ୍ୟତମ ଶୁଳ୍କ ସମେତ ପ୍ରମୁଖ ବାଣିଜ୍ୟ ପ୍ରସଙ୍ଗଗୁଡ଼ିକୁ ସମାଧାନ କରିବା ଏହି ଗସ୍ତର ପ୍ରମୁଖ ଲକ୍ଷ୍ୟ ହେବ। ଭାରତ ସହିତ ବାଣିଜ୍ୟ ଡିଲ୍ କରିବାକୁ ନିକଟରେ ଆମେରିକା ପ୍ରତିନିଧି ଦଳ ଭାରତ ଆସିଥିଲେ। ଦୁଇ ପକ୍ଷ ମଧ୍ୟରେ ଆଲୋଚନା ସକାରାତ୍ମକ ରହିଥିଲା। ଏହାପରେ କଥା ଆଗକୁ ବଢ଼ିଛି। ବୁଧବାର ଆମେରିକାର ମୁଖ୍ୟ ଆଲୋଚନାକାରୀ ବ୍ରେଣ୍ଡନ ଲିଞ୍ଚ ଏବଂ ତାଙ୍କ ଭାରତୀୟ ପ୍ରତିପକ୍ଷ ରାଜେଶ ଅଗ୍ରୱାଲ ନୂଆଦିଲ୍ଲୀରେ ପ୍ରସ୍ତାବିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଉପରେ ଏକ ଦିନିକିଆ ଆଲୋଚନା କରିଥିଲେ। ବୈଠକ ପରେ, ବାଣିଜ୍ୟ ମନ୍ତ୍ରଣାଳୟ କହିଥିଲା ଯେ, ଆମେରିକୀୟ ଦଳ ସହିତ ଆଲୋଚନା ସକାରାତ୍ମକ ଥିଲା। ଉଭୟ ପକ୍ଷ ଚୁକ୍ତିର ଶୀଘ୍ର ଏବଂ ପାରସ୍ପରିକ ଲାଭଦାୟକ ନିଷ୍କର୍ଷ ପାଇଁ ଜୋର ଦେବାକୁ ରାଜି ହୋଇଛନ୍ତି। ଏହି ଆଲୋଚନା ପରେ ଆମେରିକା ଭାରତ ଉପରେ ଶୁଳ୍କ ହ୍ରାସ କରିବା ନେଇ ମଧ୍ୟ ଚର୍ଚ୍ଚା ହୋଇଥିଲା। ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ହ୍ରାସ କରିବା ସହିତ ଭାରତ ଉପରେ ଟାରିଫକୁ ୧୦-୧୫ ପ୍ରତିଶତ କରାଯାଇପାରେ ବୋଲି ମିଡିଆରେ ଖବର ପ୍ରକାଶ ପାଇଥିଲା।

## ଭାରତର ସର୍ବବୃହତ କ୍ରୁଜ୍ ଟର୍ମିନାଲ, ବାର୍ଷିକ ଯାତ୍ରୀ କ୍ଷମତା ୧୦ ଲକ୍ଷ

**ମୁମ୍ବାଇ, ୨୦।୯:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁମ୍ବାଇର ଭେଲାଡ୍ ସ୍ଥିତ ଇନ୍ଦିରା ଡକ୍ରେ ମୁମ୍ବାଇ ଅନ୍ତର୍ଜାତୀୟ କ୍ରୁଜ୍ ଟର୍ମିନାଲକୁ ଉଦଘାଟନ କରିବେ । ଏହାକୁ ଭାରତ ମିଶନ ଅଧିନରେ ବିକଶିତ କରାଯାଇଛି । ଯାହା ମୁମ୍ବାଇର ଏକ ପ୍ରମୁଖ କ୍ରୁଜ ପର୍ଯ୍ୟଟନ କେନ୍ଦ୍ର ଭାବେ ସ୍ଥାପିତ ହେବ । ଏହି ଟର୍ମିନାଲଟି ଯାତ୍ରୀମାନଙ୍କୁ ଉନ୍ନତ ସୁବିଧା ପ୍ରଦାନ କରିବା ପାଇଁ ନିର୍ମିତ ହୋଇଛି। ଏହା ଭାରତର ସର୍ବବୃହତ କ୍ରୁଜ୍ ଟର୍ମିନାଲ, ଯାହାର ବାର୍ଷିକ କ୍ଷମତା ୧୦ ଲକ୍ଷ ଯାତ୍ରୀ ।



୪,୧୫,୦୦୦ ବର୍ଗଫୁଟରେ ନିର୍ମାଣ ହୋଇଥିବା ଏହି ଟର୍ମିନାଲର ଏହାର ପ୍ରଥମ ଦୁଇଟି ମହଲା ୨୦୭,୦୦୦ ବର୍ଗଫୁଟରେ ପରିବ୍ୟାପ୍ତ ଏବଂ ୭୨ଟି ଚେକ୍-ଇନ୍ ଏବଂ ଇମିଗ୍ରେସନ୍ କାଉଣ୍ଟର ସହିତ ଅନ୍ୟ ଦୁଇଟି ମହଲା ବାଣିଜ୍ୟିକ ମହଲା ଭାବରେ ବିକଶିତ ହୋଇଛି । ଯାହାଦ୍ୱାରା ଯାତ୍ରୀଙ୍କୁ ଦ୍ରୁତ ଏବଂ ସହଜ ସୁବିଧା ମିଳିପାରିବ । ଏହି ଟର୍ମିନାଲରେ ପ୍ରତିଦିନ ପ୍ରାୟ ପାଞ୍ଚଟି କ୍ରୁଜ୍ ଜାହାଜ ପରିଚାଳନା କରିବାର କ୍ଷମତା ରହିଛି। ନବନିର୍ମିତ ଏମ୍‌ଆଇସିଟି ପ୍ରତିବର୍ଷ ପ୍ରାୟ ୧ ନିୟୁତ ଯାତ୍ରୀଙ୍କୁ ପରିଚାଳନା କରିବା ପାଇଁ ଡିଜାଇନ୍ କରାଯାଇଛି। ଏହା ୧୧ ମିଟର ଡ୍ରାଫ୍ଟ ଏବଂ ୩୦୦ ମିଟର ପର୍ଯ୍ୟନ୍ତ ଲମ୍ବ ସହିତ ଏକକାଳୀନ ପାଞ୍ଚଟି ଜାହାଜକୁ ପରିଚାଳନା କରିପାରିବ। ପାର୍କିଂ ଲଟ୍ ଏକକାଳୀନ ୩୦୦ରୁ ଅଧିକ ଯାନବାହାନକୁ ସ୍ଥାନ ଦେଇପାରିବ। ଏହାର ଆଧୁନିକ ଡିଜାଇନରେ ନିର୍ମାଣ, ଭବ୍ୟ ପ୍ରବେଶ ଦ୍ୱାର ମୁମ୍ବାଇର ଐତିହ୍ୟରୁ ପ୍ରେରଣା ଦେଇଛି। ଚଳିତ ବର୍ଷ ଏପ୍ରିଲରେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଏମ୍‌ଆଇସିଟିରେ ପତାକା ଉତ୍ତୋଳନ ଉତ୍ସବରେ ଯୋଗ ଦେବା ପରେ କହିଥିଲେ ଯେ, ଟର୍ମିନାଲ ମୁମ୍ବାଇକୁ ଏକ ପ୍ରମୁଖ ଯାତ୍ରୀ ହବ୍ ଭାବରେ ପ୍ରତିଷ୍ଠା କରିବ । ଏମ୍‌ଆଇସିଟି ପ୍ରକଳ୍ପରେ ମୋଟ ୫୫୬ କୋଟି ଟଙ୍କା ନିବେଶ କରାଯାଇଛି ।



## ୪୭୪ ଦଳ ଉପରେ ଚାଲିଲା ଇସିଆଇ ଚାବୁକ୍, ରାଜନୈତିକ ଦଳର ପଞ୍ଜୀକରଣ ବାତିଲ

**ନୂଆଦିଲ୍ଲୀ, ୨୦।୯:** ଭାରତୀୟ ନିର୍ବାଚନ କମିଶନ ୪୭୪ଟି ପଞ୍ଜୀକୃତ ଅଣମାନ୍ୟତାପ୍ରାପ୍ତ ରାଜନୈତିକ ଦଳକୁ ତାଲିକାରୁ ହଟାଇଛନ୍ତି। ଏହି ଦଳଗୁଡ଼ିକ ବିଗତ ୬ ବର୍ଷ ହେଲା କୌଣସି ନିର୍ବାଚନ ଲଢ଼ିନଥିଲେ। ଏହି କାର୍ଯ୍ୟାନୁଷ୍ଠାନ ସହିତ ବିଗତ ୨ ମାସ ମଧ୍ୟରେ ଏବେସୁଦ୍ଧା ୮୦୮ ଦଳର ପଞ୍ଜୀକରଣକୁ ରଦ୍ଦ କରିଛନ୍ତି ଭାରତର ନିର୍ବାଚନ ଆୟୋଗ (ଇସିଆଇ)। ପୂର୍ବରୁ ଅଗଷ୍ଟ ୯ରେ ପ୍ରଥମ ପର୍ଯ୍ୟାୟରେ ୩୩୪ଟି ଦଳର ପଞ୍ଜୀକରଣକୁ ରଦ୍ଦ କରାଯାଇଥିଲା। ଏହାଛଡ଼ା ଇସିଆଇ ୨୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ଅନ୍ୟ ୩୫୯ଟି ଦଳକୁ ଚିହ୍ନିତ କରିଛନ୍ତି। ଏହି ଦଳଗୁଡ଼ିକ ବିଗତ ୩ ଆର୍ଥିକ ବର୍ଷରେ ନିଜର ଅଡିଟେଡ୍ ଆକାଉଣ୍ଟସ ଓ ନିର୍ବାଚନୀ ଖର୍ଚ୍ଚର ରିପୋର୍ଟ ଦାଖଲ କରିନାହାନ୍ତି। ଏହି ଦଳଗୁଡ଼ିକ ନିର୍ବାଚନୀ ପ୍ରକ୍ରିୟାରେ ଭାଗ ନେଇଥିଲେ। କିନ୍ତୁ ନିର୍ଦ୍ଦିଷ୍ଟ ସମୟରେ ଜରୁରି ରିପୋର୍ଟ ଦାଖଲ କରିନଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଇସିଆଇଙ୍କ ଅନୁସାରେ, ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଏହି ଦଳ ଗୁଡ଼ିକୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେମାନଙ୍କୁ ନିଜର ପକ୍ଷ ଉପସ୍ଥାପନ କରିବାକୁ ସୁଯୋଗ ଦିଆଯିବ। ସେମାନଙ୍କ ଜବାବ ପ୍ରସଙ୍ଗରେ ଶୁଣାଣିପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।

## ୟୁରୋପର ଅନେକ ବିମାନବନ୍ଦର ଉପରେ ସାଇବର୍ ଆଟାକ୍
# ଚେକ୍-ଇନ୍ ସିଷ୍ଟମ ଠପ୍; ଯାତ୍ରୀ ହନ୍ତସନ୍ତ

**ନୂଆଦିଲ୍ଲୀ,୨୦।୯:** ୟୁରୋପର ଅନେକ ବ୍ୟସ୍ତ ବହୁଳ ଓ ବଡ଼ ବିମାନବନ୍ଦରରେ ସାଇବର୍ ଆଟାକ୍ ହୋଇଛି। ଚେକ୍-ଇନ୍ ଓ ବୋର୍ଡିଂ ସିଷ୍ଟମକୁ ଟାର୍ଗେଟ୍ କରି ଏହି ଆଟାକ୍ କରାଯାଇଛି। ଏହି କାରଣରୁ ଶନିବାର ଶତାଧିକ ଉଡାଣରେ ବିଳମ୍ବ ହୋଇଛି ଓ ଯାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏହି ବୈଷୟିକ ସମସ୍ୟା ଯୋଗୁ ୟୁରୋପର ପ୍ରମୁଖ ବିମାନ ବନ୍ଦରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଆପଣାଯାଇଛି। ଅନେକ ବିମାନବନ୍ଦରରେ ମାନୁଆଲ୍ ପ୍ରକ୍ରିୟାରେ ଉଡାଣ ପରିଚାଳନା କରାଯାଉଛି। ବ୍ରୁସେଲ୍ସ ଏୟରାପୋର୍ଟ ପ୍ରଶାସନ କହିଛି, ଶୁକ୍ରବାର ରାତିଠାରୁ ଚେକ୍-ଇନ୍ ଓ ବୋର୍ଡିଂ ସିଷ୍ଟମ ସେବା ଉପରେ ସାଇବର୍ ଆଟାକ୍ ହୋଇଛି। ଏଥିରେ ବୈଷୟିକ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଛି। ବିମାନବନ୍ଦର ମାନୁଆଲ୍ ଚେକ୍-ଇନ୍ ଏବଂ ବୋର୍ଡିଂ ପ୍ରକ୍ରିୟା ଗ୍ରହଣ କରିଥିଲା, ଯାହା ଫଳରେ ବିମାନ ସମୟସୂଚୀରେ ପରିବର୍ତ୍ତନ କରାଯାଇଛି। ବିମାନବନ୍ଦର ପକ୍ଷରୁ ଯାତ୍ରୀମାନଙ୍କୁ




ଧୈର୍ଯ୍ୟ ରଖିବାକୁ ଏବଂ ନିୟମିତ ଭାବରେ ସ୍ଥିତି ଯାଞ୍ଚ କରିବାକୁ ଅନୁରୋଧ କରାଯାଇଛି। ଜର୍ମାନୀର ବ୍ରାଣ୍ଡେନବର୍ଗ ବିମାନବନ୍ଦର ମଧ ସାଇବର୍ ଆଟାକର ଅଭିଯୋଗ କରିଛି। ଏହା ପରେ, ସୁରକ୍ଷାକୁ ଦୃଷ୍ଟିରେ ରଖି ବିମାନବନ୍ଦର ପ୍ରଶାସନ ଅସ୍ଥାୟୀ ଭାବରେ ଏହାର ନେଟୱାର୍କ ସଂଯୋଗକୁ ବନ୍ଦ କରିଛନ୍ତି। ଲଣ୍ଡନର ହିଥ୍ରୋ ବିମାନବନ୍ଦରରେ ମଧ ଏକ ବୈଷୟିକ ସମସ୍ୟା ଦେଖାଦେଇଛି। ହିଥ୍ରୋ ବିମାନବନ୍ଦର ଅନୁଯାୟୀ, ଅନେକ ଏୟାରଲାଇନ୍ସକୁ ଚେକ୍-ଇନ୍ ଏବଂ ବୋର୍ଡିଂ ସିଷ୍ଟମ ପ୍ରଦାନ କରୁଥିବା କଲିନ୍ସ ଏରୋସ୍ପେସ୍ କମ୍ପାନୀ ବୈଷୟିକ ସମସ୍ୟାର ସମ୍ମୁଖୀନ ହେଉଛି। ଏହି କାରଣରୁ ଉଡ଼ାଣରେ ବିଳମ୍ବ ହେଉଛି।

ସାଇବର ଆକ୍ରମଣ ଯୋଗୁଁ ପ୍ରଭାବିତ ବିମାନବନ୍ଦରଗୁଡ଼ିକ ସୁରକ୍ଷା ପ୍ରୋଟୋକଲକୁ କଡ଼ାକଡ଼ି କରିଛନ୍ତି। ବଡ଼ ଧରଣର ସାଇବର୍ ଆଟାକକୁ ଏଡାଇବା ପାଇଁ ଅନେକ ସ୍ଥାନରେ ସିଷ୍ଟମଗୁଡ଼ିକୁ ଅସ୍ଥାୟୀ ଭାବରେ ଅଫ୍‌ଲାଇନ୍ କରାଯାଇଛି। ଘଟଣାର ଗମ୍ଭୀରତା ଯୋଗୁଁ ବିଶେଷଜ୍ଞମାନେ ହାଇ ଆଲର୍ଟରେ ଅଛନ୍ତି ଏବଂ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଅତିରିକ୍ତ ପଦକ୍ଷେପ ନେଉଛନ୍ତି।

## ଏମ୍‌କେସିଜି ଆଇସିୟୁରେ ଗୁରୁତର ଯବାନଙ୍କୁ ଭେଟିଲେ ପୁଲିସ ଡିଜି



**ବ୍ରହ୍ମପୁର, ୨୦।୯ (ସଂଚାର ବ୍ୟୁରୋ) :** ମାଓବାଦୀଙ୍କ ଗୁଳିରେ ଆହତ ଏସ୍‌ଓଜି ଯବାନ ପ୍ରେମ ସିଂ ମାଝୀଙ୍କୁ ଏମ୍‌କେସିଜି ମେଡିକାଲ ଆଇସିୟୁରେ ଭେଟିଛନ୍ତି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଯ୍ୱାଇବି ଖୁରାନିଆ। ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ପୋଲିସ ଏଡିଜି ସଞ୍ଜୟ କୁମାର, ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ଉପସ୍ଥିତ ଥିଲେ। ମନ୍ତ୍ରୀ ଏବଂ ପୋଲିସ ମହାନିର୍ଦ୍ଦେଶକ ଯବାନଙ୍କ ସହ ଆଲୋଚନା କରିବା ସହ ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ। ସେହିପରି ଏମ୍‌କେସିଜିର ଡାକ୍ତରୀ ଦଳ ସହ ଆଲୋଚନା କରିଥିଲେ। ଯବାନ ପ୍ରେମସିଂଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ୨ ଦିନ ହେବ ଆଇସିୟୁରେ ରଖି ଚିକିତ୍ସା କରାଯାଉଛି। କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଗଞ୍ଜାମ ସୀମାନ୍ତ ଅଞ୍ଚଳ ରଣବା ମାଣିକେଶ୍ୱରୀ ପଞ୍ଚାୟତ ଗେବିଙ୍ଗିଆ ଜଙ୍ଗଲରେ ଗୁରୁବାର ସନ୍ଧ୍ୟାରେ ମାଓବାଦୀ-ଯବାନଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏଥିରେ ପ୍ରେମ ସିଂ ମାଝୀ ଆହତ ହୋଇଥିଲେ। ତାଙ୍କ ବାମ ହାତ, ପେଟରେ ଗୁଳି ବାଜିଥିଲା।

## ଦୋକାନ ଭିତରେ ଜଳିଗଲେ ଯୁବକ, ପୋଡ଼ିଯାଇଛି ଶରୀରର ୭୦ ପ୍ରତିଶତ

**ଅନୁଗୁଳ, ୨୦।୯ (ସଂଚାର ବ୍ୟୁରୋ) :** ଦୋକାନ ଭିତରେ ଜଳିଗଲେ ଯୁବକ। ନିଆଁରେ ପୋଡ଼ିଗଲା ଯୁବକଙ୍କ ଶରୀରର ପ୍ରାୟ ୭୦ ପ୍ରତିଶତ । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଅନୁଗୁଳ କରଡ଼ାଖମଣ ଗାଁରେ ଅଘଟଣ। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିନଥିଲେ ବି, ଦୋକାନରେ ଥିବା ପେଟ୍ରୋଲ ଢାଳି ଯାଇ ସେଥିରେ ନିଆଁ ଲାଗିବାରୁ ଅଗ୍ନିକାଣ୍ଡ ହୋଇଥିବା କୁହାଯାଉଛି। ତେବେ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଅନୁଗୁଳ ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ, ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, କରଡ଼ାଖମଣର ବନୋଜ ସାହୁ (୨୦) ଗାଁରେ ଏକ ଦୋକାନ ଦେଇଥିଲେ। ହେଲେ ଶନିବାର ସନ୍ଧ୍ୟାରେ କୌଣସି କାରଣରୁ ଦୋକାନରେ ନିଆଁ ଲାଗିଯାଇଥିଲା, ଯେଉଁଥିରେ ସେ ପୋଡ଼ିହୋଇଯାଇଛନ୍ତି। ତାଙ୍କ ଶରୀରର ପ୍ରାୟ ୭୦ ପ୍ରତିଶତ ପୋଡ଼ିଯାଇଛି। ତେବେ କେଉଁ କାରଣରୁ ଏହି ଅଗ୍ନିକାଣ୍ଡ ଘଟିଛି ତାହା ଜଣାପଡ଼ିନଥିବାବେଳେ, ବନୋଜଙ୍କ ବାପାଙ୍କ କହିବା କଥା ଦୋକାନରେ ଥିବା ପେଟ୍ରୋଲ ଢାଳି ଯାଇଥିଲା। ଆଉ ସେଥିରେ କୌଣସିମତେ ନିଆଁ ଲାଗି ଅଗ୍ନିକାଣ୍ଡ ଘଟିଛି। ଗୁରୁତର ଅବସ୍ଥାରେ ପ୍ରଥମେ ଖମାର ଡାକ୍ତରଖାନା ଓ ପରେ ଅନୁଗୁଳ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ନେବା ପାଇଁ ପରାମର୍ଶ ଦେଇଛନ୍ତି ଡାକ୍ତର। ସେପଟେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜାଣିବାକୁ ରେଙ୍ଗାଲି ଥାନା ପୋଲିସ ତଦନ୍ତ କରୁଛି।

● ଅବକାରୀ ବିଭାଗ ଏବଂ ପୁଲିସର ମିଳିତ ଚଢ଼ଉ

## ବ୍ୟାପକ ଦେଶୀ ମଦ ଜବତ: ୪ ଗିରଫ

**ଚମ୍ପୁଆ, ୨୦ ।୯ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଅବକାରୀ ଅଧୀକ୍ଷକ ସିତାରାଣୀ ପଟାୟତଙ୍କ ନିର୍ଦ୍ଦେଶ କ୍ରମେ ଚମ୍ପୁଆ ଅବକାରୀ ଇନ୍ସପେକ୍ଟର ଓ ଜିଲ୍ଲା ଅବକାରୀ ମୋବାଇଲ ୟୁନିଟ ଇନ୍ସପେକ୍ଟର ଜଗା ରାଓ, ଯୋଡ଼ା ଅବକାରୀ ସବଇନ୍ସପେକ୍ଟର ପ୍ରଶାନ୍ତ ପରିଡ଼ା ଏବଂ ଯୋଡା ପୋଲିସ ମିଳିତ ଭାବେ ଶନିବାର ଦିନ ଯୋଡ଼ା ପୌରପାଳିକା ଅନ୍ତର୍ଗତ ୩ ଟି ପୃଥକ ସ୍ଥାନରେ ଚଢ଼ଉ କରିଥିଲେ। ତେବେ ଚଢ଼ାଉ ବେଳେ ୫୦୦୦ କେଜି ଦେଶୀ ମହୁଲି ପୋଚ ଏବଂ ୩୮୯ ଲିଟର ଦେଶୀ ମଦ ଜବତ କରି ୨ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଦେଶୀ ମଦ ଏବଂ ନକଲି ମଦକୁ ରୋକିବା ପାଇଁ ରାଜ୍ୟବ୍ୟାପୀ ଅବକାରୀ ବିଭାଗ ର ସ୍ପେସିଆଲ ଡ୍ରାଇଭ ଚାଲୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଯୋଡା ପୌରପାଳିକା ଅନ୍ତର୍ଗତ ଉଲି ହାଟିଂ, ବିଚାକୁଣ୍ଡି ଏବଂ ସହର ର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ଏବଂ ପୋଲିସ ମିଳିତ ଚଢ଼ାଉ କରି ସଫଳ ହେଇଥିଲେ। ତେବେ ଅଭିଯୁକ୍ତ ମାନେ ହେଲେ ଯୋଡ଼ାସ୍ଥିତ ବିଚାକୁଣ୍ଡି ଅଞ୍ଚଳର ସୁରେଶ ମୁଣ୍ଡା(୨୫) ଏବଂ ଉଲି ହାଟିଂ ର ମିନା ସିଂ ବୟସ(୫୦ )ବୋଲି ଜଣାପଡ଼ିଛି। ସେହିପରି ଶନିବାର ଦିନ ଦ୍ୱିପ୍ରହରରେ ବସନ୍ତ ପୁର ରୁ ଯୋଡ଼ା କୁ ଦେଶୀ ମଦ ବାଇକ ନମ୍ବର (ଓଡ଼ି ୦୯ ଇଉ ୦୭୫୮) ଯୋଗେ ଚୋରା ଚାଲାଣ କରୁଥିବା ବେଳେ ଯୋଡ଼ା ଅବକାରୀ ଅଧିକାରୀ ପ୍ରଶାନ୍ତ କୁମାର ପରିଡ଼ା ୪୫ ଲିଟର ଦେଶୀ ମଦ ଏବଂ ବାଇକ କୁ ଜବତ କରି ୨ ଜଣ କୁ ଗୁରଫ କରି କୋର୍ଟ ଚାଲାଣ କରିଛନ୍ତି। ତେବେ ଅଭିଯୁକ୍ତ ମାନେ ହେଲେ ସୁରେନ୍ଦ୍ର ମୁଣ୍ଡ(୨୧) ଏବଂ ଜ୍ୟୋତି ମାଝୀ(୪୮) ବୋଲି ଜଣାପଡ଼ିଛି। ଅବୈଧ ମଦ ବ୍ୟବସାୟକୁ ନିୟନ୍ତ୍ରଣ କରିବା ପାଇଁ ଏପରି ଯୁକ୍ତ ଅଭିଯାନ ଆଗାମୀଦିନରେ ମଧ୍ୟ ଚାଲୁରହିବ ବୋଲି ଚମ୍ପୁଆ ଅବକାରୀ ଇନ୍ସପେକ୍ଟର ଜଗା ରାଓ କହିଛନ୍ତି।

### ଭାରତ ବିପକ୍ଷ ମ୍ୟାଚ୍ ପୂର୍ବରୁ ପାକିସ୍ତାନର ଡ୍ରାମା ଆରମ୍ଭ

# ରଦ୍ଦ କଲା ପ୍ରି ମ୍ୟାଚ ପ୍ରେସ କନଫରେନ୍ସ

**ଦୁବାଇ,୨୦।୯:** ସୁପର-୪ରେ ଭାରତ ବିପକ୍ଷ ମ୍ୟାଚ୍ ପୂର୍ବରୁ ପୁଣି ଥରେ ନାଟକବାଜି ଆରମ୍ଭ କରିଛି ପାକିସ୍ତାନ। ରବିବାର ଖେଳାଯିବାକୁ ଥିବା ମହାମୁକାବିଲା ପୂର୍ବରୁ ଶନିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀକୁ ରଦ୍ଦ କରିଛି ପାକିସ୍ତାନ କ୍ରିକେଟ୍ ଦଳ। ଅନ୍ୟପଟେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏଥିରେ ଯୋଗଦେଇ ସାମ୍ବାଦିକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଛନ୍ତି। ହେଲେ ପାକିସ୍ତାନର ଅଧିନାୟକ ସଲମାନ ଅଲୀ ଆଗା ସାମ୍ବାଦିକ ସମ୍ମିଳନୀରୁ ଦୂରେଇ ରହିଛନ୍ତି।



ସୂଚନା ଅନୁଯାୟୀ, ଶନିବାର ମ୍ୟାଚ୍ ପୂର୍ବରୁ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଛି। ହେଲେ ପାକିସ୍ତାନ ଦଳ ପକ୍ଷରୁ ପ୍ରି ମ୍ୟାଚ ପ୍ରେସ କନଫରେନ୍ସ ରଦ୍ଦ କରାଯାଇଛି। ଏମିତି କରି ପାକିସ୍ତାନ ଦର୍ଶାଇ ଦେଇଛି ଯେ, ସେ ଆଗକୁ ମଧ୍ୟ ଭାରତ ବିପକ୍ଷ ମୁକାବିଲାରେ ସାମ୍ବାଦିକ ସମ୍ମିଳନୀରେ ସାମିଲ ହେବ ନାହିଁ। ଏହା ବାଦ୍ ପାକିସ୍ତାନୀ ଟିମ୍ ମ୍ୟାନେଜମେଣ୍ଟ ନିଜର କ୍ୟାମ୍ପରେ ମୋଟିଭେଶନାଲ ସ୍ପିକର ଡ. ରାହିଲଙ୍କୁ ସାମିଲ୍ କରିଛି। ପାକିସ୍ତାନ ଟିମ୍ ମ୍ୟାଚ୍ ପୂର୍ବରୁ ଏ ଅଚାନକ ଏମିତି ନାଟକବାଜି କରିବା କ୍ରିକେଟ୍ ପ୍ରେମୀଙ୍କୁ ଆଶ୍ଚର୍ଯ୍ୟ କରିଛି। ଦଳରେ ମୋଟିଭେନାଲ ସ୍ପିକରଙ୍କୁ ଯୋଡ଼ିବା ଉପରେ ପାକିସ୍ତାନୀ ଟିମ୍ ମ୍ୟାନେଜମେଣ୍ଟ କହିଛନ୍ତି, ମ୍ୟାଚ୍ ପୂର୍ବରୁ କୌଣସି ପ୍ରକାରର ବାହ୍ୟ କୋଳାହଳ ଏବଂ ପ୍ରଶ୍ନ ଉତ୍ତରରୁ ଦୂରେଇ ରୁହନ୍ତୁ ଖେଳାଳି। ଏହା ସହିତ ମ୍ୟାଚ୍ ପୂର୍ବରୁ ମାନସିକ ଭାବେ ଖେଳାଳି କେମିତି ମଜବୁତ ହେବେ ସେଥିପାଇଁ ଦଳରେ ମୋଟିଭେସନାଲ ସ୍ପିକରଙ୍କୁ ଯୋଡ଼ା ଯାଇଛି। ଏମିତି ହେଲେ ଖେଳାଳି ମାନସିକ ଭାବେ ଦୃଢ଼ ରହିପାରିବେ। ଖେଳାଳିଙ୍କୁ ମାନସିକ ଭାବେ ମଜବୁତ କରିବା, ଆତ୍ମ ବିଶ୍ୱାସ ବଢାଇବା ଏବଂ ମ୍ୟାଚ୍ ସମୟରେ ଚାପରୁ କେମିତି ବର୍ତ୍ତିବେ ତାର ଟ୍ରେନିଂ ଦେବା ରାହିଲଙ୍କ କାମ। ସୂଚନାଯୋଗ୍ୟ, ଏହା ପୂର୍ବରୁ ସେପ୍ଟେମ୍ବର ୧୪ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଗ୍ରୁପ ଷ୍ଟେଜରେ ମୁକାବିଲା ବହୁତ ଚର୍ଚ୍ଚାରେ ରହିଥିଲା। ମ୍ୟାଚ୍ ସରିବା ପରେ ଭାରତୀୟ ଖେଳାଳି ପାକିସ୍ତାନ ଖେଳାଳିଙ୍କ ସହ ହାତ ମିଳାଇବାକୁ ନ ଥିଲେ। ଯାହାକୁ ନେଇ କ୍ଷୁବ୍ଧ ହୋଇଥିଲେ ପାକିସ୍ତାନୀ ଦଳ। ଏହି କାରଣରୁ ପୁରସ୍କାର ସମାରୋହକୁ ଅଧିନାୟକ ସଲମାନ ଅଲୀ ଆଗା ବହିଷ୍କାର କରିଥିଲେ।

ପିସିବ ମ୍ୟାଚ୍ ରେଫରୀ ଆଣ୍ଡି ପାଇକ୍ରଫ୍ଟଙ୍କ ବିରୋଧରେ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ(ଆଇସିସି) ନିକଟରେ ଫେରାଦ ହୋଇଥିଲା। ପାଇକ୍ରଫ୍ଟଙ୍କୁ ନ ହଟାଇଲେ ମ୍ୟାଚ୍ ବୟକଟର କରିବକୁ ଧମକ ଦେଇଥିଲା ପାକିସ୍ତାନ। ମାତ୍ର ଆଇସିସି ପାକିସ୍ତାନ ଦାବିକୁ ଅଗ୍ରାହ୍ୟ କରି ଦେଇଥିଲା। ହାଇଡ୍ରାମା ପରେ ଶେଷରେ ୟୁଏଇ ସହ ଖେଳିବାକୁ ରାଜି ହୋଇଥିଲା ପାକିସ୍ତାନ। ତେବେ ଏସବୁ ମଧ୍ୟରେ ରବିବାର ଭାରତ ଓ ପାକିସ୍ତାନ ମଧ୍ୟରେ ସୁପର-୪ ଖେଳାଯିବ ମହାମୁକାବିଲା।

## ସରପଞ୍ଚଙ୍କୁ ଆକ୍ରମଣ ମାମଲା: ବିଧାୟକଙ୍କ ଧାରଣା

**ରାଜନଗର, ୨୦।୯ (ସଂଚାର ବ୍ୟୁରୋ) :** ମହିଳା ଦଳିତ ସରପଞ୍ଚଙ୍କୁ ତାଙ୍କ ଘରେ ପଶି ସଙ୍ଘବଦ୍ଧ ଭାବେ ଆକ୍ରମଣ କରାଯିବା ଘଟଣାରେ ପୋଲିସ ନୀରବତା ଉପରେ ପ୍ରଶ୍ନ ଉଠାଇବା ସହିତ ଥାନା ବାରଣ୍ଡାରେ ଧାରଣାରେ ବସିଛନ୍ତି ବିଧାୟକ । ରାଜନଗର ବିଧାୟକ ଧ୍ରୁବ ସାହୁ ରାଜନଗର ଥାନା ବାରଣ୍ଡାରେ ଧାରଣାରେ ବସିଛନ୍ତି । ରାଜନଗର ଥାନା ଆଗରେ ୩ ଦିନ ହେଲା ରାଜପୁର ସରପଞ୍ଚ ରାଣୀମଞ୍ଜରୀ ସେଠୀ ନିଜେ ନ୍ୟାୟ ପାଇଁ ଥାନା ବାରଣ୍ଡାରେ ଧାରଣାରେ ବସି ରହିଥିବା ବେଳେ ସରପଞ୍ଚଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଆମ୍ବେଦକର ବିଚାର ଲୋହିଆ ମଞ୍ଚ ଥାନା ସମ୍ମୁଖ ଫାଟକ ଆଗରେ ଧାରଣାରେ ବସି ରହିଥିଲେ । ୩ ଦିନ ହେଲା ଧାରଣା ଜାରି ରହିଥିଲେ ମଧ୍ୟ ପୋଲିସ କାହିଁକି ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସାହସ ଯୁଟାଇ ପାରୁନି ତାହାକୁ ନେଇ ପ୍ରଶ୍ନ ଉଠିଛି । ପୋଲିସ କୌଣସି ପଦକ୍ଷେପ ନେଉନଥିବାରୁ ଆଜି ରାତି ପ୍ରାୟ ୯ଟା ବେଳେ ରାଜନଗର



ଥାନାରେ ପହଞ୍ଚି ଦଳିତ ମହିଳା ସରପଞ୍ଚଙ୍କୁ ନ୍ୟାୟ ଦାବିରେ ଥାନା ବାରଣ୍ଡାରେ ବସିଥିଲେ। ରାଜପୁର ସରପଞ୍ଚ ରାଣୀ ମଞ୍ଜରୀ ସେଠୀ, ଜିଲ୍ଲା ଲୋହିଆ ମଂଚର ମହିଳା ସଭାପତି ପ୍ରମିଳା ସେଠୀ ଆମ୍ବେଦକର ଲୋହିଆ ବିଚାର ମଂଚର ଜିଲ୍ଲା ସଭାପତି ରବୀନ୍ଦ୍ର ନାଥ ସେଠୀ, ଜିଲ୍ଲା ସାଧାରଣ ସମ୍ପାଦକ ଦଶରଥ ମଳିକ,ଜିଲ୍ଲା ପଟ୍ଟାମୁଣ୍ଡାଇ ଦଳିତ ଜାତି ସଙ୍ଘର କଳ୍ପତରୁ ମଳିକ,ସଭାପତି ପଟ୍ଟାମୁଣ୍ଡାଇ ବ୍ଲକ ପରୀକ୍ଷିତ ମଳିକ,ସଂପାଦକ ପଟ୍ଟାମୁଣ୍ଡାଇ ବ୍ଲକ ଈଶ୍ୱର ମଳିକ,ସଂପାଦକ ରାଜନଗର ବ୍ଲକ ବାବନ ଚରଣ ଯେନା, ସହ ସଂପାଦକ ରାଜନଗର ବ୍ଲକ ପ୍ରଶାନ୍ତ କୁମାର ଯେନା, ଅଜୟ କୁମାର ଯେନା, ବାଇଧର ସେଠୀ ପ୍ରମୁଖ ଧାରଣାରେ ପୂର୍ବରୁ ବସି ରହିଥିଲେ । ସରପଞ୍ଚ ସଂହାର ସଭାପତି ଅଶୋକ କୁମାର ମହାନ୍ତି , ସରପଞ୍ଚ ନିରଞ୍ଜନ ରାଉତ ପ୍ରମୁଖ ଧାରଣାରେ ବସିଥିଲେ । ବିଧାୟକ ଦୀର୍ଘ ୧ ଘଣ୍ଟା ଧରି ଧାରଣାରେ ବସିଥିଲେ ।

ଅତିରିକ୍ତ ଏସପି ସୁଧାକର ସାହୁ , ଏସଡିପିଓ କ୍ଷମା ସାଗର ପଣ୍ଡା ବିଧାୟକ ଓ ଦଳିତ ସଂଘର ନେତା ଓ ସରପଞ୍ଚଙ୍କ ସହିତ ଆଲୋଚନା କରିଥିଲେ। ୧୫ ଦିନ ମଧ୍ୟରେ ନିଶ୍ଚିନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ ପତିଶ୍ରୁତି ଦେବା ପରେ ବିଧାୟକ , ସରପଞ୍ଚ ଓ ଦଳିତ ନେତା ମାନେ ଧାରଣରୁ ଉଠିଛନ୍ତି । ୧୫ ଦିନ ଭିତରେ ଅଭିଯୁକ୍ତଙ୍କୁ ଗିରଫ କରାନଗଲେ ରାଜନଗର ଥାନା ଆଗରେ ଆଇନ ଅମାନ୍ୟ ଆନ୍ଦୋଳନ ସହିତ ଥାନା ଘେରାଉ କରାଯିବ ବୋଲି ବିଧାୟକ ଓ ଦଳିତ ନେତା ମାନେ ପୋଲିସକୁ ଚେତାବନୀ ଦେଇ ଧାରଣରୁ ଉଠିଛନ୍ତି ।

## ସ୍ମୃତି ମାନ୍ଧାନାଙ୍କ ରେକର୍ଡ ଶତକ



**ନୂଆଦିଲ୍ଲୀ,୨୦।୯ :** ଦିନିକିଆରେ କୌଣସି ଭାରତୀୟ ଖେଳାଳିଙ୍କ ଦ୍ୱାରା ଦ୍ରୁତତମ ଶତକ ହାସଲ କରିଛନ୍ତି ଭାରତୀୟ ମହିଳା କ୍ରିକେଟ ତାରକା ସ୍ମୃତି ମାନ୍ଧାନା। ସେ ଶନିବାରଦିନ ଦିଲ୍ଲୀରେ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷରେ ମାତ୍ର ୫୦ଟି ବଲରେ ଶତକ ଅର୍ଜନ କରିଥିଲେ। ଏହା ସହିତ ସେ ୧୩ ବର୍ଷ ପୁରୁଣା ବିରାଟ କୋହଲିଙ୍କ ରେକର୍ଡ ଭାଙ୍ଗିଛନ୍ତି। ୨୦୧୨-୧୩ ସିଜିନରେ ବିରାଟ ଅଷ୍ଟ୍ରେଲିଆ ବିପକ୍ଷରେ ୫୨ଟି ବଲରେ ଶତକ ଅର୍ଜନ କରିଥିଲେ। ସ୍ମୃତି ଏବେ ପୁରୁଷ ଓ ମହିଳା ବର୍ଗ ନିର୍ବିଶେଷରେ ଭାରତର ଦ୍ରୁତତମ ଦିନିକିଆ ଶତକ ଅର୍ଜନକାରୀରେ ପରିଣତ ହୋଇଛନ୍ତି। ନିଜର ଏହି ଇନିଂସରେ ସେ ମୋଟ ୧୨୫ ରନ କରିଥିଲେ, ଯେଉଁଥିରେ ୧୭ଟି ଚୌକା ଓ ୫ଟି ଛକା ଅନ୍ତର୍ଭୁକ୍ତ। ସ୍ମୃତି ଏବେ ପୁରୁଷ ଓ ମହିଳା ବର୍ଗ ନିର୍ବିଶେଷରେ ଭାରତର ଦ୍ରୁତତମ ଦିନିକିଆ ଶତକ ଅର୍ଜନକାରୀରେ ପରିଣତ ହୋଇଛନ୍ତି। ଏହି ମ୍ୟାଚରେ ଅଷ୍ଟ୍ରେଲିଆ ମହିଳା ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିଲା ଓ ଭାରତ ଆଗରେ ୪୧୩ ରନର ବିଶାଳ ଲକ୍ଷ୍ୟ ରଖିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ବେଥ୍ ମୁନି ୧୩୮ ରନ, ଜର୍ଜିଆ ଭଲ୍ ୮୧ ରନ ଓ ଏଲିସି ପେରି ୬୮ ରନ କରିଥିଲେ। ଏତେ ବଡ଼ ସ୍କୋର କରିଥିଲେ ବି ଅଷ୍ଟ୍ରେଲିଆ ସଂପୂର୍ଣ୍ଣ ୫୦ ଓଭର ଖେଳିପାରିନଥିଲା ଓ ୪୭.୫ ଓଭରରେ ଅଲଆଉଟ ହୋଇଯାଇଥିଲା।

## ଯଶୋଦା ଯୋଜନାରେ ୧୩ ଜଣଙ୍କୁ ସହାୟତା

**ଭୁବନେଶ୍ୱର,୨୦।୯:** ଚଳିତ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାର ଝିଅ ବାହାଘର ପାଇଁ ୧୩ ଜଣଙ୍କୁ ସହାୟତା ପ୍ରଦାନ କରିଛନ୍ତି। ଏମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ଜିଲ୍ଲାର ୭ ଜଣ ହିତାଧିକାରୀ ରହିଥିବା ବେଳେ କେନ୍ଦ୍ରାପଡା, ଖୋରଧା ଓ ସୁନ୍ଦରଗଡର ୨ ଜଣ ଲେଖାଏଁ ରହିଛନ୍ତି। ଏହି ସହାୟତା ଯଶୋଦା ଯୋଜନାରେ ପ୍ରଦାନ କରାଯାଇଛି। ଯଶୋଦା ଯୋଜନାର କାର୍ଯ୍ୟକାରିତା ନେଇ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଚଳିତ ବଜେଟରେ ସରକାର ଅନାଥ ଶିଶୁମାନଙ୍କୁ ଆର୍ଥିକ ସହାୟତା ଘୋଷଣା କରିଥିବାବେଳେ ମୋଟ୍ ୧୧୯୯ ଶିଶୁଙ୍କୁ ସହାୟତା ପ୍ରଦାନ କରିଛନ୍ତି। ଏଥି ମଧ୍ୟରେ ୩୪୪ଜଣଙ୍କୁ ବୈଷୟିକ ଓ ଧନ୍ଦାମୂଳକ ଶିକ୍ଷା ପାଇଁ ସହାୟତା ପ୍ରଦାନ କରିଥିବାବେଳେ ୭୪୯ ଜଣଙ୍କୁ ସୁକନ୍ୟା ସମୃଦ୍ଧି ଯୋଜନାରେ ୯୩ ଜଣଙ୍କୁ ଛାତ୍ର ବୃତ୍ତି ଓ ୧୩ ଜଣଙ୍କୁ ବିବାହ ସହାୟତା ପ୍ରଦାନ କରିଛନ୍ତି। ଯଶୋଦା ସହାୟତା ବାବଦରେ ରାଜ୍ୟ ସରକାର ମୋଟ୍ ୬୩,୯୪,୫୯୯ ଟଙ୍କା ପ୍ରଦାନ କରିଥିବାବେଳେ ଦେବଗଡ, କନ୍ଧମାଳ ଓ ନୂଆପଡା ଜିଲ୍ଲାରେ ଏହି ଯୋଜନାରେ ଜଣେ ହେଲେ ହିତାଧିକାରୀ ନାହାନ୍ତି। ସେହିଭଳି ସର୍ବାଧିକ ୧୧ଲକ୍ଷ ୯୬ ହଜାର ଟଙ୍କାର ସହାୟତା କୋରାପୁଟ ଜିଲ୍ଲାରେ ପ୍ରଦାନ କରାଯାଇଥିବାବେଳେ ସର୍ବନିମ୍ନ ୩୨ହଜାର ଟଙ୍କା କଟକ ଜିଲ୍ଲାରେ ପ୍ରଦାନ କରାଯାଇଛି। ଏହି ଜିଲ୍ଲାରେ ଜଣେ ମାତ୍ର ଛାତ୍ରଙ୍କୁ ଶିକ୍ଷା ପାଇଁ ସହାୟତା ଯୋଗାଇ ଦିଆଯାଇଛି। ସେହିଭଳି ଉପମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ୨୦୨୪-୨୫ ବର୍ଷରେ ରାଜ୍ୟରେ ୪୫ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଏମାନଙ୍କ ମଧ୍ୟରେ ସୁନ୍ଦରଗଡ ଜିଲ୍ଲାରୁ ୬ ଜଣ ଉଦ୍ଧାର ହୋଇଥିବା ବେଳେ ଅନୁଗୁଳ, ଗଞ୍ଜାମ, କେନ୍ଦୁଝର, କୋରାପୁଟ ଜିଲ୍ଲାରୁ ୪ ଜଣ ଲେଖାଏଁ, ସମ୍ବଲପୁରରୁ ୩ ଜଣ, କଟକ, ଗଜପତି, ଜଗତ୍‌ସିଂହପୁରରୁ ୨ ଜଣ ଲେଖାଏଁ ଏବଂ ବାଲେଶ୍ୱର, ମୟୁରଭଞ୍ଜ, ନବରଙ୍ଗପୁର, ନୟାଗଡ ଓ ପୁରୀରୁ ଜଣେ ଲେଖାଏଁ ଅଛନ୍ତି। (ତଥ୍ୟ)

## ଧଳାଜହର ବେପାରୀଙ୍କୁ ଧରିଲା ନନ୍ଦିପଦା ପୋଲିସ

**କେନ୍ଦୁଝର, ୨୦ ।୯ (ସଂଚାର ବ୍ୟୁରୋ):** ୯୭ ଗ୍ରାମ ବ୍ରାଉନ ସୁଗର ସହ ଜଣେ ଗିରଫ। ଦୀର୍ଘଦିନ ଧରି ଧଳା ଜହର କାରବାରର ହବ ପାଲଟିଥିବା ହାଟଡିହି ଅଞ୍ଚଳରୁ ପୁଣି ଜଣେ ଧଳା ଜହର ବେପାରୀଙ୍କୁ ଧରିଲା ପୋଲିସ। ସୂଚନା ଅନୁଯାୟୀ କିଛି ଦିନ ବ୍ୟବଧାନରେ ଏହି ବେପାରରେ ଜଡ଼ିତ ଯୁବକମାନେ ଗିରଫ ହୋଇଛନ୍ତି। କିନ୍ତୁ ସମ୍ପୂର୍ଣ୍ଣ ଭାବରେ ମୂଳ ଶେଷ ହୋଇ ନଥିବାରୁ ଏବେ ଏହି କାରବାର ଚାଲିଥିବା ସୂଚନା ମିଳିଥିଲା। ପୋଲିସ ଭିତିରିଆ ଟ୍ରାକ ଆରମ୍ଭ କରି ପୁଣି ଜଣକୁ ଧରିବାରେ ସକ୍ଷମ ହୋଇଛି। ଯାହାକି ଆଗକୁ ପାର୍ବଣର ଋତୁ ଆରମ୍ଭ ହେବାକୁ ଯାଉଥିବାରୁ ଏହି ପରି ଘାଟଣା ଉପରେ ନଜର ରଖିବାକୁ କେନ୍ଦୁଝର ଏସ୍‌ପି ନୀତିନ କୁଷଲକର ଟାଗୁଡୁ ସୂଚନା ଦେଇଛନ୍ତି। ଧରାପଡ଼ିଥିବା ଯୁବକ ହେଲେ ଭଦ୍ରକ ଜିଲ୍ଲାର କଣ୍ଟାପଡ଼ା ଗାଁର ଯୁବକ କାଳନ୍ଦୀ ଦାସଙ୍କ ସାନପୁଅ ରତନ ଦାସ ବୟସ ୩୭। ତାଙ୍କ ନିକଟରୁ ୯୭ ଗ୍ରାମର ବ୍ରାଉନ ସୁଗାର ଜବତ ହୋଇଥିବାବେଳେ ନନ୍ଦିପଦା ପୋଲିସ ୨୭୮/୨୫ରେ ଏକ ମାମଲା ରୁଜୁକରି କୋର୍ଟ ଚାଲାଣ କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଶ୍ରୀମନ୍ଦିର...

ମହାଧାର୍ମିକ କାର୍ତ୍ତିକ ମାସ ପାଇଁ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଥିବା ବେଳେ ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁଯାୟୀ ଆସନ୍ତା ୩ ତାରିଖରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ଭୋର୍ ୪ଟାରେ ଶ୍ରୀମନ୍ଦିର ଦ୍ୱାର ଫିଟିବ। ସେହିପରି ଭୋର୍ ସାଢ଼େ ୬ଟାରୁ ସାଢ଼େ ୭ଟା ମଧ୍ୟରେ ରାଧା ଦାମୋଦର ବେଶ ଅନୁଷ୍ଠିତ ହେବ। ପରେ ପୂର୍ବାହ୍ନ ୧୦ଟାରୁ ସାଢ଼େ ୧୦ଟା ମଧ୍ୟରେ ବାଲ ଧୂପ ନୀତି ଶେଷ କରାଯିବ। ହବିଷ୍ୟାଳୀମାନେ କିପରି ସୁରୁଖୁରୁରେ ଦର୍ଶନ କରିପାରିବେ, ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବାକୁ ବୈଠକରେ ଆଲୋଚନା ହୋଇଛି।

ସେହିପରି ଅକ୍ଟୋବର ୨୭ ତାରିଖ ସୋମବାର ଦିନ ମହାପ୍ରଭୁଙ୍କ ଅବକାଶ ନୀତି ପରେ ହରିହର ବେଶ ଅନୁଷ୍ଠିତ ହେବ। ପଞ୍ଚୁକ ସମୟରେ ନଭେମ୍ବର ୨ ତାରିଖରେ ଠିଆକିଆ ବା ଲକ୍ଷ୍ମୀ ନାରାୟଣ ବେଶ ସହ ହରି ଉଥାପନ୍ ନୀତି, ୩ରେ ଡାଳିକିଆ ବେଶ ବା ତ୍ରିବିକ୍ରମ ବେଶ, ୪ରେ ଲକ୍ଷ୍ମୀ ନୃସିଂହ ବେଶ ଏବଂ ୫ରେ ରାଜାଧିରାଜ ବା ସୁନାବେଶ ଅନୁଷ୍ଠିତ ହେବ। ସମସ୍ତ ବେଶ ଶୃଙ୍ଖଳିତ ଭାବେ ସମାପନ ହେବା ନେଇ ଆଜିର ବୈଠକରେ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି।

## ଏପଟେ...

ନିୟନ୍ତ୍ରଣ କରିବେ, ସେନେଇ କିଛି ବୁଦ୍ଧିବାଟ ପାଉନାହାନ୍ତି। ସେଟିଂରେ ଏହି ତିନି ଜଣ ଅଛନ୍ତି ନା ମଉକା ଦେଖି ଆଉ କିଛି ଅନୁପସ୍ଥିତ ରହିଯିବେ, ସେହି ଚିନ୍ତା ଏବେ ତାଙ୍କୁ ଘାରିଛି।

ଏଣେ କିନ୍ତୁ ଅନାସ୍ଥା ପ୍ରସଙ୍ଗ ଉଠିପାରୁ ନଥିବାରୁ ବିଜେଡି ମୁଣ୍ଡରେ ଦୋଷ ଲଦିବାରେ ଲାଗିଛନ୍ତି କଂଗ୍ରେସ ବିଧାୟକ। ବିଧାୟକ ତାରା ପ୍ରସାଦ ବାହିନୀପତି ଖୋଲାଖୋଲି ଭାବେ ବିଜେଡି-ବିଜେପି ସେଟିଂ କଥା କହିଛନ୍ତି। କଂଗ୍ରେସ ଦଳ ମଧ୍ୟ ସମାନ କଥା ହେଉଛି। ହେଲେ ସେମାନଙ୍କ ୩ ବିଧାୟକ ଯେଭଳି ଲୁଚକାଳି ଖେଳ ଆରମ୍ଭ କରିଛନ୍ତି, ତାହା କଂଗ୍ରେସର ଅନାସ୍ଥା ଯୁଦ୍ଧକୁ ଖାଲି ପାଣିଚିଆ କରିଦେବ ନାହିଁ ଦଳ ଭିତରେ ବିଭୀଷଣ ତିଆରିର ମୂଳଦୁଆ ପକାଇଛି ବୋଲି ଆଲୋଚନା ଜୋର ଧରିଛି।

## ପୁଣି...

ଗୋଟିଏ ନୂଆ ଠିପି ଖୋଲା ମଦ ଦୋକାନ ଖୋଲାଯିବା ସକାଶେ ବିଭାଗ ନିକଟରେ ପ୍ରସ୍ତାବ ରହିଛି। ତା’ଛଡ଼ା ଢେଙ୍କାନାଳରେ ୨ଟି ଓ କଟକରେ ଗୋଟିଏ ମଦ କାରଖାନା ଖୋଲିବା ସକାଶେ ସରକାରଙ୍କ ପାଖରେ ପ୍ରସ୍ତାବ ରହିଥିବା ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି। ତେବେ ରାଜ୍ୟ ସରକାର ନିଶାମୁକ୍ତ ରାଜ୍ୟ ନେଇ କରିଥିବା ଘୋଷଣା ପରିପ୍ରେକ୍ଷୀରେ ଏପରି ନିଷ୍ପତ୍ତିକୁ ବିରୋଧୀ ଦଳ ସମାଲୋଚନା କରିବା ସହ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି।

## ମୋହନଲାଲ୍ ...

ପ୍ରତିଭା ଏବଂ ନିରନ୍ତର କଠିନ ପରିଶ୍ରମ ଭାରତୀୟ ଚଳଚ୍ଚିତ୍ର ଇତିହାସରେ ଏକ ସୁବର୍ଣ୍ଣ ମାନକ ସ୍ଥାପନ କରିଛି। ଏହାଛଡ଼ା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ମୋହନଲାଲ୍‌ଙ୍କୁ ବଧେଇ ଜଣାଇବା ସହ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି। ମୋହନଲାଲ ବିଶ୍ୱନାଥନ ନାୟାର ଜଣେ ପ୍ରଶଂସିତ ଭାରତୀୟ ଅଭିନେତା, ନିର୍ମାତା ଓ ପ୍ରଚ୍ଛଦପଟ୍ଟ ଗାୟକ, ଯିଏ ମାଲୟାଲମ ସିନେମାରେ ତାଙ୍କ କାର୍ଯ୍ୟ ପାଇଁ ଜଣାଶୁଣା। ‘ଦି କମ୍ପ୍ଲିଟ ଆକ୍ଟର’ ଭାବେ ବ୍ୟାପକ ଭାବରେ ଜଣାଶୁଣା। ତାଙ୍କ ଅଭିନୀତ ପ୍ରମୁଖ ଚଳଚ୍ଚିତ୍ର ମଧ୍ୟରେ କିରିଡମ୍, ଭାରତମ୍, ବନପ୍ରସ୍ଥମ୍, ଦୃଶ୍ୟମ୍ ଆଦି ପ୍ରମୁଖ। ସେ ଭାରତ ସହ ବିଦେଶରେ ଅନ୍ୟାନ୍ୟ ଅନେକ ସମ୍ମାନ ସହ ଏକାଧିକ ଥର କେରଳ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଛନ୍ତି। ୧୯୯୯ରେ ତାଙ୍କ ଚଳଚ୍ଚିତ୍ର ବାନପ୍ରସ୍ଥମ୍ କାନ୍ସ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇଥିଲା, ଯାହା ତାଙ୍କୁ ଅନ୍ତର୍ଜାତୀୟ ସ୍ୱୀକୃତି ଦେଇଥିଲା। ମୋହନଲାଲ୍ ପରଦା ବାହାରେ ୨୦୦୯ରେ ଭାରତୀୟ ଟେରିଟୋରିଆଲ୍ ଆର୍ମିରେ ସମ୍ମାନଜନକ ଲେଫ୍ଟନାଣ୍ଟ କର୍ଣ୍ଣେଲ ଭାବେ ନିଯୁକ୍ତ ହୋଇଥିଲେ। ତାଙ୍କୁ ଭାରତ ସରକାର ୨୦୦୧ରେ ପଦ୍ମଶ୍ରୀ ଓ ୨୦୧୯ରେ ପଦ୍ମ ଭୂଷଣରେ ସମ୍ମାନିତ କରିଛନ୍ତି।

## ଭାରତୀୟ...

ଅପେକ୍ଷା ଆଉଟସୋର୍ସିଂ ଉପରେ ଅଧିକ ଗୁରୁତ୍ୱ ଦେବେ। ଇନଫୋସିସ, ଟିସିଏସ, ୱିପ୍ରୋ, ଏଚସିଏଲ ପରି ଭାରତୀୟ ଆଇଟି କମ୍ପାନୀମାନଙ୍କ ପାଇଁ ଏହା ନୂଆ ସୁଯୋଗ ସୃଷ୍ଟି କରିବ। ‘ଅନସାଇଟ୍’ କାମ ବଦଳରେ ‘ଅଫସୋର ଡେଲିଭରି’ ବଢ଼ିବ। ହେଲେ ଏଥିରେ କିଛି ଚ୍ୟାଲେଞ୍ଜ ମଧ ରହିବ। ‘ଅନସାଇଟ୍’ କାମରେ ଯେତେକି ଅଧିକ ଆୟ ମିଳୁଥିଲା, ତାହା କମିଯିବ। ତଥା, କ୍ଲାଏଣ୍ଟ ସହିତ ସିଧାସଳଖ ସମ୍ପର୍କ ସୃଷ୍ଟିରେ ଅସୁବିଧା ହୋଇପାରେ। ସାରକଥା, ସ୍ୱଳ୍ପ ମିଆଦ ପାଇଁ ଏହା ଭାରତୀୟ ଆଉଟସୋର୍ସିଂକୁ ଲାଭ ଦେବ, କିନ୍ତୁ ଦୀର୍ଘ ସମୟ ପାଇଁ ଏହି ଆହ୍ୱାନର ମୁକାବିଲା କରିବାକୁ ହେଲେ ଭାରତୀୟ କମ୍ପାନିମାନଙ୍କୁ ଉଚ୍ଚ ଟେକ୍ନୋଲୋଜି ଉପରେ ଗବେଷଣା ଓ ବିକାଶ ଲାଗି ଅଧିକ ଫୋକସ କରିବାକୁ ହେବ।

## ଆଜି...

ଏକତରଫା ବିଜୟ ହାସଲ କରିଥିଲା। ତେବେ ବିଜୟ ଅପେକ୍ଷା ଭାରତୀୟ ଦଳର ଆଚରଣ ପାକିସ୍ତାନ ପାଇଁ ଯଥେଷ୍ଟ କଷ୍ଟଦାୟକ ଥିଲା। କାରଣ ମ୍ୟାଚ୍ ପୂର୍ବରୁ କି ମ୍ୟାଚ୍ ପରେ ଭାରତ ପ୍ରତିପକ୍ଷ ଦଳ ସହ ହାତ ମିଳାଇବା ପ୍ରକ୍ରିୟାଠାରୁ ଦୂରେଇ ରହିଥିଲା। ପହଲଗାମ୍ ନରସଂହାର ଘଟଣାରେ ପାକିସ୍ତାନକୁ ବର୍ଜନ କରିବା ସକାଶେ ସବୁ ସ୍ତରରେ ଦାବି ହେଉଥିବା ବେଳେ ଭାରତୀୟ ସେନା ପ୍ରତି ସମ୍ମାନ ଜଣାଇବାକୁ ଯାଇ ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ପ୍ରଶଂସନୀୟ ପଦକ୍ଷେପ ନେଇଥିଲେ। ତେଣୁ ପ୍ରତିଯୋଗିତାରେ ଦ୍ୱିତୀୟ ମୁକାବିଲା ପୂର୍ବରୁ ପାକିସ୍ତାନ ନିଜକୁ ପ୍ରସ୍ତୁତ କରିବା ସକାଶେ ମନସ୍ତତ୍ତ୍ୱବିତ୍‌ଙ୍କ ସହଯୋଗ ନେଇଛି। ଡ. ରାହିଲ୍ ଦଳର ଖେଳାଳିମାନଙ୍କ ମନୋବଳ ବଢ଼ାଇବା ସହ ସେମାନେ କିପରି ଭାବେ କୌଣସି ଚାପର ବଶବର୍ତ୍ତୀ ନ ହେବେ, ତା’ ଉପରେ ଗୁରୁତ୍ୱ ଦେବେ।

ମ୍ୟାଚ୍‌ର ଫଳାଫଳ ସମ୍ପର୍କରେ କହିବାକୁ ଗଲେ, ଭାରତ ଚଳିତ ପ୍ରତିଯୋଗିତାରେ ଅଦ୍ୟାବଧି ଅପରାଜେୟ ରହିଥିବାରୁ ଏହାର ପଲା ଭାରୀ ରହିବ ବୋଲି କହିବା ବାହୁଲ୍ୟ ମାତ୍ର। ଅନ୍ୟପକ୍ଷରେ ପାକିସ୍ତାନ ୩ଟିରୁ ୨ଟିରେ ବିଜୟୀ ହୋଇଥିଲେ ବି ଏହାର ବ୍ୟାଟିଂ ବିଭାଗ ଅପେକ୍ଷାକୃତ ଦୁର୍ବଳ ରହିଛି। ତେଣୁ ଭାରତ ବିପକ୍ଷରେ ବିଜୟୀ ହେବାକୁ ହେଲେ ଦଳକୁ ନିଶ୍ଚିତ ଭାବେ କୌଣସି ଚମତ୍କାରକୁ ଅପେକ୍ଷା କରିବାକୁ ପଡ଼ିବ। ମ୍ୟାଚ୍‌ଟି ଭାରତୀୟ ସମୟ ରାତି ୮ଟା ସମୟରେ ଆରମ୍ଭ ହେବ।

## ନିର୍ମାଣ...

ଗୁରୁତର ସମସ୍ୟା ସୃଷ୍ଟି ହେଉଥିବା ପରିଲକ୍ଷିତ ହେଉଛି। ଏହାକୁ ଦୃଷ୍ଟିରେ ରଖି ନୂଆ ଲୋକସେବା ଭବନ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି। ଏ ଦିଗରେ ମଧ୍ୟ ସରକାର ତତ୍ପର ଅଛନ୍ତି ବୋଲି ସେ କହିଛନ୍ତି। ସେହିପରି ଟ୍ୱିନ୍ ସିଟିରେ ଭିଡ଼ ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାର ଆଉ ଏକ ବଡ଼ ନିଷ୍ପତ୍ତି ନେଇଥିବା ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି। ଗତ ସରକାର ଅମଳରେ ତ୍ରିଶୂଳିଆରେ ନେତାଜୀ ସୁବାସ ଚନ୍ଦ୍ର ବୋଷ ସେତୁ ନିର୍ମାଣ ହେବା ପରେ କଟକ ଓ ଭୁବନେଶ୍ୱର ମଧ୍ୟରେ ଟ୍ରାଫିକ୍ ସମସ୍ୟାର ବିଶେଷ ସମାଧାନ ହୋଇପାରିଥିଲା। କିନ୍ତୁ ୮ ବର୍ଷ ମଧ୍ୟରେ ଉଭୟ ସହର ମଧ୍ୟରେ ଯାନବାହନ ଚଳାଚଳ ପରିମାଣ ଯଥେଷ୍ଟ ମାତ୍ରାରେ ବଢ଼ିଥିବାରୁ ଏହାକୁ ନିୟନ୍ତ୍ରଣ କରିବା ସକାଶେ ବିଜେପି ସରକାର କାଠଯୋଡ଼ି ନଦୀ ଉପରେ ତ୍ରିଶୂଳିଆଠାରେ ଦ୍ୱିତୀୟ ସେତୁ ନିର୍ମାଣ କରିବା ସକାଶେ ନିଷ୍ପତ୍ତି ନେଇଛନ୍ତି। ଏନେଇ ମଧ୍ୟ ଆଜି ବିଧାନସଭାରେ ଶ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି। ଏହି ସେତୁ ନିର୍ମାଣ ସକାଶେ ୨୯୭ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଦେଇଥିବା ସୂଚନାନୁସାରେ, ଏହି ସେତୁ ସକାଶେ ଟେଣ୍ଡର ପ୍ରକ୍ରିୟା ଜାରି ରହିଛି। ନିର୍ମାଣ ଆରମ୍ଭର ୩ ବର୍ଷ ମଧ୍ୟରେ ଏହି ସେତୁ କାମ ଶେଷ ହେବାର ଟାର୍ଗେଟ୍ ରହିଛି ବୋଲି କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସ୍‌ଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି।

## କାହା...

୨୪ ବର୍ଷ ଧରି ଶାସନରେ ଥିଲା। ସେ ସମୟରେ ବିରୋଧୀ ହଟଗୋଳ କରି ଗୃହ ବନ୍ଦ କଲେ ବିଜେଡି ଟିକସ ଅର୍ଥର ଅପବ୍ୟୟ କହି ନିନ୍ଦା କରୁଥିଲା। ଏବେ ବିଜେଡି ବିରୋଧୀ ଦଳ ଆସନକୁ ଆସିବା ପରେ ସେ ଆଦର୍ଶକୁ ଭୁଲିଗଲାଣି। ଆଉ ବିଜେଡି ବିଧାୟକଙ୍କୁ ବୋଧହୁଏ ଟିକସ ଅର୍ଥର ଅପବ୍ୟୟ ବଧୁନି ବୋଲି ସମୀକ୍ଷକମାନେ କହୁଛନ୍ତି। ଯେଉଁ ପ୍ରସଙ୍ଗରେ ବିଧାନସଭାରେ ଗୋଟେ ବିରୋଧୀ ଦଳ ମୁଲତବୀ ନୋଟିସ ଦେଇଛି, ସେଇ ପ୍ରସଙ୍ଗରେ ମୁଖ୍ୟ ବିରୋଧୀ ଦଳ ସ୍ୱତନ୍ତ୍ର ଆଲୋଚନା ଦାବି କରି ଗୃହ ଚଳେଇ ଦେଉନି। ଏହା କିପରି ରାଜ୍ୟସ୍ୱାର୍ଥ ପାଇଁ ଲଢେଇ ବୋଲି ସମୀକ୍ଷକମାନେ ପ୍ରଶ୍ନ କରିଛନ୍ତି। ସରକାରୀ ଦଳକୁ ବି ବିଜେଡି ରାଜନୀତି ବେଶ ସୁହାଉଛି। ପ୍ରଶ୍ନକାଳ ଆରମ୍ଭ ହେବାମାତ୍ରେ ବିଜେଡି ବିଧାୟକ ହଙ୍ଗଗୋଳ କରୁଛନ୍ତି, ଆଉ ୪ମିନିଟରେ ଗୃହ ଏକାଥରେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ହେଇଯାଉଛି। ସରକାରୀ ଦଳ ବି ବିରୋଧୀଙ୍କ ସହ ଆଲୋଚନା କରି ଗୃହ ଚଳେଇବାକୁ ଚେଷ୍ଟା କରୁନାହାନ୍ତି। ପ୍ରତିଦିନ ଲକ୍ଷ ଲକ୍ଷ ପାଣିରେ ପଡ଼ୁଛି। ଗୋଟିଏ ହେଲେ ସରକାରୀ କାର୍ଯ୍ୟ ହଉନି କି ଲୋକଙ୍କ ସମସ୍ୟା ନେଇ ଆଲୋଚନା ହେଉନି। ଏଭଳି ସ୍ଥିତିରେ ସମୀକ୍ଷକ ପ୍ରଶ୍ନ କରିଛନ୍ତି, ବିଧାନସଭା କାହା ପାଇଁ ଚାଲୁଛି ଓ କାହିଁକି ଚାଲୁଛି।

## ବିଜେଡି...

ଏ ସଂକ୍ରାନ୍ତରେ ଗତ ୨୦୨୩ରେ ବିଜୟ ବାଦାମବାଡ଼ି ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ ହୋଇଥିଲା। ପରବର୍ତ୍ତୀ ସମୟରେ ଇଓଡବ୍ଲ୍ୟୁ ଏହି ଅଭିଯୋଗ ଉପରେ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ବିଜୟଙ୍କଠାରୁ ଶ୍ରୀ ନାୟକ ଗତ ୨୦୧୫ରୁ ୨୦୧୭ ମଧ୍ୟରେ ପୃଥକ୍ ପୃଥକ୍ ସମୟରେ ୩ କୋଟି ଟଙ୍କା ନେଇଥିବା ଜଣାପଡ଼ିଥିଲା। ସେହିପରି ପରେ ସେ ବିଜୟଙ୍କୁ ବଜ୍ରକାବାଟି ଅଞ୍ଚଳରେ ଜମି ଯୋଗାଇଦେବାକୁ କହି ଆଉ ୪ କୋଟି ଟଙ୍କା ନେଇଥିଲେ ବୋଲି ଗତ ୨୦୧୮ରେ ଇଓଡବ୍ଲ୍ୟୁ ପକ୍ଷରୁ ଜାରି ଏକ ବିବୃତିରେ ସୂଚନା ଦିଆଯାଇଥିଲା। ଏହାଛଡ଼ା ଅଭିଯୁକ୍ତ ଶ୍ରୀ ନାୟକ ପଟିଆରେ ଜମି ଯୋଗାଇଦେବାକୁ କହି ଆହୁରି ୪ କୋଟି ଏବଂ ତାଙ୍କ ପତ୍ନୀଙ୍କଠାରୁ ଏକ କମ୍ପାନୀରେ ଭାଗୀଦାର କରିବା ସକାଶେ କୋଟିଏ ଟଙ୍କା ନେଇଥିବା ଜଣାପଡ଼ିଥିଲା। ଏହା ଉପରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଗତକାଲି ଇଓଡବ୍ଲ୍ୟୁ କଟକର ଝାଞ୍ଜିରୀମଙ୍ଗଳାରେ ଥିବା ଦିଲ୍ଲୀପଙ୍କ ଘରେ ଚଢ଼ାଉ କରିଥିଲା। ସେଠାରେ ଜମି କିଣାବିକା ସଂକ୍ରାନ୍ତ କାଗଜପତ୍ର ସହ ବିଭିନ୍ନ ଲୋକଙ୍କ ନାଁରେ ଥିବା ପାୱାର୍ ଅଫ୍ ଆଟର୍ଣ୍ଣି ଆଜି ଜବତ କରାଯାଇଥିଲା। ଏହି କ୍ରମରେ ଆଜି ତାଙ୍କୁ ଗିରଫ କରାଯାଇଛି।

## ଦିନକରେ...

ଚଢ଼ାଉରେ ୭ ଜଣ ଡିଏସପି, ୭ ଜଣ ଇନ୍ସପେକ୍ଟର,୯ ଜଣ ଏଏସଆଇ ଓ ଅନ୍ୟାନ୍ୟ ସହାୟକ କର୍ମଚାରୀ ସାମିଲ୍ ଥିଲେ। ରେଞ୍ଜର ଶ୍ରୀ ସାହୁଙ୍କୁ ଜେରା ସମୟରେ ଏହି ସମ୍ପତ୍ତି ସମ୍ପର୍କରେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ତାଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଭିଜିଲାନ୍ସ ଗିରଫ କରିଥିଲା। ଆଜି ଗିରଫ ହେଲା ପରେ ଜୟପୁରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଭିଜିଲାନ୍ସରେ ୨୮/୨୦୨୫ରେ ମାମଲା ରୁଜୁ କରାଯାଇଛି। ସେହିଭଳି ବାଲେଶ୍ୱର ଜିଲ୍ଲା ସୋର ଥାନା ଅଧୀନ ଅନନ୍ତପୁର ଫାଣ୍ଡି ଅଧିକାରୀ ହୃଷୀକେଶ ବିଶ୍ୱାଳଙ୍କୁ ଲାଞ୍ଚ ନେବା ବେଳେ ଗିରଫ କରିଛନ୍ତି ଭିଜିଲାନ୍ସ ଅଧିକାରୀ। ସୂଚନାନୁସାରେ, ୧୫ ଦିନ ତଳେ ଜଣେ ଯୁବକ ବାଇକରେ ଅନନ୍ତପୁର ଅଭିମୁଖେ ଆସୁଥିବା ବେଳେ ରାସ୍ତାରେ ଏକ ଷଣ୍ଢକୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକେ ଯୁବକଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଅନନ୍ତପୁର ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାଇକକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପରେ ଗାଡ଼ିକୁ ରିଲିଜ କରିବା ପାଇଁ ଫାଣ୍ଡି ଅଧିକାରୀ ହୃଷୀକେଶ ବିଶ୍ୱାଳ ଉକ୍ତ ଯୁବକଙ୍କଠାରୁ ୧୫ ହଜାର ଟଙ୍କା ଦାବି କରିଥିଲେ। ଆଜି ଟଙ୍କା ନେବା ସମୟରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

ସେହିଭଳି ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ରୁକୁରା ଜଳସେଚନ ପ୍ରକଳ୍ପର ଜମି ଅଧିଗ୍ରହଣ ଏବଂ ପୁନର୍ବାସ କାର୍ଯ୍ୟାଳୟର ଡାଟା ଏଣ୍ଟ୍ରି ଅପରେଟର ପୃଥ୍ୱୀରାଜ କାମିଲାଙ୍କୁ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି। ରୁକୁରା ଜଳସେଚନ ପ୍ରକଳ୍ପ, ବଣାଇଁରେ ଜଣେ ଆଦିବାସୀ ଜମିହରାଙ୍କ ଠାରୁ ଦ୍ୱିତୀୟ କିସ୍ତି ଟଙ୍କା ଦେବା ପାଇଁ ଲାଞ୍ଚ ଭାବରେ ୭ ହଜାର ଟଙ୍କା ନେଉଥିଲେ। ଗତ ଛଅ ମାସ ଧରି ଜମି ଅଧିଗ୍ରହଣ ଟଙ୍କା ପ୍ରଦାନ ପାଇଁ ତାଙ୍କ ଫାଇଲ ପ୍ରକ୍ରିୟାକରଣ କରିବାକୁ ଅଭିଯୋଗକାରୀ ଶ୍ରୀ କାମିଲା ଅନୁରୋଧ କରୁଥିଲେ। କିନ୍ତୁ ଶ୍ରୀ କାମିଲା ଫାଇଲ ପ୍ରକ୍ରିୟାକରଣ ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଫାଇଲ ପ୍ରକ୍ରିୟାକରଣ ପାଇଁ ୧୦ ହଜାର ଟଙ୍କା ଦେଇଥିଲେ ଅଭିଯୋଗକାରୀ। କିନ୍ତୁ ଅଭିଯୁକ୍ତ କ୍ଷତିପୂରଣ ପ୍ରଦାନ କରିନଥିଲେ ଏବଂ ବାକି ରାଶି ଦାବି କରିଥିଲେ। ଅଭିଯୋଗକାରୀ ବାକି ଟଙ୍କା ଦେବାକୁ ଅକ୍ଷମତା ପ୍ରକାଶ କରିବା ପରେ କାମିଲା ଲାଞ୍ଚ ପରିମାଣକୁ ୭ ହଜାର ଟଙ୍କାକୁ ହ୍ରାସ କରିଥିଲେ। ଓଡ଼ିଶା ଭିଜିଲାନ୍ସର ଏକ ଦଳ ଆଜି ଛକି ରହିଥିବା ବେଳେ ଅଭିଯୋଗକାରୀଙ୍କଠାରୁ ୭ ହଜାର ଟଙ୍କା ଲାଞ୍ଚ ନେଉଥିଲେ କାମିଲା। ଏହି ସମୟରେ କାମିଲାଙ୍କୁ ଗିରଫ କରିଥିଲା ଭିଜିଲାନ୍ସ। ପରେ କାମିଲାଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ଅଧିକାରୀମାନେ ୪ଟି ପୃଥକ୍ ସ୍ଥାନରେ ଏକକାଳୀନ ଚଢ଼ାଉ ଜାରି ରହିଥିବା ଜଣାପଡ଼ିଛି।

# ଗାଦି ମାଡ଼ି ବସିଛନ୍ତି ସରକାରୀ କର୍ମଚାରୀ

## ▶ ଦୀର୍ଘଦିନ ରହିବା ପରେ ଦୁର୍ନୀତି ସହ ଲୋକଙ୍କୁ କରୁଛନ୍ତି ଦୁର୍ବ୍ୟବହାର ▶ ଭିଜିଲାନ୍ସ ତଦନ୍ତ ଦାବି

**କାକଟପୁର/ଅସ୍ତରଙ୍ଗ,୨୦।୯ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ କାର୍ଯ୍ୟାଳୟରେ ଦୀର୍ଘ ବର୍ଷ ହେବ ଗାଦି ମାଡ଼ି ବସିଛନ୍ତି କେତେକ ସରକାରୀ ଅଧିକାରୀ। ଫଳରେ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ରହୁନାହିଁ। ବ୍ଲକ, ତହସିଲ, ଜଳସେଚନ ବିଭାଗ, ଥାନା, ଶିକ୍ଷା ବିଭାଗ କାର୍ଯ୍ୟାଳୟ, ମେଡିକାଲ ସହ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଜଣେ ଜଣେ ଅଧିକାରୀ ଓ କର୍ମଚାରୀ ଦୀର୍ଘ ବର୍ଷ ହେବ ଚୌକି ନ ଛାଡ଼ି ଗାଦି ମାଡ଼ିବସିଛନ୍ତି। ଯାହା ଫଳରେ ଦୀର୍ଘ ଦିନ ଗୋଟେ ସ୍ଥାନରେ ରହିବା ଫଳରେ ଲୋକଙ୍କ କାର୍ଯ୍ୟ ଠିକି ସେ କରୁନାହାନ୍ତି ତାହା ସହ ମନଇଛା ଲୋକଙ୍କୁ ଦୁର୍ବ୍ୟବହାର ଦେଖାଉଛନ୍ତି।

ଯାହା ସୂଚନା ମିଳିଛି ଦୀର୍ଘଦିନ ରହିବା ପରେ ଗୋଟେ ଗୋଟେ କର୍ମଚାରୀ ଲୋକଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ଯାହା ଚର୍ଚ୍ଚା ହେଉଛି ଆଉ କେତେକ କର୍ମଚାରୀ ଉପରିସ୍ଥ ଅଧିକାରୀ ଓ ରାଜନେତାଙ୍କୁ ହାତଗୁଂଜା ଦେଇ ଡେପୁଟେସନରେ ଅବସ୍ଥାପିତ ହୋଇ କାର୍ଯ୍ୟ କରୁଛନ୍ତି। ଫଳରେ ଦୁର୍ନୀତି ବଢ଼ିବା ସହ ଜୋରଦାର ପିସି କାରବାର ଚାଲିଛି। ଯାହାଦ୍ୱାରା ସାଧାରଣ ଲୋକ ବିଭିନ୍ନ ସମୟରେ ଶୋଷଣର ଶିକାର ହେଉଛନ୍ତି। କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ପାଇଁ ଓ ପିସି କାରବାର ବନ୍ଦ କରିବା ପାଇଁ ସବୁ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିବା ବେଳେ ଖୁଲମଖୁଲା ଉଲଘଂନ କରାଯାଉଛି। ଅସାଧୁ ମୁନାଫାଖୋର ଅଧିକାରୀମାନେ ପକେଟ ଗରମ କରି ମାଲେ ମାଲେ ହେଉଛନ୍ତି। ସ୍ଥାନୀୟ ଅଞ୍ଚଳ ଦାବୀ ହେଉଛି ଅସ୍ତରଙ୍ଗ ଅଞ୍ଚଳର କିଛି କର୍ମଚାରୀଙ୍କୁ ତୁରନ୍ତ ଭିଜିଲାନ୍ସ ତଦନ୍ତ କରିବା ଦରକାର। ଏଭଳି ଘଟଣାକୁ ପୁରୀ ଜିଲ୍ଲାପାଳ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ସହ ଦୀର୍ଘ ଦିନ ରହିଥିବା କିଛି ଅସାଧୁ କର୍ମଚାରୀଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି କରିବାକୁ ବୁଦ୍ଧିଜୀବୀ ଓ ସାଧାରଣରେ ଦାବୀ ହେଉଛି।

## ରକ୍ତଦାନ କରି ଜୀବନ ବଞ୍ଚାଇଲେ ସମାଜସେବୀ



**ବ୍ରହ୍ମପୁର,୨୦।୯ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଅଂଚଳର ଜଣାଶୁଣା ସମାଜସେବୀ କ୍ରିଷ୍ଣା ରେଡ୍ଡୀ ଏବେ ପୁଣି ଚର୍ଚ୍ଚାରେ। ଆବଶ୍ୟକ ସ୍ଥଳେ ରକ୍ତଦାନ କରି ସେ ଜଣେ ବ୍ୟକ୍ତିଙ୍କ ଜୀବନ ବଞ୍ଚାଇଛନ୍ତି। ସର୍ବଦା ଜନସାଧାରଣଙ୍କ ପାଇଁ ନିଜ ଜୀବନକୁ ସମର୍ପିତ କରିଥିବା କ୍ରିଷ୍ଣାଙ୍କୁ ଜଣେ ବ୍ୟକ୍ତି ରକ୍ତର ଆବଶ୍ୟକତା ଥିବା ଜଣାଇଥିଲେ। A+VE ବ୍ଲଡ୍ ଗୋଟିଏ ୟୁନିଟ୍ ଉପଲବ୍ଧ ଥିବା ବେଳେ ଉକ୍ତ ବ୍ୟକ୍ତିଙ୍କୁ ଦୁଇ ୟୁନିଟ୍ ରକ୍ତର ଆବଶ୍ୟକତା ରହିଥିଲା। ଖବର ପାଇଁ ସଙ୍ଗେ ସଙ୍ଗେ ଏହି ସମାଜସେବୀ ଜଣକ ନିଜେ ରକ୍ତ ଦେଇ ଜଣେ ବ୍ୟକ୍ତିଙ୍କ ଜୀବନ ବଞ୍ଚାଇବାରେ ସହାୟକ ହୋଇଥିଲେ। ତାଙ୍କର ଏଭଳି କାର୍ଯ୍ୟକୁ ଖୁବ୍ ପ୍ରଶଂସା କରାଯାଇଥିଲା। ପୂର୍ବରୁ ମଧ ଲୋକଙ୍କ ସୁଖ ଦୁଃଖରେ ସାଥି ହୋଇ ଏହି ଯୁବ ସମାଜସେବୀ ଜଣକ ଅନେକ ଲୋକଙ୍କର ପ୍ରିୟପାତ୍ର ହୋଇପାରିଛନ୍ତି। ଏହାସହ ଅନ୍ୟ ମାନଙ୍କ ପାଇଁ ଉଦାହରଣ ବି ସାଜିଛନ୍ତି।

## ୪୦ କିଲୋ ଗଞ୍ଜେଇ ଜବତ, ଦୁଇ ଗିରଫ



**ଖୋର୍ଦ୍ଧା,୨୦।୯ (ସଂଚାର ବ୍ୟୁରୋ):** ଅବକାରୀ ବିଭାଗ ଶନିବାର ପୃଥକ ଘଟଣାରେ ୪୦ କିଲୋ ଗଞ୍ଜେଇ ଜବତ କରି ଏକ ବଡ଼ ଅଭିଯାନ ଚଳାଇଛି। ଜବତ ପରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଚୋରା ଚାଲାଣ କାର୍ଯ୍ୟକଳାପ ସମ୍ପର୍କରେ ନିର୍ଦ୍ଦିଷ୍ଟ ଗୁଇନ୍ଦା ସୂଚନା ପରେ ଚଢ଼ାଉ କରାଯାଇଥିଲା। ଅବକାରୀ ଅଧିକାରୀମାନେ ଶନିବାର ସକାଳ ୮ଟାରେ ବେଆଇନ ଭାବରେ ଗଞ୍ଜେଇ ପରିବହନ କରୁଥିବା ସମୟରେ ଏକ ମାରୁତି ସୁଜୁକି ଡିଜାୟାର କାର, ରେଜିଷ୍ଟ୍ରେସନ ନଂ-ଓଡି୩୩ଏଡି୦୪୧କୁ ଅଟକାଇଥିଲେ। ପିଛା କରିବା ପରେ ଖୋର୍ଦ୍ଧା ନିକଟବର୍ତ୍ତୀ ଛକର ପୁରୁଷାହିରେ ଗାଡ଼ିଟିକୁ ଅଟକ ରଖାଯାଇଥିଲା।" ଆମେ ସୂଚନା ପାଇଥିଲୁ ଯେ ଏକ ଗାଡ଼ି ସାମଗ୍ରୀ ସହିତ ଖୋର୍ଦ୍ଧା ପ୍ରବେଶ କରିବ। ଆମେ ଗାଡ଼ିକୁ ଅନୁସରଣ କରି ତାହାକୁ ଅଟକ ରଖିଥିଲୁ। ଖୋଜାଖୋଜି ସମୟରେ ଆମେ ଗାଡ଼ି ଭିତରେ ୩୫ କିଲୋ ଗଞ୍ଜେଇ ପାଇଥିଲୁ। ଏହାକୁ ଫୁଲବାଣୀରୁ ଭୁବନେଶ୍ୱରକୁ ପରିବହନ କରାଯାଉଥିଲା। ଅନ୍ୟ ଏକ ଘଟଣାରେ ଅବକାରୀ ମୋବାଇଲ୍ ସ୍କ୍ୱାଡ୍ ଖୋର୍ଦ୍ଧାର ଜାତୀୟ ରାଜପଥ-୫୭ ଟାଙ୍ଗୁଆରେ ଆଉ ୫ କିଲୋ ଗଞ୍ଜେଇ ଜବତ କରିଛି। ଜବତ ଚୋରା ସାମଗ୍ରୀର ମୂଲ୍ୟ ପ୍ରାୟ ୪ ଲକ୍ଷ ଟଙ୍କା, ଖୋର୍ଦ୍ଧାର ଅବକାରୀ ଅଧୀକ୍ଷକ ସୁମତୀ ତ୍ରିପାଠି କହିଛନ୍ତି। ଅଭିଯୁକ୍ତମାନେ ହେଲେ ସୁଶାନ୍ତ ବେହେରା (୩୮) ଏବଂ ସାହିଦ ମଣ୍ଡଳ ନାୟକ (୨୪)। ଉଭୟଙ୍କୁ କାନ୍ଦାଲ ଜିଲ୍ଲା କୋର୍ଟରେ ହାଜର କରାଯାଇଥିଲା।

## ତାଟିଭାଙ୍ଗି ନେଇଗଲେ ମେଣ୍ଢା

**ବାଲିଅଣ୍ଡା,୨୦।୯ (ସଂଚାର ବ୍ୟୁରୋ):** ବାଲକାଟି ଫାଣ୍ଡି ଅଧୀନ ନାଗପୁର ଗ୍ରାମର ପିତବାସ ଭୋଇ ନାମକ ଜଣେ ମେଷପାଳକଙ୍କ ତାଟି କବାଟ ଭାଙ୍ଗି ଗତକାଲି ରାତିରେ ୪ ମେଣ୍ଢା ଲୁଟ ହୋଇଯାଇଛି। ଲୁଟର ଶିକାର ପିତବାସ ଭୋଇ ଏନେଇ ଫାଣ୍ଡିରେ ଜଣାଇଛନ୍ତି। ଅଭିଯୋଗ ପାଇ ପୁଲିସ ଘଟଣାର ତଦନ୍ତ କରୁଛି। ସୂଚନା ଅନୁସାରେ ପିତବାସ ଅତି ଗରିବ ଶ୍ରେଣୀର ଲୋକ। ମେଣ୍ଢା ପାଳନ କରି ପରିବାର ଗୁଜୁରାଣ ମେଣ୍ଟାଉଛି। ଗତକାଲି ରାତି ପ୍ରାୟ ୨ଟା ସମୟରେ ମେଣ୍ଢା ବୋବାଇବାରୁ ତାଙ୍କର ନିଦ ଭାଙ୍ଗି ଯାଇଥିଲା। ସେ ବାହାର କୁ ଆସିଲା ବେଳକୁ ୪ ଜଣ ଦୁର୍ବୃତ୍ତ କାର ଡିକି ଭିତରେ ମେଣ୍ଢା ପୂରାଇ ନେଇ ଯାଇଥିବା ଦେଖି ଚିତ୍କାର କରିଥିଲେ। ମେଣ୍ଢାଙ୍କ ମୁହଁରେ ନିଶା ସ୍ପ୍ରେ କରି ନେଇଯାଇ ଥିବା ଅଭିଯୋଗ ହୋଇଛି।

## ବିନା ଅନୁମତିରେ ଚାଲୁଛି ସ୍କୁଲ

### ବଟି ଦେଇ ବେଫିକର ସ୍କୁଲ ମାଲିକ

**ଯାଜପୁର,୨୦।୯ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାରେ ବିନା ସରକାରୀ ସ୍ୱୀକୃତିରେ ୨୬ଟି ସ୍କୁଲ ଚାଲୁଥିବା ଜଣାପଡିଛି। ଏହି ସ୍କୁଲଗୁଡ଼ିକରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ପଢୁଛନ୍ତି। ଜିଲ୍ଲା ଶିକ୍ଷାଧିକାରୀ ସରକାରଙ୍କୁ ପଠାଇଥିବା ତାଲିକା ଅନୁଯାୟୀ, ବଡ଼ଚଣା ଓ ବିଂଝାରପୁରରେ ୩ଟି, ଦଶରଥପୁରରେ ୧ଟି, ଧର୍ମଶାଳା ଓ ସୁକିନ୍ଦାରେ ୫ଟି, ଯାଜପୁରରେ ୪ଟି, କୋରେଇରେ ୩ଟି ଓ ରସୁଲପୁରରେ ୨ଟି ସ୍କୁଲ ଅନୁମତି ବିନା ଚାଲୁଛି। ସ୍କୁଲଗୁଡ଼ିକରେ ବଡ଼ ଅଙ୍କରେ ଆଡମିସନ ଓ ଟ୍ୟୁସନ୍ ଫି ନିଆଯାଉଛି। କିନ୍ତୁ ସରକାରୀ ସ୍ୱୀକୃତି ପାଇବା ପାଇଁ ଯେଉଁ ସୁବିଧା ଦରକାର ସେଗୁଡ଼ିକ ପ୍ରାୟତଃ ନାହିଁ। ଖେଳପଡ଼ିଆ, ଲାବ୍, ନିର୍ମାଣ ସୁରକ୍ଷା ଓ ଅଗ୍ନିନିରାପତ୍ତା ସାର୍ଟିଫିକେଟ ଅଭାବରେ ପିଲାମାନଙ୍କ ଶିକ୍ଷା ଓ ସୁରକ୍ଷା ପ୍ରଶ୍ନରେ ଚିନ୍ତା ଦେଖାଦେଇଛି।

ଶିକ୍ଷାବିଦ୍‌ମାନଙ୍କ କହିବା ଅନୁସାରେ, ବର୍ଷବର୍ଷ ଧରି ଏହି ସ୍କୁଲଗୁଡ଼ିକ ଚାଲିଥିବା ବେଳେ ଜିଲ୍ଲା ଶିକ୍ଷା ବିଭାଗର ଅଜ୍ଞାନତା ପ୍ରଶ୍ନବିଦ୍ଧ। ସରକାରୀ ନିୟମ ଅନୁସାରେ, ୨୫% ଆର୍ଥିକ ଅନଗ୍ରସର ପିଲାଙ୍କୁ ମାଗଣାରେ ପଢ଼ାଇବାକୁ ପଡ଼ିଲେ ମଧ ବେଆଇନ ସ୍କୁଲମାନେ ଏହି ନିୟମକୁ ପାଳନ କରୁନାହାନ୍ତି। ଏ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ କହିଛନ୍ତି "ଅନୁମତି ବିନା ଚାଲୁଥିବା ସମସ୍ତ ସ୍କୁଲଙ୍କୁ ଚିହ୍ନଟ କରାଯାଇଛି। ଶୀଘ୍ର ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗ୍ରାମାଞ୍ଚଳରେ ଥିବା ବେଆଇନ ସ୍କୁଲକୁ ମଧ ଯାଞ୍ଚ କରାଯିବ ବୋଲି କହିଛନ୍ତି।

## ମା' କରେଇଶୁଣୀ ପୀଠରେ ଷୋଡ଼ଶ ଉପଚାର ପୂଜା ପାଇଁ ଜମୁଛି ଭିଡ଼



**ହିଞ୍ଜିଳିକାଟୁ,୨୦।୯ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲାରେ ବିରାଜମାନ କରିଛି ଅନେକ ଶକ୍ତିପୀଠ। ସେଥିମଧ୍ୟରୁ ହିଞ୍ଜିଳି ନିକଟବର୍ତ୍ତୀ ମା' କରେଇଶୁଣୀ ପୀଠ ଅନ୍ୟତମ। ହିଞ୍ଜିଳିଠାରୁ ସିକିରି କିମ୍ବା ଖରିଡ଼ା ଗ୍ରାମ ଦେଇ ଯିବାକୁ ହେଲେ ମାତ୍ର ୫ କି.ମି ଦୂରରେ ଅବସ୍ଥିତ ଏହି ପିକନିକ ସ୍ପଟ୍। ମୋଟର ସାଇକେଲ, ଅଟୋ କିମ୍ବା କାରରେ ଯିବା ଆସିବା ସୁବିଧା ହୋଇଥାଏ। ଘରର ଇଷ୍ଟଦେବୀ ରୂପେ ମଧ ମା' ପୂଜା ପାଇଥା'ନ୍ତି। ନିକଟରେ ଋଷିକୂଲ୍ୟା ନଦୀ ବହିଯାଇଛି। ଆଉ ଶୀତଦିନ ଆସିଲା ମାତ୍ରେ ଭକ୍ତ ଓ ପର୍ଯ୍ୟଟକ ଏହାର ଅପରୂପ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ବହୁ ଦୂରଦୂରାନ୍ତରୁ ଛୁଟି ଆସିଥାନ୍ତି । ତେବେ ବର୍ତ୍ତମାନ ମା'ଙ୍କ ଷୋଡ଼ଶ ଉପଚାର ପୂଜା ଲାଗିରହିଛି। ମୂଳାଷ୍ଟମୀ ଅବସରରେ ଆରମ୍ଭ ହୋଇଛି ଷୋଡ଼ଶ ଦିନାତ୍ମକ ପୂଜା। ଯେଉଁଥିପାଇଁ ଚଳଚଞ୍ଚଳ ହୋଇପଡିଛି ଶକ୍ତି ପୀଠ। ମନ୍ତ୍ର ଉଚ୍ଚାରଣରେ ପ୍ରକମ୍ପିତ ହେଉଛି ପରିବେଶ। ମାଆଙ୍କ ଦର୍ଶନ ପାଇଁ ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଛି।

## ବସୁଧା ଯୋଜନାରୁ ପାନୀୟ ଜଳ ପାଉନାହାନ୍ତି ଗ୍ରାମବାସୀ



**ବାରିପଦା,୨୦।୯ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର ଅନେକ ଆଦିବାସୀ ଗାଁ ରେ ମୌଳିକ ସୁବିଧା ପହଞ୍ଚି ପାରୁନି। କେଉଁଠି ରାସ୍ତା ଓ ପୋଲ ନ ଥିବାରୁ ରୋଗୀ ଖଟିଆରେ ବୁହା ହେଉଛନ୍ତି ତ କେଉଁଠି ଲୋକଙ୍କୁ ମିଳିପାରିନି ପାନୀୟଜଳ ଏବଂ ବାସଗୃହ ଭଳି ମୌଳିକ ସୁବିଧା। ମୟୂରଭଞ୍ଜ ର ଆଦିବାସୀ ଗାଁରେ ୫ଜି ଟାୱାର୍ ଲାଗୁଛି ସତ ହେଲେ ବାସ୍ତବରେ ନିରୀହ ଆଦିବାସୀ ମାନେ ଆଜି ବି ଅବହେଳିତ ହୋଇ ଦୁର୍ବିସହ ଜୀବନ କାଟୁଛନ୍ତି। ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ସୁରୁଦା ଯଶିପୁର ପଞ୍ଚାୟତ ଅଧୀନସ୍ଥ ସାପଘରା ଗାଁରେ ଆଦିବାସୀମାନେ ଆଜି ବି ଅବହେଳିତ ହୋଇ ଦୁର୍ବିସହ ଜୀବନ କାଟୁଛନ୍ତି। ସମସ୍ତେ ଦାରିଦ୍ର୍ୟତା ସୀମାରେଖା ତଳେ ରହିଛନ୍ତି। ଏମାନଙ୍କ ମୂଖ୍ୟ ଜୀବିକା ଚାଷ। ଲୋକଙ୍କର କିଛି କିଛି ଚାଷଜମି ରହିଥିଲେ ମଧ ଅନେକ ସମୟରେ ହାତୀ ଫସଲ ନଷ୍ଟ କରିଦେଉଥିବାରୁ ସଠିକ ଭାବେ ଅମଳ ହୁଏନି କି କ୍ଷତି ପୂରଣ ବି ଏମାନଙ୍କୁ ମିଳୁନଥିବାର ଗ୍ରାମବାସୀ କହିଛନ୍ତି। ଫଳରେ ରୋଜଗାର ନ ଥିବାରୁ ଗାଁ ଯୁବକମାନେ ଅନେକ ସମୟରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଚାଲିଯାଆନ୍ତି।

ପାନୀୟ ଜଳ ପାଇବା ପାଇଁ ସାପଘରା ଗାଁରେ ବସୁଧା ଟାଙ୍କି ଅଛି । ଏହି ଟାଙ୍କିରୁ ଗ୍ରାମବାସୀ ପାନୀୟ ଜଳ ବ୍ୟବହାର କରୁଥିଲେ । ପ୍ରାୟ ଦୁଇ ମାସରୁ ଅଧିକ ହେବ ପାଇବ ଫାଟିଯିବାରୁ ପାନୀୟ ଜଳ ପାଇପାରୁନାହାନ୍ତି ଗ୍ରାମବାସୀ । ଫଳରେ ଲୋକେ ପିଇବା ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ବିଷୟରେ ଜନ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀ ମାନଙ୍କୁ ବାରମ୍ବାର ଦାବି, ଗୁହାରି ପରେବି ବିଫଳ । ତେଣୁ ଯଥା ଶୀଘ୍ର ଏହାର ସମାଧାନ ପାଇଁ ସ୍ଥାନୀୟ ଜଣସାଧାରଣ ଦାବୀ କରିଛନ୍ତି ।




## କାଶୀପୁର ମୁକ୍ତେଶ୍ୱର ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର

**ନିଶ୍ଚିନ୍ତକୋଇଲି,୨୦।୯ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ କାଶୀପୁର ମୁକ୍ତେଶ୍ୱର ବିଦ୍ୟାଳୟ କୁଳିଆ ଠାରେ ବ୍ଲକ ସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ପରିଡା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ବର୍ତ୍ତମାନ ବିଜ୍ଞାନର ଆବଶ୍ୟକତା ବଢିଚାଲିଛି। ବିଜ୍ଞାନ ମେଳା, ବିଜ୍ଞାନ ସେମିନାର, ବିଜ୍ଞାନ କ୍ଲବ, ବିଜ୍ଞାନ ପତ୍ରିକା ମାଧମରେ ବିଜ୍ଞାନର ଆବଶ୍ୟକତା ଜନସାଧାରଣଙ୍କ ପାଖରେ ପହଂଚିବା ପାଇଁ ସରକାରଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଉକ୍ତ ସେମିନାରରେ ବିଭିନ୍ନ ବିଦ୍ୟାଳୟରୁ ପନ୍ଦର ଜଣ ପ୍ରତିଯୋଗୀ 'କ୍ୱାଣ୍ଟମ ଯୁଗ ଆରମ୍ଭ' ଶୀର୍ଷକ ଆଲୋଚନାରେ ଭାଗ ନେଇଥିଲେ। ବିଚାରକ ଭାବେ କେନ୍ଦୁପାଟଣା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ରଞ୍ଜନ କୁମାର ସ୍ୱାଇଁ, ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଦେବ ପ୍ରସାଦ ଦାସ ଯୋଗଦେଇ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଆଗାମୀ ୨୩ ତାରିଖରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାପାଇଁ ମନୋନୀତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିଥିଭାବେ ମଣ୍ଡଳ ଶିକ୍ଷାଧିକାରିଣୀ ସଂଯୁକ୍ତା ମହାପାତ୍ର, ସିଆରସିସି ରାଜକିଶୋର ନାୟକ, ନରେନ୍ଦ୍ର ନାଥ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

## ଆସୁଛନ୍ତି ଆଦ୍ୟାଶକ୍ତି : ଅସ୍ତରଙ୍ଗରେ ମାୟାପୁର ଇସ୍କନ ମନ୍ଦିର





**କାକଟପୁର /ଅସ୍ତରଙ୍ଗ,୨୦।୯ (ସଂଚାର ବ୍ୟୁରୋ):** ମା' ଆସୁଛନ୍ତି, ଚଳଚଞ୍ଚଳ ହୋଇ ପଡିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳ। ଚାରି ଆଡ଼େ ଖୁସିର ମାହୋଲ, ଆନନ୍ଦ ଉଲ୍ଲାସ ରେ ଫାଟିପଡୁଛି ଭକ୍ତଙ୍କ ମନ। ଆଉ ଦିନ କେଇଟା ପରେ ଭକ୍ତ ମାନଙ୍କୁ ଦର୍ଶନ ଦେବେ ମା ଦଶଭୂଜା। ଚଳିତ ବର୍ଷ ପୁରୀ ଜିଲ୍ଲା ଅସ୍ତରଙ୍ଗ ଦୁର୍ଗାପୂଜା ପଡିଆରେ ଛିଡା ହେବ ପଶ୍ଚିମବଙ୍ଗ "ମାୟାପୁର"ର ଇସ୍କନ ମନ୍ଦିର। ଫାଇବର, ସନମାଇକା ଓ ପ୍ଲାଏଉଡରେ ହେବ ଅବିକଳ ତୋରଣ। ମୁଖ୍ୟ କାରିଗର କିଙ୍ଗ କର ମଣ୍ଡଳ ଙ୍କ ତତ୍ତ୍ୱବଧାନରେ ପଶ୍ଚିମବଙ୍ଗ ମେଦୀନାପୁରରୁ ଆସିଥିବା ୧୦ରୁ ଉର୍ଦ୍ଧ କାରିଗର ଏହା ତିଆରି କରୁଛନ୍ତି। ତୋରଣର ଉଚ୍ଚତା ୭୫ଫୁଟ, ଚଉଡା ୭୦ଫୁଟ ରହିବ। ଚଳିତ ବର୍ଷ ଏଠାରେ ପୂଜା ୫୭ବର୍ଷରେ ପଦାର୍ପଣ କରିଛି। ଷଷ୍ଠୀରୁ ଆରମ୍ଭ ହେବ ପୂଜା। ଦଶମୀ ଠାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହେବ। ୨ଅକ୍ଟୋବର ଦିନ ବ୍ଲକ ସ୍ତରୀୟ ନବପ୍ରତିଭା ଅନ୍ୱେଷଣ, ୩ଅକ୍ଟୋବରରୁ ୫ଅକ୍ଟୋବର ପର୍ଯ୍ୟନ୍ତ ଅସ୍ତରଙ୍ଗ ବ୍ଲକ ପଡିଆ ରେ ପୂଜା କମିଟି ତରଫରୁ ଯାତ୍ରା ରାଜ ଦରବାର ଏବଂ ୬ଅକ୍ଟୋବର ରୁ ୮ଅକ୍ଟୋବର ପର୍ଯ୍ୟନ୍ତ ଅପେରା ଯାଜ୍ଞସେନୀ ଯାତ୍ରା ପରିବେଷଣ ସହ ପ୍ରଥମ ଥର ପାଇଁ ମଞ୍ଚ ଉପରେ କମ୍ପୁଟର ଦ୍ୱାରା ପରିଚାଳିତ" ରୋବଟ ଡ୍ୟାନ୍ସ "ଓ କଳାକାର ମାନଙ୍କ ଦ୍ୱାରା "ଅପରେସନ ସିନ୍ଦୁର "ମନଛୁଆଁ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିବ। ଅକ୍ଟୋବର ୧୦ରେ ଭସାଣି ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

## ସେବା ପକ୍ଷ ଅବସରରେ ଚିତ୍ରକଳା ପ୍ରତିଯୋଗିତା ଓ କର୍ମଶାଳା



**ଯାଜପୁର,୨୦।୯ (ସଂଚାର ବ୍ୟୁରୋ):** 'ସେବା ପକ୍ଷ-୨୦୨୫' ଅବସରରେ ଯାଜପୁର ଜିଲ୍ଲା ପ୍ରଶାସନ ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶାଳୟର ସହଯୋଗରେ ଶନିବାର ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଏକଦିନିଆ ଚିତ୍ରକଳା ପ୍ରତିଯୋଗିତା ଓ କର୍ମଶାଳା ଆୟୋଜିତ ହୋଇଥିଲା।ବିକଶିତ ଭାରତ-୨୦୪୭' ବିଷୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସହିତ ବୃତ୍ତିଭିତ୍ତିକ ଚିତ୍ରଶିଳ୍ପୀମାନେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀମାନଙ୍କ ଚିତ୍ରକଳାକୁ ପ୍ରୀତମ୍ ପ୍ରୀୟଲୋଚନ, ଦେବବ୍ରତ ଜେନା ଓ ପ୍ରିୟରଞ୍ଜନ କର ବିଚାରକ ଭାବେ ମୂଲ୍ୟାଙ୍କନ କରିଥିଲେ।

ବୃତ୍ତିଭିତ୍ତିକ ବର୍ଗରେ ସନ୍ତୋଷ କୁମାର ମଲ୍ଲିକ ପ୍ରଥମ, ସତ୍ୟପ୍ରକାଶ ମହାରଣା ଦ୍ୱିତୀୟ ଓ ପାପୁନ୍ ଜେନା ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହାବିଦ୍ୟାଳୟ ବର୍ଗରେ ଡଲବୀ ରାଣୀ ପରିଡ଼ା (ନରସିଂହ ଚୌଧୁରୀ ସ୍ୱୟଂଶାସିତ), ଜ୍ୟୋତ୍ସ୍ନାରାଣୀ ସାହୁ (ସୁଜନପୁର) ଓ ଲୋପାମୁଦ୍ରା ଦାସ (ରାମବାଗ) କ୍ରମଶଃ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ।

ବିଦ୍ୟାଳୟ ବର୍ଗରେ ଅଚ୍ୟୁତ କୁମାର ରାୟ (ଓଡ଼ିଶା ଆଦର୍ଶ), ଅଲିସ୍ପା ସାମଲ (ଅପେକ୍ସ) ଓ ଯୁଗ୍ମଭାବେ ଜ୍ୟୋତି ପ୍ରକାଶ ରାୟ (କେ.ସି. ବେହେରା) ଓ ଅନନ୍ୟା ପୃଷ୍ଟି (ଡି.ଏ.ଭି.) ସ୍ଥାନାଧିକାର କରିଥିଲେ।

କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଓ ଓଡ଼ିଶା ଶିଳ୍ପୀ ମହାସଂଘର ସମ୍ପାଦକ ପ୍ରିୟରଞ୍ଜନ କର ଅତିଥି ଭାବେ ଯୋଗଦେଇ ବିଜେତାଙ୍କୁ ସମ୍ମାନିତ କରିଥିଲେ।

ଚୟନିତ କଳାକୃତିଗୁଡ଼ିକୁ ଆସନ୍ତା ୨୫ ସେପ୍ଟେମ୍ବରରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପ୍ରଦର୍ଶିତ କରାଯିବ।

## ବିଶେଷଜ୍ଞ ସେବାସ୍ୱାସ୍ଥ୍ୟ ଯାଞ୍ଚ କାର୍ଯ୍ୟକ୍ରମର ଶୁଭାରମ୍ଭ




**ବ୍ରହ୍ମପୁର,୨୦।୯ (ସଂଚାର ବ୍ୟୁରୋ):** ସ୍ଥାନୀୟ ଗୁଡ଼ଶେଡ ରୋଡ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ନଗର ସ୍ତରୀୟ "ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ" ଅନ୍ତର୍ଗତ ବିଶେଷଜ୍ଞ ସ୍ୱାସ୍ଥ୍ୟ ସେବା ଶିବିର କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଯୋଗ ଦେଇ ଏହାର ଉଦଘାଟନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ନୀଳକଣ୍ଠ ସାହୁ,ପାର୍ବତୀ ପ୍ରଧାନ, ମମତା କୁମାରୀ ପାତ୍ର,ଡାଃ. ଶରତ କୁମାର ସାମଲ, ଲମ୍ବୋଦର ଦିଗଲଙ୍କ ସମେତ ସମସ୍ତ ବିଶେଷଜ୍ଞ ଚିକିତ୍ସା ଅଧିକାରୀ, ପିଏଚଏମ, ସିପିଏମୟୁ ଓ ଚିକିତ୍ସା କେନ୍ଦ୍ରର ସମସ୍ତ କର୍ମକର୍ତ୍ତା, ମହିଳା ଆରୋଗ୍ୟ ସମିତିର ସଦସ୍ୟ ବୃନ୍ଦ ଏବଂ ସେବା ପ୍ରାପ୍ତ ଓ ପାଇବାକୁ ଥିବା ମହିଳା ହିତାଧିକାରୀ ଆଦି ଉପସ୍ଥିତ ଥିଲେ ।

ସାରା ଭାରତ ବର୍ଷରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଏହି "ସୁସ୍ଥ ନାରୀ ଓ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ଗତ ୧୭ ରିଖ ଠାରୁ ଆରମ୍ଭ ହୋଇଯାଇଅଛି। ଯାହାକି ଆସନ୍ତା ମାସ ୨ ତାରିଖ ଯାଏଁ ସମସ୍ତ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ପାଳନ କରାଯିବ। ଏହି ଅବସରରେ ଭାରତର ସମସ୍ତ ମହିଳା ମାନଙ୍କୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ବିଶେଷଜ୍ଞ ସେବା ମାଧମରେ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସେବା ଯଥା-ଅଣସଂକ୍ରମଣ ରୋଗ ଯେପରିକି ମଧୁମେୟ, ଉଚ୍ଚ ରକ୍ତଚାପ, ଗର୍ଜ୍ୟ କର୍କଟ, ସ୍ତନ କର୍କଟ, ମୁଖ କର୍କଟ, ଯକ୍ଷ୍ମା ରୋଗ, ରକ୍ତହୀନତା, ରକ୍ତ ଶିଙ୍କୁଳି ଜନିତ ରୋଗ ଆଦିର ଚିହ୍ନଟିକରଣ, ଗର୍ଭ ଜନିତ ସେବା ଓ ବୟସ ମୁତାବକ ଟୀକାକରଣ ଭଳି ସ୍ୱାସ୍ଥ୍ୟ ସେବା ଯୋଗେଇ ଦେବାର ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀମତୀ ଦଳେଇ ମହିଳା ମାଙ୍କୁ ଉତ୍ସାହିତ କରିବା ସହ ନିଜ ପାଇଁ କିଛି ସମୟ ବାହାର କରି ନିଜ ଶରୀର ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଆହ୍ୱାନ ଦେଇଥିଲେ ।

ଏହି ଅବସରରେ ଅତିରିକ୍ତ ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ, ଡ଼ା. ଶରତ କୁମାର ସାମଲ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷାର ଗୁରୁତ୍ୱକୁ ଆଲୋଚନା କରିବା ସହ ଆଗାମୀ ଦିନ ମାନଙ୍କରେ କେଉଁ କେଉଁ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ଏହିଭଳି ସ୍ୱାସ୍ଥ୍ୟ ସେବାର ଯୋଜନା ଅଛି ତାହା କହିଥିଲେ।

### ଅନ୍ତର୍ଜାତୀୟ ବେଳାଭୂମି ସଫେଇ ଦିବସ

## ପ୍ଲାଷ୍ଟିକି ମୁକ୍ତ କରିବାକୁ ପ୍ରୟାସ

### ବେଳାଭୂମିର ପରିଛନ୍ନତା ଓ ସୁରକ୍ଷା ପାଇଁ ନେଲେ ସଂକଳ୍ପ




**କାକଟପୁର/ଅସ୍ତରଙ୍ଗ,୨୦।୯ (ସଂଚାର ବ୍ୟୁରୋ):** 'ମୋ ବିଚ୍' ଅଭିଯାନକୁ ସୁଦୂରପ୍ରସାରି କରିବା ଲକ୍ଷ୍ୟରେ ଅନ୍ତର୍ଜାତୀୟ ବେଳାଭୂମି ସଫେଇ ଦିବସ ପ୍ରତିବର୍ଷ ସେପ୍ଟେମ୍ବର ମାସର ତୃତୀୟ ଶନିବାର ଦିନ ପାଳନ କରାଯାଏ। ଏହି ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନିକଟସ୍ଥ 'ପୀରଜାହାନିଆ' ପର୍ଯ୍ୟଟନସ୍ଥଳୀ ବେଳାଭୂମିରେ ଓଡିଶା ସରକାରଙ୍କ ତରଫରୁ ପର୍ଯ୍ୟଟନ ବିଭାଗ ଓ ବନବିଭାଗ ତରଫରୁ ଆୟୋଜିତ ହୋଇଯାଇଛି ସଚେତନ କାର୍ଯ୍ୟକ୍ରମ ସହ ବେଳାଭୂମି ସଫେଇ। ଉପସ୍ଥିତ ଅତିଥି ଭାବେ କୋଣାର୍କ ପର୍ଯ୍ୟଟନ ବିଭାଗ ଅଧିକାରୀ ଅମୀୟ ରଞ୍ଜନ ସେଠୀ ସ୍ୱେଚ୍ଛାସେବୀଙ୍କ ଏହି ଉଦ୍ୟମକୁ ଭୂୟଂସୀ ପ୍ରଶଂସା କରିବା ସହ ଏହି ମହତ୍ୱାକାକ୍ଷା କାର୍ଯ୍ୟକ୍ରମକୁ ଜାରି ରଖିବାକୁ ପରାମର୍ଶ ଦେଇଥିଲେ।

ପୂର୍ବ ନିଷ୍ପତ୍ତି ଅନୁଯାୟୀ, ଶନିବାର ସକାଳ ୬ଟାରୁ ଏହି ମେଗା ସଫେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପର୍ଯ୍ୟଟନ ବିଭାଗ ଅଧିକାରୀ ଓ କର୍ମଚାରୀ, ଜଙ୍ଗଲ ବିଭାଗ କର୍ମଚାରୀ, ବିଭିନ୍ନ ସଂଗଠନ, ସରକାରୀ ଅଧିକାରୀ, ଯୁବ ଗୋଷ୍ଠୀ, ମହିଳା, ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟସଭ୍ୟା ଏହି ଅଭିଯାନରେ ସାମିଲ୍ ହୋଇ ବେଳାଭୂମିକୁ ସଫା କରିଥିଲେ। ଏଥିସହିତ ପର୍ଯ୍ୟଟକ ଓ ବ୍ୟବସାୟୀ ମାନଙ୍କୁ ପଲିଥିନ ବ୍ୟବହାର ବାରଣ କରିବା ସହ ଆବର୍ଜନା କୁଣ୍ଡରେ ଆବର୍ଜନା ପକାଇବାକୁ ପରାମର୍ଶ ଦିଆଯାଇଥିଲା। ପୀରଜାହାନିଆ ଠାରୁ ଆରମ୍ଭ କରି ଡ଼ାଲୁଅକଣି ବେଳାଭୂମି ପର୍ଯ୍ୟନ୍ତ ସମସ୍ତେ ଏକତ୍ରିତ ହୋଇ ଏହି ସଫେଇ କାର୍ଯ୍ୟକ୍ରମରେ ସାମିଲ ଥିଲେ।

## ସମ୍ ହସ୍ପିଟାଲ ପକ୍ଷରୁ ବିଶ୍ୱ ରୋଗୀ ସୁରକ୍ଷା ଦିବସ ପାଳିତ







**ଭୁବନେଶ୍ୱର,୨୦।୯ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍-୧ର କ୍ୱାଲିଟି ବିଭାଗ ପକ୍ଷରୁ ଗତ ରବିବାର ଦିନ ବିଶ୍ୱ ରୋଗୀ ସୁରକ୍ଷା ଦିବସ ପାଳିତ ହୋଇଯାଇଛି। ରୋଗୀଙ୍କ ସୁରକ୍ଷା ନିମନ୍ତେ ଡାକ୍ତର, ନର୍ସ, ହସ୍ପିଟାଲର ଷ୍ଟାଫ ତଥା ରୋଗୀଙ୍କ ସମ୍ପର୍କୀୟଙ୍କର ଦାୟିତ୍ୱ ବା ଭୂମିକା କ'ଣ ହେବା ଉଚିତ୍ ସେ ନେଇ ଚଳିତ ବର୍ଷର ପ୍ରସଙ୍ଗ 'କ୍ୱାଲିଟି, ସେଫ୍ଟି ଆଣ୍ଡ ଟ୍ରଷ୍ଟ' ଉପରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଓଡ଼ିଶାର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଡାକ୍ତର ବିଜୟ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଭୁବନେଶ୍ୱର ଏମ୍ସର ମେଡିକାଲ୍ ସୁପରିଟେଣ୍ଡେଂଟ ଡକ୍ଟର ଦିଲୀପ ପରିଡ଼ା ଓ ଭୁବନେଶ୍ୱର ସ୍ଥିତ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ (ଏନ୍‌ଏଚ୍‌ଏମ୍) କ୍ୱାଲିଟି ବିଭାଗର ଡକ୍ଟର ଦୀନବନ୍ଧୁ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ।

ସେହିପରି ଚଳିତ ମାସ ୧୭ ତାରିଖରେ ଫୁଲନଖରା ସ୍ଥିତ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍-୨ରେ ଏହି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସୋଆର ଉପକୁଳପତି ପ୍ରଫେସର (ଡାକ୍ତର) ପ୍ରସେନ୍‌ଜିତ ମହାନ୍ତି ଏବଂ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍-୨ର ଡିନ୍ ପ୍ରଫେସର (ଡାକ୍ତର) ଅରକ୍ଷିତ ସ୍ୱାଇଁ ଯୋଗଦେଇ ନିଜର ମନ୍ତବ୍ୟ ରଖିଥିଲେ।

## ଅଗ୍ନିଶମ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ମକଡ୍ରିଲ

**କାକଟପୁର/ଅସ୍ତରଙ୍ଗ,୨୦।୯ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଗ୍ନିଶମ ବିଭାଗ ପକ୍ଷରୁ ଶନିବାର ପୂର୍ବାହ୍ନ ରେ ଅସ୍ତରଙ୍ଗ ନୋଡାଲ ବିଦ୍ୟାପୀଠ ଓ ଅପରାହ୍ନ ରେ ଅସ୍ତରଙ୍ଗ ବ୍ଲକ ପରିସରରେ ମକଡ୍ରିଲ କରାଯାଇଛି। ଅସ୍ତରଙ୍ଗ ଅଗ୍ନିଶମ ବିଭାଗ ଷ୍ଟେସନ ଅଧିକାରୀ ପ୍ରହଲ୍ଲାଦ ରାଓଙ୍କ ନେତୃତ୍ୱରେ ଅଗ୍ନିଶମ ବିଭାଗର ଆଗ୍ନୀକ ମାନେ ନିଆଁ ଲାଗିଲେ ଲିଭାଇବାର କୌଶଳ, ଅଗ୍ନି ଦୁର୍ଘଟଣାରୁ ରକ୍ଷା କୌଶଳ,ଉଚ୍ଚ ଅଟାଳିକାରୁ ପୀଡିତଙ୍କୁ ଉଦ୍ଧାର କାର୍ଯ୍ୟ,ନିଆଁ ନ ଲାଗିବା ସତର୍କତା ଆଦି ସମ୍ପର୍କରେ ମକଡ୍ରିଲ ପଦର୍ଶନ କରିଥିଲେ। ଏହା ସହ ରୋଷେଇ କରୁଥିବା ସମୟରେ ହଠାତ ଗ୍ୟାସ ସିଲିଣ୍ଡରରେ ନିଆଁ ଲାଗିଲେ କିଭଳି ନିଆଁ କୁ ଲିଭାଯାଇ ପାରିବ ସେ ସମ୍ପର୍କରେ ବିସ୍ତୃତ ଭାବେ ତାଲିମ୍ ପ୍ରଦାନ କରିଥିଲେ। ଅଗ୍ନିକାଣ୍ଡ ସମୟରେ ଅଗ୍ନିନିର୍ବାପକ ଯନ୍ତ୍ର କିଭଳି ବ୍ୟବହାର କରିବେ ସେ ସମ୍ପର୍କରେ ଛାତ୍ର, ଛାତ୍ରୀ, ଅଙ୍ଗନବାଡି କର୍ମୀ,ମାନଙ୍କୁ ପ୍ରଦର୍ଶନଗତ ଶିକ୍ଷା ପ୍ରଦାନ କରିଥିଲେ।

# ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ମନ୍ତ୍ରୀ ଓ ଡିଜିପିଙ୍କ ସମୀକ୍ଷା ବୈଠକ



**ବ୍ରହ୍ମପୁର, ୨୦।୯(ସଂଚାର ବ୍ୟୁରୋ):** ଆସନ୍ତା ୨୭ ତାରିଖରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ରହ୍ମପୁର ଗସ୍ତରେ ଆସିବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ବ୍ରହ୍ମପୁର ଗସ୍ତ କରି ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମ୍ପର୍କରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଆଜି ପୂର୍ବାହ୍ନରେ ଡିଜିପି ବ୍ରହ୍ମପୁର ଗସ୍ତରେ ଆସି ପ୍ରଥମେ ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପରେ ପହଞ୍ଚିଥିଲେ। ଆସନ୍ତା ୨୭ ତାରିଖରେ ପ୍ରଧାନମନ୍ତ୍ରୀ ପ୍ରଥମେ ଏହି ଏୟାରଷ୍ଟ୍ରିପରେ ଅବତରଣ କରି ନିକଟସ୍ଥ ସଭା ସ୍ଥଳକୁ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ସଭାରେ ଲକ୍ଷାଧିକ ଜନସମାଗମକୁ ଦୃଷ୍ଟିରେ ରଖି ଏୟାରଷ୍ଟ୍ରିପ ପରିସରରେ ବ୍ୟାପକ ସୁରକ୍ଷା ବାହିନୀ ମୁତୟନ, ଟ୍ରାଫିକ ଓ ପାର୍କିଂ ବ୍ୟବସ୍ଥା କୁ ସୁଦୃଢ଼ କରାଯିବା ସଂକ୍ରାନ୍ତରେ ଡିଜିପି ବରିଷ୍ଠ ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ସହରରେ ଥିବା ସମସ୍ତ ହୋଟେଲ ଓ ଲଜ୍ ଗୁଡ଼ିକୁ କଡ଼ାକଡ଼ି ତନଖି କରିବାକୁ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ବ୍ରହ୍ମପୁର ଜିଲ୍ଲା ପୋଲିସ ମୁଖ୍ୟାଳୟ ପରିସରରେ ଡିଜିପି ଶ୍ରୀ ଖୁରାନିଆଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ଓ ଅପରାଧ ସ୍ଥିତି ଏବଂ ନିୟନ୍ତ୍ରଣ ସମ୍ପର୍କରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ପରେ ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ମଧ୍ୟ ଅନୁରୂପ ସମୀକ୍ଷା ବୈଠକ ଆୟୋଜିତ କରାଯାଇଥିଲା। ଏହି ବୈଠକରେ ଜିଲ୍ଲାର ସମସ୍ତ ଥାନାଧିକାରୀଙ୍କଠାରୁ ଆରମ୍ଭ କରି ଏସଡିପିଓ, ଅତିରିକ୍ତ ଏସପି ଏବଂ ମୁଖ୍ୟାଳୟ ପରିସରରେ ଥିବା ବିଭିନ୍ନ ବିଭାଗର ଅଧିକାରୀଗଣ ଉପସ୍ଥିତ ଥିଲେ। ଉଭୟ ଜିଲ୍ଲାର ସମସ୍ତ ପୋଲିସ ଅଧିକାରୀଙ୍କ ସହ ସମୀକ୍ଷା ବୈଠକରେ ଯୋଗଦେଇ ଡିଜିପି ଆଇନ ଶୃଙ୍ଖଳା ପରିସ୍ଥିତି ଓ ଘଟୁଥିବା ଅପରାଧର ସମୀକ୍ଷା କରିଥିଲେ। ଡିଜିପିଙ୍କ ଏହି ଗସ୍ତ ସମୟରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସଞ୍ଜୟ କୁମାର, ଆଇଜି ନାତି ଶେଖର, ଏସପି ଗଞ୍ଜାମ ଶୁଭେନ୍ଦୁ କୁମାର ପାତ୍ର, ଏସପି ବ୍ରହ୍ମପୁର ଡାକ୍ତର ସର୍ବଣା ବିବେକ ପ୍ରମୁଖ ଉପସ୍ଥିତ ଥିଲେ।

ଜର୍ଜ ତିର୍କିଙ୍କ ବିୟୋଗରେ ବାଚସ୍ପତିଙ୍କ ଶୋକ

# ବିଧାନସଭା ପକ୍ଷରୁ ଗାର୍ଡ ଅଫ୍ ଅନର



**ଭୁବନେଶ୍ୱର,୨୦।୯(ସଂଚାର ବ୍ୟୁରୋ):** ପୂର୍ବତନ ବିଧାୟକ ଜର୍ଜ ତିର୍କିଙ୍କ ବିୟୋଗରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଗଭୀର ଶୋକପ୍ରକାଶ କରିଛନ୍ତି। ଏକ ଶୋକବାର୍ତ୍ତାରେ ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ, ବିଶିଷ୍ଟ ଶ୍ରମିକ ଓ ଆଦିବାସୀ ନେତା ଜର୍ଜ ତିର୍କି ଛାତ୍ରାବସ୍ଥାରୁ ନିଜର ସାଂଗଠନିକ ଦକ୍ଷତାର ପରିଚୟ ଦେଇଥିଲେ। ଅବିଭକ୍ତ ସୁନ୍ଦରଗଡ଼ ଜିଲ୍ଲା ସମେତ ଝାଡ଼ଖଣ୍ଡରେ ମଧ୍ୟ ତାଙ୍କର ବିଶେଷ ଲୋକପ୍ରିୟତା ଥିଲା। ବୀରମିତ୍ରପୁର ବିଧାନସଭାରୁ ୪ ଥର ନିର୍ବାଚିତ ହେବା ତାଙ୍କ ଲୋକପ୍ରିୟତାର ପରିଚୟ ଦିଏ। ଜନଜାତିଙ୍କ କଲ୍ୟାଣ ନିମନ୍ତେ ତାଙ୍କର ପ୍ରୟାସ ଓ ଅବଦାନ ପାଇଁ ସେ ଚିରସ୍ମରଣୀୟ ହୋଇ ରହିବେ। ବାଚସ୍ପତି ଶ୍ରୀମତୀ ପାଢ଼ୀ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି। ଆଜି ପୂର୍ବାହ୍ନ ୧୧ଟା ସମୟରେ ସ୍ୱର୍ଗତ ଜର୍ଜ ତିର୍କିଙ୍କ ମରଶରୀର ବିଧାନସଭା ପରିସରରେ ପହଞ୍ଚିବା ପରେ ବିଧାନସଭା ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ବିଧାନସଭା ପରିସରରେ ବାଚସ୍ପତି ଶ୍ରୀମତୀ ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିଜେଡି ବିଧାୟକ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଦାମ, ମନ୍ତ୍ରୀମଣ୍ଡଳର ସଦସ୍ୟବୃନ୍ଦ, ବିଧାୟକବୃନ୍ଦ, ପୂର୍ବତନ ମନ୍ତ୍ରୀ ଓ ବିଧାୟକଗଣ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତଙ୍କ ସମେତ ବିଧାନସଭାର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ସ୍ୱର୍ଗତ ତିର୍କିଙ୍କ ଶେଷଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# କୋଣାର୍କ-ଭୁବନେଶ୍ୱର ନୂଆ ରେଳପଥ ପାଇଁ ନିମାପଡ଼ ଓ ଗୋପରେ ହେବ ଲୋକେଶନ ସର୍ଭେ



**ଭୁବନେଶ୍ୱର, ୨୦।୯(ସଂଚାର ବ୍ୟୁରୋ):** ବହୁ ପ୍ରତୀକ୍ଷିତ କୋଣାର୍କ-ଭୁବନେଶ୍ୱର ରେଳପଥକୁ ନିକଟରେ ରେଳ ମନ୍ତ୍ରାଳୟ ପକ୍ଷରୁ ମଞ୍ଜୁର ମିଳିଛି। ଏହି ଉପଲବ୍ଧି ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଚିଠି ମାଧ୍ୟମରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବକୁ ଧନ୍ୟବାଦ ଜ୍ଞାପନ କରିବା ସହିତ ଏହି ରେଳପଥକୁ ନିମାପଡ଼ା ଓ ଗୋପ ଦ୍ୱାରା ସଂଯୁକ୍ତ କରିବା ପାଇଁ ଅନୁରୋଧ କରିଥିଲେ। ଏହା ଦ୍ୱାରା ନିମାପଡା ଓ ଗୋପ ଅଞ୍ଚଳରେ ପର୍ଯ୍ୟଟନସ୍ଥଳୀର ବିକାଶ ହେବା ସହ ଆଞ୍ଚଳିକ ପରିବହନ ଓ ଯୋଗାଯୋଗ ମଧ୍ୟ ସୁଗମ ହୋଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଚିଠିରେ ଉଲ୍ଲେଖ କରିଥିଲେ। ଏହି ଚିଠିର ଉତ୍ତର ଦେଇ ରେଳ ମନ୍ତ୍ରାଳୟ ଏହି ପ୍ରସ୍ତାବକୁ ଗ୍ରହଣ କରିବା ସହ କୋଣାର୍କ ଭୁବନେଶ୍ୱର ରେଳପଥର ଡିଟେଲଡ଼ ପ୍ରୋଜେକ୍ଟ ରିପୋର୍ଟ ପାଇଁ ଗୋପ ଓ ନିମାପଡାରେ ଫାଇନାଲ ଲୋକେଶନ ସର୍ଭେ ପାଇଁ ମଞ୍ଜୁରୀ ଦେଇଛନ୍ତି। ଏହି ମଞ୍ଜୁରୀ ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା, କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସେ ଅନେକ ଅନେକ କୃତଜ୍ଞତା ଜ୍ଞାପନ କରିଛନ୍ତି।

# କ୍ୟାବ୍ ଡ୍ରାଇଭରଙ୍କୁ ଅପହରଣ ପରେ ହତ୍ୟା

## ଅପହରଣକାରୀ ମୃତକଙ୍କ ପରିବାରକୁ ୨କୋଟି ଦାବି କରୁଥିଲେ




**ଭୁବନେଶ୍ୱର ୨୦।୯(ସଂଚାର ବ୍ୟୁରୋ):** କ୍ୟାବ୍ ଡ୍ରାଇଭରଙ୍କୁ ଅପହରଣ ପରେ ହତ୍ୟା କରାଯାଇଛି। ଭୁବନେଶ୍ୱର ଚନ୍ଦକା ଥାନା ଅଞ୍ଚଳରୁ କାର୍ ସହ ମିଳିଲା ମୃତଦେହ। ମୃତକ ହେଲେ ଖୋର୍ଦ୍ଧା ବାଣପୁର ଅରାଙ୍ଗ ଗାଁର ବିଦ୍ୟାଧର ସାହୁ। ଗତ ୧୫ ତାରିଖରେ ଗାଡ଼ି ଧରି ଘରକୁ ଫେରିନଥିଲେ ବିଦ୍ୟାଧର। ସ୍ତ୍ରୀଙ୍କୁ ଫୋନ୍ କରି କହିଥିଲେ ତୁମେ ଖାଇଦିଅ, ମୁଁ ପଛରେ ଯିବି। ହେଲେ ସେଦିନ ଆଉ ଘରକୁ ଫେରିନଥିଲେ ବିଦ୍ୟାଧର। ୧୬ ତାରିଖ ସଂଧ୍ୟାରେ ପୁଣି ସ୍ତ୍ରୀଙ୍କୁ ଫୋନ୍ କରିଥିଲେ ବିଦ୍ୟାଧର। କହିଥିଲେ, ଯାଜପୁର ଭଡ଼ା ମିଳିଥିବାରୁ ସେ ଯାଉଛନ୍ତି। ୧୬ ରାତି ୯ଟାରେ ବିଦ୍ୟାଧରଙ୍କ କାର୍ ମଙ୍ଗୁଳି ଟୋଲ ଗେଟ୍ ପାର୍ କରିଥିବା ଫାସ୍‌ଟ୍ୟାଗ୍ ମେସେଜରୁ ଜଣାପଡ଼ିଥିଲା। ସେହିଭଳି ୧୭ ତାରିଖ ସକାଳ ୬ଟାରେ ପୁଣି ସେହି ମଙ୍ଗୁଳି ଟୋଲଗେଟ୍ କ୍ରସ୍ କରିଛି ବିଦ୍ୟାଧରଙ୍କ କାର୍। ଅର୍ଥାତ୍ ସେ ୧୭ ତାରିଖ ସକାଳୁ ଯାଜପୁରରୁ ଭୁବନେଶ୍ୱର ଫେରିଥିବା ଅନୁମାନ କରାଯାଉଛି। ବିଦ୍ୟାଧରଙ୍କ ସାନଭାଇଙ୍କ ମୋବାଇଲକୁ ଆସିଥିବା ଫାସଟ୍ୟାଗ୍ ମେସେଜରୁ ଏହା ସ୍ପଷ୍ଟ ହୋଇଛି। ତେବେ ୧୭ ତାରିଖ ଦିନ ବିଦ୍ୟାଧର ଘରକୁ ନଫେରିବାରୁ ସନ୍ଦେହ କରିଥିଲେ ପରିବାର ଲୋକ। ଆଉ ବଡ଼ଗଡ଼ ଥାନାରେ ଏନେଇ ଅଭିଯୋଗ କରିଥିଲେ। ତେବେ ଗତ ଦୁଇଦିନ ହେଲା କୌଣସି ଏକ ଅଜଣା ନମ୍ବରରୁ ବିଦ୍ୟାଧରଙ୍କ ପରିବାର ପାଖକୁ ଲଗାତର ଫୋନ୍ ଆସୁଥିଲା। ବିଦ୍ୟାଧରଙ୍କ ବଦଳରେ ୨ କୋଟି ଟଙ୍କା ଦାବି କରୁଥିଲେ ଅପହରଣକାରୀ। ଆଉ ଶନିବାର ସକାଳେ ଚନ୍ଦକା ରାସ୍ତାରେ ବିଦ୍ୟାଧରଙ୍କ କାର୍ ଠିଆ ହୋଇଥିବା ଦେଖିଥିଲେ ତାଙ୍କ ଗାଁର ଜଣେ ଡ୍ରାଇଭର। ସେଠାରେ ସେ ଅଟକି ଦେଖିବା ବେଳକୁ ରାସ୍ତାକଡ଼ ବୁଦା ମୂଳେ ପଡ଼ିଥିଲା ବିଦ୍ୟାଧରଙ୍କ ମୃତଦେହ। ଏହା ପରେ ପିସିଆର୍ ଭ୍ୟାନ୍ ଓ ବିଦ୍ୟାଧରଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ ସମ୍ପୃକ୍ତ ଡ୍ରାଇଭର ଜଣକ। ଘଟଣାସ୍ଥଳରେ ବଡ଼ଗଡ଼ ଓ ଚନ୍ଦକା ଥାନା ପୋଲିସ ସହ ପହଞ୍ଚିଥିଲା ସାଇଣ୍ଟିଫିକ୍ ଟିମ୍। ବିଦ୍ୟାଧରଙ୍କ ବେକରେ ଏକ ଧଳା ଗାମୁଛା ଗୁଡ଼ାଇ ହୋଇ ରହିଥିବା ଦେଖିବାକୁ ମିଳିଥିଲା। ଏଥିସହ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ମଧ୍ୟ ରହିଛି। ପାଖ ରାସ୍ତାରେ ଏକ କଳା ରଙ୍ଗର ଛତା ଓ ଏକ ମନିପର୍ସ ପଡ଼ିଥିବା ମଧ୍ୟ ଦେଖିବାକୁ ମିଳିଛି। ପୋଲିସ ମୃତଦେହକୁ ଉଦ୍ଧାର କରି ପୋଷ୍ଟମର୍ଟମ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ତଦନ୍ତ ଜାରି ରଖିଛି। କିଏ ଓ କାହିଁକି ବିଦ୍ୟାଧରଙ୍କୁ ଅପହରଣ କରି ହତ୍ୟା କରିଛି ତାକୁ ନେଇ ପୋଲିସ ଖୋଳତାଡ଼ ଚଳାଇଛି। ସେପଟେ ଆଉ ଏହି ଘଟଣାର ଆଉ ଏକ ଦିଗ ମଧ୍ୟ ସାମ୍ନାକୁ ଆସିଛି। ଚାକିରି କରାଇଦେବାକୁ କହି ବିଦ୍ୟାଧର କିଛି ଲୋକଙ୍କଠାରୁ ଟଙ୍କା ନେଇଥିବା କୁହାଯାଉଛି।

# ଶୁଭମିତ୍ରାଙ୍କ ନମୁନାର ହେବ ଡିଏନଏ ଟେଷ୍ଟ



**ଭୁବନେଶ୍ୱର,୨୦।୯(ସଂଚାର ବ୍ୟୁରୋ):** ମହିଳା କନେଷ୍ଟବଲ ଶୁଭମିତ୍ରା ହତ୍ୟା ଘଟଣାରେ ହେବ ଡିଏନଏ ଟେଷ୍ଟ। ଯେହେତୁ ହତ୍ୟା ପରେ ଦୀପକ ମୃତଦେହକୁ ମାଟି ତଳେ ପୋତିଦେଇଥିଲା। ମୃତଦେହ ଗଳିତ ଓ ଚିହ୍ନିବା କଷ୍ଟକର ହୋଇଥିଲା। ଭୁବନେଶ୍ୱର ଏସଏଫଏସଏଲରେ ପହଞ୍ଚିଛି ଶୁଭମିତ୍ରାଙ୍କ ଡିଏନଏ ସାମ୍ପଲ। ମୃତଦେହଟି ଶୁଭମିତ୍ରାଙ୍କର କି ନାହିଁ ସେଥିପାଇଁ ଡିଏନଏ ଟେଷ୍ଟର ଆବଶ୍ୟକତା ରହିଛି। ଶୁଭମିତ୍ରଙ୍କ ପରିବାର ଲୋକଙ୍କ ଡିଏନଏ ସାମ୍ପଲ କଲେକ୍ସନ କରିଛି ପୋଲିସ। ଡିଏନଏ ରିପୋର୍ଟ କୋର୍ଟରେ ପ୍ରମାଣ ପାଇଁ ପୋଲିସକୁ ସହାୟକ ହୋଇଥାଏ। ପୂର୍ବରୁ ରେଡ ଫ୍ଲାଗ ଅନ୍ତର୍ଭୁକ୍ତ ହୋଇଛି ମହିଳା କନଷ୍ଟେବଲ ଶୁଭମିତ୍ରାଙ୍କ ମର୍ଡର କେସ। ଯେଉଁଥିରେ କ୍ୟାପିଟାଲ ଥାନା ପୋଲିସକୁ ସହାୟତା କରିବ କ୍ରାଇମବ୍ରାଞ୍ଚର ବିଶେଷଜ୍ଞ ଟିମ। ଡିଏନଏ ଟେଷ୍ଟରେ ସ୍ପଷ୍ଟ ହୋଇଥାଏ ମୃତଦେହ କାହାର। ଯେତେବେଳେ ମୃତଦେହ ଗଳିତ ହୋଇଥାଏ କିମ୍ବା ମୃତଦେହକୁ ଚିହ୍ନିବା କଷ୍ଟକର ହୋଇଥାଏ। ସେହି ପରିପ୍ରେକ୍ଷୀରେ ଡିଏନଏର ଆବଶ୍ୟକତା ପଡିଥାଏ। ମୃତ ଶରୀର ମାଂସ,ଚୁଟି ଆଦିର ଅଂଶ ବିଶେଷ ସାମ୍ପଲ ଭାବରେ ସଂଗ୍ରହ କରଯାଇଥାଏ। ସେହିଭଳି ପରିବାର ଲୋକ ଯେମିତିକି ବାପା, ମା'ଙ୍କ ରକ୍ତ, ଶାଲାଇଭା ଆଦି ସାମ୍ପଲ ଭାବରେ ନିଆଯାଇଥାଏ। ଉଭୟ ସାମ୍ପଲ ପରସ୍ପର ସହିତ ମ୍ୟାଚ କଲେ ସ୍ପଷ୍ଟ ହେବ ଯେ ମୃତଦେହଟି ଶୁଭମିତ୍ରାଙ୍କର। ଏହି ହାଇପ୍ରୋଫାଇଲ ମର୍ଡର କେଶରେ ଆଗକୁ ଦୀପକ ପରିଡାଙ୍କ ଅଡୁଆ ବଢ଼ିବାକୁ ଯାଉଛି। ପୁଲିସ ଦୀପକଙ୍କୁ ରିମାଣ୍ଡରେ ଆଣି ପଚାଉଚରା କରିବାକୁ ପ୍ରସ୍ତୁତ ହେଉଛି। ରିମାଣ୍ଡ ସମୟରେ ହତ୍ୟାର କାରଣ ଓ ପ୍ରଥମ ସ୍ତ୍ରୀର ମୃତ୍ୟୁ ରହସ୍ୟ ବି ଖୋଲିପାରେ।

● ମହିଳା କନଷ୍ଟେବଲ ଶୁଭମିତ୍ରା ହତ୍ୟା ମାମଲା

# ଜେସିବି ଡ୍ରାଇଭର ଓ ମାଲିକଙ୍କୁ ପୋଲିସର ପଚରାଉଚରା

**ଘଟଗାଁ, ୨୦।୯ (ସଂଚାର ବ୍ୟୁରୋ) :** ମହିଳା କନଷ୍ଟେବଲ ଶୁଭମିତ୍ରା ସାହୁ ହତ୍ୟା ମାମଲାର ଖୋଳତାଡ଼ ଆରମ୍ଭ ହୋଇଛି। କେନ୍ଦୁଝରର ଘଟଗାଁରେ କମିଶନରେଟ୍ ପୋଲିସର ତଦନ୍ତ ଚାଲିଛି। ଶବ ପୋତିବା ପାଇଁ ବ୍ୟବହୃତ ଜେସିବି ଗାଡ଼ିର ଡ୍ରାଇଭର ଓ ମାଲିକଙ୍କୁ ଜେରା କରିଛି କମିଶନରେଟ୍ ପୋଲିସ। ଜେସିବି ମାଲିକ ହେଲେ ଘଟଗାଁର ସରୋଜିନୀ ଏଣ୍ଟରପ୍ରାଇଜେସ୍ ମାଲିକ ଜୀତେନ୍ଦ୍ର କୁମାର ସା' ଓ ଡ୍ରାଇଭର ବୃନ୍ଦାବନ ମହାନ୍ତ। ଉଭୟଙ୍କୁ ଜେରା କରୁଛି କମିଶନରେଟ୍ ପୋଲିସ। ଉଲ୍ଲେଖଯୋଗ୍ୟ ଯେ, ମହିଳା ଟ୍ରାଫିକ୍ କନଷ୍ଟେବଲ ଶୁଭମିତ୍ରା ମର୍ଡର କେସର ମୁଖ୍ୟ ଅଭିଯୁକ୍ତ ଦୀପକ ରାଉତ ପାଇଁ ବଢ଼ିଛି ଅଡୁଆ ବଢ଼ିଛି। ପ୍ରଥମ ସ୍ତ୍ରୀ ଅପର୍ଣ୍ଣା ରାଉତଙ୍କ ମୃତ୍ୟୁ ଘଟଣା ଓ ଦ୍ୱିତୀୟ ପତ୍ନୀ ଶୁଭମିତ୍ରାଙ୍କ ମର୍ଡର କେସ୍‌କୁ ରେଡ୍ ଫ୍ଲାଗ ଅନ୍ତର୍ଭୁକ୍ତ କରିସାରିଛି ପୋଲିସ। କ୍ରାଇମବ୍ରାଞ୍ଚ ଡିଜିଙ୍କ ତତ୍ତ୍ୱାବଧାନରେ ଦୁଇଟି ଘଟଣାର ହେବ ତଦନ୍ତ। ସେପଟେ ଶୁକ୍ରବାର ଖୁଣ୍ଟୁଣୀ ଥାନା ଅଧିକାରୀଙ୍କୁ ଭେଟି ୨୦୨୨ ମସିହାର କେସକୁ ରି-ଓପନ କରିବା ସହ ତାଙ୍କ ଭଉଣୀ ଅପର୍ଣ୍ଣା ରାଉତଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ଅପିଲ୍ କରିଛନ୍ତି।

# ବିଜେପିରେ ମିଶିଲେ ରାଜନଗରର ବହୁ ସରପଞ୍ଚ, ସମିତିସଭ୍ୟ



**ଭୁବନେଶ୍ୱର, ୨୦।୯(ସଂଚାର ବ୍ୟୁରୋ):** ରାଜନଗର ନିର୍ବାଚନ ମଣ୍ଡଳୀର ବହୁ ସରପଞ୍ଚ ଓ ସମିତି ସଭ୍ୟ ସେମାନଙ୍କ ସମର୍ଥକଙ୍କ ସହ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି। ବାଘମାରି ଗ୍ରାମପଞ୍ଚାୟତର ସରପଞ୍ଚ ଭବାନୀ ପାତ୍ର, ପୂର୍ବତନ ସରପଞ୍ଚ ମୁକ୍ତି କୁମାର ପାତ୍ର , ସମିତି ସଭ୍ୟ ମନୋରଞ୍ଜନ ମଣ୍ଡଳ, ନାୟବ ସରପଞ୍ଚ ବାସୁଦେବ ଗିରି ଏବଂ ୱାର୍ଡ ସଭ୍ୟ ୧- ଚନ୍ଦନ ସାହୁ ୨- ମହାଦେବ ବେରା ୩- ପଞ୍ଚାନନ ପ୍ରମାଣିକ, ୪- ସୁଶାନ୍ତ ମଣ୍ଡଳ, ବାଘମାରି ପଞ୍ଚାୟତ ସଭାପତି ରାମକୃଷ୍ଣ ମାଇତିଙ୍କ ସହିତ ସମ୍ପାଦକ ଜୟନ୍ତ ପ୍ରଧାନ, ସୁଦର୍ଶନ ପ୍ରଧାନ, ଗୋପାଳ କୃଷ୍ଣ ବେର, ସତ୍ୟରଞ୍ଜନ ପାଲ, ଗୋପାଳ ଜେନା, ବୃନ୍ଦାବନ ସାହୁ, ସୁବାସ ଗିରି, ସରୋଜ ମଣ୍ଡଳ, ଗୋବିନ୍ଦ ମଣ୍ଡଳ, ହରେକୃଷ୍ଣ ମଣ୍ଡଳ, ଅଶ୍ୱିନୀ ମଣ୍ଡଳ, ନିର୍ମଳ ମଣ୍ଡଳ, ନନିଗୋପାଲ୍ ମଣ୍ଡଳ, ଶିବାନୀ ଗିରି, ବିମଳ ଚନ୍ଦ୍ର ମାଇତୀ, ଶ୍ରୀପତି ମଣ୍ଡଳ, ବନେଶ୍ୱର୍ ମାଇତୀ ଏବଂ ଧୀରପୁର୍ ପଞ୍ଚାୟତର ସରପଞ୍ଚ ନରେଶ ଚନ୍ଦ୍ର ମଲ୍ଲିକ , ସମିତି ସଭ୍ୟ ପ୍ରମିଳା ଖଟୁଆଙ୍କ ସହ ସମସ୍ତ ୱାର୍ଡ ସଭ୍ୟ, ବହୁ ଯୁବବନ୍ଧୁ ରାଜନଗର ନିର୍ବାଚନୀ ମଣ୍ଡଳର ଲଢୁଆ ନେତା ଲଳିତ କୁମାର ବେହେରାଙ୍କ ନେତୃତ୍ୱରେ ଭାରତୀୟ ଜନତା ପାର୍ଟି ଆଦର୍ଶରେ ଅନୁପ୍ରାଣିତ ହେଇ ଆଜି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଉତ୍ତରୀୟ ଏବଂ ଟୋପି ପିନ୍ଧି ଦଳରେ ସାମିଲ ହେବା ସହ ଶପଥ ନେଇହେଲେ। ଏହି ସମୟରେ ଭାରତୀୟ ଜନତା ପାର୍ଟିର ପଞ୍ଚାୟତ ସଭାପତି ବିଶ୍ୱନାଥ ପଣ୍ଡା, ସୁଜିତ୍ କୁମାର ମାଇତି, ରାମଚନ୍ଦ୍ର ମାଇତୀ, ରମେଶ ଭୂୟାଁ, ଅଜୟ ଜେନା, ଶିବୁ ମଣ୍ଡଳ, ପ୍ରବୋଧ ମଣ୍ଡଳ, ନିରଞ୍ଜନ ଦଳାଇ ,ଦିଲ୍ଲୀପ ପଣ୍ଡା, ଦୀପକ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ନକଲି ମଦ କାରଖାନା ଠାବ, ଜଣେ ଗିରଫ

**ନୀଳଗିରି, ୨୦।୯ (ସଂଚାର ବ୍ୟୁରୋ) :** ବାଲେଶ୍ୱର ଜିଲ୍ଲା ଔପଦା ଅଞ୍ଚଳରେ ଚଢ଼ାଉ କରି ଅବକାରୀ ବିଭାଗ ନକଲି ମଦ କାରଖାନା ଠାବ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ବଡ଼ପୋଖରୀ ଅଞ୍ଚଳର ମନୋଜ କୁମାର ବେହେରା। ନୀଳଗିରି ଉପଖଣ୍ଡ ଅଧିନ ଔପଦା ଅଞ୍ଚଳରେ ନକଲି ବିଦେଶୀ ମଦ ଚାଲାଣ ନେଇ ଅବକାରୀ ବିଭାଗ ପାଖରେ ଅଭିଯୋଗ ହୋଇଥିଲା। ଏନେଇ ନୀଳଗିରି ଅବକାରୀ ବିଭାଗ ଇନ୍ସପେକ୍ଟର କେଶବ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଏକ ଟିମ ଔପଦା ବଡ଼ପୋଖରୀ ନିକଟରେ ଚଢ଼ାଉ କରିଥିଲେ। ବିଦେଶୀ ମଦ ତିଆରି ପାଇଁ ୧୦୦ ଲିଟର ସ୍ପିରିଟ ଓ ମଦ ରନ୍ଧା ସାମଗ୍ରୀ, ଖାଲି ବୋତଲ ସହ ୩୬ ଲିଟର ନକଲି ବିଦେଶୀ ମଦ ଜବତ କରିଥିଲେ । ସବୁଠାରୁ ଆଶ୍ଚର୍ଯ୍ୟର କଥା କାର ଭିତରେ ଏହି ନକଲି ମଦ ତିଆରି ହେଉଥିଲା।



# ଛାତ୍ରୀଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହାୟତା



**ଭୁବନେଶ୍ୱର,୨୦।୯(ସଂଚାର ବ୍ୟୁରୋ) :** ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କ ତ୍ୱରିତ ପଦକ୍ଷେପ ଫଳରେ ବରଗଡ ତୁର୍ଲାର ଛାତ୍ରୀ ପାଇଲେ ନାମଲେଖା ସହାୟତା। ଜଣେ ୟୁଜର ଛାତ୍ରୀଜଣଙ୍କ ନାମଲେଖା ପାଇଁ ଆର୍ଥିକ ଅସୁବିଧା କଥା ସୋସିଆଲ ମେଡିଆ ପ୍ଲାଟଫର୍ମ "ଏକ୍ସ"ରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଜଣାଇ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ ବିଏଡ୍ ନାମଲେଖା ନିମନ୍ତେ ଛାତ୍ରୀଙ୍କୁ ସମୁଦାୟ ୪୬୦୦୦ ହଜାର ଜରୁରୀ ଥିବାବେଳେ ସେ ୩୧୦୦୦ ଟଙ୍କା ଯାଏଁ ଯୋଗାଡ କରିପାରିବେ ବୋଲି ଉଲ୍ଲେଖ କରିଥିଲେ। ତେବେ ଅତିରିକ୍ତ ୧୫୦୦୦ ଟଙ୍କା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହଯୋଗ ଲୋଡିଥିଲେ। ସମ୍ପୃକ୍ତ ଛାତ୍ରୀଙ୍କ ପାଠପଢା ସମସ୍ୟା ବାବଦରେ ଜାଣିବା ପରେ ସ୍ୱାସ୍ଥ୍ୟମନ୍ତ୍ରୀ ତ୍ୱରିତ ପଦକ୍ଷେପ ନେବା ପାଇଁ ବରଗଡ଼ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ନିୟମ ଅନୁସାରେ ଆବଶ୍ୟକ ସମସ୍ତ ଡକ୍ୟୁମେଣ୍ଟ ତନଖି କରି ଆଜି ୧୫୦୦୦ ଟଙ୍କା ମଞ୍ଜୁର କରାଯାଇଛି। ରେଡକ୍ରସ ପକ୍ଷରୁ ମାନିନୀ ସାହୁଙ୍କୁ ତାଙ୍କ ବ୍ୟାଙ୍କ ଖାତାରେ ଏହି ଅର୍ଥ ପ୍ରଦାନ କରାଯାଇଛି। ତେବେ ମନ୍ତ୍ରୀଙ୍କ ଏହି ପଦକ୍ଷେପକୁ ସାଧାରଣରେ ଉଚ୍ଚ ପ୍ରଶଂସିତ କରାଯାଉଛି।

# ସମଲେଇଙ୍କଠାରେ ବ୍ୟବହାର ହେବ ଓମ୍‌ଫେଡ୍ ଘିଅ




**ସମ୍ବଲପୁର, ୨୦।୯ (ସଂଚାର ବ୍ୟୁରୋ) :** ସମ୍ବଲପୁର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇ ମନ୍ଦିରରେ ଏଣିକି ବ୍ୟବହାର ହେବ ଓମ୍‌ଫେଡ୍ ଘିଅ। ଓମ୍‌ଫେଡ୍ ଘିଅ ବ୍ୟବହାର ନେଇ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଗର୍ଭଗୃହରେ ଅଖଣ୍ଡ ଦୀପ ଓ ମହାଆଳତି ପାଇଁ ବ୍ୟବହାର ଏହି ଘିଅ ବ୍ୟବହାର କରାଯିବ। ମନ୍ଦିରର ପବିତ୍ରତା ଓ ସେବାୟତଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଥିବା ମନ୍ଦିର ଟ୍ରଷ୍ଟ ବୋର୍ଡ କହିଛି। ଏପରି ନିଷ୍ପତ୍ତିକୁ ପଶ୍ଚିମ ଓଡ଼ିଶାର ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରୁ ସ୍ୱାଗତ କରାଯାଇଛି।

ରାଜ୍ୟ କାର୍ଯ୍ୟାଳୟରେ ମିଶ୍ରଣ ପର୍ବ

# ତୃଣମୂଳସ୍ତରରେ ବିଜେପି ସଂଗଠନ ମଜଭୁତ ହେଉଛି :ମନମୋହନ

ବିଜେପିରେ ଯୋଗଦେଲେ ଆଇନଜୀବୀ ପୃଥ୍ୱୀରାଜ ମେହେରଙ୍କ ସମେତ ବୌଦ୍ଧ, କନ୍ଧମାଳ ଓ କେନ୍ଦ୍ରାପଡ଼ାର ଶତାଧିକ ସରପଞ୍ଚ, ସମିତିସଭ୍ୟ



**ଭୁବନେଶ୍ୱର,୨୦।୯(ସଂଚାର ବ୍ୟୁରୋ):** ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିକଶିତ ଭାରତ ଗଠନ ପାଇଁ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହାକୁ ପୂରଣ କରିବା ପାଇଁ ବିଜେପିରେ କାର୍ଯ୍ୟକର୍ତ୍ତାଙ୍କ ଯୋଗଦାନ ଦିନକୁଦିନ ବଢ଼ିଚାଲିଛି। ତୃଣମୂଳସ୍ତରରେ ବିଜେପି ସଂଗଠନ ଦିନକୁ ଦିନ ମଜ୍‌ଭୁତ ହେବାରେ ଲାଗିଛି। ବୌଦ୍ଧ, କନ୍ଧମାଳ ଓ କେନ୍ଦ୍ରାପଡ଼ା ଜିଲ୍ଲାର ଶତାଧିକ ସରପଞ୍ଚ, ସମିତିସଭ୍ୟ ଓ କାର୍ଯ୍ୟକର୍ତ୍ତା ବିଜେଡି ଓ କଂଗ୍ରେସ ଦଳ ପରିତ୍ୟାଗ କରି ଆଜି ବିଜେପିରେ ସାମିଲ ହୋଇଛନ୍ତି। ଏହି ଯୋଗଦାନ ତୃଣମୂଳସ୍ତରରୁ ଦଳକୁ ଅଧିକ ଶକ୍ତିଶାଳୀ କରିବ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଏହି ଅବସରରେ ବୌଦ୍ଧ ଜିଲ୍ଲାର ଆଇନଜୀବୀ ପୃଥ୍ୱୀରାଜ ମେହେରଙ୍କ ସମେତ ବୌଦ୍ଧ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତେଲିବନ୍ଧର ପୂର୍ବତନ ସରପଞ୍ଚ ଭୋଳାଗିରି ସାହୁ, କଷ୍ଟେଶ୍ୱର ଖଟୁଆ, ସରପଞ୍ଚ ପ୍ରଦୀପ କୁମାର କହଁର, ପ୍ରବାସିନୀ ଯୋଶୀ, ସୀତା ଝଙ୍କାର, ସନ୍ଧ୍ୟାରାଣୀ ପାତ୍ର, ବିଭୂତି ପ୍ରକାଶ ମେହେର, ପ୍ରଫୁଲ୍ଲ ପାଢ଼ୀ, ମଦନ ମୋହନ ସୁନା, ପ୍ରଶାନନ୍ଦ ମଲ୍ଲିକ, ଅର୍ତ୍ତି ପ୍ରଧାନ, ସାମାଜିକ କର୍ମୀ ଚନ୍ଦ୍ରକାନ୍ତ ପ୍ରଧାନ, ବ୍ରଜକିଶୋର ପ୍ରଧାନ, ପରେଶ୍ୱର ଧଳ, ମାନା ପାତ୍ର, ବଶିଷ୍ଠ ମେହେର, ନୀରୋଦ ସେଠୀ, ରାଜକିଶୋର ମାଝି, ଚିନ୍ମୟ ପ୍ରସାଦ ହୋତା, ଭବାନୀ କର୍ଣ୍ଣ, ମନୋଜ ଗୁରୁ, ଶେଷଦେବ ପ୍ରଧାନ, ବିଚିତ୍ର ବେହେରା, କବିରାଜ ସାହୁ, ଅଲେଖ ଦେହୁରୀ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ବିଜେଡି ଓ କଂଗ୍ରେସ ଦଳ ପରିତ୍ୟାଗ କରି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ସେହିପରି କନ୍ଧମାଳ ଜିଲ୍ଲା ବାଲିଗୁଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେ. ନୂଆଗାଁର ବରିଷ୍ଠ ନେତା କୃଷ୍ଣମୋହନ ପାଣିଗ୍ରାହୀ, ବାସୁଦେବ ପଣ୍ଡା, ଚାଂଚେଡି ପଞ୍ଚାୟତର ଜିତେନ୍ଦ୍ର ପ୍ରଧାନ, ତାରକାନ୍ତ ଦଳବେହେରା, ଲେଡିଙ୍ଗିଆ ପଂଚାୟତର ଉପେନ୍ଦ୍ର କୁମାର ସାହୁ, ସାରଙ୍ଗଡ ପଂଚାୟତର ଚନ୍ଦ୍ରକାନ୍ତ ନାୟକ, ଚନ୍ଦ୍ରକାନ୍ତ ଦାସ, କୁତ୍ତୁତୁଲି ପଞ୍ଚାୟତର ଭାକୁତୁ ବେହେରଦଳାଇ, କଂଗ୍ରେସ ପାତ୍ର, ପଠାଣି ସାମନ୍ତ, ଘସିରାମ ପାତ୍ର, କମଳ ଲୋଚନ କହଁର, ସାଇନପଡା ପଞ୍ଚାୟତର ରବିନ୍ଦ୍ର ମଲ୍ଲିକ, ପତର ସିଂ ଜାନି, କଞ୍ଚାମେଣ୍ଡି ପଞ୍ଚାୟତର ସାରୁ ବିଶମାଝୀ, ସିର୍ତିଗୁଡା ପଞ୍ଚାୟତର ରାଜିବଲୋଚନ ବକ୍ସି, ପ୍ରଦୀପ କୁମାର ଦାସ, ଗାନ୍ଦ୍ରିଗାଁ ପଞ୍ଚାୟତର ପ୍ରଦୀପ ପ୍ରଧାନ, କାର୍ତ୍ତିକ ନାୟକ, ଲଙ୍କେଶ୍ୱର ପ୍ରଧାନ, ଅନ୍ତର୍ଯ୍ୟାମୀ ପ୍ରଧାନ, ରାମେଶ୍ୱର ପ୍ରଧାନଙ୍କ ସମେତ ଶତାଧିକ କର୍ମୀ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ଶ୍ରୀ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତରୀୟ ପ୍ରଦାନ କରି ସ୍ୱାଗତ କରିଛନ୍ତି। କନ୍ଧମାଳ ଲୋକସଭା ସାଂସଦ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ସାଧାରଣ ସମ୍ପାଦକ ଡ. ଯତୀନ ମହାନ୍ତି, ରାଜ୍ୟ ସମ୍ପାଦକ ସରୋଜ କର, ବୌଦ୍ଧ ଜିଲ୍ଲା ସଭାପତି ପ୍ରେମାନନ୍ଦ ମିଶ୍ର, କେନ୍ଦ୍ରାପଡା ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ବୌଦ୍ଧ ଜିଲ୍ଲା ପୂର୍ବତନ ସଭାପତି ବିପ୍ରଚରଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

● ପୁଣି ରକ୍ତଛିଟା ପରେ ଶ୍ରୀମନ୍ଦିରରେ ବଡ଼ ମହାସ୍ନାନ

# ଦେଢ଼ଘଣ୍ଟା ସାଧାରଣ ଦର୍ଶନ ବନ୍ଦ



**ପୁରୀ,୨୦।୯(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିରର ଭିତରକାଠରେ ପୁଣି ରକ୍ତଛିଟା ଦେଖିବାକୁ ମିଳିଛି। ଆଜି ସନ୍ଧ୍ୟାରେ ବଡ଼ଦେଉଳର ଭିତରେ କାଠରେ ଏହି ଅପ୍ରୀତିକର ଘଟଣା ଘଟିଛି। ଏହି ଘଟଣା ପରେ ଶ୍ରୀମନ୍ଦିରରେ ବଡ଼ ମହାସ୍ନାନ କରାଯାଇଛି। ଏହି କାରଣରୁ ପାଖାପାଖି ୧ରୁ ଦେଢ଼ଘଣ୍ଟା ପର୍ଯ୍ୟନ୍ତ ସାଧାରଣ ଦର୍ଶନ ବନ୍ଦ ରହିବ। ଶ୍ରୀମନ୍ଦିରରେ ଦର୍ଶନ ସମୟରେ ବାରମ୍ବାର ଏହି ଭଳି ଅପ୍ରୀତିକର ଘଟଣା ଦେଖିବାକୁ ମିଳୁଛି। ଚଳିତ ବର୍ଷ ପଞ୍ଚମ ଥର ପାଇଁ ଶ୍ରୀମନ୍ଦିରରେ ରକ୍ତଛିଟା ଘଟଣା ଦେଖିବାକୁ ମିଳିଛି। ଏହା ପୂର୍ବରୁ ଗତ ମେ' ମାସ ୨୬ ତାରିଖରେ ରକ୍ତଛିଟା ଦେଖିବାକୁ ମିଳିଥିଲା। ସେହିପରି ଏପ୍ରିଲ ୨୧, ମାର୍ଚ୍ଚ ୬ ଓ ଫେବୃଆରି ୧୬ ତାରିଖରେ ମଧ୍ୟ ସମାନ ପରିସ୍ଥିତି ଉପୁଜିଥିଲା। ସେହି ସମୟରେ ମଧ୍ୟ ଶ୍ରୀମନ୍ଦିରରେ ବଡ଼ ମହାସ୍ନାନ କରାଯାଇଥିଲା। ପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କୁ ଦର୍ଶନ ପାଇଁ ଅନୁମତି ମିଳିଥିଲା।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଇଭି ପ୍ରକଳ୍ପ: ଜେଏସ୍‌ଡବ୍ଲ୍ୟୁକୁ ୮୭୧ ଏକର ଜମି

ଭୁବନେଶ୍ୱର, ୨୦।୯: ଶିଳ୍ପପତି ସଜ୍ଜନ ଜିନ୍ଦଲଙ୍କ କମ୍ପାନି ଜେଏସ୍‌ଡବ୍ଲ୍ୟୁ ଏନର୍ଜି ପିଏସ୍‌ପି ଇଲେଭେନ୍ ଲିମିଟେଡ୍ ପକ୍ଷରୁ ରାଜ୍ୟରେ ଏକ ଇଭି ଓ ବ୍ୟାଟେରି ପ୍ରକଳ୍ପ ସ୍ଥାପନ କରିବାକୁ ଘୋଷଣା କରାଯାଇଥିଲା। କଟକର ବାରଙ୍ଗରେ ସ୍ଥାପନ କରାଯିବାକୁ ଥିବା ଏହି ପ୍ରକଳ୍ପ ପାଇଁ ୧୪୨୦ ଏକର ଜମି ଦରକାର। ଇଡ୍‌କୋ ତରଫରୁ ବାରଙ୍ଗ ତହସିଲ ଅଧୀନସ୍ଥ ଚାରିଟି ଗ୍ରାମରେ ଥିବା

## ଆବଶ୍ୟକ ୧୪୨୦ ଏକର

## ଅବଶିଷ୍ଟ ଜମିର ଅଧିଗ୍ରହଣ ଜାରି

୮୭୧.୪୨ ଏକର ଜମି କମ୍ପାନିକୁ ଆବଣ୍ଟନ କରାଯାଇଛି। ସେଥିରୁ ୭୮୦ ଏକର ହେଉଛି ଘରୋଇ ଜମି। ଅବଶିଷ୍ଟ ଜମିର ଅଧିଗ୍ରହଣ ପ୍ରକ୍ରିୟା ଜାରି ରହିଛି ବୋଲି ପ୍ରକଳ୍ପର ସ୍ଥିତି ସମ୍ପର୍କରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି। ବିଧାନସଭାରେ କଟକ ବିଧାୟିକା ସୋଫିଆ ଫିରଦୋସ୍‌ଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଜଣାଇଛନ୍ତି ଯେ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ରାଜ୍ୟରେ ଏକ ଇଭି କମ୍ପ୍ଲେକ୍ସ ଓ ଲିଥିୟମ୍ ଆୟନ ବ୍ୟାଟେରି ସେଲ୍ କାରଖାନା ସହିତ ଏକ ତମ୍ବା ସ୍ମେଲଟର ସ୍ଥାପନ କରିବାକୁ ପ୍ରସ୍ତାବ ଦେଇଥିଲା। ୨୦୨୪ ଜାନୁଆରି ୧୬ରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ମଞ୍ଜୁରୀ କର୍ତ୍ତୃପକ୍ଷ(ଏଚ୍‌ଏଲ୍‌ସିଏ) ବୈଠକରେ ଉକ୍ତ ପ୍ରକଳ୍ପକୁ ମଞ୍ଜୁର କରାଯାଇଥିଲା। କମ୍ପାନି ଏହି ପ୍ରକଳ୍ପରେ ୪୦,୦୦୦ କୋଟି ଟଙ୍କା ନିବେଶ କରିବା ପ୍ରସ୍ତାବ ଦେଇଛି। ପ୍ରକଳ୍ପର ପ୍ରଥମ ପୁଞ୍ଜିନିବେଶର ପାଞ୍ଚ ବର୍ଷ ଭିତରେ ତାହା କାର୍ଯ୍ୟକ୍ଷମ ହେବ ବୋଲି ମନ୍ତ୍ରୀ ଜଣାଇଛନ୍ତି। ଏହି ପ୍ରକଳ୍ପ ପାଇଁ ବିଦ୍ୟୁତ୍ ଶକ୍ତି ଓ ଜଳ ଭଳି ବ୍ୟବସ୍ଥା ଯୋଗାଇ ଦେବା ଉପରେ ସରକାର କାର୍ଯ୍ୟ କରୁଥିବା ସେ କହିଛନ୍ତି। କଟକ ପାଇଁ ମେକ୍ ଇନ୍ ଓଡ଼ିଶା ଓ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍‌ରେ ୩୨ଟି ଶିଳ୍ପ ପ୍ରସ୍ତାବ ଆସିଥିବା ମନ୍ତ୍ରୀ ଶ୍ରୀ ସ୍ୱାଇଁ ଜଣାଇଛନ୍ତି। ଅଲ୍‌ଟ୍ରାଟେକ୍ ସିମେଣ୍ଟ, ଲାଲବାବା ସିମ୍‌ଲେସ୍ ଟ୍ୟୁବ୍‌ସ, ଶ୍ରୀ ମହାବୀର ଫେରୋ ଆଲୟଜ, ଆଭିର ଡିଷ୍ଟିଲାରି, ଇନଫ୍ଲୁନେକ୍ସ ହେଲ୍‌ଥକେୟାର, ଆଡ୍‌ସଫ୍ଟ ଟେକ୍ନୋଲୋଜିସ୍, ସୁପ୍ରିମ ଇଣ୍ଡଷ୍ଟ୍ରିଜ୍, ଜୟ ଭାରତ ସ୍ପାଇସେସ୍, ଚଲା ଇନ୍‌ଫ୍ରାଟେକ୍, ଏସ୍‌ଜିବିଏଲ୍ ଇନ୍‌ଫୋସିଷ୍ଟମ୍‌ସ, ଅମୃତ ଧାରା ନ୍ୟୁଟ୍ରିଫୁଡ୍‌ସର ପ୍ରକଳ୍ପକୁ ମଞ୍ଜୁରି ପ୍ରଦାନ କରାଯାଇଛି।




## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର।ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୧୨,୧୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୦୨,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୧୨,୧୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୦୨,୮୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୧୨,୧୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୦୨,୮୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୧୨,୩୦୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୦୨,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୧୨,୨୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୦୨,୯୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୧୨,୧୫୦ ଓ ୧,୦୨,୮୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୩୫,୦୦୦ ଟଙ୍କା ହୋଇଛି।

# ଚାନ୍ଦି ଭଣ୍ଡାରରେ 'ନବକୃତି' କଲେକ୍ସନ

ଭୁବନେଶ୍ୱର, ୨୦।୯ (ସଂଚାର ବ୍ୟୁରୋ): ରାଜ୍ୟର ଅଗ୍ରଣୀ ରୁପା ପ୍ରତିଷ୍ଠାନ ଚାନ୍ଦି ଭଣ୍ଡାର ପକ୍ଷରୁ ଦୁର୍ଗାପୂଜା ଉପଲକ୍ଷେ ନବକୃତି କଲେକ୍ସନ ଉନ୍ମୋଚନ କରାଯାଇଛି। ସହିଦନଗର ଷ୍ଟୋର୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମଡେଲ୍‌ମାନେ ସେହି ଗହଣାଗୁଡ଼ିକୁ ଏକ ଫ୍ୟାସନ ସୋ'ରେ ପ୍ରଦର୍ଶନ କରିଥିଲେ। ଏ ସମ୍ପର୍କରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍‌ସା ହଂସ କହିଛନ୍ତି ଯେ ନବକୃତି କଲେକ୍ସନକୁ ନବରାତ୍ରୀରୁ ଅନୁପ୍ରାଣିତ ହୋଇ ଅକ୍ସିଡାଇଜ୍‌ଡ ରୁପାରେ ପ୍ରସ୍ତୁତ କରାଯାଇଛି। ନବକୃତିର ଅର୍ଥ ହେଉଛି ନଅଟି ସୃଷ୍ଟି। ଏହି କଲେକ୍ସନରେ ବ୍ୟବହାର କରାଯାଇଥିବା ଜେମ୍‌ଷ୍ଟୋନ୍‌ଗୁଡ଼ିକ ମା ଦୁର୍ଗାଙ୍କ ନଅଟି ଅବତାରର ପ୍ରତୀକ। ନବକୃତି କଲେକ୍ସନର ଗହଣାଗୁଡ଼ିକରେ ରୁବି, ମୁକ୍ତା, ଲାଲ ପ୍ରବାଳ, ଏମରାଲ୍ଡ, ୟେଲୋ ସାଫାୟାର, ବ୍ଲୁ ସାଫାୟାର, ହେଜୋନାଇଟ୍, କ୍ୟାଟ୍‌ସ ଆଇ ଓ ଜିର୍‌କନ୍ ଭଳି ୯ ପ୍ରକାର ରତ୍ନପଥର ବ୍ୟବହାର କରାଯାଇଛି। ଏହି ଗହଣାଗୁଡ଼ିକ ଆଜିର ମହିଳାମାନଙ୍କ ସୁନ୍ଦରତାକୁ ଶକ୍ତିକୁ ପ୍ରତିଫଳିତ କରିବ ଏବଂ ସେମାନେ ମା ଦୁର୍ଗାଙ୍କ ଆଶୀର୍ବାଦ ବହନ କରିବେ ବୋଲି ଲିପ୍‌ସା କହିଥିଲେ। ନବକୃତି କଲେକ୍ସନର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୩୦% ରିହାତି ପ୍ରଦାନ କରାଯାଉଛି। ଏହି ଅବସରରେ ଚାନ୍ଦି ଭଣ୍ଡାରର ଅନ୍ୟତମ ନିର୍ଦ୍ଦେଶକ ମାଣିକ ହଂସ ଉପସ୍ଥିତ ଥିଲେ।




# ସଂଗୀତ ନିର୍ଦ୍ଦେଶକ ଦିନେଶ ମଲ୍ଲିକ ଓ ନଳିନୀପ୍ରଭା ଦାସ ପାଇଲେ ମହାମାୟା ସମ୍ମାନ

କୋଲକାତା, ୨୦।୯(ସଂଚାର ବ୍ୟୁରୋ): କଲଚରାଲ ଡେଭଲପମେଣ୍ଟ ଫାଉଣ୍ଡେସନ ପକ୍ଷରୁ ଶୁକ୍ରବାର ସଂଧ୍ୟାରେ ଦୁର୍ଗାପୂଜା ଅବସରରେ ଆନ୍ତର୍ଜାତୀୟ ମେଗା ଶାସ୍ତ୍ରୀୟ ଆଗମଣୀ ନୃତ୍ୟ ଏବଂ ପୁରସ୍କାର ସମାରୋହ 'ମହାମାୟା' କୋଲକାତାର ଆଇସିସିଆର ପ୍ରେକ୍ଷାଳୟରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ସଭାପତି ଡଃ ଉପେନ୍ଦ୍ର କୁମାର ଶର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅନୁଷ୍ଠାନରେ ପଶ୍ଚିମବଙ୍ଗ ତଥା ଓଡିଶାର ବିଭିନ୍ନ ପ୍ରାନ୍ତରୁ ନୃତ୍ୟଶିଳ୍ପୀ ଏବଂ ନୃତ୍ୟଗୁରୁ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଯାଜପୁର ଜିଲ୍ଲା ବିଂଝାରପୁର ବ୍ଲକ ଛନ୍ଦାମୁଣ୍ଡ ଗ୍ରାମର ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଦିନେଶ ମଲ୍ଲିକଙ୍କୁ ଅନୁଷ୍ଠାନ ପକ୍ଷରୁ ମହାମାୟା ସମ୍ମାନରେ ସମ୍ବର୍ଦ୍ଧିତ କରାଗଲା। ସେ ଏକାଧାରରେ ସଂଗୀତ ନିର୍ଦ୍ଦେଶକ ଭାବରେ ଚଳଚ୍ଚିତ୍ର, ଆଲବମ ଓ ଯାତ୍ରା ମଞ୍ଚରେ ନିର୍ଦ୍ଦେଶନା ଦେଇ ସୁପରିଚିତ ହୋଇପାରିଛନ୍ତି। ଏହା ସହିତ ଯାଜପୁର ଜିଲ୍ଲାର ବିଂଝାରପୁର ବ୍ଲକର କଳିପା ଗ୍ରାମ ପଞ୍ଚାୟତର ମାନଧାତା ପାଟଣା ଗ୍ରାମର ଶିକ୍ଷୟିତ୍ରୀ ତଥା ବରିଷ୍ଠ ଗୀତିକାର ନଳିନୀପ୍ରଭା ଦାସଙ୍କୁ ସଂଗଠନ୍ ପକ୍ଷରୁ ମହାମାୟା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେ ଚଳଚ୍ଚିତ୍ର, ଆଲବମରେ ୫୦୦ ରୁ ଉର୍ଦ୍ଧ୍ୱ ଗୀତ ରଚନା କରି ଓଡିଶାରେ ସୁପରିଚିତ ହୋଇଛନ୍ତି। ଏହି ପୁରସ୍କାର ସଂଗଠନର ସଭାପତି ଡଃ ଉପେନ୍ଦ୍ର କୁମାର ଶର୍ମା, ନାଟ୍ୟ ନିର୍ଦ୍ଦେଶକ ତୁଷାରକାନ୍ତ ବେହେରା, ଓଡିଶା ରାଜ୍ୟ କଳାକାର ସଂଘର ସଭାପତି ଡଃ ଚୈତନ୍ୟ ପାଇକ ଦେଇଥିଲେ। ଏଦିନ ଓଡିଶୀ ନୃତ୍ୟ ଓ ସମ୍ବଲପୁରୀ ନୃତ୍ୟରେ ଦର୍ଶକମାନେ ଝୁମିଲେ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# କାଇନେଟିକ୍ ଗ୍ରିନ୍‌ର ନୂଆ ଡିଲର୍‌ସିପ୍

ଭୁବନେଶ୍ୱର, ୨୦।୯: କାଇନେଟିକ୍ ଗ୍ରିନ୍ ପକ୍ଷରୁ ବାପୁଜୀନଗରରେ ନୂଆ ଡିଲର୍‌ସିପ୍ ଖୋଲାଯାଇଛି। ଏଥିରେ କାଇନେଟିକ୍ ଗ୍ରିନ୍‌ର ଇଲେକ୍ଟ୍ରିକ୍ ଦୁଇଚକିଆ ଗାଡ଼ିଗୁଡ଼ିକୁ ପ୍ରଦର୍ଶିତ କରାଯାଇଛି। ସହଜରେ ଗାଡ଼ି କିଣିବା ଲାଗି ଫାଇନାନ୍ସ ସୁବିଧା ମଧ୍ୟ ଯୋଗାଇ ଦିଆଯାଉଛି। ଡିଲର୍‌ସିପ୍‌ରେ ଇ-ଲୁନା, ଇ-ଜୁଲୁ ଓ ଜିଙ୍ଗ ଭଳି ମଡେଲ୍‌କୁ ଉପସ୍ଥାପନ କରାଯାଇଛି। ଏହି ଅବସରରେ କାଇନେଟିକ୍ ଗ୍ରିନ୍‌ର ସଭାପତି ଜୟପ୍ରଦୀପ ଭି କହିଛନ୍ତି ଯେ ନୂଆ ଡିଲରସିପ୍ ଜରିଆରେ ଓଡ଼ିଶାରେ ଆମ ଉପସ୍ଥିତିର ସମ୍ପ୍ରସାରଣ କରି ଆମେ ବେଶ୍ ଆନନ୍ଦିତ। ସାରା ଭାରତରେ ଲୋକମାନଙ୍କ ପାଖରେ ଇଲେକ୍ଟ୍ରିକ ଗାଡ଼ି ପହଞ୍ଚାଇବାରେ ଆମର ରହିଥିବା ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରୁଥିବା ସେ କହିଛନ୍ତି। ଏହି ଅବସରରେ ନିଶାନ୍ତ ଅଟୋମୋବାଇଲ୍‌ସର ତତ୍ତ୍ୱାବଧାରକ ପ୍ରଫୁଲ୍ଲ ସାହୁ, ନିଶାନ୍ତ ସାହୁ, କାଜଲ ପାତ୍ର ଓ କୃଷ୍ଣ ପାତ୍ର ଉପସ୍ଥିତ ଥିଲେ। କାଇନେଟିକ୍ ଗ୍ରିନ୍ ସହ ସହଯୋଗିତାକୁ ନେଇ ସେମାନେ ଖୁସି ବ୍ୟକ୍ତ କରିଥିଲେ। ଏହି ଡିଲରସିପ୍ ଜରିଆରେ ସେମାନେ ଉତ୍କୃଷ୍ଟ ସେବା ଓ ବିଶେଷଜ୍ଞ ମାର୍ଗଦର୍ଶନରେ ଗ୍ରାହକମାନଙ୍କୁ ଉନ୍ନତ ସପିଙ୍ଗ ଅନୁଭୂତି ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛନ୍ତି।




## ରେଲୱେ ବୋର୍ଡର ବଡ଼ ନିଷ୍ପତ୍ତି
# କମିଲା ରେଲ ନୀର ପାଣି ବୋତଲ ଦାମ୍




### ୨୨ରୁ ହେବ ଲାଗୁ

ନୂଆଦିଲ୍ଲୀ, ୨୦।୯: ରେଳ ମନ୍ତ୍ରଣାଳୟର ରେଳୱେ ବୋର୍ଡ ପକ୍ଷରୁ ରେଲ ନୀର ଦାମକୁ ନେଇ ବଡ଼ ଘୋଷଣା ହୋଇଛି। ରେଲୱେ ବୋର୍ଡ ତରଫରୁ ଜାରି ହୋଇଥିବା ନୋଟିଫିକେସନ ମୁତାବକ, ରେଲ ନୀର ନାମରେ ବିକ୍ରି ହେଉଥିବା ବୋତଲ ପାଣି ଦାମରେ ୧ ଟଙ୍କା କମ୍ କରିବାକୁ ନିଷ୍ପତ୍ତି ନେଇଛି। ଏହା ଆସନ୍ତା ୨୨ ତାରିଖରୁ ଲାଗୁ ହେବ। ନୂଆ ଦାମ୍ ଲାଗୁ ହେବା ପରେ ୧ ଲିଟର ରେଲ ନୀର ବୋତଲ ପାଣି ୧୪ ଟଙ୍କା ହୋଇଯିବ। ସେହିପରି ୫୦୦ ମିଲି ପାଣି ୯ ଟଙ୍କାରେ ମିଳିବ। ପୂର୍ବରୁ ରେଲ ନୀର ୧ ଲିଟର ବୋତଲ ୧୫ ଟଙ୍କା ଏବଂ ଅଧାଲିଟର ପାଣି ୧୦ ଟଙ୍କାରେ ବିକ୍ରି କରୁଥିଲା। ରେଳ ମନ୍ତ୍ରଣାଳୟ ପକ୍ଷରୁ ଅଫିସିଆଲ ଟ୍ୱିଟରେ କୁହାଯାଇଛି କି, ୨୨ ସେପ୍ଟେମ୍ବରରୁ ଏହି ନୂଆ ଦାମ୍ ଲାଗୁ ହେବ। ନୂଆ ଜିଏସଟି ସିଷ୍ଟମକୁ ଧ୍ୟାନରେ ରଖି ରେଲ ନୀର ଦାମ୍ କମାଯାଇଛି। ମନ୍ତ୍ରଣାଳୟ ନିଜ ଟ୍ୱିଟରେ ଲେଖିଛି କି, ଜିଏସଟି କମ୍ ହେବାର ସିଧା ଲାଭ ଉପଭୋକ୍ତାଙ୍କୁ ପହଞ୍ଚାଇବା ଉଦ୍ଦେଶ୍ୟରେ ରେଲ ନୀରର ୧ ଲିଟର ବୋତଲ ୧୫ ଟଙ୍କା ବଦଳରେ ୧୪ ଟଙ୍କା ଏବଂ ଅଧା ଲିଟର ବୋତଲ ପାଣି ୧୦ ଟଙ୍କା ବଦଳରେ ୯ ଟଙ୍କାରେ ବିକ୍ରି କରିବାକୁ ନିଷ୍ପତ୍ତି ନିଆଯାଇଛି। ରେଲୱେ ବୋର୍ଡ ଆହୁରି ମଧ କହିଛି କି, ରେଳ ଷ୍ଟେସନ ଏବଂ ଟ୍ରେନରେ ବିକ୍ରି ହେଉଥିବା ଆଇଆରସିଟିସି/ରେଲୱେ ଦ୍ୱାରା ଚୟନିତ ଅନ୍ୟ ବ୍ରାଣ୍ଡର ପ୍ୟାକେଜ୍ଡ ପାଣି ବୋତଲର ୧ ଲିଟର ଦାମ ବୋତଲ ଏବଂ ଅଧା ଲିଟର ବୋତଲ ଦାମ୍ ମଧ କମ୍ ହେବ। ସୂଚନାଯୋଗ୍ୟ, ଭାରତୀୟ ରେଳ କମ୍ପାନୀ ଆଇଆରସିଟିସି ପାଣି ଡିଲ୍ କରେ। ରେଲ ନୀର ଆଇଆରସିଟିସି କମ୍ପାନୀର। ଯାହା ଭାରତୀୟ ରେଳରେ ଷ୍ଟେସନ ଏବଂ ଟ୍ରେନରେ ପାଣି ବିକ୍ରି କରିଥାଏ। ଯେଉଁଠି ସବୁ ଅନ୍ୟ ପାଣି ବୋତଲ କମ୍ପାନୀ ୧ ଲିଟରକୁ ୨୦ ଟଙ୍କାରେ ବିକ୍ରି କରନ୍ତି, ସେଠାରେ ଆଇଆରସିଟିସି ୧୫ ଟଙ୍କାରେ ପାଣି ବିକ୍ରି କରେ। ବର୍ଷର ଆଇଆରସିଟିସି ପାଣି ବିକ୍ରି କରି ୪୬ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଲାଭ କରିଥାଏ।

# ବେଦାନ୍ତ ଆଲୁମିନିୟମର ପ୍ରୋଜେକ୍ଟ ବିଦ୍ୟା

ଭୁବନେଶ୍ୱର, ୨୦।୯: ବେଦାନ୍ତ ଆଲୁମିନିୟମ, ଝାରସୁଗୁଡ଼ା ଜିଲ୍ଲାର କୁରାଲୋଇ ଅଞ୍ଚଳର ୧୦ଟି ସରକାରୀ ସ୍କୁଲର ୧୦ ଜଣ ଅତିରିକ୍ତ ଶିକ୍ଷକଙ୍କୁ ନିଯୁକ୍ତ କରି ପ୍ରୋଜେକ୍ଟ ବିଦ୍ୟା ମାଧ୍ୟମରେ ଗୁଣାତ୍ମକ ଶିକ୍ଷାକୁ ଆଗକୁ ବଢାଇବାରେ ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ଏହି ପଦକ୍ଷେପ ଛାତ୍ର-ଶିକ୍ଷକ ଅନୁପାତକୁ ଉନ୍ନତ କରିବା ସହ ଗଣିତ, ବିଜ୍ଞାନ ଏବଂ ଇଂରାଜୀ ଭଳି ପ୍ରମୁଖ ବିଷୟଗୁଡ଼ିକରେ ଶିକ୍ଷଣ ଫଳାଫଳକୁ ସୁଦୃଢ଼ କରିବ, ଯାହା ୧୦୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଲାଭ ପହଞ୍ଚାଇବ। ଖୈରକୁନି ହାଇସ୍କୁଲରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ, ନୂତନ ଭାବରେ ନିଯୁକ୍ତ ଶିକ୍ଷକମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୁରାଲୋଇର ସରପଞ୍ଚ ସନାତନ ନାଏକ, ଏଜେକେଏ ପ୍ରତିନିଧି, ସମ୍ପ୍ରଦାୟ ନେତା, ହିତାଧିକାରୀ ସ୍କୁଲର ପ୍ରଧାନ ଶିକ୍ଷକ ଏବଂ ସ୍କୁଲ ପରିଚାଳନା କମିଟିର ସଦସ୍ୟମାନେ ଯୋଗ ଦେଇଥିଲେ। ଏପ୍ରିଲ୍ ୨୦୨୫ରେ ଘୋଘରପାଲି ଏବଂ ଯାମକାନିର ୨୦ଟି ସ୍କୁଲରେ ୨୨ ଜଣ ଅତିରିକ୍ତ ଶିକ୍ଷକଙ୍କୁ ନିଯୁକ୍ତି ଦେବାପରେ ଏହି କାର୍ଯ୍ୟକ୍ରମ ଏବେ କୁରାଲୋଇ ଅଞ୍ଚଳକୁ ବିସ୍ତାରିତ ହୋଇଛି।

# ଜୟଆଲୁକ୍କାସରେ ବର୍ଷର ସବୁଠୁ ବଡ଼ ଅଳଙ୍କାର ବିକ୍ରୟ

ଭୁବନେଶ୍ୱର, ୨୦।୯: ଜୟଆଲୁକ୍କାସ ନିଜର ସବୁଠୁ ପ୍ରତୀକ୍ଷିତ ସପିଂ କାର୍ଯ୍ୟକ୍ରମ 'ବର୍ଷର ସବୁଠୁ ବଡ଼ ଅଳଙ୍କାର ବିକ୍ରୟ' ପୁଣିଥରେ ଆଣିଥିବା ଘୋଷଣା କରିଛି। ଏଥିରେ ଆସନ୍ତା ଅକ୍ଟୋବର ୫ ପର୍ଯ୍ୟନ୍ତ ଗ୍ରାହକମାନେ ସୁନା, କଟ୍ ଏବଂ ଅନକଟ୍ ହୀରା, ପ୍ଲାଟିନମ୍, ରୁପା ଓ ମୂଲ୍ୟବାନ ପଥରର ଅଳଙ୍କାରର ଏକ ଚମତ୍କାର ଶ୍ରେଣୀ ଉପରେ ଗଢ଼ା ମଜୁରିରେ ଫ୍ଲାଟ୍ ୫୦ ପ୍ରତିଶତ ରିହାତି ପାଇପାରିବେ। ଏହି ପରିପ୍ରେକ୍ଷୀରେ ଜୟଆଲୁକ୍କାସ ଗ୍ରୁପ୍‌ର ଅଧ୍ୟକ୍ଷ ଡ. ଜୟ ଆଲୁକ୍କାସ କହିଛନ୍ତି ଯେ ସର୍ବଦା ପ୍ରତ୍ୟେକ ଗ୍ରାହକଙ୍କୁ ଆନନ୍ଦଦାୟକ ଅଳଙ୍କାର କ୍ରୟ ଅଭିଜ୍ଞତା ପ୍ରଦାନ ଆମର ଲକ୍ଷ୍ୟ। ବର୍ଷର ସବୁଠୁ ବଡ଼ ଅଳଙ୍କାର ବିକ୍ରୟ ସହିତ ଆମେ ଗ୍ରାହକମାନଙ୍କୁ ଅତୁଳନୀୟ ମୂଲ୍ୟ, ଗୁଣବତ୍ତା ଏବଂ ଡିଜାଇନ ବିକ୍ରୟ ପ୍ରଦାନ କରି ଅତ୍ୟନ୍ତ ଆନନ୍ଦିତ। ଗ୍ରାହକମାନେ ଆମର ସୋରୁମ୍‌ରେ ଉପଲବ୍ଧ ସ୍ୱତନ୍ତ୍ର ଅଫରର ସର୍ବାଧିକ ଲାଭ ଉଠାଇ ପାରିବେ। ଏହି ସ୍ୱତନ୍ତ୍ର ଅଫର୍ ସହିତ ଗ୍ରାହକମାନେ ଜୟଆଲୁକ୍କାସରୁ ପ୍ରତ୍ୟେକ କ୍ରୟ ସହିତ ମାଗଣା ଆଜୀବନ ରକ୍ଷଣାବେକ୍ଷଣ, ଗୋଟିଏ ବର୍ଷର ମାଗଣା ବୀମା ଓ ବାଏବ୍ୟାକ୍ ନିଶ୍ଚିତତା ମଧ୍ୟ ପାଆନ୍ତି।




# ଅଗଷ୍ଟ ସୁଦ୍ଧା ୧୮୮୪କୋଟି କୋଇଲା ରୟାଲ୍‌ଟି

ଭୁବନେଶ୍ୱର, ୨୦।୯: କୋଇଲା ରୟାଲ୍‌ଟି ବାବଦରେ ଚଳିତ ବର୍ଷ ଅଗଷ୍ଟ ସୁଦ୍ଧା ୧୮୮୪.୯୨ କୋଟି ଟଙ୍କା ମିଳିଛି ବୋଲି ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ବିଧାନସଭାରେ ସୂଚନା ଦେଇଛନ୍ତି। ସେ ଜଣାଇଛନ୍ତି ଯେ ୨୦୨୦-୨୧ରେ ୧୭୮୬.୮୭ କୋଟି ଟଙ୍କାର କୋଇଲା ରୟାଲ୍‌ଟି ମିଳିଥିଲା। ୨୦୨୧-୨୨ରେ ତାହା ୩୯୧୪.୬୯ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ୨୦୨୨-୨୩, ୨୦୨୩-୨୪ ଓ ୨୦୨୪-୨୫ରେ ଯଥାକ୍ରମେ ୪୫୯୪.୭୬ କୋଟି ଟଙ୍କା, ୪୮୨୧.୫୭ କୋଟି ଟଙ୍କା ଓ ୪୬୭୩.୬୦ କୋଟି ଟଙ୍କାର କୋଇଲା ରାଜସ୍ୱ ମିଳିଥିଲା। ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ କୋଇଲା ରୟାଲ୍‌ଟି ବଢ଼ାଇବା ନିମନ୍ତେ କେନ୍ଦ୍ର ସରକାର କୌଣସି ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରିନାହାନ୍ତି। ଏମ୍‌ଏମ୍‌ଡିଆର୍ ନିୟମ ୧୯୫୭ର ଧାରା ୯(୩) ଅନୁସାରେ କେନ୍ଦ୍ର ସରକାର ଗାଜେଟ୍ ବିଜ୍ଞପ୍ତି ମାଧ୍ୟମରେ ଖଣିଜ ପଦାର୍ଥଗୁଡ଼ିକର ରୟାଲ୍‌ଟି ନିର୍ଧାରଣ କରିଥାନ୍ତି। ଏ ସମ୍ବନ୍ଧୀୟ ବିଜ୍ଞପ୍ତି ତିନି ବର୍ଷରେ ଗୋଟିଏ ଥର ବାହାର କରାଯାଇଥାଏ।

## ଗଞ୍ଜେଇ ଜବତ, ୨କୋର୍ଟ ଚାଲାଣ



**ନାଉଗାଁ,୨୦।୯ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଥାନାଧିକାରୀଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ପୋଲିସ ଦ୍ୱାରା ଚାଲିଥିବା ଅପରେସନ 'ପ୍ରହାର' ଅଂଶ ସ୍ୱରୂପ ବେଦୀପୋଲ ସେତୁ ନିକଟରେ ଶୁକ୍ରବାର ସନ୍ଧ୍ୟା ସମୟରେ ଥାନା ପକ୍ଷରୁ ଏସଆଇ ଜାକସନ ମାଝୀ ଓ ଅନ୍ୟ ସହଯୋଗୀ ମାନେ ପାଟ୍ରୋଲିଂ କରୁଥିବା ସମୟରେ ୨ଜଣ ଚୋରା ଗଂଜେଇ ବେପାରୀଙ୍କୁ ଧରା ଯାଇଥିଲା। ୨ଜଣଙ୍କ ମଧ୍ୟରୁ ଜଣେ ନିଆଳି ଥାନା ଅନ୍ତର୍ଗତ ପାଣେଶୀ ବାଙ୍କପୁର ଗ୍ରାମର ଅଜୟ କୁମାର କୁମାର ଜେନା ଓ ନାଉଗାଁ ଥାନା ଅନ୍ତର୍ଗତ ବୋଡକ ଗ୍ରାମର ଉମେଶ ଚନ୍ଦ୍ର ମୁଦୁଲି। ଉଭୟଙ୍କ ନିକଟରୁ ୨କିଲୋ ୭୯୨ଗ୍ରାମ ଗଂଜେଇ ସମେତ ୭ ହଜାର ୮୧୦ଟଙ୍କା ଜବତ କରାଯାଇଥିଲା। ଉଭୟଙ୍କ ନାମରେ ୨୬୦/୨୦୨୫ ରେ ମାମଲା ରୁଜୁ କରାଯିବା ସହ କୋର୍ଟ ଚାଲାଣ କରାଯାଇଥିବା ଏସଡିପିଓ ଅଜିଙ୍କ୍ୟ ବାବୁରାଓ ମାନେ ଓ ଥାନାଧିକାରୀ ପ୍ରଦୀପ୍ତ କାନୁନଗୋ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି।

ବିଶୁଦ୍ଧ ପାଣି ସାତସପନ

# ମୌଳିକ ସୁବିଧାରୁ ବଞ୍ଚିତ ଲାମିଠୁଟା ଗ୍ରାମବାସୀ

**କଣ୍ଟାବାଞ୍ଜି,୨୦।୯ (ସଂଚାର ବ୍ୟୁରୋ):** ସରକାର ଗ୍ରାମାଞ୍ଚଳର ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଗାଁ ମାନଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ତିଆରି କରୁଛନ୍ତି। ହେଲେ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁ ସରକାରଙ୍କ ଯୋଜନାରୁ ବଞ୍ଚିତ ରହୁଛି ଅନେକ ଗାଁ। ଆଜି ଆମେ ଏମିତି ଏକ ଗାଁ ବିଷୟରେ କହିବାକୁ ଯାଉଛୁ ଯେଉଁ ଗାଁରେ ଅବହେଳ ହୋଇଛି ମୌଳିକ ସୁବିଧା। ତୁରେକେଲା ବ୍ଲକ କୁକୁଡାହାଲ ପଞ୍ଚାୟତର ଲାମିଠୁଟା ଗାଁ। ଗାଁରେ ରହିଛି ଅନେକ ସମସ୍ୟା। ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ ପାଣି ଏ ସବୁ ମୌଳିକ ସୁବିଧାରୁ ବଞ୍ଚିତ ଏହି ଗାଁ। ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ କୁକୁଡାହାଲ ପଞ୍ଚାୟତର ଲାମିଠୁଟା ଗାଁରେ ପ୍ରାୟ ୨୫ ଘର ଆଦିବାସି ଓ ବିଭିନ୍ନ ସମ୍ପ୍ରଦାୟ ଲୋକ ବସବାସ କରନ୍ତି। ଏହି ପରିବାର ସରକାରୀ ସୁବିଧା କଣ, ତାହା ଠିକରେ ଜାଣି ନାହାନ୍ତି। ଗାଁକୁ ଯିବାକୁ କୌଣସି ପକ୍କା ରାସ୍ତା ଟିଏ ମଧ୍ୟ ନାହିଁ। ଖାଲ ଢିପ ନାଳ ପାର ହୋଇ ୪ କିମି ଗଲେ ପକ୍କା ରାସ୍ତା ମିଳେ। ବିଶୁଦ୍ଧ ପାଣି ସାତ ସପନ, କୂଅ ପାଣି ସାହା ଭରସା। ଗାଁରେ ଗୋଟିଏ ବି ନଳକୂପ ନାହିଁ। ସକାଳ ହେଲେ ଗାଁ ଲୋକଙ୍କୁ ପାଣି ଚିନ୍ତା ଘାରିଥାଏ। ଗାଁରେ କୌଣସି ଅଙ୍ଗନବାଡି କିମ୍ବା ସ୍କୁଲ ନାହିଁ। ପ୍ରଥମ ଶ୍ରେଣୀରେ ପାଠ ପଢୁଥିବା କୁନିକୁନି ଶିଶୁମାନେ ୩ କିମି ପାହାଡ଼ ଡେଙ୍ଗୁ ଯାଇ ନଦୀ ପାର ହୋଇ ସ୍କୁଲ ଯାଆନ୍ତି। ବର୍ଷା ଦିନରେ ରାସ୍ତା ଠିକ ନଥିବା ଯୋଗୁ ସ୍କୁଲ ଯାଆନ୍ତି ନାହିଁ ଶିଶୁମାନେ। ଅଙ୍ଗନବାଡ଼ି ସେଣ୍ଟର ନଥିବା ଯୋଗୁ ଗର୍ଭବତୀ ମହିଳା ଏବଂ



ଶିଶୁମାନେ ସରକାରୀ ଯୋଜନାରୁ ବାଦ ପଡୁଛନ୍ତି। ଗର୍ଭବତୀ ମହିଳାମାନେ ଯାହା ସବୁ ସୁବିଧା ପାଇବା କଥା ତାହା ପାଇ ପାରୁନାହାନ୍ତି। ଗାଁକୁ ଆମ୍ବୁଲାନ୍ସ ଆସି ପାରୁନଥିବାରୁ ଅନେକ ସମୟରେ ଗର୍ଭବତୀ ମହିଳା ବହୁତ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଗାଁ ଲୋକେ ପେଟ ପାଟଣା ପାଇଁ ପ୍ରତ୍ୟେକ ଦିନ ସଂଘର୍ଷ କରୁଛନ୍ତି। ଜଙ୍ଗଲ ଘେରା ଗାଁରେ ବସବାସ କରୁଥିବା ଏହି ଲୋକ ମହୁଲ କେନ୍ଦୁପତ୍ର ସହ ଅନ୍ୟ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ତାହା ବିକ୍ରି କରି ପରିବାର ଚଳାଉଛନ୍ତି। କେବେ କେମିତି କାମ ମିଳିଲେ ଦିନ ମଜୁରିଆ ଭାବେ କାମ କରନ୍ତି। ନହେଲେ ହାତ ବାନ୍ଧି ଘରେ ବସିବାକୁ ମଧ୍ୟ ପଡିଥାଏ। ଅନ୍ୟପଟେ ସବୁ ସମୟରେ ଜଙ୍ଗଲୀ ହାତୀ ଏବଂ ଅନ୍ୟ ପଶୁ ପାଇଁ ଭୟଭୀତ ରହିଥାନ୍ତି। ଗାଁ ଲୋକେ ଆଜି ପର୍ଯ୍ୟନ୍ତ ବିଜୁଳି ପାଇ ନାହାନ୍ତି। ଗାଁର ସମସ୍ୟା ନେଇ ଆମେ ବଲାଙ୍ଗିର ଜିଲ୍ଲାପାଳ ଙ୍କୁ ଏହି ଗାଁ ବିଷୟରେ ପଚାରି ଥିଲୁ, ସେ କହିଥିଲେ ଗଣମାଧ୍ୟମରୁ ଏ ଗାଁ ବିଷୟରେ ଜାଣିବାକୁ ପାଇଲୁ, ଏକ ଟିମ ସେହି ଗାଁକୁ ପଠାଇବା ସହ ଗାଁକୁ ଯାଇ ତଦାରଖ କରିବା ପରେ ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରାଯିବ।

# ସୁବର୍ଣ୍ଣରେଖା ବନ୍ଦର ବାସ୍ତବ ରୂପ ନେବ ତ?

- ଏଯାଏଁ ସରିନି ଜମି ଅଧିଗ୍ରହଣ
- ବନ୍ଦର ଚୁକ୍ତିନାମାକୁ ପୂରିବ ୧୮ ବର୍ଷ
- ବିଧାନସଭାରେ ମତ ରଖିଲେ ମନ୍ତ୍ରୀ
- ଆବଶ୍ୟକ ୧୮୪୯.୫୭ ଏକର
- ଅଧିଗ୍ରହଣ ହୋଇଛି ୧୪୨୫.୬ ଏକର



**ବାଲିଆପାଳ,୨୦।୯ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ବାଲିଆପାଳ ବ୍ଲକ ରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର ଚୁକ୍ତିନାମାକୁ ୧୮ ବର୍ଷ ପୂରିବା ଓଡ଼ିଶା ସରକାର ଓ ଚେନ୍ନାଇସ୍ଥିତ କ୍ରିଏଟିଭ୍ ପୋର୍ଟ ଡେଭଲପ୍ମେଣ୍ଟ ଲିମିଟେଡ୍ ମଧ୍ୟରେ ଏହି ଚୁକ୍ତିନାମା ହୋଇଥିଲା। ହେଲେ, ବନ୍ଦର ପାଇଁ ଇଟା ପଡ଼ିବା ତ ଦୂରେ ଥାଉ, ଏପର୍ଯ୍ୟନ୍ତ ସୁଦ୍ଧା ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇନି। ଏପରିସ୍ଥଳେ ବନ୍ଦର ପ୍ରତିଷ୍ଠା ନେଇ ଆଶା, ଆଶଙ୍କା ଦେଖାଦେଇଥିବା ବେଳେ ବିଧାନସଭାରେ ବିଭାଗୀୟ ମନ୍ତ୍ରୀ ଏ ନେଇ ମତ ରଖିଛନ୍ତି।ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ବନ୍ଦର ନିର୍ମାଣର ଅଗ୍ରଗତି ବର୍ତ୍ତମାନ କେଉଁ ସ୍ତରରେ ରହିଛି, କେଉଁ ପ୍ରକାରର କାର୍ଯ୍ୟ ଚାଲୁ ରହିଛି ଏବଂ ବାଲିଆପାଳ ତହସିଲର କେଉଁ ମୌଜାରେ କେତେ ଜମି ଅଧିଗ୍ରହଣ ହୋଇସାରିଛି, ସେ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ଏଥିସହିତ, ନିର୍ମାଣକାରୀ ସଂସ୍ଥା ଓ କମ୍ପାନି କେଉଁ କାର୍ଯ୍ୟକୁ ଅଗ୍ରାଧିକାର ଦେଉଛନ୍ତି, ସେ ସମ୍ପର୍କରେ ପଚାରିଥିଲେ। ଏହାର ଉତ୍ତରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି, ୨୦୦୮ ମସିହା ଜାନୁଆରି ୧୧ ତାରିଖରେ ବାଲେଶ୍ୱର ଜିଲ୍ଲାର ବାଲିଆପାଳ ତହସିଲ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀ ମୁହାଣ ଚୌମୁଖଠାରେ ବନ୍ଦର ପ୍ରତିଷ୍ଠା ନିମନ୍ତେ କ୍ରିଏଟିଭ୍ ପୋର୍ଟ ଡେଭଲପ୍ମେଣ୍ଟ ଲିଂ (ବର୍ତ୍ତମାନ ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ୍ ଲିମିଟେଡ୍)ଙ୍କ ସହିତ ରାଜ୍ୟ ସରକାର ଏକ ଚୁକ୍ତିନାମା ସ୍ୱାକ୍ଷରିତକରିଥିଲା। ବର୍ତ୍ତମାନ ଏଥିପାଇଁ ସଡ଼କପଥ ଓ ରେଳପଥ ନିର୍ମାଣ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଚାଲିଛି। ନିର୍ମାଣକାରୀ ସଂସ୍ଥା/କମ୍ପାନି ବନ୍ଦରର ପ୍ରାରମ୍ଭିକ ନିର୍ମାଣ କାର୍ଯ୍ୟ ସହ ଜମି ଅଧିଗ୍ରହଣ କାର୍ଯ୍ୟକୁ ପ୍ରାଥମିକତା ଦେଉଛନ୍ତି। ବନ୍ଦର ପାଇଁ ଚୌମୁଖ ମୌଜାରେ ୧୩୭୪.୧୭ ଏକର ଜମିର ଆବଶ୍ୟକତା ଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୧୦୫.୬୭ ଏକର ଜମି ଅଧିଗ୍ରହଣ ସରିଛି। ବାକି ୨୬୮.୫୦ ଏକର ଜମି ଅଧିଗ୍ରହଣ ଖୁବ୍ ଶୀଘ୍ର କରାଯିବ ବୋଲି ସେ କହିଥିଲେ ମନ୍ତ୍ରୀ ଶ୍ରୀ ଜେନା ଆହୁରି ମଧ୍ୟ କହିଥିଲେ ଯେ ସଡ଼କ ପଥ ନିର୍ମାଣ ପାଇଁ ୩୯.୩୯ ଏକର ସରକାରୀ ଜମି ଓ ୨୮.୦୯ ଏକର ବେସରକାରୀ ଜମିର ଆବଶ୍ୟକତା ରହିଛି।

## ବ୍ଲକସ୍ତରୀୟ ମନରେଗା ଜନଶୁଣାଣି କାର୍ଯ୍ୟକ୍ରମ



**ଫୁଲବାଣୀ,୨୦।୯(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ପଞ୍ଚାୟତ ସମିତି କାର୍ଯ୍ୟଳୟ ପରିସରରେ ମହାତ୍ମା ଗାନ୍ଧୀ କର୍ମଜନ ନିଯୁକ୍ତି ଯୋଜନା ର ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତେବେ ଫିରିଙ୍ଗିଆ ବ୍ଲକ ରେ କାର୍ଯ୍ୟରତ ମନରେଗା ସମ୍ପ୍ରସାରଣ ଅଧିକାରୀ ସୁମନ୍ତ ଉଠାଣ ସିଂ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଆଦିବାସୀ ଉନ୍ନୟନ ବିଭାଗ ର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମ କୁ ଅନୁଷ୍ଠାନିକ ଭାବରେ ଉଦଘାଟନ କରିବା ସହ ମହାତ୍ମା ଗାନ୍ଧୀ କର୍ମ ନିଯୁକ୍ତି ଯୋଜନା ପଞ୍ଜିକୃତ ଶ୍ରମିକ ମାନଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର କିଭଳି ଭାବରେ ସହାୟତା ଯୋଗାଇ ଦେଉଛନ୍ତି ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ନମିତା କହଁର,ଗୋଷ୍ଠି ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା, ସହକାରୀ ଯନ୍ତ୍ରୀ ଜୟ ପ୍ରକାଶ ଜେନା,ମନରେଗା ସଂଯୋଜକ ସଞ୍ଜୟ କୁମାର ଦିଗାଳ, ମନରେଗା ସମୀକ୍ଷକ ତଥା ମହାଦେବ ସାହୁ ଓ ସାମାଜିକ କର୍ମୀ ଅକ୍ଷୟ କୁମାର ନାଏକ ଙ୍କ ସହ ବ୍ଲକ ଅଧୀନରେ ଥିବା ସମସ୍ତ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ,ସମସ୍ତ ଏଡିଓ,ସମସ୍ତ ଗାଁ ସାଥି, ସ୍ୱୟଂ ସହାୟକ ଗୋଷ୍ଠି ଭିଆରପି ଓ ବିଭିନ୍ନ ବିଭାଗ ର ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଅଧାବାଟରେ ଅଚଳ ହେଲା ୧୦୮

**ବଲାଙ୍ଗୀର,୨୦।୯ (ସଂଚାର ବ୍ୟୁରୋ):** ଆମ୍ବୁଲାନ୍ସ ଅବ୍ୟବସ୍ଥାର ଆଉ ଏକ ନଗ୍ନ ଚିତ୍ର ଆସିଛି ବଲାଙ୍ଗୀର ଜିଲ୍ଲାରୁ। ଗୁରୁତର ରୋଗୀଙ୍କୁ ନେଇ ମେଡିକାଲ ଯାଉଥିବା ବେଳେ ଅଧାବାଟରେ ଅଚଳ ହେଲା ୧୦୮ ଆମ୍ବୁଲାନ୍ସ। ବଲାଙ୍ଗୀର ଜିଲ୍ଲା ବେଲପଡ଼ା ଅଞ୍ଚଳର ବିଷ୍ଣୁ ବୁଡେକ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସରେ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଉଥିଲେ। ଘରଠୁ ମାତ୍ର ଗୋଟେ କିଲୋମିଟର ଯିବା ପରେ ଆମ୍ବୁଲାନ୍ସଟି ରାସ୍ତାରେ ରହିଯାଇଥିଲା। ଫଳରେ ରୋଗୀ ଅଧାରାସ୍ତାରେ ଛଟପଟ ହୋଇଥିଲେ। ଯାହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନେକ ସମୟରେ ରାଜ୍ୟର ଭିନ୍ନ ଭିନ୍ନ ସ୍ଥାନରୁ ଆମ୍ବୁଲାନ୍ସ ଅବ୍ୟବସ୍ଥାର ଚିତ୍ର ସାମ୍ନାକୁ ଆସୁଛି।

## ଚପ୍ରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସେଚ୍ଛାକୃତ ରକ୍ତଦାନ ଶିବିର



**କଳାହାଣ୍ଡି, ୨୦।୯(ସଂଚାର ବ୍ୟୁରୋ):** ଭାରତର ପ୍ରଧାନ ମନ୍ତ୍ରୀ ମାନ୍ୟବର ନରେନ୍ଦ୍ର ମୋଦୀ ଙ୍କ ୭୫ତମ ଜନ୍ମ ଦିବସ ଅବସରର ଆୟୋଜିତ ସେବା ସପ୍ତାହ କାର୍ଯ୍ୟକ୍ରମ ଜାରୀ ରହି ଥିବା ବେଳେ ଶନିବାର ଦିନ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଚପ୍ରୀୟା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ସୁସ୍ଥ ନାରୀ ସଶକ୍ତି ପରିବାର ପକ୍ଷରୁ ସେଛା କୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା, ଏହି ଅବସରରେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ଶ୍ରୀଯୁକ୍ତ ବିନ୍ଦୁ ମହାନନ୍ଦ ଙ୍କ ନେତୃତ୍ୱରେ ରକ୍ତ ଦାନ ଶିବିର ଆୟୋଜନ ହୋଇ ଥିବା ବେଳେ ମୂଖ୍ୟ ଅତିଥି ଭାବେ ରାଜ୍ୟ କାର୍ଯ୍ୟ କାରୀଣ ସଦସ୍ୟ ମନୋଜ କୁମାର ମେହେର, ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ଚପ୍ରିଆଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରୁ ଅର ବିନ୍ଦ ଦାସ ଓ କର୍ମ ଚାରି ବୃନ୍ଦ ଥିବା ବେଳେ ସମ୍ମାନିତ ଅତିଥି ଗୋଲାମୁଣ୍ଡା ମଣ୍ଡଳ ସଭାପତି ବୈଁସାକ୍ଷୀ କେତକୀ, ଦସପୁର ମଣ୍ଡଳ ସଭାପତି ପ୍ରମୋଦ ପ୍ରଧାନ, କେଁ ଗାଁ ମଣ୍ଡଳ ସଭାପତି ଜୟ କୃଷ୍ଣ ସାହୁ, ଓ ରକ୍ତ ଦାନ କୋଡ଼ିନେଟର ଶ୍ୟାମ ସୁନ୍ଦର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ଥିଲେ, ଅଞ୍ଚଳର ଅଧିକାଂଶ ଶେଚ୍ଛା କୃତ ରକ୍ତ ଦାତା ମାନଙ୍କୁ ଉତ୍ସାହିତ ସହ ଶୁଭେଛା ଜ୍ଞାପନ ଜଣାଇ ଥିଲେ।

## ରାୟଗଡ଼ା ଛାତ୍ରୀମାନଙ୍କ ସଫଳତା: ରାଜ୍ୟସ୍ତରରେ ଯୋଗଦେବେ ପାଞ୍ଚ ଛାତ୍ରୀ



**ରାୟଗଡ଼ା,୨୦।୯(ସଂଚାର ବ୍ୟୁରୋ):** ବିଷମକଟକ ମିନି ଖେଳ ପଡ଼ିଆଠାରେ ଆୟୋଜିତ ଦୁଇଦିନିଆ ଜିଲ୍ଲା ସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ ବିଷମକଟକ ବ୍ଲକର ହଜାରିଡାଙ୍ଗୁ ଉଚ୍ଚ ବିଦ୍ୟାଳୟର ପାଞ୍ଚ ଛାତ୍ରୀ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ସେମାନେ ପ୍ରଥମ ସ୍ଥାନ ହାସଲ କରି ଆସନ୍ତା ୧୧ ନଭେମ୍ବରରେ ବାଲେଶ୍ୱରରେ ଆୟୋଜିତ ହେବାକୁଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଏହି ପାଞ୍ଚ ଛାତ୍ରୀ ହେଲେ ଉର୍ଲାଜଡି ଗ୍ରାମର ଦୀପିକା ହିକକା, ଲହରାଗୁଡ଼ି ଗ୍ରାମର ପପୁନି କାଣ୍ଡାମାକା, ଘାଣ୍ଟିଖାଲର ଆସନ୍ତି ହିକକା, ପୁରୁଣା ପାଣି ଗ୍ରାମର ରାଜେଶ୍ୱରୀ ମୃଷିକା ଏବଂ ରାମ୍ଭୁ ଗ୍ରାମର ମାମାଲି ବିଡ଼ିକା। ସେମାନେ ପୂର୍ବରୁ ବ୍ଲକ ସ୍ତରୀୟ ପ୍ରତିଯୋଗିତାରେ ବିଜୟୀ ହୋଇ ଜିଲ୍ଲା ସ୍ତରରେ ପ୍ରବେଶ କରିଥିଲେ। ଜିଲ୍ଲା ସ୍ତରରେ, ଦୀପିକା ଡିସ୍କସ ଥ୍ରୋରେ, ଆସନ୍ତି ଉଚ୍ଚଡିଆଁରେ ଏବଂ ରାଜେଶ୍ୱରୀ ୱେଟ୍ଲିଫ୍ଟିଂରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେପରି, ପପୁନି ଓ ମାମାଲି ଫୁଟବଲରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବାରୁ ରାଜ୍ୟ ସ୍ତରୀୟ ଦଳରେ ବାଛା ହୋଇଛନ୍ତି। ଛାତ୍ରୀମାନେ କହିଛନ୍ତି ଯେ, ସେମାନଙ୍କ ସଫଳତାର ପଛରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ନେତାଜୀ ବେହେରା ଓ କ୍ରୀଡ଼ା ଶିକ୍ଷକ ରବୀନ୍ଦ୍ର ୱାଡାକଙ୍କ ଅକ୍ଳାନ୍ତ ପରିଶ୍ରମ ଓ ସଚେତନ ନିର୍ଦ୍ଦେଶନ ବଡ଼ ଭୂମିକା ନେଇଛି।

## ଅଭିନନ୍ଦନ ଟ୍ରଷ୍ଟର ଜିଲ୍ଲା କାର୍ଯାଳୟ ଉଦଘାଟନ

**ସୁବର୍ଣ୍ଣପୁର,୨୦।୯(ସଂଚାର ବ୍ୟୁରୋ):** ଆଜି ଅଭିନନ୍ଦନ ଟ୍ରଷ୍ଟ ର ଜିଲ୍ଲା କାର୍ଯାଳୟ ସୋନପୁର ଟାଉନ ସ୍ଥିତ ଆହାର କେନ୍ଦ୍ର ସାମନା ଶୀତଳୟା କ୍ଲିନିକ ପାଖରେ ଓଡିଶା ପ୍ରଭାରୀ ହେମନ୍ତ କୁମାର ମେହେର, ସୋନପୁର ଜିଲ୍ଲା ପ୍ରଭାରୀ ଶେଷଦେବ ପଟ୍ଟନାୟକ ଓ ଦୁଃଖିରାମ ନାୟକ, ସୋନପୁର ଜିଲ୍ଲା ର ସମସ୍ତ ବ୍ଲକ ପ୍ରଭାରୀ, ପଂଚାୟତ ପ୍ରଭାରୀ, ଓ ୱାର୍ଡ ଟିଚର ମାନଂକ ଉପସ୍ଥିତ ରେ ଉଦଘାଟନ କରାଗଲା। ଏଇ ଉଦଘାଟନ ଉତ୍ସାବ ରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସମାଜ ସେବି ଶ୍ରୀବତ୍ସ ମଲ୍ଲିକ, ସମ୍ମାନିତ ଅତିଥି ତଥା ସୋନପୁର ଭାରତ ବିକାଶ ପରିଷଦ ର ସଭାପତି ଦୁଃର୍ଜନୀ ସାହୁ ଓ ବୌଦ୍ଧ ଜିଲ୍ଲା ଅଭିନନ୍ଦନ ଟ୍ରଷ୍ଟ ର ସଭାପତି ବିକାଶ ସାହୁ ଉପସ୍ଥିତ ଥିଲେ। ଅଭିନନ୍ଦନ ଟ୍ରଷ୍ଟ ଏକ ଜାତୀୟ ସ୍ତର ର ଟ୍ରଷ୍ଟ ଯୋଉଥିରେ କି ବାର ଗୋଟି ଯୋଜନା କାମ କରୁଛି ଯଥା- ସୁକନ୍ୟା ଯୋଜନା, ବିବାହ ଉପହାର ଯୋଜନା, ଶିକ୍ଷା ଯୋଜନା, ବାହନ ଯୋଜନା, ଆପଦ କାଳୀନ ସହଯୋଗ ଯୋଜନା, ବୃଦ୍ଧ ସେବା ଯୋଜନା, ଓ ସମର୍ପଣ ସହଯୋଗ ଯୋଜନା ଅନ୍ତର୍ଭୁକ୍ତ।

## ମଣିଜଙ୍ଗା ଏରସମା ରାସ୍ତାରେ ନିଶାଡ଼ିଙ୍କ ଆତଙ୍କ

**ଜଗତସିଂହପୁର,୨୦।୯(ସଂଚାର ବ୍ୟୁରୋ):** ଜିଲ୍ଲା ତିର୍ତ୍ତୋଲ ଥାନା ଅଧିନସ୍ତ ମଣିଜଙ୍ଗା ଏରସମା ରାସ୍ତାରେ ଏବେ ଅସାମାଜିକ ଯୁବକ ଙ୍କ ସମେତ ନିଶାଡୀ ଙ୍କ ଆଡା ସ୍ଥଳୀ ପାଲଟିଛି। ଦୈନିକ ସନ୍ଧ୍ୟା ହେଲେ ଜଗନ୍ନାଥପୁର ଠାରୁ ଆରମ୍ଭ କରି ଖଡପୁର, ନରୁଆ ଛକ, ବଡିଲ ଓ ଇବ୍ରିସିଂ ଛକ ପର୍ଯ୍ୟନ୍ତ ଲୋକଙ୍କୁ ଭଲରେ ଚଲା ବୁଲା କରେଇ ଦେଉନାହାନ୍ତି। ଅତ୍ୟଧିକ ବିରକ୍ତି କର ଶବ୍ଦ ଉଚ୍ଚାରଣ କରି ରାସ୍ତାରେ ଯିବା ଆସିବା କରୁଥିବା ଲୋକଙ୍କୁ ଗାଳି ଗୁରୋଜ କରିଥିବା ଦେଖା ଯାଉଛି। କିନ୍ତୁ ବିଭିନ୍ନ ସମୟରେ ପୋଲିସ ପ୍ରଶାସନ ଏହାର ଅଭିଯୋଗ ଯାଉଥିବା ଦେଖା ଦେଇଛି। ଗତ ଗତ ସପ୍ତାହରେ ଜଗନ୍ନାଥପୁର ବଜାରରେ ନିକଟସ୍ଥ ଗରାମ ରୁ ଆସିଥିବା ଏକ ପରିବାର ଲୋକଙ୍କୁ କିଛି ସ୍ଥାନୀୟ ଲୋକେ ଅଶୀଳ ଭାଷା ପ୍ରୟୋଗ କରିଥିବା ବେଳେ, ନରୁଆ ଛକ ଓ ବଡ଼ିଲ ରେ ମଧ୍ୟ ଏହିପରି ଅବସ୍ଥା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଆଗକୁ ଦଶହରା ଆସୁଥିବା ବେଳେ ଏହି ଜନଗହଳି ପୂର୍ଣ୍ଣ ରାସ୍ତାରେ ଏହି ଅସାମାଜିକ ଲୋକଙ୍କ ଭୟରେ ଚିନ୍ତା ପ୍ରକଟ କରିଛନ୍ତି। ଏଣୁ ଏହାକୁ ଦୃଷ୍ଟିରେ ରଖି ତିର୍ତ୍ତୋଲ ପୋଲିସ ଙ୍କୁ ଏହିସବୁ ସ୍ଥାନରେ ପେଟ୍ରୋଲିଂ କରିବାକୁ ଅନୁରୋଧ କରାଯାଇଛି।

## ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ହକି ଓ ତୀରନ୍ଦାଜ ପ୍ରତିଯୋଗିତା ଉଦ୍‌ଘାଟନ



**ସୁନ୍ଦରଗଡ଼,୨୦।୯(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲା ବିଦ୍ୟାଳୟ ସମୂହ କ୍ରୀଡା ସଙ୍ଗଠନ ଆନୁକୁଲ୍ୟରେ ରାଜ୍ୟ ସ୍ତରୀୟ ବିଦ୍ୟାଳୟ ସମୂହ ହକି ଓ ତିରନ୍ଦାଜ ପ୍ରତିଯୋଗିତା ୨୦୨୫-୨୬ (୧୪ ଓ ୧୭ବର୍ଷରୁ କମ ବର୍ଗର ଉଭୟ ବାଳକ ଓ ବାଳିକା)ର ଉଦ୍ଘାଟନୀ ଉତ୍ସବର ମୁଖ୍ୟ ଅତିଥି ଭାବରେ ସୁନ୍ଦରଗଡ଼ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଅମ୍ରିତପାଲ କୌର ଯୋଗଦେଇ ଥିଲେ। ବକ୍ତବ୍ୟରେ ଖେଳାଳି ମାନଙ୍କୁ କ୍ରିଡାର ଗୁରୁତ୍ୱ ବିସୟରେ ସମସ୍ତ ପ୍ରତିଯୋଗୀଙ୍କୁ କହିଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ସୁରଜ କୁମାର ପଟ୍ଟନାୟକ, ଉପ ଜିଲ୍ଲାପାଳ ସୁଶ୍ରୀ ତେଜସ୍ୱିନୀ ବେହେରା, ଜିଲ୍ଲା କ୍ରୀଡା ଅଧିକାରୀ ତେଜ କୁମାର ଖେସ, ଜିଲ୍ଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ପାଦକ ଆୟୋୟକ କମିଟି ତଥା ପ୍ରଧାନ ଶିକ୍ଷକ ଅଶ୍ୱିନୀ କୁମାର ପଟେଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶାରୀରିକ ଶିକ୍ଷା ନିର୍ଦ୍ଦେଶକ ଓଡ଼ିଶା ଜ୍ୟୋତି ପ୍ରସାଦ ପରିଡା ବିବରଣୀ ପାଠ କରିଥିଲେ। ଉଦ୍ଘାଟନୀ ଉତ୍ସବରେ ୧୭ ବର୍ଷରୁ କମ ଉଭୟ ବାଳକ ଓ ବାଳିକା ବିଭାଗର ୨୩ ଟି ଜିଲ୍ଲା ଭାଗ ନେଇଥିବା ବେଳେ ୨୧ ଟି ବାଳକ ଦଳର ୩୧୭ଜଣ, ୧୬ ଟି ବାଳିକା ଦଳର ୨୪୯ ଓ ବିଭିନ୍ନ ଜିଲ୍ଲାରୁ ଆସିଥିବା ୬୧ ଜଣ କ୍ରୀଡା ଶିକ୍ଷକ ଏହି କ୍ରୀଡା ପର୍ବରେ ଅଂଶ ଗ୍ରହଣ କରିଥିଲେ। ଏହି କ୍ରୀଡା ଭବାନୀପୁର କ୍ରୀଡା ଏକାଡେମୀ ଏବଂ ଯୋଗୀମାଲ ହକି ପ୍ରଶିକ୍ଷଣ କେନ୍ଦ୍ରରେ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିବା ପାଇଁ ଜିଲ୍ଲାର ଅନେକ ଶିକ୍ଷକ ଓ ଶାରୀରିକ ଶିକ୍ଷା ଶିକ୍ଷକ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ସ୍ୱାଗତିକା ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଅଜୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବୁଲା ଗାଈଗୋରୁଙ୍କ ମାଲିକଙ୍କୁ ସଚେତନ କଲା ପ୍ରଶାସନ

ରାସ୍ତା ଉପରକୁ ଆସିଲେ କାଞ୍ଜିଆ ହୋଦାରେ ଭର୍ତ୍ତି କରାଯିବ



**ସୁବର୍ଣ୍ଣପୁର,୨୦।୯(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ପୌର ପରିଷଦର ସୋନପୁର ସହରର ସମସ୍ତ ମୁଖ୍ୟ ରାସ୍ତା ତଥା ଗଳି ମାନଙ୍କରେ ବୁଲୁଥିବା ଗାଈ ଗୋରୁ ମାନଙ୍କୁ କାଞ୍ଜିଆ ହୋଦାରେ ଭର୍ତ୍ତି କରିବା ପୂର୍ବରୁ ବୁଲା ଗାଈ ଗୋରୁଙ୍କ ମାଲିକ ମାନଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ସହର ର ନଳିନୀ ଛକ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ଼. ନୃପରାଜ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ପୌର ପରିଷଦ ନିର୍ବାହୀ ଅଧିକାରୀ ଋଷି ମାଝୀ ଏବଂ ସହରର ବୁଦ୍ଧିଜୀବୀ ଗୋବିନ୍ଦ ମହାରଣାଙ୍କ ସମେତ ପୌର ପରିଷଦର କର୍ମଚାରୀ ତଥା ସୋନପୁର ସହରର ଜନସାଧାରଣ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ସୋନପୁର ସହରରେ ବୁଲା ଗାଈଗୋରୁ ମାନଙ୍କ ମାଲିକ ମାନଙ୍କୁ ଅନୁରୋଧ କରିଥିଲେ ଯେ ନିଜ ନିଜ ଗାଈଗୋରୁ ମାନଙ୍କୁ ରାସ୍ତାରେ ନ ଛାଡ଼ି ନିଜ ନିଜ ଘରେ ଓ ଗୁହାଳ ମାନଙ୍କରେ ରଖି ସେବା ଯତ୍ନ ନେବା ସଙ୍ଗେ ସଙ୍ଗେ ସୋନପୁର ସହରରେ ଗାଈଗୋରୁଙ୍କ ଦ୍ୱାରା ହେଉଥିବା ଟ୍ରାଫିକ ସମସ୍ୟା ଦୂର କରିବାରେ ପ୍ରଶାସନ କୁ ସହଯୋଗ କରିବା ହେବ। ପ୍ରଥମେ ଏହି ସଚେତନତା କାର୍ଯ୍ୟକ୍ରମ କରାଯିବା ପରେ ଯଦି ବୁଲା ଗାଈଗୋରୁ ମାନଙ୍କ ମାଲିକ ମାନେ ସେମାନଙ୍କର ଗାଈଗୋରୁ ମାନଙ୍କୁ ନିଜ ଘରେ ଓ ଗୁହାଳରେ ନ ରଖି ରାସ୍ତାରେ ଛାଡନ୍ତି, ତେବେ ଜିଲ୍ଲା ପ୍ରଶାସନ, ସୋନପୁର ପୌର ପ୍ରଶାସନ ଓ ଜିଲ୍ଲା ପୋଲିସ ପ୍ରଶାସନଙ୍କ ମିଳିତ ଉଦ୍ୟମରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ କାଞ୍ଜିଆ ହୋଦାରେ ଭର୍ତ୍ତି କରାଯିବ।

## ଗୋରୁ ଗାଡ଼ି ଅଟକ, ଦୁଇଜଣ ଅଭିଯୁକ୍ତ ଗିରଫ



**ନୀଳଗିରି,୨୦।୯(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳରେ ଚୋରା ଗୋରୁ ଚାଲାଣ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି।ଶନିବାର ଭୋର ସମୟରେ ମୟୁରଭଞ୍ଜ ଜିଲ୍ଲା ସାଇଁକୁଳା ଅଞ୍ଚଳରୁ କିଛି ଗୋରୁ ଚୋରି କରି ଗାଡ଼ିରେ ନେଉଥିବା ବେଳେ କାଂଶ ଅଞ୍ଚଳର କିଛି ଯୁବକ ତାଙ୍କୁ ପିଛା କରିଥିଲେ। କିଛି ଗାଡି ଖସି ଯାଇଥିବା ବେଳେ ଗୋଟିଏ ଗାଡି ନୀଳଗିରି ଥାନା ଅଧିନ ବାଲିପାଳ ଠାରେ ଅଟକାଇବାରେ ସଫଳ ହୋଇଥିଲେ। ପରେ ନୀଳଗିରି ପୋଲିସଙ୍କୁ ଖବର ଦେବାପରେ ଆଇଆଇସି ଗୋବର୍ଦ୍ଧନ ନାୟକ ଫୋର୍ସ ନେଇ ଘଟଣା ସ୍ଥଳରେ ପହଞ୍ଚିଥିଲେ। ପରେ ଚାରଟି ଗୋରୁ ବୋଝେଇ ହୋଇଥିବା ଓଡ଼ି୦୧ ୧୫୯୦ ଗାଡିଟିକୁ ଜବତ କରି ନୀଳଗିରି ଥାନାକୁ ଆଣିଥିଲେ। ନୀଳଗିରି ଥାନା ପକ୍ଷରୁ ୩୬୯/୨୫ ନଂ ଏକ ମାମଲା ରୁଜୁ କରି ଦୁଇଜଣ ଅଭିଯୁକ୍ତ ଙ୍କୁ ଗିରଫ କରି ତଦନ୍ତ ଜାରୀରହିଛି। ଗୋରୁ ଗୁଡିକ ସ୍ଥାନୀୟ ଗୋଶାଳାକୁ ପଠାଯାଇଛି ବୋଲି ଜଣାପଡ଼ିଛି।

## ଅପରେଶନ ନେତ୍ରରେ କୁଖ୍ୟାତ ଅପରାଧୀ 'ରାଧେ' ଗିରଫ



**ଝାରସୁଗୁଡ଼ା,୨୦।୯(ସଂଚାର ବ୍ୟୁରୋ):** ଅପରେଶନ ନେତ୍ର ଅଭିଯାନରେ ଝାରସୁଗୁଡ଼ା ପୁଲିସ ଆଜି ବଡ଼ ସଫଳତା ପାଇଛି। ଏସ୍‌ପିଙ୍କ ନିର୍ଦ୍ଦେଶରେ ଓରିଏଣ୍ଟ ପୁଲିସ ଚଢ଼ାଉ କରି କୁଖ୍ୟାତ ଅପରାଧୀ ରାଧେଶ୍ୟାମ ନାମଦେଓ ଓରଫ ରାଧେ (୩୮)କୁ ଗିରଫ କରିଥିଲା। ରାଧେ ଛତିଶଗଡ଼ର ଜାଞ୍ଜଗିର-ଚାମ୍ପା ଜିଲ୍ଲାର ପୌଡିଶଙ୍କରରେ ରହୁଥିଲା କିନ୍ତୁ ବର୍ତ୍ତମାନ ଓରିଏଣ୍ଟ ଥାନା ଅନ୍ତର୍ଗତ ଶାସ୍ତ୍ରୀନଗର, ଝୁପୁଡ଼ିପଡାରେ ରହୁଥିଲା। ସେ ଦୀର୍ଘ ସମୟ ଧରି ପୁଲିସ ଜାଲରୁ ବର୍ତ୍ତି ରହୁଥିଲା ଏବଂ ସ୍ଥାନୀୟ ଲୋକଙ୍କ ମନରେ ଭୟ ସୃଷ୍ଟି କରୁଥିଲା। ଗିରଫ ସମୟରେ ପୁଲିସ ତା ନିକଟରୁ ୨୪ ସେ.ମି. ଲମ୍ବା ଏକ ଷ୍ଟିଲ ଧାରୁଆ ଛୁରି ଜବତ କରିଥିବା ପ୍ରକାଶ। ପରେ ତାକୁ ୧୮.୦୨.୨୦୨୪ ରେ ଦାୟର ହୋଇଥିବା ଅରିୟଣ୍ଟ ଥାନା କେସ ନମ୍ବର-୩୫ ରେ ଆଦାଲକୁ ପଠା ଯାଇଥିବା ପୋଲିସ ଶୁତ୍ରରୁ ପ୍ରକାଶ। ରାଧେ ୨୦୦୬ ରୁ ଅପରାଧମୂଳକ କାର୍ଯ୍ୟ କରୁଥିଲା। ତା ବିରୋଧରେ ଓରିଏଣ୍ଟ, ବ୍ରଜରାଜନଗର ଓ ବମୁନିଦିହି ଥାନାରେ ୩୦ ରୁ ଅଧିକ ମାମଲା ଦାୟର ହୋଇଥିବା କୁହାଯାଉଛି। ବିଭିନ୍ନ ମାମଲାରେ ଲିପ୍ତ ଥିବା ଜଣାପଡ଼ିଛି। ଜଘନ୍ୟ ମାମଲାଗୁଡ଼ିକ ମଧ୍ୟରେ ୨୦୦୬ ର ଚୋରି କେସ, ୨୦୧୨ ଓ ୨୦୧୮ ର ହତ୍ୟା ଉଦ୍ୟମ କେସ, ୨୦୨୧ ର ଡକାୟତି ମାମଲା, ଏବଂ ୨୦୧୫ ର ବ୍ରଜରାଜନଗର ଡକାୟତି କେସ ଥିବା ପୋଲିସ ଠାରୁ ଜଣାପଡ଼ିଛି। ତା ବିରୋଧରେ ଦୁଇଟି ଜାମିନ ବିଭିନ ପରୱାନା ମଧ୍ୟ ଜାରି ହୋଇଥିଲା। ପୁଲିସ କହିଛି ଯେ ତା ଗିରଫରେ ଅଞ୍ଚଳରେ ଯେଭଳି ଭୟର ପରିସ୍ଥିତି ସୃଷ୍ଟି ହୋଇଥିଲା, ସେଥିରୁ ସାଧାରଣ ଲୋକ ଏବେ କିଛି ରକ୍ଷା ପାଇବେ।

## ସୁଭଦ୍ରା ଯୋଜନାର ଏକବର୍ଷ ପୂର୍ତ୍ତି ଉତ୍ସବ



**ସୁବର୍ଣ୍ଣପୁର,୨୦।୯(ସଂଚାର ବ୍ୟୁରୋ):** ସୁଭଦ୍ରା ଯୋଜନା ର ଏକ ବର୍ଷ ପୂର୍ତ୍ତି ଅବସରରେ ସୋନପୁର ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ମିଶନ ଶକ୍ତି ର ସଭା ଗୃହ ଠାରେ ସୁଭଦ୍ରା ହିତାଧିକାରୀ ଙ୍କ ଦ୍ୱାରା କେକ୍ କାଟି ଧୁମ୍ ଧାମ ରେ ଉତ୍ସବ ପାଳନ କରାଯାଇଛି।

ଓ ଭାରତର ଯଶସ୍ୱି ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ଙ୍କୁ ଧନ୍ୟବାଦ୍ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ଉତ୍ସବ ରେ ମୂଖ୍ୟ ଅତିଥି ଭାବରେ ସୋନପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜୀବ କୁମାର ସାହୁ, ସମ୍ମାନିତ ଅତିଥି ଭାବରେ ପ୍ରୋଗ୍ରାମ ଅଫିସର ଅନିତା ଗୁରୁ, ବାସନ୍ତୀ ଭୋଇ, ସୁଦେଷ୍ଣା ମେହେର, ପୋଷଣ ଡି - ସି ସଞ୍ଜୀବ ମିଶ୍ର ଯୋଗଦାନ କରି ସୁଭଦ୍ରା ଯୋଜନା ଅର୍ଥ କୁ ଠିକ୍ ଭାବରେ ବିନିଯୋଗ କରିବାକୁ ପରାମର୍ଶ କରିଥିଲେ।

ସେପ୍ଟେମ୍ବର ୧୭ ତାରିଖ ରୁ ଅକ୍ଟୋବର ୧୬ ତାରିଖ ଯାଏ ପୋଷଣ ମାସ ପାଳନ ଓ ସୁସ୍ଥ ନାରୀ ସଶକ୍ତ ପରିବାର ଗଠନ ର ଆଜି ଶୁଭ ଉଦ୍ଘାଟନ କରାଯାଇଥିଲା। ଏହା ସହିତ ସୋନପୁର ବ୍ଲକ ର ପ୍ରତ୍ୟେକ ଅଙ୍ଗନବାଡ଼ି କେନ୍ଦ୍ର ପରିସର ରେ ସାମୁହିକ ବୃକ୍ଷ ରୋପଣ କରାଯାଇଛି। ସୁସ୍ଥ ନାରୀ ସଶକ୍ତ ପରିବାର ପାଇଁ ସମସ୍ତ ପି ଏଚ ସି, ସି ଏଚ୍ ସି ଠାରେ ମହିଳା ମାନେ ହେଲ୍ଥ ସ୍କାନିଂ ଆରମ୍ଭ କରିଛନ୍ତି। ସୋନପୁର ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସାଗରିକା ସ୍ୱାଇଁ ଙ୍କ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ଏହି ଉତ୍ସବରେ ସୋନପୁର ପୌର ପରିଷଦ ର ସେକ୍ଟର ସୁପର ଭାଇଜର ରୋଜିସ୍ମିତା ଭୋଇ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ସଚିନଙ୍କ ସହ ପ୍ରେମ ସମ୍ପର୍କରେ ଥିଲେ ଶିଳ୍ପା

## ଅନେକ ବର୍ଷ ପରେ ଖୁଲାସା କଲେ ଶିଳ୍ପା





ଅଭିନେତ୍ରୀ ଏବଂ କ୍ରିକେଟରମାନେ ପ୍ରାୟତଃ ସେମାନଙ୍କ ସମ୍ପର୍କକୁ ନେଇ ଚର୍ଚ୍ଚାରେ ରହିଥାନ୍ତି। କିଛି କ୍ରିକେଟର ବଲିଉଡ ଅଭିନେତ୍ରୀମାନଙ୍କୁ ବିବାହ କରିଛନ୍ତି, ଆଉ କେତେକଙ୍କ ପ୍ରେମ କାହାଣୀ ଅଧୁରା ରହିଯାଇଛି । କିନ୍ତୁ ଆପଣ କ'ଣ ଜାଣନ୍ତି କି ସଚିନ ତେନ୍ଦୁଲକର ଏବଂ ୯୦ ଦଶକର ଲୋକପ୍ରିୟ ଅଭିନେତ୍ରୀ ଶିଳ୍ପା ଶିରୋଦକରଙ୍କ ସହିତ ମଧ ଯୋଡା ହୋଇଥିଲା ? ଏବେ, ଏକ ସାକ୍ଷାତକାର ସମୟରେ ଶିଳ୍ପା ଏ ବିଷୟରେ ଖୋଲାଖୋଲି ଭାବରେ ସମ୍ପୂର୍ଣ୍ଣ ସତ କଥା ପ୍ରକାଶ କରିଥିଲେ।

ଶିଳ୍ପା ଶିରୋଡକର କହିଛନ୍ତି, "ମୁଁ ପ୍ରଥମେ ସଚିନଙ୍କୁ ଟିଭି ଶୋ' 'ହମ୍' କରୁଥିବା ସମୟରେ ଭେଟିଥିଲି।କାରଣ ମୋର କଜିନ୍ ଭାଇ ସଚିନ ରହୁଥିବା ସ୍ଥାନରେ ରହୁଥିଲେ। ସଚିନ ଏବଂ ମୋ କଜିନ୍ ଭାଇ ବାନ୍ଦ୍ରାରେ ଏକାଠି କ୍ରିକେଟ୍ ଖେଳୁଥିଲେ। ସେହି ସମୟରେ ମୁଁ ସଚିନଙ୍କୁ ଭେଟିଥିଲି, ଏବଂ ସଚିନ ସେହି ସମୟରେ ଅଞ୍ଜଳିଙ୍କୁ ଡେଟ୍ କରୁଥିଲେ। ଯାହା କାହାକୁ ଜଣା ନଥିଲା। ଯେତେବେଳେ ଜଣେ ଅଭିନେତ୍ରୀ ସଚିନ ତେନ୍ଦୁଲକରଙ୍କ ପରି ଜଣେ ପ୍ରସିଦ୍ଧ କ୍ରିକେଟରଙ୍କୁ ଭେଟନ୍ତି। ତା ପରେ ଲୋକମାନେ ଏହାକୁ କାହାଣୀ ତିଆରି ବନାନ୍ତି । କିଛି ନ ଜାଣି ବହୁତ କିଛି କହିଦିଅନ୍ତି । ଯାହା ସତ ନୁହଁ । ମୁଁ ଆପଣଙ୍କୁ କହି ଦେଉଛି, ମୁଁ ତାଙ୍କୁ କେବଳ ଥରେ ଭେଟିଥିଲି। ଏକ ପୁରୁଣା ସାକ୍ଷାତକାରରେ, କ୍ରିକେଟର ସଚିନ ତେନ୍ଦୁଲକର ଶିଳ୍ପାଙ୍କ ସହ ତାଙ୍କ ସମ୍ପର୍କର ଗୁଜବ ବିଷୟରେ ମଧ କହିଥିଲେ। ଏହି କଳ୍ପନାଜଳ୍ପନା ଆରମ୍ଭ ହୋଇଥିଲା କାରଣ ଉଭୟ ମହାରାଷ୍ଟ୍ରୀୟ। ଯେତେବେଳେ ସଚିନଙ୍କୁ ପଚରାଗଲା ଯେ ସେ ନିଜ ବିଷୟରେ ଶୁଣିଥିବା ସବୁଠାରୁ ମୂର୍ଖତାପୂର୍ଣ୍ଣ କଥା କ'ଣ, ସେ ଉତ୍ତର ଦେଇଥିଲେ, "ଶିଳ୍ପା ଏବଂ ମୋର ପ୍ରେମ ସମ୍ପର୍କ ଥିଲା। ସତ କଥା ହେଉଛି, ଆମେ ପରସ୍ପରକୁ ଜାଣି ନାହୁଁ।" ସଚିନ ତେନ୍ଦୁଲକର ୨୪ ମଇ ୧୯୯୫ ରେ ଅଞ୍ଜଳି ତେନ୍ଦୁଲକରଙ୍କୁ ବିବାହ କରିଥିଲେ। ବିବାହ ପୂର୍ବରୁ ସେମାନେ ବହୁତ ଦିନ ଧରି ଡେଟ୍ କରିଥିଲେ। ସଚିନ ଏବଂ ଅଞ୍ଜଳିଙ୍କ ଦୁଇଟି ସନ୍ତାନ, ସାରା ଏବଂ ଅର୍ଜୁନ। ଶିଳ୍ପା ୨୦୦୦ ମସିହାରେ ୟୁକେର ବ୍ୟାଙ୍କର ଅପରେଶ ରଞ୍ଜିତଙ୍କୁ ବିବାହ କରିଥିଲେ। ସେମାନଙ୍କ ବିବାହ ପରେ, ସେ ବିଦେଶରେ ରହିବା ଆରମ୍ଭ କରିଥିଲେ।

# 'କଲ୍କି-୨ରୁ ବାହାରିବା ପରେ ମୁହଁ ଖୋଲିଲେ ଦୀପିକା





"କଲକି ୨୮୯୮ ଏଡି"ର ସିକ୍ୱେଲ୍ ଛାଡିବା ନେଇ ଦୀପିକା ପାଦୁକୋନ ଚର୍ଚ୍ଚାରେ ଅଛନ୍ତି। ଫିଲ୍ମର ନିର୍ମାତା ଏକ ନୋଟ୍ ସେୟାର କରି ଘୋଷଣା କରିଛନ୍ତି ଯେ ଦୀପିକା "କଲକି"ର ଆଗାମୀ ସିକ୍ୱେଲ୍‌ର ଅଂଶ ହେବେ ନାହିଁ । ଏହି ନିଷ୍ପତ୍ତି ସତର୍କତାର ସହ ବିଚାର କରିବା ପରେ ନିଆଯାଇଛି। ନୋଟ୍‌ରେ ଏହା ମଧ ଉଲ୍ଲେଖ ଥିଲା ଯେ "କଲକି ୨୮୯୮ ଏଡି" ଭଳି ଫିଲ୍ମ ଅଧିକ ପ୍ରତିବଦ୍ଧତାର ଯୋଗ୍ୟ। ପୂର୍ବରୁ, ଦୀପିକାଙ୍କୁ ସନ୍ଦୀପ ରେଡ୍ଡୀ ଭାଙ୍ଗାଙ୍କ "ସ୍ପିରିଟ୍"ରୁ ମଧ ବାହାର କରି ଦିଆଯାଇଥିଲା। ଅନେକ ବିଶ୍ୱାସ କରୁଥିଲେ ଯେ ଏହା ଦୀପିକାଙ୍କ ଦାବି ଯୋଗୁଁ ହୋଇଥିଲା। କେତେକ ଅନୁମାନ କରିଥିଲେ ଯେ ସେ ଅଧିକ ଟଙ୍କା ଦାବି କରିଥିଲେ ଏବଂ କାର୍ଯ୍ୟ ସମୟ ହ୍ରାସ କରିଥିଲେ। ଏହି ସମୟରେ, ଅନ୍ୟମାନେ ପରାମର୍ଶ ଦେଇଥିଲେ ଯେ ଦୀପିକାଙ୍କ ଭୂମିକା କେବଳ ଏକ କ୍ୟାମିଓ ପର୍ଯ୍ୟନ୍ତ ସୀମିତ ଥିଲା। ଏବେ, "କଲ୍କି-୨"ରୁ ବାହାରିବା ପରେ ଦୀପିକା ତାଙ୍କର ମୁହଁ ଖୋଲିଛନ୍ତି । ଦୀପିକା ଶାହରୁଖ ଖାନଙ୍କ ହାତ ଧରି ଏକ ଫଟୋ ପୋଷ୍ଟ କରିଛନ୍ତି । ଘୋଷଣା କରି କହିଛନ୍ତି ଯେ ସେ "କିଙ୍ଗ୍" ପାଇଁ ସୁଟିଂ ଆରମ୍ଭ କରିଛନ୍ତି। ସେ କହିଛନ୍ତି, "ପ୍ରାୟ ୧୮ ବର୍ଷ ପୂର୍ବେ, "ଓମ୍ ଶାନ୍ତି ଓମ୍" ସୁଟିଂ ସମୟରେ ସେ ମୋତେ ଯେଉଁ ପ୍ରଥମ ଶିକ୍ଷା ଦେଇଥିଲେ ତାହା ହେଉଛି ଫିଲ୍ମ ନିର୍ମାଣ ଅଭିଜ୍ଞତା ଏବଂ ଆପଣ ଯେଉଁମାନଙ୍କ ସହିତ କାମ କରନ୍ତି ତାହା ହେଉଛି ଏହାର ସଫଳତା ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ। ମୁଁ ଏଥିରେ ସମ୍ପୂର୍ଣ୍ଣ ସହମତ ଏବଂ ସେବେ ଠାରୁ ମୁଁ ନେଇଥିବା ପ୍ରତ୍ୟେକ ନିଷ୍ପତ୍ତିରେ ଏହି ଶିକ୍ଷାରେ ପ୍ରୟୋଗ କରିଛି। ହୁଏତ ସେଥିପାଇଁ ଆମେ ପୁଣି ଥରେ ଆମର ଷଷ୍ଠ ଫିଲ୍ମ ତିଆରି କରୁଛୁ?" ଶାହରୁଖ ଖାନଙ୍କୁ ଟ୍ୟାଗ୍ କରି ସେ ତାଙ୍କ ପୋଷ୍ଟରେ ଲେଖିଛନ୍ତି, "କିଙ୍ଗ୍ ଏବଂ ଡେ 1।" ଏହା ଉଲ୍ଲେଖନୀୟ ଯେ 'କିଙ୍ଗ୍'ରେ ଶାହରୁଖ ଖାନ, ଅଭିଷେକ ବଚ୍ଚନ, ସୁହାନା ଖାନ, ଅଭୟ ବର୍ମା ଏବଂ ରାଣୀ ମୁଖାର୍ଜୀ ଏବଂ ଦୀପିକା କ୍ୟାମିଓ ମଧ ଅଛନ୍ତି। ଯାହା ଫିଲ୍ମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଲୋକେ ଦୀପିକାଙ୍କ ନୋଟ୍ ଉପରେ ମଧ ପ୍ରତିକ୍ରିୟା ଦେଇଛନ୍ତି। ଜଣେ ୟୁଜର୍ସ କହିଛନ୍ତି, "ତୁମେ କହିଥିବା କଥାରେ ମୁଁ ବହୁତ ଖୁସି! ମୁଁ ତୁମକୁ ଭଲ ପାଏ।" ଆଉ ଜଣେ ଲେଖିଛନ୍ତି, "ତୁମେ ସର୍ବଦା ଶ୍ରେଷ୍ଠ ରୁହ, କୌଣସି ନେଗେଟିଭିଟି ତୁମକୁ ପାଖକୁ ଆସିପାରିବ ନାହିଁ। ରଣବୀର ସିଂହ ସବୁଠାରୁ ସୁନ୍ଦର ମନ୍ତବ୍ୟ ଦେଇଥିଲେ। ସେ କହିଥିଲେ, "ସର୍ବୋତ୍ତମ ବନ୍ଧୁ!" ଏହି ସମୟରେ।




# ଓସ୍କାରରେ 'ହୋମ୍‌ବାଉଣ୍ଡ୍'ର ଅଫିସିଆଲ୍ ଏଣ୍ଟ୍ରି

ଅପେକ୍ଷାର ହେଲା ଅନ୍ତ। ଓସ୍କାର-୨୦୨୬ ପାଇଁ ଫିଚର ଫିଲ୍ମ ବର୍ଗରେ ଘୋଷଣା ହେଲା ନାଁ। ଓସ୍କାର-୨୦୨୬ରେ ଏଣ୍ଟ୍ରି ମାରିଲା କରଣ ଜୋହରଙ୍କ ହିନ୍ଦୀ ଫିଲ୍ମ ହୋମବାଉଣ୍ଡ୍। ଫିଲ୍ମକୁ ଶ୍ରେଷ୍ଠ ଅନ୍ତର୍ଜାତୀୟ ଫିଚର୍ କାଟାଗରୀରେ ଓସ୍କାର୍ ପାଇଁ ଚୟନ କରାଯାଇଛି। ଚୟନ କମିଟିର ଅଧକ୍ଷ ଏନ୍ ଚନ୍ଦ୍ର ଏହା ସ୍ପଷ୍ଟ କରି କହିଛନ୍ତି, ଏହା ଅତ୍ୟନ୍ତ ଜଟିଳ ଥିଲା। କାରଣ ଲୋକଙ୍କ ଜୀବନ ଉପରେ ପର୍ଯ୍ୟବସିତ ଅନେକ ଫିଲ୍ମ ଦୌଡରେ ଅଛି। ପ୍ରଯୋଜକ, ନିର୍ଦ୍ଦେଶକ, ଲେଖକ, ସମ୍ପାଦକ ଓ ସାମ୍ବାଦିକମାନଙ୍କର ୧୨ ଜଣିଆ ଚୟନ କମିଟି 'ହୋମ୍‌ବାଉଣ୍ଡ୍'କୁ ଓସ୍କାର୍ ପାଇଁ ଚୟନ କରିଛି। ଗତକାଲି କୋଲକାତାରେ ଫିଲ୍ମ ଫେଡେରେସନ ଅଫ୍ ଇଣ୍ଡିଆ ପକ୍ଷରୁ ବହୁ ପ୍ରତିକ୍ଷୀତ ନାଁ ଘୋଷଣା କରାଯାଇଛି।

ନୀରଜ ଘେଓ୍ୱାନଙ୍କ ନିର୍ଦ୍ଦେଶିତ, କରନ ଜୋହର ଓ ଆଦାର ପୁନାଓ୍ୱାଲାଙ୍କ ପ୍ରଯୋଜିତ 'ହୋମ୍‌ବାଉଣ୍ଡ୍'ରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଇଶାନ ଖଟ୍ଟର, ବିଶାଲ ଜେଠୱା ଓ ଜାହ୍ନବୀ କପୁର। ଉତ୍ତର ଭାରତର ଏକ ଛୋଟ ଗାଁର ଦୁଇଜଣ ପିଲାଦିନ ସାଙ୍ଗଙ୍କ କାହାଣୀ ଉପରେ ଫିଲ୍ମଟି ପର୍ଯ୍ୟବସିତ। ଉଭୟ ପୋଲିସ ଚାକିରି କରିବାକୁ ଚାହୁଁଛନ୍ତି। ଏହି ଚାକିରି ଜରିଆରେ ସେମାନେ ସେହି ସମ୍ମାନ ପାଇବାକୁ ଆଶା କରୁଛନ୍ତି। ଯାହା ସେମାନେ କେବେ ପାଇନାହାନ୍ତି। କିନ୍ତୁ ଲକ୍ଷ୍ୟର ନିକଟତର ହେବା ବେଳକୁ ଚାପ ଓ ସଂଘର୍ଷ ସେମାନଙ୍କ ବନ୍ଧୁତାରେ ସମସ୍ୟା ଉତ୍ପନ୍ନ କରିଛି। ଏହା ପୂର୍ବରୁ 'ହୋମ୍‌ବାଉଣ୍ଡ୍'କୁ କାନ୍ ଫିଲ୍ମ ଫେଷ୍ଟିଭାଲ୍‌ରେ ୯ ମିନିଟ୍‌ର ଷ୍ଟାଣ୍ଡିଂ ଓଭେସନ୍ ମିଳିଥିଲା। ୫୦ତମ ଟରଣ୍ଟୋ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ୍‌ରେ ଏହା ୨ୟ ରନର୍-ଅପ୍ ସମ୍ମାନ ହାସଲ କରିଛି। କୋରିଆନ୍ ଫିଲ୍ମ 'ନୋ ଅଦର୍ ଚଏସ୍' ପ୍ରଥମ ପୁରସ୍କାର ଜିତିଥିବାବେଳେ 'ସେଣ୍ଟିମେଣ୍ଟାଲ୍ ଭାଲ୍ୟୁ' ରନର୍-ଅପ୍ ହୋଇଥିଲା। ଆସନ୍ତା ୨୬ ତାରିଖରେ ଭାରତର ସିନେମାଘରେ ମୁକ୍ତିଲାଭ କରିବ 'ହୋମ୍‌ବାଉଣ୍ଡ୍'। ଓସ୍କାର୍ ପାଇଁ ଚୟନ ହୋଇଥିବା ଫିଲ୍ମ ଗୁଡ଼ିକର ନାଁ ଆସନ୍ତା ଡିସେମ୍ବର ୧୬ ତାରିଖରେ ଘୋଷଣା ହେବ।

୨୦୨୬, ଜାନୁଆରୀ ୨୨ରେ ନୋମିନେସନ୍ ତାଲିକା ଘୋଷଣା ହେବ। ଏହା ପରେ ମାର୍ଚ୍ଚ ୧୫ରେ ଅନୁଷ୍ଠିତ ହେବ ୯୮ତମ ଏକାଡେମୀ ଆୱାର୍ଡସ୍। ୧୯୫୭ମସିହାରେ ମହବୁବ ଖାନଙ୍କ 'ମଦର ଇଣ୍ଡିଆ' ଭାରତର ପ୍ରଥମ ଫିଲ୍ମ ଥିଲା ଯାହା ଓସ୍କାରରେ ଅଫିସିଆଲ ଏଣ୍ଟ୍ରି କରିଥିଲା। ସେହିପରି ଗତବର୍ଷ କିରଣ ରାଓଙ୍କ ଫିଲ୍ମ ଲାପତା ଲେଡିଜ୍ ଭାରତ ତରଫରୁ ଓସ୍କାର ନୋମିନେସନ ପାଇଁ ପଠାଯାଇଥିଲା। କିନ୍ତୁ ଟପ୍ ୧୫ରେ ଫିଲ୍ମଟି ସ୍ଥାନ ପାଇପାରିନଥିଲା। ହେଲେ ଅନ୍ତରାଷ୍ଟ୍ରୀୟ ସ୍ତରରେ ଫିଲ୍ମଟି ଅନେକ ପ୍ରଶଂସା ସାଉଁଟିଥିଲା। ଏବେ ସମସ୍ତଙ୍କ ନଜର 'ହୋମବାଉଣ୍ଡ'ରେ ଉପରେ ରହିଛି।

# ବଲିଉଡ୍ ଏଣ୍ଟ୍ରି କରିବେ ସିଡନୀ ସ୍ୱିନି



ହଲିଉଡ୍ ଷ୍ଟାର ସିଡନୀ ସ୍ୱିନି ଖୁବ୍ ଶୀଘ୍ର ବଲିଉଡରେ ପାଦ ଥାପି ପାରନ୍ତି। ସେ ଭାରତର ସବୁଠାରୁ ମହଙ୍ଗା ଫିଲ୍ମ ମଧ୍ୟରୁ ଗୋଟିଏରେ କାମ କରିବାକୁ ସୁଯୋଗ ମିଳିପାରେ। ରିପୋର୍ଟ ଅନୁଯାୟୀ, ଏକ ପ୍ରଯୋଜନା ସଂସ୍ଥା ସିଡନୀଙ୍କୁ ପ୍ରାୟ ୫୩୦ କୋଟିରୁ ଅଧିକର ଅଫର ଦେଇଛନ୍ତି। ଏହି ଡିଲରେ ପ୍ରାୟ ୪୧୫ କୋଟି ଫିସ୍ ଏବଂ ପ୍ରାୟ ୧୧୫ କୋଟି ପ୍ରଯୋଜନା ଚୁକ୍ତି ଅନ୍ତର୍ଭୁକ୍ତ। ନିର୍ମାତାମାନେ ଫିଲ୍ମକୁ ଅନ୍ତର୍ଜାତୀୟ ବଜାରରେ ଏକ ବଡ଼ ସଫଳତା ଦେବା ପାଇଁ ସିଡନୀ ସ୍ୱିନିଙ୍କ ଷ୍ଟାର ପାଓ୍ୱାରକୁ ବ୍ୟବହାର କରିବାକୁ ଭାବୁଛନ୍ତି। ଏହି ଫିଲ୍ମଟି ଜଣେ ଯୁବ ଆମେରିକୀୟ ଷ୍ଟାରଙ୍କ ଚାରିପାଖରେ ଘୂରି ବୁଲୁଛି। ଯିଏ ଜଣେ ଭାରତୀୟ ସେଲିବ୍ରିଟିଙ୍କ ପ୍ରେମରେ ପଡ଼ିଯାଆନ୍ତି। ୨୦୨୬ର ପ୍ରାରମ୍ଭରେ ନ୍ୟୁୟର୍କ, ପ୍ୟାରିସ, ଲଣ୍ଡନ ଏବଂ ଦୁବାଇ ଭଳି ସହରରେ ସୁଟିଂ ହେବାର ଆଶା କରାଯାଉଛି। ରିପୋର୍ଟରେ କୁହାଯାଇଛି "ସିଡନି ଏହି ପ୍ରସ୍ତାବ ଦ୍ୱାରା ଆଶ୍ଚର୍ଯ୍ୟ ହୋଇଥିଲେ, କାରଣ ୫୩୦ କୋଟି ବଡ଼ ଅର୍ଥରାଶି। ଏହି ପ୍ରୋଜେକ୍ଟଟି ବହୁତ ଆକର୍ଷଣୀୟ ଏବଂ ତାଙ୍କର ବିଶ୍ୱସ୍ତରୀୟ ପରିଚୟକୁ ଆହୁରି ବୃଦ୍ଧି କରିପାରିବ। ରିପୋର୍ଟରେ ଆହୁରି କୁହାଯାଇଛି ଏପର୍ଯ୍ୟନ୍ତ କିଛି ନିଶ୍ଚିତ ହୋଇନାହିଁ, କିନ୍ତୁ ଏହା ସିଡନୀଙ୍କ ପାଇଁ ଏକ ବଡ଼ ସୁଯୋଗ। ସେ ତାଙ୍କର ଅପସନ ଗୁଡ଼ିକୁ ସାବଧାନତାର ସହ ବିଚାର କରୁଛନ୍ତି। ସିଡ୍‌ନୀଙ୍କ ପ୍ରତିନିଧିମାନେ ଏ ନେଇ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ତାଙ୍କ ଅପ୍‌କମିଙ୍ଗ ପ୍ରୋଜେକ୍ଟରେ ଅଛି 'କ୍ରିଷ୍ଟୀ'। ଏଥିରେ ସେ ଜଣେ ଆମେରିକୀୟ ପ୍ରୋ-ଫାଇଟର୍ ଭୂମିକା ନିର୍ବାହ କରିଛନ୍ତି। ଫିଲ୍ମଟି ଆସନ୍ତା ନଭେମ୍ବର ୭ରେ ମୁକ୍ତିଲାଭ କରିବ।

# ବିଜ୍ଞାପନ ସୁଟିଂ ବେଳେ ଆହତ ହେଲେ ତେଲୁଗୁ ଷ୍ଟାର ଜୁନିୟର ଏନଟିଆର



ବିଜ୍ଞାପନ ସୁଟିଂ ବେଳେ ଆହତ ହେଲେ ତେଲୁଗୁ ଷ୍ଟାର ଜୁନିୟର ଏନଟିଆର। ଶୁକ୍ରବାର ତାଙ୍କ ଟିମ୍ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ପ୍ରକୃତରେ ସୋସିଆଲ ମିଡିଆରେ ଜୁନିୟର ଏନଟିଆର ଆହତ ହୋଇଥିବା ନେଇ ବିଭିନ୍ନ ଖବର ଭାଇରାଲ ହେଉଥିଲା। ଯାହା ପରେ ତାଙ୍କ ଟିମ୍ ପକ୍ଷରୁ ଆନୁଷ୍ଠାନିକ ଭାବରେ ସୂଚନା ଦିଆଯାଇଛି। ଟିମ୍ ପକ୍ଷରୁ ଏହି ସ୍ପଷ୍ଟୀକରଣ କୁହାଯାଇଛି ଯେ, ଜୁନିୟର ଏନଟିଆର ସାମାନ୍ୟ ଆହତ ହୋଇଛନ୍ତି। ତାଙ୍କୁ ବିଶ୍ରାମ ନେବାକୁ ପରାମର୍ଶ ଦିଆଯାଇଛି। ସୁପରଷ୍ଟାର ଏବେ ସୁସ୍ଥ ଅଛନ୍ତି। ଚିନ୍ତା କରିବାର କୌଣସି କଥା ନାହିଁ। ଏହା ସହ ଟିମ୍ ପକ୍ଷରୁ ଜୁନିୟର ଏନଟିଆରଙ୍କ ଫ୍ୟାନ୍ସ, ମିଡିଆ ଏବଂ ଜନସାଧାରଣଙ୍କୁ କୌଣସି ଗୁଜବ ଉପରେ ବିଶ୍ୱାସ କରିବାକୁ ମନା କରାଯାଇଛି। ତେବେ ଅଭିନେତାଙ୍କୁ କ'ଣ ଆଘାତ ଲାଗିଛି ? ଏବଂ ସେ କେତେଦିନ ଯାଏ ଆରାମ କରିବେ ସେନେଇ କୌଣସି ସୂଚନା ଦିଆଯାଇନାହିଁ।

# ରାଜ୍ୟସ୍ତରୀୟ ବିଜ୍ଞାନ ମେଳା ପାଇଁ କଳାହାଣ୍ଡିରୁ ଅଙ୍କିତା ମନୋନିତ




**ଭବାନୀପାଟଣା,୨୦।୯(ସଂଚାର ବ୍ୟୁରୋ):** କୋକସରା ବ୍ଲକ ସ୍ତରିୟ ବିଜ୍ଞାନ ସେମିନାର ଗତ ୧୮.୯.୨୫ ରିଖ ଦିନ ଡହଗାଁ (ପିଏମ) ଶ୍ରୀ ସରକାରୀ ହାଇସ୍କୁଲରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସରକାରୀ ଜବାହାର ଉଚ୍ଚ ବିଦ୍ୟାପୀଠର ଛାତ୍ରୀ ଅଙ୍କିତା ପଟ୍ଟନାୟକ ପ୍ରଥମ ସ୍ଥାନ ଅଧିକାର କରିଥିଲେ ଓ ଜିଲ୍ଲା ସ୍ତରିୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଯୋଗ୍ୟ ବିବେଚିତ୍ତ ହୋଇଥିଲେ। ଏବଂ ଶନିବାର ଭବାନୀପାଟଣା ସ୍ତିତ ମାଣିକେଶ୍ୱରୀ ହାଇସ୍କୁଲରେ ଜିଲ୍ଲା ସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଥିଲା ଏହି ବିଜ୍ଞାନ ସେମିନାରରେ ସେ ଅଂଶଗ୍ରହଣ କରି ରାଜ୍ୟସ୍ତରୀୟ ବିଜ୍ଞାନ ସେମିନାର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆଗାମୀଦିନରେ ସେ ରାଜ୍ୟସ୍ତରୀୟ ବିଜ୍ଞାନ ସେମିନାରରେ ସେ ଯୋଗଦେବେ । ସୂଚନା ଯୋଗ୍ୟଯେ କୁମାରୀ ଅଙ୍କିତା ପଟ୍ଟନାୟକ ୨୦୨୪ ସୁରଭି କାର୍ଯ୍ୟକ୍ରମରେ ବକ୍ତୃତା ପ୍ରତିଯୋଗିତାରେ ରାଜ୍ୟ ସ୍ତରୀୟ ଅଂଶଗ୍ରହଣ କରିଥିଲେ। ଏହି ସଫଳତାକୁ ନେଇ କୋକସରା ଜବାହର ଉଚ୍ଚ ବିଦ୍ୟାପୀଠର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ତଥା ଛାତ୍ର, ଛାତ୍ରୀ ଅଙ୍କିତାକୁ ଶୁଭେଚ୍ଛା ଜାଣିବା ସହ ତାଙ୍କର ଉତ୍ତୋର ତର ଉନ୍ନତି କାମନା କରିଛନ୍ତି ।

## ସୁଦୃଢ଼ ବିଜୁଳି ଭିତ୍ତିଭୂମି ପ୍ରତିଷ୍ଠା କଲା ଟିପିଏସ୍ଓଡିଏଲ୍

# ଉପକୃତ ହେବେ ଗଞ୍ଜାମର ୪୦ ହଜାର ଉପଭୋକ୍ତା

**ଶେରଗଡ଼ ବ୍ଲକରେ ୧୮ କିଲୋମିଟର ଲମ୍ବା ୩୩ କେଭି ଲାଇନ କାର୍ଯ୍ୟକ୍ଷମ**



**ବ୍ରହ୍ମପୁର,୨୦।୯ (ସଂଚାର ବ୍ୟୁରୋ):** ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍ଓଡିଏଲ୍) ପକ୍ଷରୁ ହିଞ୍ଜିଳି ଗ୍ରୀଡ୍ ସବଷ୍ଟେସନରୁ ଶେରଗଡ଼ ପ୍ରାଇମେରୀ ସବଷ୍ଟେସନ ପର୍ଯ୍ୟନ୍ତ ଏକ ନୂତନ ୩୩ କେଭି ଲାଇନ କାର୍ଯ୍ୟକ୍ଷମ ହୋଇଛି। ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନା ଅଧୀନରେ ୬ କୋଟି ଟଙ୍କା ମୂଲ୍ୟ ବିନିମୟରେ ଏହାକୁ କାର୍ଯ୍ୟକ୍ଷମ କରାଯାଇଥିବା ବେଳେ ଏହି ନୂତନ ଭିତ୍ତିଭୂମି ପାଖାପାଖି ୪୦ ହଜାର ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଇବ। ଶେରଗଡ଼ ବ୍ଲକର ୨୨ଟି ଗ୍ରାମପଞ୍ଚାୟତର ଅଧିବାସୀମାନେ ଏହା ଦ୍ୱାରା ଉପକୃତ ହେବେ। ଏହି ନୂଆ ଲାଇନ ୧୮ କିଲୋମିଟର ଲମ୍ବା ହୋଇଥିବା ବେଳେ ଆଡ଼ପଡ଼ା, ଶେରଗଡ଼, କରଡାକାଣ୍ଡି ଓ ପଳାଶପୁର ଅଞ୍ଚଳର ଉପଭୋକ୍ତାଙ୍କ ନିମନ୍ତେ ଉଦ୍ଦିଷ୍ଟ ରହିଛି। ଏଣିକି, ସଂପୃକ୍ତ ଅଞ୍ଚଳର ସାଧାରଣ ଉପଭୋକ୍ତା, ବ୍ୟବସାୟୀ ଓ କୃଷକମାନେ ଅଧିକ ଭରସାଯୋଗ୍ୟ ବିଜୁଳି ପାଇପାରିବେ। ବର୍ତ୍ତମାନ ପର୍ଯ୍ୟନ୍ତ ଶେରଗଡ଼ ଗୋଟିଏ ଫିଡର ଉପରେ ନିର୍ଭରଶୀଳ ରହିଆସୁଥିଲା।

ତେଣୁ ଲାଇନରେ କୌଣସି ଯାନ୍ତ୍ରିକ ତ୍ରୁଟି କିମ୍ବା ବିଜୁଳି ମରାମତିଜନିକ କାର୍ଯ୍ୟ ହେଲେ, ହଜାର ହଜାର ଉପଭୋକ୍ତାଙ୍କୁ ଏହା ଦ୍ୱାରା ପ୍ରଭାବିତ ହେବାକୁ ପଡୁଥିଲା। ତେଣୁ ହିଞ୍ଜିଳି ଗ୍ରୀଡ ସବଷ୍ଟେସନରୁ ଏକ ନୂଆ ଲାଇନ ଶେରଗଡ଼ ପ୍ରାଇମେରୀ ସବଷ୍ଟେସନକୁ ଅଣାଯାଇଛି। ଯାହାଫଳରେ ଉପଭୋକ୍ତାଙ୍କୁ ବିଜୁଳି ଯୋଗାଇବା ନିମନ୍ତେ କମ୍ପାନୀ ପାଖରେ ଏକ ବିକଳ୍ପ ମାର୍ଗ ରହିଛି। ଏହି ନୂତନ ଭିତ୍ତିଭୂମି ସମଗ୍ର ଅଞ୍ଚଳର ଉପଭୋକ୍ତାଙ୍କୁ ଅଧିକ ନିର୍ଭରଯୋଗ୍ୟ ବିଜୁଳି ଯୋଗାଇବାରେ ସମର୍ଥ ହେବ ବୋଲି ଟିପିଏସ୍ଓଡିଏଲ୍ ପକ୍ଷରୁ ଆଶା କରାଯାଉଛି।

ଗ୍ରାହକମାନେ ବର୍ତ୍ତମାନ ଉଚ୍ଚ ଭୋଲଟେଜର ବିଜୁଳି ପାଇବେ। ଜଳସେଚନ ପମ୍ପ ବ୍ୟବହାର ମଧ୍ୟ ସହଜରେ ହୋଇପାରିବ। ଦୋକାନୀ ଓ କ୍ଷୁଦ୍ର ଉଦ୍ୟୋଗମାନେ ବିନା ବାଧାରେ ନିଜ ବ୍ୟବସାୟ ଚଳାଇପାରିବେ। ଶେରଗଡ଼ ଅଞ୍ଚଳର ସାମଗ୍ରିକ ପ୍ରଗତି କ୍ଷେତ୍ରରେ ଏହି ନୂଆ ବିଜୁଳି ଲାଇନ ବିଶେଷ ଭାବେ ସହାୟକ ହେବ। ନୂଆ ଲାଇନ କାର୍ଯ୍ୟକ୍ଷମ ହେବା ପରେ ଲୋକଙ୍କୁ ଅଧିକ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ସେବା ଯୋଗାଣ ସମ୍ଭବପର ହୋଇପାରିବ।

## ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ପୋଡ଼ିଲା ଦୋକାନ

**ନାଉଗାଁ,୨୦।୯(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ନାଉଗାଁ ବଜାରରେ ଥିବା ଶ୍ରୀଜଗନ୍ନାଥ ସାର ଓ କୀଟନାଶକ ଔଷଧ ଦୋକାନରେ ଶୁକ୍ରବାର ବିଳମ୍ବିତ ରାତିରେ ବିଦ୍ୟୁତ ସଟସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟି ଦୋକାନ ଗୃହଟି ସମ୍ପୂର୍ଣ୍ଣ ପୋଡିଯାଇଛି। ଖବରପାଇ ଅଗ୍ନିଶମ ବିଭାଗ ତରଫରୁ ଦମକଳ ବାହିନୀ ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ଦୋକାନରେ ଥିବା ସମସ୍ତ ପଦାର୍ଥ ପୋଡି ଯାଇଥିଲା। ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ଯାଇଥିବା ଦୋକାନର ମାଲିକ ସତ୍ୟରଞ୍ଜନ ଦାସ ପ୍ରକାଶ ବେଳକୁ କରିଛନ୍ତି।

## ଗ୍ରାମବାସୀଙ୍କ ଅଭିଯୋଗ ପରେ ପଦକ୍ଷେପ ନେଲେ ବିଧାୟକ



**କନ୍ଧମାଳ,୨୦।୯(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଖଜୁରୀପଡା ବ୍ଲକ ମୁଖ୍ୟାଳୟ ଗାଡ଼ିଆପଡା ଘାଟିରେ ମଙ୍ଗଳବାର ଦିନ ତିନିବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ନୂତନ ପୋଲ ନିର୍ମାଣରେ ବହୁଦିନ ଧରି ବ୍ରେକ ଲାଗିଥିବା ବେଳେ ତାହା ଏବେ ଗ୍ରାମବାସୀଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଛି। କୌଣସି କାରଣରୁ ନିର୍ମାଣ ଦାୟିତ୍ୱ ନେଇଥିବା ଠିକାଦାର ଆଉ ନିର୍ମାଣ ହେଉଥିବା ସ୍ଥାନକୁ ଆସୁନଥିବା ବେଳେ କେବଳ ଜଣେ ଜଗୁଆଳି ହିଁ ସେଠାରେ ପଡ଼ିରହିଥିବା ଦେଖା ଯାଉଛି। ପୋଲ ନିର୍ମାଣ ବିଳମ୍ବ ଏବଂ ଅସମ୍ପୂର୍ଣ୍ଣ ଥିବା ବେଳେ ପୋଲରେ ନିର୍ଗତ ହେଉଥିବା ଜଳଧାରା ଆଉ କେନାଲ ମାଧ୍ୟମରେ ଚାଷ ଜମିକୁ ଯାଉନାହିଁ। ଫଳରେ ଦୁଇବର୍ଷ ହେଲା ଗ୍ରାମବାସୀଙ୍କ ଚାଷଜମି ପଡ଼ିଆ ପଡ଼ି ଅନେକ ଚାଷୀଙ୍କ ଭାତହାଣ୍ଡି ଉଜୁଡି ଯାଇଛି। ସେହିଭଳି ବିନା କୌଣସି ନୋଟିସରେ ବଳ ପୂର୍ବକ ସମ୍ପୃକ୍ତ ଠିକାଦାର ପ୍ରଦୀପ ସାହୁଙ୍କ ଘର ଭାଙ୍ଗିଥିବା ବେଳେ ପ୍ରଦୀପ ଅନ୍ୟତ୍ର ଅସ୍ଥାୟୀ ଘର କରି ରହୁଥିବା ଅଭିଯୋଗ ହୋଇଛି। ସେହିଭଳି ଯେଉଁ ଢଙ୍ଗରେ ପୋଲ ନିର୍ମାଣ ହୋଇଛି ତାହାର ନକ୍ସା ଅନୁସାରେ ଗ୍ରାମର ଅନେକ ଘରଦ୍ୱାର ମଧ୍ୟ ଭାଙ୍ଗିବା ସୁନିଶ୍ଚିତ ବୋଲି ବିଭଗୀୟ ଅଧିକାରୀ କହିଛନ୍ତି। କିନ୍ତୁ ଏଯାଏଁ ସ୍ଥାନୀୟ ବାସିନ୍ଦାଙ୍କ କ୍ଷତି ପୂରଣ ନେଇ ସରକାରୀ ଭାବେ କିଛି ଆଲୋଚନା ହୋଇ ନଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡୁଛି। ଏନେଇ ଗ୍ରାମବାସୀ ଜିଲ୍ଲା ପ୍ରଶାସନଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ ପରେ ମଧ୍ୟ ଏଯାଏ କୌଣସି ଆଶ୍ୱାସନା ମିଳିନାହିଁ।

## ମାଗଣା ଚକ୍ଷୁ ଚିକିତ୍ସା ଶିବିର

**ସୁବର୍ଣ୍ଣପୁର,୨୦।୯ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ସଦର ବ୍ଲକ ଖମ୍ବେଶ୍ୱରୀପାଲି ସ୍ଥିତ ମା ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ୧୯ ତାରିଖ ଶୁକ୍ରବାର ଦିନ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଯୁବ ରେଡକ୍ରସ ୟୁନିଟ ଏବଂ ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲିର ମିଳିତ ଆନୁକୁଲ୍ୟରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଆୟୋଜନ ହୋଇଥିଲା। ଏହି ଶିବିର କୁ ଅଧ୍ୟକ୍ଷା ସ୍ୱପ୍ନା ମହାପାତ୍ର ଉଦଘାଟନ କରିଥିବା ବେଳେ ରେଡକ୍ରସ୍ କାଉନସିଲର ମଦନ ମୋହନ ପୁଟେଲ ଏବଂ ବିଦ୍ୟାଳୟ ର ରେଡକ୍ରସ ର ଭଲେଣ୍ଟିୟର ମାନେ ସହଯୋଗ କରିଥିଲେ। ଏହି ଅବସରରେ ଧର୍ମୁ ମହାନନ୍ଦ ( ଡିପିଏ ) ସୋନପୁର, ପ୍ରଶାନ୍ତ ଦାଶ, ଜଗାବଳିଆ ସାହୁ (ଚକ୍ଷୁ ବିଶେଷଜ୍ଞ), ଶୁଭଲକ୍ଷ୍ମୀ, ପ୍ରିୟଙ୍କା, ଭୃଙ୍ଗରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୪୦ ଜଣ ଙ୍କ ଚକ୍ଷୁ ପରୀକ୍ଷା କରଯାଇଥିଲା। ଏଥି ମଧ୍ୟରୁ ୧୮ ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିଲା ଏବଂ ୭ ଜଣ ଙ୍କୁ ପରବର୍ତ୍ତୀ ଚିକିତ୍ସା ପାଇଁ ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲି କୁ ପ୍ରେରଣ କରାଯାଇଥିଲା ।

## ବେକରେ ଫାଶୀ ଲଗାଇ ନବ-ବଧୂଙ୍କ ଆତ୍ମହତ୍ୟା

**ବେତନଟୀ,୨୦।୯ (ସଂଚାର ବ୍ୟୁରୋ):** ବେତନଟୀ ଥାନା ଅଧୀନ ଏସଏସ ମହୁଲିଆ ର ସୁଭାଷ ଛକ ନିକଟରେ ସାଇ ଜଗନ୍ନାଥ ଦାସ ମହାପାତ୍ର ଙ୍କ ପତ୍ନୀ (ନବବଧୂ) ହିରଣମଇ ସ୍ୱାଇଁ (୨୯) ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ନିଜଘରେ ଏହି ଘଟଣା ଘଟିଥିବା ବେଳେ ଖବର ପାଇ ବେତନଟୀ ପୋଲିସ ଓ ମାଜିଷ୍ଟ୍ରେଟ ଦାଇତ୍ୱ ରେ ଥିବା ସହକାରୀ ତହସିଲଦାର ଈଶ୍ୱରଚନ୍ଦ୍ର ରଣା ଘଟଣା ସ୍ଥଳକୁ ତଦନ୍ତ ପାଇଁ ଯାଇଥିଲେ। ଘଟଣା ସ୍ଥଳରେ ମାଜିଷ୍ଟ୍ରେଟ ଙ୍କ ଉପସ୍ଥିତ ରେ ବେତନଟୀ ପୋଲିସ ସହାୟତାରେ ମୃତ ହିରଣମଇ ସ୍ୱାଇଁ ଙ୍କ ମୃତ ଦେହକୁ ଝୁଲନ୍ତା ଅବସ୍ଥା ରୁ ତଳକୁ ଅଣା ଯାଇଥିଲା। ହିରଣମଇ ସ୍ୱାଇଁ ଙ୍କ ବାପଘର ହୋଇଥିବା ବେଳେ ଗତ ମେ ମାସ ରେ ସାଇ ଜଗନ୍ନାଥ ଦାସ ମହାପାତ୍ର ଙ୍କ ସହିତ ବିବାହ ହୋଇଥିଲା। ଏହି ଘଟଣା କୁ ନେଇ ହିରଣମଇ ସ୍ୱାଇଁଙ୍କ ଭାଉଜ ସୂଚୀତା ସୁଚିତା ମହାପାତ୍ର ଶାଶୁ ନଣନ୍ଦ ଙ୍କ ନିର୍ଯ୍ୟାତନା ସହି ନପାରି ଏଭଳି ଘଟଣା ହୋଇଥିବାର ସ୍ୱାମୀଙ୍କ ପରିବାରକୁ ଦାଈ କରି ବେତନଟୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ କୁ ଭିତିକରି ବେତନଟୀ ପୋଲିସ କେସ ନଂ ୩୩୦/୨୦୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ବ୍ଲକସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଉଦଘାଟିତ



**ବୋରିଗୁମ୍ମା,୨୦।୯(ସଂଚାର ବ୍ୟୁରୋ):** ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ମୁଣ୍ଡାଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବିଦ୍ୟାଳୟ ପ୍ରତିଯ କ୍ରୀଡା ଉଦଘାଟିତ ହୋଇଯାଇଛି।ଉକ୍ତ କ୍ରୀଡା ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଏବିଇଓ ସୁବାସ ଚନ୍ଦ୍ର ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବେଣା ଗାଁ ସିଆରସିସି ପ୍ରଫୁଲ୍ଲ ନାୟକ, ଶିକ୍ଷୟିତ୍ରୀ ପ୍ରଭାତିନୀ ବେହେରା, ପ୍ରକାଶ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ।ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ବ୍ଲକ ବିଭିନ୍ନ ବିଦ୍ୟାଳୟ ପ୍ରାୟ ୨୦୦ ଜଣ ଖେଳାଳି ଯୋଗ ଦେଇଥିଲେ।ଉକ୍ତ କ୍ରୀଡ଼ା ପ୍ରତିଯୋଗିତାରେ ଭଲିବଲ, ଖୋଖୋ, ଫୁଟବଲ, ବ୍ୟାଡମିଣ୍ଟନ, ଯୋଗ, କବାଡି, ଆଥେଲେଟିକ୍ସ, ବାସ୍କେଟବଲ ଖେଳ ଅନୁଷ୍ଠିତ ହୋଇଥିଲା।ଜିଲ୍ଲା ସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ ନିମନ୍ତେ ଖେଳାଳି ଚୟନ କରାଯାଇଥିଲା।ମୁଣ୍ଡାଗୁଡା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଆଦିତ୍ୟ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ କ୍ରୀଡା ଶିକ୍ଷକ ବିନୋଦ ତ୍ରିପାଠୀ ପରିଚାଳନା କରିଥିଲେ। ବ୍ଲକ ର ୩୦ ଗୋଟି ବିଦ୍ୟାଳୟ ର କ୍ରୀଡା ଶିକ୍ଷକ ଯୋଗ ସହଯୋଗ କରିଥିଲେ।

## କଳା ବଞ୍ଚିଲେ କଳାକାର ବଞ୍ଚିବ, ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମ



**ଭବାନୀପାଟଣା,୨୦।୯(ସଂଚାର ବ୍ୟୁରୋ):** ଶନିବାର କୋକସରା ବ୍ଲକ ଫୁଫଗାଁ ପଞ୍ଚାୟତ ସିଲ୍ଲିଗୁଡା ଧାମନ୍ତି ପରିସରରେ କୋକସରା ବ୍ଲକ ପେନସନ ଭୋଗି କଳାକାର ମହାସଂଘ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଦୀପ ପ୍ରଜ୍ୱଳନ ଓ ପୂଜାର୍ଚ୍ଚନା କରିବା ପରେ ବ୍ଲକ କଳାକାର ମହାସଂଘ ର ସଭାପତି ଡମ୍ବରୁ ଧର ଖର୍ସେଲ ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ଯୋଗଦେଇ ଗ୍ରାମାଞ୍ଚଳରେ ଲୁକ୍କାୟିତ କଳା ଓ କଳାକାର ଙ୍କ ପୁନର୍ଜିବିତ ଓ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସ ଜାରି ରଖିଛନ୍ତି, କଳା ଓ କଳାକାରଙ୍କୁ ଆଗକୁ ଆଣିବା କାମ କଳାକାର ସଂଘ ର ଉତ୍ତର ଦାୟିତ୍ୱ ବୋଲି କହିଛନ୍ତି।। କାର୍ଯ୍ୟକ୍ରମ ରେ ମୁଖ୍ୟ ବକ୍ତା ଭାବେ ଜିଲ୍ଲା ସମ୍ପାଦକ ତୀର୍ଥରାଜ ଦଳପତି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଉପ ସଭାପତି ମହେଶ୍ୱର ସରାଫ, ଧର୍ମଗଡ଼ ବ୍ଲକ ସଭାପତି ଅରକ୍ଷିତ ଭାଇସାଲ, ଘନଶ୍ୟାମ ପଟେଲ, କ୍ଷିତଶ ଚନ୍ଦ୍ର ସାହୁ, ଯୋନ ସଭାପତି ଉପେନ୍ଦ୍ର ଡେଙ୍ଗକାରୀ, ଯୋନ ସମ୍ପାଦକ ଲକ୍ଷ୍ମନ ନାଏକ, କୋକସରା ବ୍ଲକ ଉପ ସଭାପତି ଗୋକୁଳ ପୁଞ୍ଜି, ସମ୍ପାଦକ ଅର୍ଜୁନ ନାଏକ, କୋଷାଧ୍ୟକ୍ଷ ବିଜୟ ପ୍ରଧାନୀ ପ୍ରମୁଖ ମଞ୍ଚ ରେ ଉପସ୍ଥିତ ରହି କଳା ବଞ୍ଚିଲେ କଳାକାର ବଞ୍ଚିବ, କଳା କୁ ବଞ୍ଚାଇବାକୁ କଳାକାର ସଂଘ ଅନବରତ ଉଦ୍ୟମ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ରେ ମଞ୍ଚ ସଂଯୋଜନା ରେ ବରିଷ୍ଠ ମଞ୍ଚ କଳାକାର ମଙ୍ଗଲୁ ଚରଣ ଭାଟି ଓ କବି ଲୋକନାଥ ପଟ୍ଟନାୟକ ସହଯୋଗ କରିଥିଲେ।

## ଆଇଟିଇପି ଲାଗୁ କରିବା ଆଳରେ ଶିକ୍ଷକ ଶିକ୍ଷାର ସମ୍ପୂର୍ଣ୍ଣ ଘରୋଇକରଣ ପ୍ରତିବାଦ

# ଏଆଇଡିଏସ୍ଓ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ




**ଫୁଲବାଣୀ,୨୦।୯(ସଂଚାର ବ୍ୟୁରୋ):** ଶିକ୍ଷକ ଶିକ୍ଷାର ଘରୋଇକରଣ - ବ୍ୟବସାୟୀକରଣ ବନ୍ଦ, ଛାତ୍ରଛାତ୍ରୀଙ୍କ ଠାରୁ ୪୫, ୦୦୦ ଟଙ୍କା କୋର୍ସ ଫି ଆଦାୟ ସମ୍ପୂର୍ଣ୍ଣ ଭାବେ ବନ୍ଦ, ଆବଶ୍ୟକ ସଂଖ୍ୟକ ଅଧ୍ୟାପକ ସ୍ଥାୟୀ ଭିତ୍ତିରେ ନିଯୁକ୍ତି ଦେବା, ଶିକ୍ଷକ ଶିକ୍ଷାର ପରିଚାଳନା ପାଇଁ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦେବା ଏବଂ ଜାତୀୟ ଶିକ୍ଷାନୀତି ୨୦୨୦ କୁ ସମ୍ପୂର୍ଣ୍ଣ ବାତିଲ କରିବା ଦାବିରେ ଏଆଇଡିଏସଓ ପକ୍ଷରୁ କନ୍ଧମାଳ ଜିଲ୍ଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି। ଆଜି ସାରା ଓଡ଼ିଶା ପ୍ରତିବାଦ ଦିବସ ପାଳନ ଅବସରରେ କନ୍ଧମାଳ ରେ ଦାବି ପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଏ.ଆଇ.ଡି.ଏସ.ଓ ଜିଲ୍ଲା ସଂଯୋଜକ ପପୁନ ସାହୁ ସମତେ ସ୍ୱୟଂ ଶାସିତ ସରକାରୀ ମହାବିଦ୍ୟାଳୟ ଫୁଲବାଣୀ ର ଛାତ୍ର ଶୁଭମ ନାୟକ, ଆକାଶ, ଶ୍ୟାମ, ରୁଦ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ସୂଚନାଯୋଗ୍ୟ ଗତ ୧୩ ସେପ୍ଟେମ୍ବର ଦିନ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଶିକ୍ଷକ ଶିକ୍ଷା ଅନୁଷ୍ଠାନ ଓ ଡିଗ୍ରୀ ମହାବିଦ୍ୟାଳୟ ମାନଙ୍କୁ ଜାରି କରାଯାଇଥିବା ନୋଟିସ ଅନୁଯାୟୀ ଯେଉଁ ଶିକ୍ଷାନୁଷ୍ଠାନମାନେ ୪ ବର୍ଷିଆ ଆଇ.ଟି.ଇ.ପି. (ଇଣ୍ଟିଗ୍ରେଟେଡ୍ ଟିଚର ଏଜୁକେସନ ପ୍ରୋଗ୍ରାମ) ପାଇଁ ଆବେଦନ କରୁଛନ୍ତି ସେମାନେ ଚୁକ୍ତିଭିତ୍ତିକ ଅତିଥି ଅଧ୍ୟାପକ ନିଯୁକ୍ତି କରିବେ ଏବଂ ଛାତ୍ରଛାତ୍ରୀଙ୍କ ଠାରୁ ଆଦାୟ ହୋଇଥିବା କୋର୍ସ ଫିରୁ ହିଁ ସେମାନଙ୍କୁ ଦରମା ଦେବେ। ସେଥିପାଇଁ ଛାତ୍ରଛାତ୍ରୀଙ୍କ ଠାରୁ ବାର୍ଷିକ ମୁଣ୍ଡପିଛା କୋର୍ସ ଫି ୪୫, ୦୦୦.୦୦ ଟଙ୍କା ଆଦାୟ କରିବେ। ଏହି ନୋଟିସକୁ ତୀବ୍ର ନିନ୍ଦା କରି ଏଆଇଡିଏସଓ ଓଡିଶା ରାଜ୍ୟ ପରିଷଦର ସଭାପତି ସୋମନାଥ ବେହେରା ଓ ସମ୍ପାଦକ ସିଦ୍ଧାର୍ଥ ରଥ ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ, ଏହା ଦ୍ୱାରା ଶିକ୍ଷକ ଶିକ୍ଷାର ସମ୍ପୂର୍ଣ୍ଣ ଘରୋଇକରଣ ପ୍ରକ୍ରିୟା ତ୍ୱରାନ୍ୱିତ ହେବ, ଛାତ୍ରଛାତ୍ରୀମାନେ ତୀବ୍ର ଆର୍ଥିକ ଶୋଷଣର ଶିକାର ହେବେ, ଶିକ୍ଷାନୁଷ୍ଠାନଗୁଡିକ ଡିଗ୍ରୀ ବିକ୍ରୟ କେନ୍ଦ୍ରରେ ପରିଣତ ହେବେ, ପ୍ରିୟାପ୍ରୀତି ତୋଷଣ ଓ ଦୁର୍ନୀତି ବ୍ୟାପକ ରୂପ ନେବ ଏବଂ ଚୁକ୍ତିଭିତ୍ତିକ ଅତିଥି ଅଧ୍ୟାପକମାନେ ନ୍ୟାଯ୍ୟ ପ୍ରାପ୍ୟ ତଥା ମର୍ଯ୍ୟାଦା ପାଇବାରୁ ବଞ୍ଚିତ ହେବେ।

## ବ୍ଲକରେ ମିଳୁନି ୟୁରିଆ, ଧାଡ଼ି ଲଗାଇ ଫେରିଲେ ଚାଷୀ, ବୃଦ୍ଧିପାଉଛି ଅସନ୍ତୋଷ



**ନାଉଗାଁ,୨୦।୯ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକରେ ୟୁରିଆ ସାରର ଘୋର ଅଭାବ ଦେଖାଦେଇଛି। ଯେତିକି ମାତ୍ରାରେ ସାର ବ୍ଲକକୁ ଯୋଗାଇ ଦିଆଯାଉଛି ତାହା ସମୁଦ୍ରକୁ ଶଙ୍ଖେ ପରି ଲାଗୁଛି। ଯାହା ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ସରକାରଙ୍କ ତରଫରୁ ସେବା ସମବାୟ ସମିତି ଗୁଡିକ ମାଧ୍ୟମରେ ସାର ଯୋଗାଇ ଦେବା ପାଇଁ ନିୟମ ରହିଥିବା ବେଳେ ବର୍ତମାନ ସୁଦ୍ଧା ଆବଶ୍ୟକୀୟ ପରିମାଣର ସାର ଯୋଗାଇ ଦିଆଯାଇ ନଥିବାରୁ ଚାଷୀମାନେ ଲମ୍ବା ଧାଡିରେ ରାତି ଅର୍ଦ୍ଧରୁ ଠିଆ ହୋଇ ସାର ନପାଇ ଘରକୁ ନିରାଶ ହୋଇ ଫେରିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଏହି ବ୍ଲକର ଡେରିକି ସେବା ସମବାୟ ସମିତିରେ। ଏହି ସମିତିରେ ଚାଷୀଙ୍କ ତୁଳନାରେ ସାର ପରିମାଣ କମ ଥିବାରୁ ଗଣ୍ଡଗୋଳର ଆଶଙ୍କା ନେଇ ସାର ବଣ୍ଟନକୁ ଡେରିକି ସମବାୟ ସମତି ତରଫରୁ ବନ୍ଦ କରାଯାଇଥିବା ଜଣାଯାଇଛି। ବ୍ଲକ କୃଷି ଅଧିକାରୀ ଯୁଗସ୍ମିତା ପାତ୍ରଙ୍କ ସୂଚନା ମୁତାବକ ଉକ୍ତ ବ୍ଲକରେ ୭ ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଚାଷ ଜମିରେ ଚଳିତ ବର୍ଷ ଶାରଦ ଧାନ ଚାଷ କରାଯାଇଛି। ଚାଷୀମାନେ ଧାନ ରୋଇବା ପୂର୍ବରୁ ଗ୍ରୋମର, ପଟ୍ଟାସ ଓ ୟୁରିଆ ସାର ପକାଇଥିବା ବେଳେ ପରେ କେବଳ ୟୁରିଆ ସାର ପକାଇଥାନ୍ତି। ସେହିପରି ଧାନ ଥୋଡ ବାହାରିବା ପୂର୍ବରୁ ପୁନର୍ବାର ୟୁରିଆ ସାର ବ୍ୟବହାର କରାଯାଇଥାଏ।

## ୨୨୦ରୁ ଉର୍ଦ୍ଧ୍ୱ ଟ୍ରାନ୍ସଫର୍ମର ମୁକୁଳା ପଡ଼ିଛି



**କଣାସ,୨୦।୯(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ବ୍ଲକର ୨୮ଟି ଗ୍ରାମପଞ୍ଚାୟତର ୧୩୯ଟି ରାଜସ୍ୱ ଗ୍ରାମ ଓ ୧୦୮ଟି ପଡା ଗ୍ରାମ ଥିବା ବେଳେ ସମସ୍ତ ଗ୍ରାମକୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି। ଅନେକ ବିଦ୍ୟୁତ୍ ସେବାନୁଷ୍ଠାନ ସୁରକ୍ଷା ବାଡ ତିଆରି ହୋଇଥିବା ବେଳେ ୨୨୦ରୁ ଉର୍ଦ୍ଧ୍ୱ ସେବାନୁଷ୍ଠାନ ସୁରକ୍ଷା ବାଡ ନ ଥିବାରୁ କେତେ ବେଳେ ଯେ କ'ଣ ଅଘଟଣ ନ ଘଟିବ ସମୟ ତାହିଁ କିବ। ଏ ସମ୍ପର୍କରେ କଣାସ ବିଦ୍ୟୁତ୍ ସେବାନୁଷ୍ଠାନ କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ଜେନାଙ୍କୁ ପଚାରିବାରୁ ସେକୁହନ୍ତି ବହୁତ ଗୁଡିଏ ବିଦ୍ୟୁତ୍ ଟ୍ରାନ୍ସଫର୍ମର ମୁକୁଳା ଥିବା ବେଳେ ଧିରେ ଧିରେ ତାହାର ସୁରକ୍ଷା ବାଡ ନିର୍ମାଣ କରାଯାଉଛି। ଅନେକ ମୁକୁଳା ପଡ଼ିଥିବା ବିଦ୍ୟୁତ୍ ସେବାନୁଷ୍ଠାନ ତଳେ ଗାଈଗୋରୁ ଚରୁଥିବା ଦେଖିବାକୁ ମିଳିଛି।

# ନକଲି ବିଦେଶୀ ମଦ ଦୋକାନ ଠାବ

● ବିପୁଳ ପରିମାଣରେ ନକଲି ମଦ ସହ ସରଞ୍ଜାମ ଓ ଏକ କାର ଜବତ, ଆସାମୀ ଗିରଫ



**ନୀଳଗିରି,୨୦।୯(ସଂଚାର ବ୍ୟୁରୋ):** ନୀଳଗିରି ଅବକାରୀ ବିଭାଗର ଏକ ନକଲି ବିଦେଶୀ ମଦ କାରଖାନା ଉପରେ ଚଢ଼ାଉ କରି ଅନେକ ପରିମାଣରେ ନକଲି ବିଦେଶୀ ମଦ, ସମସ୍ତ ପ୍ରକାରର ସରଞ୍ଜାମ ଜବତ କରିଥିବା ବେଳେ ବ୍ୟବହୃତ ଏକ କାର ସହ ଅଭିଯୁକ୍ତ କୁ ଗିରଫ କରିଛି। ସୂଚନା ଅନୁସାରେ ଔପଦା ଥାନା ଅନ୍ତର୍ଗତ ବଡ଼ ପୋଖରୀ ଗ୍ରାମର ଶ୍ୟାମସୁନ୍ଦର ବେହେରାର ପୁଅ ମନୋଜ କୁମାର ବେହେରା ବହୁ ବର୍ଷ ଧରି ଏକ ନକଲି ବିଦେଶୀ ମଦ କାରଖାନା କରି ବିଭିନ୍ନ ସ୍ଥାନକୁ ବିକ୍ରି କରି ଆସୁଥିଲା। ବିଶେଷ ସୂତ୍ରରୁ ଖବର ପାଇ ନୀଳଗିରି ଅବକାରୀ ଅଧିକାରୀ କେଶବ ଚନ୍ଦ୍ର ଦାସ ସଦଳବଳେ ଚଢ଼ାଉ କରି ବିପୁଳ ପରିମାଣରେ ନକଲି ବିଦେଶୀ ମଦ ସହ ଶହେ ଲିଟର ସ୍ପିରିଟ, ୩୬ ଲିଟର ନକଲି ମଦ, ୧୨୦ ଟା ନକଲି ମଦ ବୋତଲ, ୧୩୦ଟି କର୍କ, ୧୪୪ଟି ନକଲି ଇ.ଏ.ଲ, ଗୋଟିଏ ଟାଟା ଇଣ୍ଡିଗୋ କାର୍, ଜବତ କରିଥିବା ବେଳେ ଅଭିଯୁକ୍ତ ମନୋଜ କୁମାର ବେହେରା (୩୩) କୁ ଗିରଫ କୋର୍ଟ ଚାଲାଣ କରିଛନ୍ତି।

## ବିଶ୍ୱନାଥପୁର-ମୃଷାନାଲ ରାସ୍ତା ଅତ୍ୟନ୍ତ ଶୋଚନୀୟ

# ଗଡ଼ିପାରୁନି ଆମ୍ବୁଲାନ୍ସ, ଲୋକେ ହଟହଟା




**ଲାଞ୍ଜିଗଡ଼,୨୦।୯(ସଂଚାର ବ୍ୟୋରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ଠାରୁ ବିଜେପୁରକୁ ସଂଯୋଗ କରୁଥିବା ରାସ୍ତାର ବିଭିନ୍ନ ସ୍ଥାନରେ ଛୋଟ ବଡ଼ ଖାଲଖମା ସୃଷ୍ଟି ହୋଇଥିବାବେଳେ ଟକଲାସ୍ୱର, ବନ୍ଧପାରି ଓ ମୃଷାନାଲ କେନ୍ଦୁଗୁଡା ଛକ, ଦୋରାପଡ଼ା ଠାରେ ରାସ୍ତା ଦୁଇ ପାର୍ଶ୍ୱ ବଡ଼ ବଡ଼ ଖାଲ ହେବା ସହ କୃତ୍ରିମ ପୋଖରୀ ସୃଷ୍ଟି ହୋଇ ପାଣି ଜମିରହୁଛି। ଯାହାଫଳରେ ଚାରି ଚକିଆ ଯାନ ବାହାନ ଯିବା ବହୁତ କଷ୍ଟ ହେଉଥିବାବେଳେ ଦୁଇ ଚକିଆ ଯିବାପାଇଁ ମଧ୍ୟ ସମସ୍ୟା ଉପୁଜିଥିବା ଅଭିଯୋଗ ହୋଇଛି। ଖାଲି ସେତିକି ନୁହେଁ ଉକ୍ତ ରାସ୍ତାରେ ଆମ୍ବୁଲାନ୍ସ ମଧ୍ୟ ଯାଇ ପାରୁନ'ଥିବା ଚିତ୍ର ଦେଖିବାକୁ ମିଳିଛି। ସୂଚନା ଅନୁସାରେ ଲାଞ୍ଜି ପଞ୍ଚାୟତ ସ୍ଥିତ ସିନ୍ଧିପଦର ଗ୍ରାମର ସୁମନ୍ତୀ ହରିଜନଙ୍କୁ ଶନିବାର ଗର୍ଭ ଯନ୍ତ୍ରଣା ହେବାରୁ ସ୍ୱାମୀ ନରେନ୍ଦ୍ର ହରିଜନ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ହେଲେ ରାସ୍ତା ଅତ୍ୟନ୍ତ ଶୋଚନୀୟ ଯୋଗୁଁ କଳେବଳେ କୌଶଳେ ସିନ୍ଧିପଦର ଗାଁକୁ ଆମ୍ବୁଲାନ୍ସ ପହଞ୍ଚିଥିଲା ହେଲେ ଯନ୍ତ୍ରଣାରେ ଛଟପଟ ହେଉଥିବା ମହିଳାଙ୍କୁ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିଶ୍ୱନାଥପୁରକୁ ଯାଉଥିବାବେଳେ ମୃଷାନାଲ ଦୋରାପଡ଼ା ନିକଟରେ ସୃଷ୍ଟି ହୋଇଥିବା ଖାଲରେ ପଡ଼ି ଗଡ଼ି ପାରିନ'ଥିଲା ଆମ୍ବୁଲାନ୍ସ। ଶେଷରେ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଆମ୍ବୁଲାନ୍ସ କୁ ପଛପଟେ ଠେଲି ଉକ୍ତ ଗର୍ତ୍ତରୁ ବାହାକରି ରୋଗୀଙ୍କୁ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଥିବା ସୂଚନା ମିଳିଛି।

# ବହୁଳ ଚୋରା ନିଶାଦ୍ରବ୍ୟ ; କିନ୍ତୁ ଅବକାରୀ ବିଭାଗ ନିରବ



**କଣାସ,୨୦।୯(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବା ବେଳେ ଏଠାରେ ଚୋରା ମଦ, ଗଞ୍ଜେଇ ଓ ପାଉଡର୍ ବ୍ୟାପକ ଭାବେ ବିକ୍ରି ହେଉଥିବା ବେଳେ ଦିନକୁ ଦିନ ବୃଦ୍ଧି ପାଉଥିବାରୁ କଣାସ ଅଞ୍ଚଳର ବୁଦ୍ଧିଜୀବିମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧିପାଇବାରେ ଲାଗିଛି। ଖବର ନେବାରେ ଜଣାପଡ଼ିଛି କଣାସ ଠାରେ ଗୋଟିଏ ସରକାରୀ ମଦ ଦୋକାନ ଓ ଦେଶୀ ମଦ ଦୋକାନ ଖୋଲାଯାଇଥିବା ବେଳେ ବିଜିପୁର ବଜାରରେ ସରକାରୀ ମଦ ଦୋକାନ, ଜଙ୍କିଆ ବଜାରରେ ବିଅରବାଅର, ଚୁପୁରିଙ୍ଗି ବଜାରରେ ବିଦେଶୀ ମଦ ଦୋକାନ ଏବଂ ମନ୍ଦାରବସ୍ତ ବଜାରରେ ସରକାରୀ ମଦ ଦୋକାନ ସରକାରଙ୍କ ପକ୍ଷରୁ ଖୋଯାଇଛି। ଏହା ଖୋଲାଯାଇଥିଲେ ମଧ୍ୟ ବହୁ ପରିମାଣର ହାତ ତିଆରି ଦେଶୀ ମଦ ରଣପୁର ଅଞ୍ଚଳରୁ କଣାସ, ଗଡ଼ିଶାଗୋଡା ଅଞ୍ଚଳକୁ ଆସୁଥିବା ବେଳେ ଅନେକ ଚୋରା ଦେଶୀମଦ ମନ୍ଦାରବସ୍ତ ବଜାରରେ ଓ ଆଖପାଖ ଗ୍ରାମରେ ବିକ୍ରି ହେଉଥିବା ଜଣାପଡ଼ିଛି। କଣାସ ଓ ଗଡ଼ିଶାଗୋଡା ପୋଲିସ୍ କାଆଁଭାଆଁ ଚଢାଉକରି ମଦ ଧରୁଥିବା ବେଳେ ଅବକାରୀ ବିଭାଗର ତତ୍ପରତା ପ୍ରକାଶ ପାଉନଥିବାରୁ ବୁଦ୍ଧିଜୀବି ମହଲ୍ଲରେ ଅସନ୍ତୋଷ ଦେଖାଦେଇଛି। ତାହା ସଂଗୁ ଗଞ୍ଜେଇ ଓ ପାଉଡର୍ ବ୍ୟାପକ ପରିମାଣରେ ବିକ୍ରି କରାଯାଉଥିବାରୁ ଅନେକ ଯୁବକ ପାଉଡର୍ ସେବନ କରି ପଥଭ୍ରଷ୍ଟ ହେଉଥିବା ଏବଂ ଅସାମାଜିକ କାର୍ଯ୍ୟରେ ଲିପ୍ତ ହେଉଥିବାରୁ ପୋଲିସ୍ ମୁଣ୍ଡବ୍ୟଥାର କାରଣ ହୋଇପଡ଼ିଛି। ଚୋରାରେ ବିକ୍ରି କରୁଥିବା ଗଞ୍ଜେଇ ଓ ପାଉଡର୍ ବ୍ୟକ୍ତିମାନେ କୌଣସି ଗୋଟିଏ ସ୍ଥାନରେ ନ ରହି ନିଜ ପ୍ୟାଣ୍ଟରେ ପୁଡିଆ ରଖି ବିଭିନ୍ନ ବଜାରରେ ଘରୁବୁଲି ବିକ୍ରି କରୁଥିବାରୁ ପୋଲିସ୍ ଧରିବାକୁ ସକ୍ଷମ ହୋଇପାରୁନଥିବା ଜଣାପଡ଼ିଛି। ଆଉ ମଧ୍ୟ ଏକ ସରକାରୀ ମଦ ଦୋକାନୀ ନିଜର ନାମ ପ୍ରକାଶ ନ କରି କୁହନ୍ତି ରାଜ୍ୟସରକାର ସରକାରୀ ମଦ ଦୋକାନକୁ ନିର୍ଦ୍ଧିଷ୍ଟ ଟଙ୍କା ମଦ ବିକ୍ରି କରିବା ପାଇଁ ଟାଗ୍ରେଟ୍ ଦେଉଥିବାରୁ ସେତିକି ଟଙ୍କାର ମଦ ବିକ୍ରି ହେଉନଥିବାରୁ ଦୋକାନିମାନେ ଗାଁଗହଳରେ ଚୋରାରେ ବିକ୍ରି କରୁଥିବା ଦୋକାନି ମାନଙ୍କୁ ମଦ ଯୋଗାଇଦେଉଛନ୍ତି।